

କେନ୍ଦ୍ର ମନ୍ତ୍ରୀରୁ ମଡେଲ୍ ପୃଷ୍ଠା ୫

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 255 | ଭାଗ ୩୨ | ସଂଖ୍ୟା ୨୫୫
Bhubaneswar | Monday 9 December 2024 | Page 8 Rs. 4.00
ଭୁବନେଶ୍ୱର ସୋମବାର ୯ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### କୋଭିଡ ପରିଚାଳନାରେ ୧୪୪ କୋଟି ଘୋଟାଲା

## ଯାଞ୍ଚ ନ କରି ବିଲ୍ ପାସ୍




ଭୁବନେଶ୍ୱର, ୮।୧୨ (ସଂଚାର ବ୍ୟୁରୋ): ମହାମାରୀ କୋଭିଡ୍ ନିରାକରଣ ନାଁରେ ହୋଇଥିବା କେଳେଙ୍କାରୀ ଧରିଛନ୍ତି ସିଏଜି। ବିଲ୍ ଯାଞ୍ଚ ନ କରି କୋଭିଡ୍ ପରିଚାଳନା ଲାଗି ଘରୋଇ ହସ୍ପିଟାଲକୁ ଦିଆଯାଇଛି କୋଟି କୋଟି ଟଙ୍କା। ଖୋର୍ଦ୍ଧା ଓ କଟକ ଜିଲ୍ଲାର ୮ ଘରୋଇ କୋଭିଡ୍ ହସ୍ପିଟାଲ୍ ବିଲରେ ଏହି ଅନିୟମିତତା ହୋଇଥିବା ସିଏଜି ରିପୋର୍ଟରେ ଦର୍ଶାଯାଇଛି। ଭୁବନେଶ୍ୱରର ହାଇଟେକ୍, ବ୍ଲୁ ହ୍ୱିଲ୍, କିଡସ୍ ହସ୍ପିଟାଲ୍, ସଞ୍ଜିବନୀ, ଆଦିତ୍ୟ ଅଶ୍ୱିନୀ, ସ୍ୱର୍ଣ୍ଣ ହସ୍ପିଟାଲ୍ ଆଦି ସହ କଟକର ସନ୍ ହସ୍ପିଟାଲର କୋଭିଡ୍ ପରିଚାଳନା ବିଲକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସିଏଜି। ମୋଟ ୧୪୪ କୋଟି ୮୮ ଲକ୍ଷ ଟଙ୍କାର ଅନିୟମିତତା ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ବିନା ବିଲ୍ ଯାଞ୍ଚରେ ଏସବୁ କୋଭିଡ୍ ହସ୍ପିଟାଲଗୁଡ଼ିକର ବିଲ୍ ପାସ୍ କରିଥିଲେ ତତ୍କାଳୀନ ବିଜେଡି ସରକାର। ତେବେ ଏନେଇ ସଂପୃକ୍ତ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

କୋଭିଡ୍ ହସ୍ପିଟାଲ୍ ବିଲ୍ ପୈଠ ଅନିୟମିତତାକୁ ନେଇ ସିଏଜି ରିପୋର୍ଟ ଆସିବା ପରେ ବିଜେଡି ସରକାରର ଘରୋଇ ହସ୍ପିଟାଲ ପ୍ରତି ଅହେତୁକ ଅନୁକମ୍ପା ପଦାରେ ପଡ଼ିଛି। ତେବେ କାହିଁକି ଏସବୁ ଘରୋଇ ହସ୍ପିଟାଲର କୋଭିଡ ପରିଚାଳନା ବିଲ୍ ଯାଞ୍ଚ ନ କରି ପାସ୍ କରାଗଲା ? ଏହା ପଛରେ କି ଉଦ୍ଦେଶ୍ୟ ଥିଲା ? ତାକୁ ନେଇ ବିଜେପି ପ୍ରଶ୍ନ ଉଠାଇଥିବାବେଳେ ଦୋଷୀଙ୍କ ବିରୋଧରେ ମୋହନ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଦଳ କହିଛି। ସେପଟେ ବିଜେଡି କହିଛି କୋଭିଡ୍ ପରିଚାଳନାରେ ଆମେ ଆଗରେ ଥିଲୁ। ଏହା ତଥ୍ୟ ଆଧାରିତ ନୁହେଁ। ଏବେ ଦେଖିବାର କଥା ଦୁର୍ନୀତି ପାଇଁ ଶୂନ୍ୟ ସହନଶୀଳତା ନୀତି ଆପଣାଇଥିବା ମୋହନ ସରକାର ତତ୍କାଳୀନ ଅଧିକାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି।

# ଲୋକଙ୍କ ସରକାର ଏବେ ଚାଷୀଙ୍କ ସାଥୀ

- ୨୧, ୫୦୦ ଚାଷୀ ପାଇଲେ ଇନ୍‌ପୁଟ ସହାୟତା,
- ଧାନ ସଂଗ୍ରହର ୪୮ ଘଣ୍ଟା ମଧ୍ୟରେ ମିଳିବ କ୍ୱିଣ୍ଟାଲ ପିଛା ୩୧୦୦
- ଧାନକିଣା ବ୍ୟବସ୍ଥାକୁ ଫୁଲ ପ୍ରୁଫ୍ କରାଯାଇଛି
- କୃଷି ଓ କୃଷକଙ୍କ ପାଇଁ ଆଜିର ଦିନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ
- ସରକାର ଗଠନର ୬ ମାସ ମଧ୍ୟରେ ସବୁ ପ୍ରତିଶ୍ରୁତି ପୂରଣ
- ଅନ୍ନଦାତାଙ୍କୁ ପ୍ରତାରଣା କରିଥିଲେ ପୂର୍ବତନ ସରକାର




ଭୁବନେଶ୍ୱର, ୮।୧୨ (ସଂଚାର ବ୍ୟୁରୋ): ଜୁନ୍ ୧୨ ତାରିଖରେ ଆମ ସରକାର ଗଠନ ହେବା ପରେ ପ୍ରଥମ କ୍ୟାବିନେଟରେ ଯେଉଁ ଚାରିଟି ପ୍ରମୁଖ ନିଷ୍ପତ୍ତି ନେଇଥିଲେ, ସେ ସବୁ ନିଷ୍ପତ୍ତି ୬ ମାସ ମଧ୍ୟରେ ପୂରଣ କରାଗଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ୋକ୍ତି କରିଛନ୍ତି। ବରଗଡ଼ର ସୋହେଲାରେ ଚାଷୀଙ୍କୁ ଇନ୍‌ପୁଟ ସହାୟତା ପ୍ରଦାନ କରି ମୁକ୍ୟମନ୍ତ୍ରୀ କହିଛନ୍ତି, ୪ ନିଷ୍ପତ୍ତି ମଧ୍ୟରୁ ଧାନ କିଣା ବାବଦକୁ ୩୧୦୦ ଟଙ୍କା ପ୍ରଦାନ କରିବା ଏକ ମୁଖ୍ୟ ନିଷ୍ପତ୍ତି ଥିଲା। ବରଗଡ଼ର ଏହି ସୋହେଲା ମାଟିରେ ଯେଉଁ ପ୍ରତିଶ୍ରୁତି ଦେଇଥିଲୁ, ତାହା ପୂରଣ କଲୁ। ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ସାଧାରଣ ଲୋକଙ୍କ ସମସ୍ୟା ଶୁଣି ଲୋକଙ୍କ ସରକାର ଆଖ୍ୟା ପାଇଥିଲେ। ମା ମାନଙ୍କୁ ସୁଭଦ୍ରା ଯୋଜନାରେ ସହାୟତା ଦେଇ ମା ମାନଙ୍କ ସରକାର ଭାବେ ମଧ୍ୟ ସୁନାମ କରିଥିଲେ। ଆଜି ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ ସବସିଡି ଦେଇ, ସରକାର ହୋଇଛନ୍ତି 'ଚାଷୀଙ୍କ ସରକାର'। ବରଗଡ଼ର ସୋହେଲାରେ ଉତ୍ସବର ସମାବେଶ। ଚାଷୀ ଭାଇମାନଙ୍କ ମଧ୍ୟରେ ଖୁସିର ଲହର। ଚାଷୀମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ମୁଖ୍ୟମନ୍ତ୍ରୀ ଧାନର ସର୍ବନିମ୍ନ ମୂଲ୍ୟ ୨୩୦୦ ଟଙ୍କା ଉପରେ ଅତିରିକ୍ତ ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ପ୍ରଦାନର ଶୁଭାରମ୍ଭ କରିଛନ୍ତି। ଚାଷୀମାନେ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପାଇଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଭାଷାରେ, "ମୋଦୀ କି ଗ୍ୟାରେଣ୍ଟି ମତଲବ, ➪ପୃଷ୍ଠା-୬

## ଡେପୁଟେସନରେ ଡିଏସ୍ କୁଟେ



ଭୁବନେଶ୍ୱର, ୮।୧୨ (ସଂଚାର ବ୍ୟୁରୋ): କେନ୍ଦ୍ରୀୟ ଡେପୁଟେସନରେ ଯିବେ ଆଇପିଏସ ଅଧିକାରୀ ଡିଏସ୍ କୁଟେ। ବିଏସ୍‌ଏଫ୍ ଆଇଜି ଭାବେ ସେ ଡେପୁଟେସନରେ ଯିବେ। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି କରାଯାଇଛି। ୧୯୯୭ ବ୍ୟାଚର ଆଇପିଏସ୍ ଅଧିକାରୀ କୁଟେ ଏବେ ଗୃହ ବିଭାଗର ➪ପୃଷ୍ଠା-୬

## ସନ୍ଦେହରେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ଲକ୍ଷ୍ୟ

ଭୁବନେଶ୍ୱର, ୮।୧୨ (ସଂଚାର ବ୍ୟୁରୋ): କାମଦେଲାନି ରଣନୀତି, କମିଲାନି ଶିଶୁ ମୃତ୍ୟୁହାର। ୨୦୨୦ରେ ନବଜାତକ ମୃତ୍ୟୁ ହାର ୨୩ ପ୍ରତିଶତକୁ କମାଇବାକୁ ଲକ୍ଷ୍ୟ ରଖାଯାଇଥିଲା ବେଳେ ଏହା ଏବେ ୨୭ ପ୍ରତିଶତ ରହିଛି। ସେହିପରି ଶିଶୁ ଓ ମାତୃ ମୃତ୍ୟୁ ହାର ମଧ୍ୟ ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ ଅଧିକ ରହିଛି । ରାଜ୍ୟରେ ଶିଶୁରୋଗ ବିଶେଷଜ୍ଞଙ୍କ ଅଭାବ ଏହାର କାରଣ ବୋଲି କୁହାଯାଉଛି।ଶିଶୁ ମୃତ୍ୟୁ ହାର କମେଇବାରେ ସଫଳ ହୋଇପାରିଲେନି ରାଜ୍ୟ ସରକାର। ୨୦୨୦ ପର୍ଯ୍ୟନ୍ତ ରଖାଯାଇଥିବା ଲକ୍ଷ୍ୟ ପୂରଣରେ ଅସଫଳ। ୨୦୨୦ରେ ନବଜାତ ମୃତ୍ୟୁ ହାର ୨୩କୁ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ୨୭ରେ ଅଟକି ଯାଇଥିଲା ନବଜାତକ ମୃତ୍ୟୁ ହାର। ସେହିପରି ଶିଶୁ ମୃତ୍ୟୁ ହାର ୩୦କୁ କମାଇବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ୩୬.୩ରେ ଅଟକିଛି। ମାତୃ ମୃତ୍ୟୁ ହାର ୧୧୭କୁ କମେଇବାକୁ ଲକ୍ଷ୍ୟ ରଖିଥିବା ➪ପୃଷ୍ଠା-୬

## ଆକ୍ସନ ମୋଡ଼ରେ ସୁରେଶ
### ବଦଳି ସ୍ଥାନରେ ଯୋଗ ନ ଦେଲେ ଦରମା ବନ୍ଦ



ଭୁବନେଶ୍ୱର, ୮।୧୨ (ସଂଚାର ବ୍ୟୁରୋ): ଶାସନ ପରିଚାଳନାରେ ସ୍ୱଚ୍ଛତା ଆଣିବା ଓ କର୍ମଚାରୀଙ୍କୁ ଦକ୍ଷ କରିବା ଲାଗି ବଦଳି ଏକ ନିୟମିତ ପ୍ରକ୍ରିୟା। ହେଲେ ଅନେକ ଅଫିସର ବଦଳି ସତ୍ତ୍ୱେ ପୁରୁଣା ସ୍ଥାନ ଛାଡ଼ିବାକୁ ନାରାଜ। ଏଭଳି ପ୍ରମାଣ ପାଇବା ପରେ ରାଜ୍ୟ ସରକାର କଟୋର ହୋଇଛନ୍ତି। ବଦଳି ସ୍ଥାନରେ ଯୋଗ ନଦେଲେ ଓଏଏସ୍ ଅଫିସରଙ୍କ ବନ୍ଦ ହେବ ଦରମା। ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛି ରାଜସ୍ୱ ବିଭାଗ। ବଦଳି ନିର୍ଦ୍ଦେଶ ମାନୁ ନ ଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଗଷ୍ଟ ୧୭ ଏବଂ ସେପ୍ଟେମ୍ବର ୧୦ରେ ବଦଳି ନିର୍ଦ୍ଦେଶ ବାହାରିଥିଲେ ବି ଆଜି ଯାଏଁ ନିର୍ଦ୍ଦେଶନାମାକୁ ମାନୁନାହାନ୍ତି କିଛି ଓଏଏସ୍ ଅଧିକାରୀ। ଏପର୍ଯ୍ୟନ୍ତ ଏହି ଅଧିକାରୀମାନେ ନୂଆ ସ୍ଥାନରେ ଯୋଗ ଦେଇନାହାନ୍ତି। ତେଣୁ ଏଭଳି ଅମାନିଆ ଅଧିକାରୀଙ୍କୁ ସାବାଡ଼ କରିବା ପାଇଁ ଦରମା ବନ୍ଦ କରିଦେବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛି ରାଜସ୍ୱ ବିଭାଗ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ନିର୍ବାଚନ ପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁମତି ନେଇ ଯେଉଁ ଓଏଏସ୍ ଅଧିକାରୀମାନଙ୍କୁ ବଦଳି କରାଯାଇଛି, ସେମାନଙ୍କୁ ସରକାରଙ୍କ ତରଫରୁ ରିଲିଭ କରିସାରିଛୁ। ଏବେ ସେମାନଙ୍କୁ ଜିଲ୍ଲାପାଳମାନେ ରିଲିଭ୍ କରିବେ। କିଛି ସ୍ଥାନରେ ଛୋଟ ବଡ଼ କାମ ବାକି ରହିଥିବାରୁ ସେଠାରେ ଜିଲ୍ଲାପାଳମାନେ ଏମାନଙ୍କୁ ରିଲିଭ୍ କରିନାହାନ୍ତି। ଅନ୍ୟ କିଛି ସ୍ଥାନରେ ଓଏଏସ୍ ଅଧିକାରୀମାନେ ବିଭିନ୍ନ ଚାପପ୍ରୟୋଗ କରି ପୁଣି ସେହି ସ୍ଥାନରେ ରହିବାକୁ ଉଦ୍ୟମ କରୁଥିବା ଖବର ମୋ ପାଖକୁ ଆସିଛି। ତେବେ ଯେଉଁମାନେ ରିଲିଭ୍ ହେବେ ନାହିଁ, ସେମାନଙ୍କୁ ନିଲମ୍ବିତ ବୋଲି ଧରିନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

### ସିବିଆଇ ଜାଲରେ କେନ୍ଦ୍ରୀୟ ସଂସ୍ଥା ଅଧିକାରୀ

## ତିନିଦିନିଆ ରିମାଣ୍ଡରେ ଦେବଦତ୍ତ ଆଣ୍ଡ କୋ



- ଜବତ ହେଲା ମର୍ସିଡିଜ ଓ କ୍ରେଟା
- ଦେବଦତ୍ତଙ୍କ ଘରୁ ମିଳିଲା ସୁନା ଓ ଟଙ୍କା ଭର୍ତ୍ତି ଲକର
- ଟେଣ୍ଡର ଫିକ୍ସିଂ ପାଇଁ ବନାଉଥିଲେ ନକଲି ଡକ୍ୟୁମେଣ୍ଟ


ଭୁବନେଶ୍ୱର, ୮।୧୨ (ସଂଚାର ବ୍ୟୁରୋ): ଶନିବାର ରାତିରୁ ସିବିଆଇ ପକ୍ଷରୁ ଚାଲିଥିବା ମାରାଥନ ରେଡ୍ ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ୩ ଜଣ ହେଲେ ସ୍ପେଶାଲ କ୍ଲାସ କଣ୍ଟ୍ରାକ୍ଟର ଦେବଦତ୍ତ ମହାପାତ୍ର, କେନ୍ଦ୍ରୀୟ ସଂସ୍ଥା ବ୍ରିଜ ଆଣ୍ଡ ରୁଫ ଗ୍ରୁପ ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ ଓ ଅନ୍ୟ ଜଣେ କଣ୍ଟ୍ରାକ୍ଟର ସନ୍ତୋଷ ମହାରଣା। ୩ ଜଣଙ୍କୁ ସିବିଆଇ ସ୍ପେଶାଲ କୋର୍ଟରେ ହାଜର କରାଯାଇଛି। ୭ ଦିନିଆ ରିମାଣ୍ଡ ପାଇଁ ଆବେଦନ କରାଯାଇଥିଲେ ମଧ୍ୟ ୩ ଦିନ ରିମାଣ୍ଡ ପାଇଁ ଅନୁମତି ମିଳିଛି।

ଆସନ୍ତା ୧୧ ତାରିଖ ଅପରାହ୍ଣରେ ସେମାନଙ୍କୁ ପୁଣି କୋର୍ଟରେ ହାଜର କରାଯିବ। କୋର୍ଟରେ ହାଜର ପଟେ ଆବଶ୍ୟକସ୍ଥଳେ ଟ୍ରାଞ୍ଜିଟ ରିମାଣ୍ଡରେ ନେବ ସିବିଆଇ। ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲିଥିଲା ରେଡ୍। ଦେବଦତ୍ତଙ୍କ ଘରୁ ରେଡ ବେଳେ ଜବତ ହୋଇଛି ବିପୁଳ ଟଙ୍କା ଓ ସୁନା। ଡିଜିଟାଲ ବ୍ୟାଙ୍କ ଲକର ଓ ଘରେ ରେଡ୍ ବେଳେ ଆଲମିରାରୁ ମିଳିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ। ଭଦ୍ରକର ୩ଟି ଓ ଭୁବନେଶ୍ୱରର ଦୁଇଟି ସ୍ଥାନରେ ଚାଲିଛି ରେଡ୍। ଅନ୍ୟପଟେ ଜବତ ହୋଇଛି ଆଉ ଏକ କାର। ଧଳା କ୍ରେଟା କାର ଜବତ କରିଛି ସିବିଆଇ। ଧଳା କାରରେ ଯାଉଥିଲେ ଆଉ ଜଣେ ଠିକାଦାର ଓ ସରକାରୀ କର୍ମଚାରୀ। ବାଟରେ ୩ ଟି ଗାଡି ପରିବର୍ତ୍ତନ କରିଥିଲେ ସରକାରୀ କର୍ମଚାରୀ।

ବ୍ରିଜ୍ ଆଣ୍ଡ ରୁଫ କମ୍ପାନୀ ଲିମିଟେଡ୍ ଉପରେ ସିବିଆଇ ରେଡ୍ ମଧ୍ୟ ବଳବତ୍ତର ରହିଛି। ସାରା ଦେଶରେ କମ୍ପାନୀ ଉପରେ ହେଉଛି ରେଡ୍। ଦିଲ୍ଲୀ, କୋଲକାତା ସମେତ ୧୧ଟି ସ୍ଥାନରେ ସିବିଆଇ ପକ୍ଷରୁ କରାଯାଇଛି ଅତର୍କିତ ଚଢ଼ାଉ। ଏହି କ୍ରମରେ ଓଡ଼ିଶାରେ ଭୁବନେଶ୍ୱର ସମେତ ୫ଟି ସ୍ଥାନରେ ଦିଲ୍ଲୀ ସିବିଆଇ ପକ୍ଷରୁ ରେଡ୍ କରାଯାଇଛି। ଏହା ପୂର୍ବରୁ ସିବିଆଇର ୨ଟି ଟିମ ଦେବଦତ୍ତଙ୍କ ସମେତ ୪ ଜଣଙ୍କୁ ହୋଟେଲ ମେ ଫେୟାର ଆଗରୁ ଲକ୍ଷାଧିକ ➪ପୃଷ୍ଠା-୬

## ୧୬ରୁ ରତ୍ନଭଣ୍ଡାର ମରାମତି
### ନୀତି ସବ୍‌କମିଟି ନିଷ୍ପତ୍ତିକୁ ଅପେକ୍ଷା

ଭୁବନେଶ୍ୱର, ୮।୧୨ (ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଆସନ୍ତା ୧୬ ତାରିଖରୁ ରତ୍ନଭଣ୍ଡାର ମରାମତି ପାଇଁ ଆପାତତଃ ଦିନ ଧାର୍ଯ୍ୟ କରିଛି ଏଏସ୍‌ଆଇ। ଏଏସ୍‌ଆଇ ଅଧୀକ୍ଷକ ଡିବି ଗଡ଼ନାୟକଙ୍କ ସୂଚନା ଅନୁଯାୟୀ, ଏକ ଧାର୍ଯ୍ୟ ସମୟ ମିଳିଲା ପରେ ଆସନ୍ତା ୧୬ ତାରିଖରୁ କାମ ଆରମ୍ଭ କରିବା ପାଇଁ ଆପାତତଃ



ନିଷ୍ପତ୍ତି ହୋଇଛି। ରତ୍ନଭଣ୍ଡାର ମରାମତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁମତି ମିଳିଯାଇଛି। କିନ୍ତୁ ନୀତି ସବ୍‌କମିଟିରୁ କିଛି ନିଷ୍ପତ୍ତି ଆସିନି। ନୀତି ସବ୍‌କମିଟିର ବୈଠକ ହେବ। ସୋମବାର କିମ୍ବା ମଙ୍ଗଳବାର ବୈଠକ ବସିବାର ଅଛି। ସେହି ବୈଠକରେ ଆମ ପାଇଁ ଏକ ସମୟ ସେମାନେ ଦେବେ। ଆମେ କାର୍ଯ୍ୟ ➪ପୃଷ୍ଠା-୬

### ଉତ୍କଳ କରାଟେ ସ୍କୁଲ ନାଁରେ ସାଂଘାତିକ ଅଭିଯୋଗ

## ଦିଆଯାଉଛି ଜାଲ୍ ସାର୍ଟିଫିକେଟ !

ଭୁବନେଶ୍ୱର, ୮।୧୨ (ଭାରତ ବିନୋଦ ନାୟକ): ଉତ୍କଳ କରେଟା ସ୍କୁଲ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ସାର୍ଟିଫିକେଟ ମିଛ। ଏଭଳି ଅଭିଯୋଗ ଆଣିଛନ୍ତି ସୂଚନା ଅଧିକାର କର୍ମୀ ପ୍ରଦ୍ୟୁମ୍ନ କୁମାର ବେବର୍ତ୍ତା। ଏକ ଜାପାନୀ ସଂସ୍ଥା ନାଁରେ ଉତ୍କଳ କରାଟେ ସ୍କୁଲ ଦେଉଥିବା ସାର୍ଟିଫିକେଟର ବୈଧତା ନେଇ ସେ ପ୍ରଶ୍ନ ଉଠାଇବା ସହ ଏହି ସଂସ୍ଥା ଭାରତୀୟ ଅଲିମ୍ପିକ ଆସୋସିଏସନ ଓ କେନ୍ଦ୍ର କ୍ରିଡା ଓ ଯୁବ ବ୍ୟାପାର ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ନୁହେଁ ବୋଲି ଦାବି କରିଛନ୍ତି ପ୍ରଦ୍ୟୁମ୍ନ।

ଉତ୍କଳ କରେଟ ସ୍କୁଲ ପକ୍ଷରୁ ମାର୍ଶାଲ ଆର୍ଟ ଶିଖୁଥିବା ଛାତ୍ରଛାତ୍ରୀଙ୍କୁ ସୁକୋକାଇ କରାଟେ ଡୁ ୟୁନିୟନ ଇଣ୍ଡିଆର ସାର୍ଟିଫିକେଟ ପ୍ରଦାନ କରୁଛି। କିନ୍ତୁ କେନ୍ଦ୍ର କ୍ରିଡା ଓ ଯୁବ ବ୍ୟାପାର ବିଭାଗ ଓ ଭାରତୀୟ ଅଲିମ୍ପିକ ଆସୋସିଏସନ ଦ୍ୱାରା ଏହି ସଂସ୍ଥା ସ୍ୱୀକୃତିପ୍ରାପ୍ତ ନୁହେଁ। ପ୍ରଦ୍ୟୁମ୍ନ ମାଗିଥିବା ଏ ସମ୍ପର୍କିତ ତଥ୍ୟର ଉତ୍ତର ଭାରତୀୟ ଅଲିମ୍ପିକ ଆସୋସିଏସନ ୨୦୨୪ ଜୁନ ୧୨ ତାରିଖରେ ଦେଇଛନ୍ତି। ଆଉ ଏଥିରେ ଅଲିମ୍ପିକ ଆସୋସିଏସନ ସ୍ପଷ୍ଟ ଭାବେ ସୁକୋକାଇ କରାଟେ ଡୁ ୟୁନିୟନ ଇଣ୍ଡିଆକୁ ସ୍ୱୀକୃତି ଦିଆଯାଇନଥିବା କୁହାଯାଇଛି। ଏପରିକି ଉତ୍କଳ କରାଟେ ସ୍କୁଲ ମଧ୍ୟ ଆଇଓଏ ଦ୍ୱାରା ସ୍ୱୀକୃତିପ୍ରାପ୍ତ




ନୁହେଁ ବୋଲି କୁହାଯାଇଛି। କେବଳ ସେତିକି ନୁହେଁ, ଦେଶର କୌଣସି କରାଟେ ଫେଡେରେସନ ଆଇଓଏର ସ୍ୱୀକୃତି ପାଇନାହିଁ।

ଛାତ୍ରଛାତ୍ରୀଙ୍କୁ ସୁକୋକାଇ କରାଟେ ଡୁ ୟୁନିୟନ ଇଣ୍ଡିଆର ଯେଉଁ ସାର୍ଟିଫିକେଟ ଦିଆଯାଉଛି ତାର ଉପରେ ଜାପାନୀ ଭାଷାରେ କିଛି ଲେଖାଯାଇଛି। କିନ୍ତୁ କଣ ଲେଖାଯାଇଛି ତାହା ଓଡ଼ିଶାବାସୀ ଜାଣିବା ସମ୍ଭବ ନୁହେଁ । କେବଳ ଜାପାନୀ ଅକ୍ଷରରେ କିଛି ଲେଖି ସୁକୋକାଇ କରାଟେ ଡୁ ୟୁନିୟନ ଇଣ୍ଡିଆ ନାଁ କରାଟେ କ୍ରିଡାକୁ ନେଇ ବ୍ୟବସାୟ ଚାଲୁଥିବା ପ୍ରଦ୍ୟୁମ୍ନ ଅଭିଯୋଗ କରିଛନ୍ତି। ସେହିଭଳି ସୁକୋକାଇ କରାଟେ ଡୁ ଓ୍ୱାର୍ଲଡ ୟୁନିୟନରେ ଦୀର୍ଘ ବର୍ଷ ହେଲା ଭାରତ ଆଉ ସଦସ୍ୟ ନାହିଁ। ସୁକୋକାଇ କରାଟେ ଡୁ ଓ୍ୱାର୍ଲଡ ୟୁନିୟନରେ ଓଡ଼ିଶାର ନାମକରା କରାଟେ କୋଚ ହରିହର ପଟ୍ଟନାୟକ ଭାରତକୁ ପ୍ରତିନିଧିତ୍ୱ କରୁଥିଲେ। କିନ୍ତୁ ଦୀର୍ଘ ବର୍ଷ ଧରି ସେ ନିଜ ସଦସ୍ୟତା ନବୀକରଣ ନକରିବା ଏବଂ ୟୁନିୟନ ସହ ଯୋଗାଯୋଗରେ ନରହିବା ଦ୍ୱାରା ଭାରତ ସହ ଏହି ସଂସ୍ଥା ନିଜର ସବୁ ସମ୍ପର୍କ ଛିନ୍ନ ➪ପୃଷ୍ଠା-୬



### କାନ ଡେରିଆ

ତେରେମେରେ ଭାଓ୍ୱ
ସବୁବେଳେ ଥିବ
ବଙ୍ଗାଲ ଓଡ଼ିଆ ଭାଇ
ଦିଦିଙ୍କ ହାତରୁ ରାକ୍ଷୀ
ବାନ୍ଧି ବାନ୍ଧି
ଭାବକୁ ଦେଲେ ବଢ଼ାଇ
ଗରିବ ଦିଶିଲା ନାହିଁ...
ନବୀନ କୃତରୁ ଆଳୁର ଅଭାବ
ଦିଦି ପ୍ରେମ ଦିଶୁଥାଇ
ଭୋଟର ଦେଲେ ଗଡ଼ାଇ।

■ ଦେବାଶିଷ

# ଶିଶୁ ସୁରକ୍ଷା ଅଧିକାରିଣୀଙ୍କ ପାଇଁ ଅନେକ ଅସୁରକ୍ଷିତ

- ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ
- ୧୧ବର୍ଷ ହେଲା ଗୋଟିଏ ସ୍ଥାନରେ
- ଅସହାୟ ଜିଲ୍ଲା ପ୍ରଶାସନ

ଭୁବନେଶ୍ୱର, ୮।୧୨ (ସଂଚାର ବ୍ୟୁରୋ): ଜିଲ୍ଲାରେ ଶିଶୁମାନଙ୍କ ସୁରକ୍ଷା ପାଇଁ ନିଯୁକ୍ତ ଚୁକ୍ତିଭିତ୍ତିକ ଅଧିକାରୀ ଏବେ ଜିଲ୍ଲା ପ୍ରଶାସନ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛନ୍ତି। ତାଙ୍କ ଆଚରଣ ଓ ଉଚାରଣରେ ଲୋକ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବେସରକାରୀ ସଂସ୍ଥା ପର୍ଯ୍ୟନ୍ତ ସମସ୍ତେ ଅତିଷ୍ଠ ହୋଇଥିବାବେଳେ ୧୧ବର୍ଷ ଧରି ଗୋଟିଏ ଜିଲ୍ଲାରେ ଗାଦିମାଡି ବସିଥିବା ଜଣେ ଅଧିକାରିଣୀଙ୍କ ପାଇଁ ଜିଲ୍ଲା ପ୍ରଶାସନ ନାକେଦମ ହେବାରେ ଲାଗିଛି । କଥା ଆସି ପହଞ୍ଚିଛି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ।

ଏହି ଅଧିକାରିଣୀ ଜଣଙ୍କ ନିଯୁକ୍ତ ହୋଇଛନ୍ତି କୋରାପୁଟ ଜିଲ୍ଲାରେ । ଜିଲ୍ଲାର ଶିଶୁଙ୍କ ସୁରକ୍ଷାର ଦାୟିତ୍ୱ ତାଙ୍କ କାନ୍ଧରେ। ହେଲେ ଶିଶୁଙ୍କ ସୁରକ୍ଷା ବଦଳରେ ଏବେ ଶିଶୁଙ୍କ ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡ଼ିକ କିଭଳି ହଇରାଣ ହରକତ ହେବେ ସେ ଦିଗରେ ଅଧିକ କାର୍ଯ୍ୟ କରୁଛନ୍ତି। ଅନେକ ସଂସ୍ଥା ନିଜକୁ ଅସୁରକ୍ଷିତ ବିଚାରୁଛନ୍ତି। ଉପରିସ୍ଥ ଅଧିକାରୀଙ୍କୁ ଖାତିର କରୁନଥିବା ଅଧିକାରିଣୀଙ୍କପାଇଁ ଜିଲ୍ଲାର




ଗୋଟିଏ ସଂସ୍ଥା ଅଦାଲତକୁ ଦଉଡୁଥିବାବେଳେ ଆଉ କିଛି ସଂସ୍ଥା ରାଜଧାନୀ ଆସି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଛନ୍ତି ।

ସବୁଠାରୁ ବଡ କଥା ହେଲା ୨୦୧୯ମସିହା ଜୁଲାଇରେ ଜିଲ୍ଲାର ତିନି ତିନି ଜଣ ବିଧାୟକ ଏହି ଅଧିକାରିଣୀଙ୍କ ବେନିୟମ କାର୍ଯ୍ୟ ସଂକ୍ରାନ୍ତରେ ତତ୍କାଳୀନ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ତଥା ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ଅଧ୍ୟକ୍ଷ ଅନୁ ଗର୍ଗଙ୍କୁ ଜଣାଇଥିଲେ । ହେଲେ ତିନି ବିଧାୟକଙ୍କ ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ । ଏହାପରେ ଅଧିକାରିଣୀ ଜଣଙ୍କ ସାରା ଜିଲ୍ଲାରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଉପରେ ଏକ ପ୍ରକାର ଆତଙ୍କରାଜ ଚଳାଇଥିବା ଆଲୋଚନା ହେଉଛି।

ଅବସ୍ଥା ଏଭଳି ହୋଇଛି ଯେଉଁ ଅନୁଷ୍ଠାନକୁ ଉପରିସ୍ଥ ଅଧିକାରୀଙ୍କ ସହିତ ତଦନ୍ତ ପାଇଁ ଯାଉଛନ୍ତି ସେଠାରେ ସଂସ୍ଥାର କର୍ମଚାରୀଙ୍କ ଅତ୍ୟନ୍ତ ଅଭଦ୍ର ଭାଷାରେ ଗାଳି ଗୁଲଜ କରୁଛନ୍ତି। କାହାକୁ ଚପଲରେ ପିଟିବି କହୁଛନ୍ତି ତ ଆଉ କାହାକୁ ହାଜତକୁ ଭିଡିବେ ବୋଲି କହୁଛନ୍ତି । ତାଙ୍କର ଅତ୍ୟନ୍ତ ଉଗ୍ର ସ୍ୱଭାବ ଦେଖି ଏଡିଏମ୍ ସ୍ତରର ଅଧିକାରୀମାନେ ବି ଭୟରେ ପାଟି ଫିଟାଉ ନାହାନ୍ତି।

ତେବେ ତାଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅଭିଯୋଗ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ତଦନ୍ତ କରିଥିବାବେଳେ ରିପୋର୍ଟଟି ଏବେ ଶୀତଳଭଣ୍ଡାରରେ । ଏହାକୁ ଚାପିବାପାଇଁ ଉଦ୍ୟମ ଚାଲିଥିବା କୁହାଯାଉଛି। ୧୧ ବର୍ଷ ଧରି ଗୋଟିଏ ସ୍ଥାନରେ ଥିବା ଏହି ଅଧିକିରିଣୀ ଅତୀତରେ ବିଭିନ୍ନ ସଂସ୍ଥା ଓ ଉପରିସ୍ଥ ଅଧିକାରୀଙ୍କୁ ତୃତୀୟ ମହଲାର ନାଲିଆଖି ଦେଖାଉଥିବାବେଳେ ଏବେ ନୂଆ ସରକାରରେ ତାଙ୍କୁ କିଏ ସୁରକ୍ଷା ଦେଉଛି ତାହା ବଡ ପ୍ରଶ୍ନବାଚୀ ହୋଇଛି । ଦୀର୍ଘଦିନ ଧରି ଜିଲ୍ଲାରେ ଉତ୍ପାତ ଚଳାଇଥିବା ➪ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ରାଜସ୍ଥାନର ରାଜସମନ୍ଦରେ ରବିବାର ସକାଳେ ପିକ୍‌ନିକ୍ ଯାଉଥିବା ଏକ ସ୍କୁଲ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୩ ଛାତ୍ରୀଙ୍କ ମୃତ୍ୟୁ ଓ ୫୫ ଜଣ ଆହତ।
- ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଇବା ପାଇଁ ପ୍ରାୟ ଏକ ବିଲିୟନ ଆମେରିକୀୟ ଡଲାର ଅତିକକ୍ତ ସହାୟତା ଯୋଗାଇ ଦିଆଯିବ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ମାସରେ କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ ରାଷ୍ଟ୍ରପତି ଜୋ ବାଇଡେନଙ୍କ ପ୍ରଶାସନ ୟୁକ୍ରେନକୁ ମଜଭୁତ କରିବା ପାଇଁ ଅର୍ଥ ପ୍ରଦାନ କରିବେ।
- ଦିଲ୍ଲୀ, ପଞ୍ଜାବ ଓ ହରିଆଣା ସୀମାରେ ଚାଷୀଙ୍କ ବଡ଼ଧରଣର ଆନ୍ଦୋଳନ। ଏମ୍‌ଏସ୍‌ପି ବୃଦ୍ଧି ଓ ଅନ୍ୟାନ୍ୟ ଦାବି ନେଇ ଆନ୍ଦୋଳନ ଚଳାଇଥିବା ଚାଷୀଙ୍କ ଉପରେ ଟିୟର ଗ୍ୟାସ ଓ ଫୁଲମାଡ଼ କଲା ପୁଲିସ। ଦିଲ୍ଲୀ ମାର୍ଚ୍ଚ ସାମୟିକ ସ୍ଥଗିତ।
- ସୁପ୍ରିମକୋର୍ଟଙ୍କ ରାମ ମନ୍ଦିର ରାୟ ଉପରେ ପୂର୍ବତନ ବିଚାରପତି ଜଷ୍ଟିସ ଆରଏଫ୍ ନରିମାନ ପ୍ରଶ୍ନ ଉଠାଇ ଏହାକୁ ଧର୍ମନିରପେକ୍ଷତା ବିରୋଧୀ ବୋଲି କହିଛନ୍ତି।
- ଏମ୍‌ଭିଏରୁ ଓହରି ଯିବ ବୋଲି ଏସ୍‌ପି ନେତା ଅବୁ ଆଜମି କହିବାର ଦିନକ ପରେ ତୀବ୍ର ପ୍ରତିକ୍ରିୟା ଦେଲେ ଟିମ୍ ଉଦ୍ଧବ। ମହାରାଷ୍ଟ୍ରରେ ଏସ୍‌ପି ବିଜେପିର ବି ଟିମ୍ ଭଳି ବ୍ୟବହାର କରୁଥିବା କହିଲେ ବିଧାୟକ ଆଦିତ୍ୟ ଠାକ୍‌ରେ।
- ସାଂପ୍ରତିକ ଶୀତ ଅଧିବେଶନରେ ଭାରତ-ଚୀନ ସଂପର୍କ ଉପରେ ବିଶଦ୍‌ଭାବେ ଆଲୋଚନା କରାଯିବା ପାଇଁ ଦାବି କଲେ ଏଆଇସିସି ସାଧାରଣ ସଂପାଦକ ଜୟରାମ ରମେଶ।



## ଜନ୍ମ ଓ ମୃତ୍ୟୁ
**ଡକ୍ଟର ମନୋରଞ୍ଜନ ବିଷୋୟୀ**

ମୁଁ ନିଶ୍ଚୟ ଜନ୍ମ ହୋଇଥିଲି
ମୋ ମାଆର ଗର୍ଭରୁ ବିବାରୀ
ଯେଉଁଦିନ ବାହାରର ଆଲୁଅ ଦେଖିଲି
ସେଦିନ ଏ ଧରାବକ୍ଷେ
ଅମାବାସ୍ୟା ନିଶ୍ଚେ ହୋଇଥିଲା।
କଳା ଶାଢ଼ୀ କ୍ଷୀଣ ଅଙ୍ଗେ ନାଇ
ବୋଧହୁଏ ଏ ଧରଣୀରାଣୀ
ଦୁଃଖରେ ଆଖି ବୁଜିଥିଲା।
ମୋର ମୃତ୍ୟୁ ଦିନ ନିଶ୍ଚୟ
ଏ ଧରାରେ ପୂର୍ଣ୍ଣିମା ହୋଇବ
ଲହରୀର ଗଭୀର ନିସ୍ୱନ
ମନେ ମନେ ସ୍ୱର ତୋଳୁଥିବ।
ସେଦିନ ବସନ୍ତ ବର୍ଷ
ଶାଢ଼ୀ ପିନ୍ଧି ଏ ଧରଣୀରାଣୀ
ହସି ହସି ବେଦମ ହୋଇବ।
ସେତେବେଳେ ମୋ ଘଡ଼ିରେ
ହୋଇଥିବ ରାତି ବାର ଅବା କିଛି ବେଶି
ଦୂରରୁ ମନ୍ଦିରର ଘଣ୍ଟଧ୍ୱନି
ସ୍ୱରକୁ ମୁଁ ସଫା ଶୁଣୁଥିବି।
ତା' ପରଦିନ ପିଲାମାନେ
ସ୍କୁଲ ଗଲାବେଳେ
ଚୁପଚାପ୍ କଥା ହେଉଥିବେ
କାଲିର ସେ ତୋଫା ଜନ୍ମ ବକ୍ଷେ
କ'ଣ ପାଇଁ କଳାଦାଗ ଥିଲା
ବୋଧହୁଏ ତା' ପାପର ପ୍ରତିଫଳ ପାଇଁ
ତାକୁ ସେଇ ଶାପ ହିଁ ମିଳିଲା।

ବାମୋଦରପୁର, ଗଂଜାମ
ମୋବାଇଲ: ୮୮୯୫୧୪୯୭୨୨





## ଆଉ ଥରେ ଜନ୍ମ ନିଅ କୃଷ୍ଣ ମୋ ପୁଣ୍ୟ ଭାରତରେ
**ପୁଷ୍ପଲତା ମିଶ୍ର**

ହେ ନନ୍ଦ ନନ୍ଦନ କରେ ନିବେଦନ
ଆଉ ଥରେ ଜନ୍ମ ନିଅ,
ମୋ ପୁଣ୍ୟ ଭାରତ ଅପେକ୍ଷାରେ ରତ
ତୁମ ପରି ଜଣେ ଦିଅ।।
କଂସ ସଂହାରଣ ପାଇଁ କି କାରଣ
ଜନ୍ମ ନେଲ କାରାଗାରେ ,
ମନ ରେ ନ ଥିଲା ଦୁଃଖ କ୍ଲେଶ ଥରେ
ପୁଣି ନିସ୍ତବ୍ଧ ରାତିରେ ।।
ଦେବକୀ କୋଳ ରୁ ଯଶୋଦା କୋଳ କୁ
ଆସିଲ ହେ ଅବହେଳେ,
ପଠାଇ ଦେଲ ହେ ମାତା ଅମ୍ବିକା ଙ୍କୁ
କଂସ କୁ ଚେତେଇ ଦେଲେ।।
ଯମୁନା କୂଳ ରେ କଦମ୍ବ ମୂଳ ରେ
ବଜାଇଲ ବଂଶୀ ସ୍ୱନ,
ସେହି ବଂଶୀ ସ୍ୱନ ଶୁଣିବା ପାଇଁ କି
ମନ ମୋ ହୁଏ ଉଚ୍ଛନ୍ନ ।।
ବାଲ୍ୟ ଲୀଳା କଲ ଗୋପ ପୁରେ ରହି
ଚୋରାଇ ସର ଲବଣୀ,
ରାଧା ରାଣୀ ସାଥେ ଗୋପ ଗୋପାଳୁଣୀ
କେତେ କଉତୁକ ପୁଣି ।।
ପ୍ରଲମ୍ବ ଅସୁର ବକା ଅଘାସୁର
ପୁତନା କୁ ଦେଲ ମାରି,
ଇନ୍ଦ୍ର ଙ୍କ ର ଗର୍ବ କରିଥିଲ ଖର୍ବ
ଗୋବର୍ଦ୍ଧନ ଗିରି ଧରି ।।
କାଳିନ୍ଦୀ ର ଜଳ ଥିଲା ବିଷ ପୂର୍ଣ୍ଣ
କରିଲ ଜଳ ମଧୁର,
ଅକ୍ରୁର ହାତ ରେ ନିମନ୍ତ୍ରଣ ଦେଇ
ମଲା ନିଜେ କଂସାସୁର ।।
ଅନ୍ୟାୟ ଅନୀତି କିପରି ସହିଛ
ରହିଛ ଗଗନ ହୋଇ,
ଆସ ଥରେ ଫେରି ଏ ଧରା ଧାମ କୁ
କଷ୍ଟ ନିବାରଣ ପାଇଁ।।
ସହଜ ହୋଇବ ଏ ଭାରତ ଭୂଇଁ
ତୁମ ଆଗମନ ଦେଖି,
ସତ୍ୟ ସଂସ୍ଥାପନ ହେବ ଭାରତ ରେ
ଦେଶ ବାସୀ ହେବେ ସୁଖି ।।

ଭୁବନେଶ୍ୱର
ମୋବାଇଲ: ୯୩୩୮୨୯୪୬୫୭



## ଜାଣେନା ମୁଁ
**ଡ. ଡାଳଶ୍ରୀ ପାଣିଗ୍ରାହୀ**

ସ୍ମୃତି ଉପବନେ ଆସିଥିଲ ଦିନେ
ହୃଦୟେ ବାନ୍ଧିଲ ମୋତେ
ପ୍ରେମ ପଶୁଣରେ ଝରା ଶ୍ରାବଣରେ
ଭିଜେଇଲ ମୋତେ କେତେ
ବହିଲା ପ୍ରୀତି ନିର୍ଝର...
ଜାଣେନା କାହିଁକି...
ସବୁଠାରୁ ତୁମେ
ହେଲ ଏତେ ଆପଣାର...

ଜୀବନ ଜଞ୍ଜାଳେ ଅନେକ ଯନ୍ତ୍ରଣା
ଓଠ ପିଇଯାଏ ଲୁହ
ଭୁମରି ପ୍ରେରଣା ତୁମରି ସାନ୍ତ୍ୱନା
ଦୂରେଇ ଦିଏ ମୋ କୋହ...
ଦୂରେଇ ମୋର ଅନ୍ତର...
ଜାଣେନା କାହିଁକି ..
ସବୁଠାରୁ ତୁମେ
ହେଲ ଏତେ ଆପଣାର...

ସ୍ନେହ ଭରା ତୁମ ମଧୁର ଛନ୍ଦରେ
ଦେଲ ଗୋଲାପର କଳି
ତୁମ ପାଖେ ଯେତେ ମାନ ଅଭିମାନ
ଶରଧାରେ କଲେ ଅଳି...
ସବୁ ତୁମେ ବୁଝିପାର
ଜାଣେନା କାହିଁକି ...
ସବୁଠାରୁ ତୁମେ
ହେଲ ଏତେ ଆପଣାର...

ମୋ ପ୍ରୀତି ଅଗଣା ଶୂନ୍ୟ ଲାଗଇ
ଖୋଜେ ତୁମ ଉପସ୍ଥିତି
ତୁମକୁ ଦୂରରେ ପାରିବିନି ରହି
କରିବନି କେବେ ସ୍ମୃତି
ଆଙ୍କିଛ ଅନେକ ସ୍ମୃତି
କରିବନି କେବେ ପର
ଜାଣେନା କାହିଁକି...
ସବୁଠାରୁ ତୁମେ
ହେଲ ଏତେ ଆପଣାର ।।

ବାଲେଶ୍ୱର
ମୋବାଇଲ: ୯୩୩୭୩୦୪୨୯୫



## ଆସିଛି ଶୀତ
**ଜୟଶ୍ରୀ ପଟ୍ଟନାୟକ**

ହିମ ଶୀତଳ ହେମନ୍ତ କୁ ବିଦାୟ ଦେଇ
ଗୋପା ଗୋପା ଶିଶିର ନେଇ
ପାଦ ଥାପିଛି ସବୁଜ ଧରଣୀର ସବୁଜ ଗାଲିଚାରେ
ଶାନ୍ତ, ନିରସ ଶିଶିରସ୍ନାତ ପଲ୍ଲୀ ଭୂଇଁରେ
ପଡ଼ିନାହିଁ ବାଳ ସୂର୍ଯ୍ୟ କିରଣ।

ଗାଁ ଦାଣ୍ଡର ଅଳିଆ ଅଗମାରେ କାକରର ସ୍ୱର୍ଣ୍ଣ
ଦାଣ୍ଡ ମଝିରେ ଧୂନି ଜାଳିଦେଇ
ବସିଥାନ୍ତି ବୃଦ୍ଧ ବାଳୁତ
ଶିରି ଶିରି ପବନରେ ଆସୁଥାଏ ଶୀତ
ପଲ୍ଲୀବଧୂର ଓଦା ହୋଇ ବସ୍ତ୍ରକୁ ଥରାଉଥାଏ
ହଳଦୀ ରଙ୍ଗର ସୋରିଷ କିଆରି
ଦିଶୁଥାଏ ସ୍ୱିଗ୍ଧ ମଞ୍ଜୁଳ
ଛୁଇଁ ଯାଉଥାଏ କନକ ରଶ୍ମି ଗହୀର ଗୋଟାକ
ଯାଯାବର ମନ ନେଇ ଉଡ଼ୁଥାଏ
ପରଜାପତି ଫୁଲରୁ ଫୁଲ।

ନ୍ୟୁନ ଲାଗେ ଦିନ ବଢ଼ୁଥାଏ ରାତ୍ରିର ପ୍ରହର
ତାରକା ମଣ୍ଡିତ କୃଷ୍ଣ ରଜନୀ ଦିଶୁଥାଏ ଅନୁପମ
ରୁକ୍ଷ ନିରସ ପାଣ୍ଡୁର ଲାଗେ ଧରିତ୍ରୀ ଶୀତ ଛୁଆଁରେ
ଗରିବଙ୍କୁ ଲାଗେନା ଶୀତ
ସବୁ ଋତୁ ସମ ହେଉଥିବା ଜୀବନ
କୃଷକ ଚିନ୍ତା କ୍ଷତି କରେନା ଶୀତ
ଦେହକୁ ଜାଡୁଥିବା ହେମାଳ ପବନ କି
ନଈ ପୋଖରୀର କାଲୁଆ ଜଳ
ହାତରେ ଦା' ଓଠରେ ଗୀତ
ଧ୍ୟାନସ୍ଥ ହୋଇଥାଏ ଫସଲ କଟାରେ
ଭୟ ନ ଥାଏ ଦୋହଲୁ କି ଭୟ ଜୀବନକୁ
ଫସଲକୁ ଦେଖୁଥିଲେ ଉଭେଇଯାଏ
କାଳେ ଶୀତର ପ୍ରକୋପ ।
ଶୀତ ଲାଗୁଥାଏ ବଡ଼ବଡ଼ିଆଙ୍କ ଘୁମ ହିତର ରେ
ଅବା ହାତର ଗ୍ଲୋଭସ କି ମଫଲର,
ସୁଇଟର ପରିଧାନରେ
ଶୀତ ପଶୁ ପଶୁ ଶାଲ କିମ୍ବା କମ୍ବଳ ଲୋଡ଼ା ପଣରେ
ଜାକି ଜୁକି ହୋଇ ବସିଥିବା ଠାଣି ମାଣିରେ।

ଗଙ୍ଗନଗର ଛକ, ଭୁବନେଶ୍ୱର
ମୋବାଇଲ: ୭୯୭୮୧୧୦୪୭୪



## ରକତ ବଡ ନାଁ ବିଶ୍ୱାସ ବଡ
**ଡ. ନାରାୟଣ ଚନ୍ଦ୍ର ସେନାପତି**

କିଏ କ'ଣ କହିପାରିବ ତାକୁ ଛୋଟ
ସେ ଟାଣିଲେ ....
ଜଣେ ପରା ଭାଙ୍ଗିଦେବ ଲୁହାର ବାଡ
ସାତ ତାଳକ ପାଣିରୁ ମୁକୁଳି ଆସିବ
ଅଗ୍ନି ବାୟୁ ତେଜରୁ ବି ବର୍ତ୍ତି ଆସିବ
ଆକାଶରେ ଲଙ୍ଫି ......
କେତେ ନଦ ନଦୀ ବିଲ ବଣ ପାହାଡ।
ସେ କାନ୍ଦିଲେ
ସେ ପିଲା ମଣିଷ ଛାତିଟା ଫାଟିଯିବ
ତାକୁ ଆଘାତ ହେଲେ
ତା ସମ୍ପର୍କର ମଣିଷ ହୃଦରେ ବଜ୍ର ପଡିବ
ଲୋଡେନା ସେ ପରିଚୟ
ଖୋଜେନା କା ନିର୍ଦ୍ଦେଶ ଆଦେଶ
ଅଡକରା ବିନା ନିମନ୍ତ୍ରଣରେ ପହଞ୍ଚି
ପ୍ରୀତି ପରଶରେ ଏ ରକତ ପରା
ସରାଗରେ ଦୁଃଖ ଧୋଇଦେବ।
ଗାଢ଼ ଅନ୍ଧକାର ମୟ ଜୀବନରେ
ସେ ପରା ପଥ ପ୍ରଦର୍ଶକ
ଦିଗହରା ନାଆର
ସେ ପରା ଦକ୍ଷ ନାବିକ
ଯେଉଁଠି ବିଶ୍ୱାସ ସେଇଠି ନିଃଶ୍ୱାସ
ତା ପାଇଁ ଏ ସୃଷ୍ଟି ସ୍ୱାସ୍ଥ୍ୟ ସଂପର୍କ
ତା ପାଇଁ ସବୁ ଆଶା ଆକାଂକ୍ଷା ଅଭିଳାଷ
ତାକୁ ପ୍ରେମ କଲେ ଜଣେ ବଞ୍ଚିବ
ଆଉ ଘୃଣା କଲେ
ସେ ପରା ସଢ଼ି ସଢ଼ି ଅବିଳମ୍ବେ ମରିଯିବ।
ସେ ଏତେ ମହାନ୍ ଯେ
କେବେ ଦେଖେନା ଅଜଣା ଅଚିହ୍ନାଙ୍କ ଜାତକ
ଯାହାକୁ ଭଲପାଇ ଯାଏ ତାକୁ ଜୀବନ ଦିଏ
ଅଗୋଚରରେ ବନିଯାଏ ସଜା
ସାଧକ ପ୍ରେମିକ ଆଉ ରକ୍ଷକ
ତାକୁ କଳିବାକୁ ବିଧାତାଙ୍କ
ପାଖେ ବି ନାହିଁ ମାପକ
ଅଦୃଶ୍ୟ ଅକାଟ୍ୟ ଅଶାନ୍ତ
ଅବିଭାଜ୍ୟ ଚିରଦିନ ସେ
ଅବିଳମ୍ବେ ଗଢ଼ିଦିଏ
ସମ୍ପର୍କର କୋଣାର୍କ।
ଯେଉଁଠି ରକତ ଚିହ୍ନେନା ନିଜର କିଏ
ସେଇଠି ବିଶ୍ୱାସ ସାହା।

ଜମୁରା, କେନ୍ଦୁଝର



## ଭୁଲି ପାରିବାକି ସ୍ନେହ ଶରଧା
**ସନ୍ତୋଷ କୁମାର ସାହୁ**

ଭୁଲି ହୁଏ ନାହିଁ ସେନେହ ଶରଧା
ପାଉଥିଲୁ ଯାହା ଆମ ଜୀବନେ
ମମତା ବନ୍ଧନେ ଥରେ ଛନ୍ଦି ହେଲେ
ମନେ ପଡୁଥାଏ ପ୍ରତ୍ୟେକ ଦିନେ....
ସମ୍ପର୍କର ସେତୁ ହୁଏ ମଜବୁତ
ଭୁଲି ହୁଏନାହିଁ ସ୍ନେହ ଆଦର
ଭେଦଭାବ ବୋଲି ନଥାଏ ମନରେ
ସଭିଏଁ ଆପଣା କେ ନୁହଁନ୍ତି ପର....
ହୃଦେ ଅନୁରାଗ ଆଙ୍କେ ହୋଇଯାଏ
ସ୍ନେହ ଶରଧାର ପ୍ରତୀକ ଭଳି
ପର ଆପଣାର ସଭିଏଁ ସମାନ
ଆତ୍ମୀୟଙ୍କୁ ସଦା ହୁଅନ୍ତି ଭାଳି....
ଅନ୍ତରରେ ଭରେ ଅପୂର୍ବ ଆନନ୍ଦ
ସେନେହ ଶରଧା ଆତ୍ମୀୟ ବାରି
ନବ ପଲ୍ଲବିତ ଶରଧା ବୃକ୍ଷରେ
କୁସୁମ ଫଳରେ ସୁରଭି ଝରି ....
ହୃଦେ ଭରିଯାଏ ଅପୂର୍ବ ଆନନ୍ଦ
ସେନେହ ଶରଧା ପରଶ ପାଇ
ମନ ବାହେଁନାହିଁ ଦୂରେଇ ଯିବାକୁ
କ୍ଷଣିକ ପାଇଁକି ଅନ୍ତର ହୋଇ ....
ବନ୍ଧୁ ହିଁ ଜୀବନ କୁସୁମ ଚନ୍ଦନ
ବିଗଳେ ହୃଦୟେ ନଦେଇ ବାଧା
କରେ ଆକର୍ଷଣ ଅପୂର୍ବ ପୁଲକେ
ଭୁଲି ପାରିବକି ସ୍ନେହ ଶରଧା...

ଗାନ୍ଧୀ ନଗର, କୋରାପୁଟ



## ବେଶ୍ୟା
**ସ୍ୱାଗତିକା ସାହୁ**

ସମୟର ଝାଉଁ ବଣେ
ପ୍ରତ୍ୟହ ଭାଙ୍ଗୁଥାଏ ରାତ୍ରିର ଅଳସ
ପୁଣି ସଜାଡୁଥାଏ ମନ ଫୁଲକୁ....
ଝର୍କା ଖୋଲି ଚାହିଁ ବସିଥାଏ ଅପଲକେ
କିଏ କେତେବେଳେ ନେଇ ଆସିବ
ଉଷ୍ଣ ସୁଗନ୍ଧ....
କେବେଠୁ ସେ ସରିଯାଇଛି,
ଯେବେଠୁ ବଗରି ନେଇଛି
ସମର୍ପଣର ସ୍ୱର୍ଣ୍ଣ ଯେତେ....
ଆଉ ସାଜି ଯାଇଛି ଗୋଟେ ବେଶ୍ୟା

ପ୍ରଭୁଙ୍କ ପ୍ରଦତ୍ତ କୋମୋଳ ତନୁରୁ
କାଟି ଦେଇଛି ସେ ' ଶ୍ରୀ ' କୁ...
ଶ୍ରୀ ର ଅର୍ଥ ସେ ବୁଝିଛି କି ନାହିଁ
ହୋଇଯାଇଛି ଶ୍ରୀହୀନ, ଛିନ୍ନ ଭିନ୍ନ...
କାହିଁକି କେଜାଣି ଗୋଟିଏ ପୁରୁଷ
ରୋକି ପାରେନି ତା ମନ ଓ ଆତ୍ମାକୁ
ଭରେନି ତା ମନ ପିପାସା...
ପରିବାରଠୁ ତା ପାଇଁ ମୂଲ୍ୟହୀନ
ଶଙ୍ଖା ଆଉ ସିନ୍ଦୂର ତା ପାଇଁ ଅଲଣା
ଦୁନିଆ
ତିଥି,ତାରିଖ,ବାରକୁ ସାଙ୍ଗ କରି
ସମୟକୁ ଭାଗ ଭାଗ କରେ....
ବାଣ୍ଟି ଦିଏ ସଭିଙ୍କ ଭିତରେ..!!!

କ'ଣ ବା ପାଏ ସେଥିରୁ ସେ ...
କିଛି ଅର୍ଥ ନା ସହାନୁଭୂତି ?
କିଛି ଉଷ୍ମ ଦୃଷ୍ଟା ନା ବିରକ୍ତତା ?
କିଛି ମୁହୂର୍ତ୍ତ ପ୍ରେମ ନା ପ୍ରତାରଣା ?
ଆଉ ତୋତେ ବେଶ୍ୟା ସଜାଉ ଥିବା
ଅଭିଯୋଗ ବିହୀନ କାବ୍ୟର ନାୟକ
ସେଇ ନର ରାକ୍ଷସ କୁ...
କେଉଁ ନାମରେ ନାମିତ କରିବା ???
ମୋ କବିତା ଏବେ ଶବ୍ଦ ପାଉନି
ହଁ ହଁ,ମୋ କବିତା ଏବେ ଶବ୍ଦ ବି ଆଉ
ପାଉନି
ଶବ୍ଦ ସବୁ ନିଖିଦ ଯାତ୍ରାରେ....
ଯଦି ପାଇଯିବି କିଛି ଶବ୍ଦ,
ତେବେ ନିଶ୍ଚିତ ପୁଣି ଥରେ ଲେଖିବି
ଆଉ ଏକ ନୂତନ ଧାରାରେ....

ଉମରକୋଟ, ନବରଙ୍ଗପୁର



# କପି
**ନିହାର ରଞ୍ଜନ**

କପି ଚାଷ ଏକ ଉତ୍କୃଷ୍ଟ ଓ ଅତ୍ୟନ୍ତ ଲାଭକାରୀ ବେଉସା। କପି ଚାଷେର ଅଳ୍ପ ପରିଶ୍ରମେର ବହୁତ ଫଳ ମିଳିଥାଏ। ସବୁଠି ଏହି ଚାଷ ବହୁଳ ଭାବେର କରାଯାଇଥାଏ। କବି ଚାଷ ବର୍ଷୋରେ ଦୁଇ ଥର ହୋଇଥାଏ। ଥେର ଗ୍ରୀଷ୍ମ ଋତୁରେ ବାର୍ଷିକେ ପରୀକ୍ଷା ସମୟେର ଚାଷ କରାଯାଉଥିବା ବେେଳ ଏହାର ରବି ଫସଲ ଶରତ ଋତୁ ସପ୍ଲିମେଣ୍ଟାରୀ ପରୀକ୍ଷା ସମୟେର କରାଯାଇଥାଏ।

ବିହନ: କପି ଚାଷ ପାଇଁ ଅନେକ କିସମର ବିହନ ମିଳିଥାଏ।

ଯଥା- ଟେଷ୍ଟ ପେପରିଆ, ପିସିବୁଲିଆ, ଚିରିକୁଟିଆ ଓ ହାତଟିପା ଆଉ ଅତ୍ୟାଧୁନିକ ଜ୍ଞାନେକୌଶଳାତ୍ମକ ପ୍ରେୟାଗ ଇତ୍ୟାଦି।

ବିହନର ଅନେକ ଶତ୍ରୁ ଅଛନ୍ତି। ତେଣୁ ଉପଯୁକ୍ତ ସଂରକ୍ଷଣ ନକେଲ କୀଟ ଖାଇ ଯାଆନ୍ତି। ପ୍ରଧାନ ଶତ୍ରୁ ପରୀକ୍ଷକ, ଇନ୍‌ଭିଜିଲେଟର, କ୍ଲାସ ଟିଚର, ବୁଆ ହେଡ୍‌ମାଷ୍ଟର। ସ୍କାଡୋ କୀଟ ଲାଗିଗଲେ ଏହାକୁ ସମୂଳେ ନିପାତ କରିଦିଅନ୍ତି। ସଂରକ୍ଷଣ ନିହାତି ଜରୁରୀ।

ବର୍ଷସାରା ବୁଲାବୁଲି କରି, ଏହି ଚାଷ କରିବା ଦ୍ୱାରା ପ୍ରଚୁର ଲାଭବାନ ହେବାର ଅନେକ ଦୃଷ୍ଟାନ୍ତ ରହିଛି। ଏହି ଚାଷ ରେ ଲାଭ ଯେତିକି ବିପଦ ସେତିକି। ଅତି ସନ୍ତପଣେର ଏହି ଚାଷ କରି ନପାରିଲେ ଏହାର ଶତ୍ରୁମାନେ ଏହାକୁ ଛାରଖାର କରିବା ସହିତ ଚାଷୀକୁ ବରବାଦ କରିଦେଇଥାନ୍ତି। ଚାଷୀ କିଛି ଫଳ ଆମଦାନୀ କରିନପାରି ଆତ୍ମହତ୍ୟା କରିବାର ବି ଦେଖାଯାଇଥାଏ।

ପରୀକ୍ଷା ଦୁର୍ନୀତି ନିବାରଣ ବିଧେୟକ ୨୦୨୪କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ ଦେଇଛନ୍ତି। ନିକଟରେ ଶେଷ ହୋଇଥିବା ବଜେଟ୍ ଅଧିବେଶନରେ ଏହି ବିଲ୍ ସଂସଦରେ ପାରିତ ହୋଇଥିଲା।

# ଆଃ ସଂସାର
**ସୋମନାଥ ବିଷୋୟୀ**

ସଂସାରଟା କ'ଣ ଏକାବେଳକେ ମିଥ୍ୟା, ମହାଭାଗ? - ଅନିନ୍ଦ୍ୟଙ୍କର ଏଇ ପ୍ରଶ୍ନରେ ବ୍ରହ୍ମଚାରୀ ହଠାତ୍ ଠୋ ଠୋ ହସିବାକୁ ଲାଗିଲେ। ସେ କେବେ ଏତେ ଜୋର୍‌ରେ ହସି ନ ଥିଲେ। ଅନିନ୍ଦ୍ୟ ବାବୁ ମଧ୍ୟ ବ୍ରହ୍ମଚାରୀଙ୍କର ଏମିତି ସରବ ହାସ୍ୟ କେବେ ଦେଖି ନ ଥିଲେ କି ଶୁଣି ନ ଥିଲେ।

ସେ ତାଙ୍କ ଆଖି କାନକୁ ବିଶ୍ୱାସ କରିପାରୁ ନ ଥିଲେ। ଅଳ୍ପ ଥରି ଥରି କ୍ରମେ ସ୍ଥିର ପଡ଼ିଆସୁଥିବା ବ୍ରହ୍ମଚାରୀଙ୍କ ଆଗରେ ବସି ଅନିନ୍ଦ୍ୟ ବାବୁ ଖୁବ୍ ସଙ୍କୁଚିତ ହୋଇପଡ଼ିଲେ ନିଜ ଭିତରେ, ଠିକ୍ ଗେଣ୍ଡାଟିଏ ପରି। ପୂର୍ବ ଆକାଶରେ ତାରାଟିଏ କ୍ରମେ ମିଞ୍ଜି ମିଞ୍ଜି ଦୃଶ୍ୟମାନ ହୋଇ ଆସୁଥିଲା।

ବୈଶାଖ ମାସର ସାୟାହ୍ନ। ବଉଳ ଗଛ ମୂଳର ଶୀତଳ ଛାୟା ତଳେ ଢେର୍ ସମୟ ବସି ରହିଲା ପରେ ସେ କାହିଁକି କେଜାଣି ଏମିତି ପ୍ରଶ୍ନଟିଏ ପଚାରି ଦେଇଥିଲେ। ମୃଦୁ ମୃଦୁ ଶୀତଳ ସମୀରଣରେ ଆଶ୍ରମ ପରିସରଟି କ୍ରମେ ଶୀତଳେଇ ଆସୁଥିଲା। ପଶ୍ଚିମ ଭାଗ ସଂପୂର୍ଣ୍ଣ ତାମ୍ର ବର୍ଣ୍ଣ ଧାରଣ କରି ସାରିଥିଲା।

ଆଶ୍ରମର ସ୍ଥିର ପରିମଣ୍ଡଳ କ୍ରମେ ସ୍ଥିର ପଡ଼ି ଆସୁଥିବାବେଳେ ବ୍ରହ୍ମଚାରୀ ଅନିନ୍ଦ୍ୟଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ କଲେ- ତୁମ ଜୀବନକୁ ସ୍ୱୀକାର କର, ଅନିନ୍ଦ୍ୟ? ଏମିତି ପ୍ରତିପ୍ରଶ୍ନ ପରିଚାରିବା ଭିତରେ ହିଁ ସେ ସରବ ହାସ୍ୟ ସ୍ପନ୍ଦନଟି ତଥାପି ନିର୍ବାଣ ଲାଭ କରି ନ ଥିଲା।

ଓଠକୁ ବିସ୍ତାରିତ କରି ସେ ପୁଣି କହିଲେ- ତୁମେ ଜୀବନକୁ ସ୍ୱୀକାର କରିବାକୁ ବାଧ୍ୟ। ସିଏ ସୁଖର ହେଉ ଅବା ଦୁଃଖର। ଏବଂ ଏକଥା ମଧ୍ୟ ତୁମେ ଜାଣ ଯେ, ସୁଖଦୁଃଖ ସର୍ବଦା ଆପେକ୍ଷିକ। ଏହାର ଗୋଟିଏ ନିର୍ଦ୍ଧାରିତ ସଂଜ୍ଞା ନାହିଁ କି ସାର୍ବକାଳୀନ ଓ ସାର୍ବଜନୀନ ନିର୍ଣ୍ଣୟଟିଏ ମଧ୍ୟ ନାହିଁ।

ମୋ ପ୍ରଶ୍ନଟି କିନ୍ତୁ ସଂସାର ଆଧାରିତ ମହାଭାଗ। ସେଇମିତି ସଂକୋଚନ ମଧ୍ୟରେ ଥାଇ ଅନିନ୍ଦ୍ୟ ବାବୁ କହିଦେଲେ। ବ୍ରହ୍ମଚାରୀ ଏଥରକ ଅଳ୍ପ ହସି କହିଲେ- ମୁଁ ସେଇ ପ୍ରଶ୍ନର ହିଁ ଉତ୍ତର ଦେଉଚି। ଅବଶ୍ୟ ଟିକେ ଅନ୍ୟ ବାଗରେ। ସୁଖରେ ରହି ତମେ ସଂସାରକୁ ଭୋଗ କରିପାର ଅଥବା ଦୁଃଖରେ ପଡ଼ି ବୈରାଗ୍ୟ ବରଣ...। ଉଭୟ ହିଁ ଜୀବନର ଦୁଇ ଅଂଶ - ଅନିବାର୍ଯ୍ୟ, ଅଲଂଘ୍ୟ। ମୁଁ କିନ୍ତୁ... କଣ କହିଆସୁଥିଲେ ଅନିନ୍ଦ୍ୟ। ବ୍ରହ୍ମଚାରୀ ହାତ ଟେକିଲେ। ପକ୍ଷୀଟିଏ ଡେଣା ଫଡ଼୍‌ଫଡ଼୍ କରି ଉଡ଼ିଗଲା। ପୂର୍ବଦିଗରୁ ଉଠି ଆସୁଥିଲା ଲାଲ୍ ରଙ୍ଗର ପେଣ୍ଡୁଟିଏ ପରି ଜହ୍ନ।

ଏତେବେଳକୁ ଯାଇ ଅନିନ୍ଦ୍ୟଙ୍କର ମନେପଡ଼ିଲା, ଆଜି ହେଉଚି ବୈଶାଖ ପୂର୍ଣ୍ଣିମା। ଏଇଭଳି ଗୋଟେ ପୂର୍ଣ୍ଣମୀ ତିଥିରେ ପରମ ବୈରାଗୀ ବୁଦ୍ଧଦେବଙ୍କର ଜନ୍ମ ହୋଇଥିଲା। ଠିକ୍ ଏଇ ଜହ୍ନ ପରି ପବିତ୍ର, ସୁନ୍ଦର - ଅଥଚ ଅଳ୍ପ କଳଙ୍କିତ। କଳଙ୍କ ନ ଥାଇ ଏ ସଂସାରରେ ଯେମିତି ପବିତ୍ରତା ନାହିଁ କି ସୌନ୍ଦର୍ଯ୍ୟ ନାହିଁ - ତେଣୁ ଜୀବନ ନାହିଁ। ବୁଦ୍ଧଦେବ କେବେ ବି ସଂସାର ତ୍ୟାଗ କରି ନ ଥିଲେ। ଅନେକ ସମୟ ପରେ କହିଲେ ବ୍ରହ୍ମଚାରୀ। ତେଣୁ ତୁମକୁ ମଧ୍ୟ ସଂସାର ତ୍ୟାଗ କରିବାର ଆବଶ୍ୟକତା ନାହିଁ, କାରଣ- ସଂସାର ସତ୍ୟ ଆଧାରିତ ଗୋଟିଏ ମିଥ୍ୟା ଅଥବା ମିଥ୍ୟା ଆଧାରିତ ଗୋଟିଏ ସତ୍ୟ। ଠିକ୍ ଏଇ ବଉଳ ଗଛର ଖରାଛାଇ ଖେଳ ପରି, ରାତି ଓ ଦିନର ଭ୍ରମ ପରି। ମନେରଖ- ଆଖି ଯାହା ଦେଖେ, ସର୍ବଦା ସତ୍ୟ ହୋଇ ନ ଥାଏ କି ମିଥ୍ୟା ବି ହୋଇ ନ ଥାଏ। ସେ ଦେଖେ ମାତ୍ର ଗୋଟାଏ ସ୍ଥୂଳ ରୂପଚିତ୍ର। ଯାହାକୁ ଆମେ ଅଳୀକ କହୁ, ମିଥ୍ୟା ବୋଲି କହୁ। ମାତ୍ର ତା'ର ଅଭ୍ୟନ୍ତରରେ ଅଥବା ଅନ୍ତରାଳରେ ଆଉ ଗୋଟିଏ ସୂକ୍ଷ୍ମ ସତ୍ତା ରହିଛି, ଯାହା ଚିରକାଳ ଅପରିବର୍ତ୍ତିତ। ତା'ର ଉପରେ ଏ ଚରାଚର ସୃଷ୍ଟି ଅବଧାରିତ ଏବଂ ଲୀଳାୟିତ।



ଉତ୍ତପ୍ତ ସାୟଂକାଳ ସତ୍ତ୍ୱେ ମୃଦୁ ପବନରେ ଶୀତଳ ହେଇ ଆସୁଥିବା ଅନିନ୍ଦ୍ୟଙ୍କର ମନୋଭାବକୁ ଲକ୍ଷ୍ୟକରି ବ୍ରହ୍ମଚାରୀ ତାଙ୍କର ଶେଷ ବକ୍ତବ୍ୟ ରଖିଲେ। ତୁମେ ଯେଉଁ ସଂସାର କଥା କହୁଛ- ଅର୍ଥାତ୍ ସଂସାର କହିଲେ ତୁମେ ଯାହା ବୁଝୁଛ - ତାହା ଠିକ୍ ଏଇ ଚନ୍ଦ୍ରର କଳଙ୍କ ପରି; ଯାହା ଭିତରେ ତୁମେ ରହିଛ- ତଥାପି ଅନିନ୍ଦ୍ୟ, ତଥାପି ସୁନ୍ଦର। ସଂଧ୍ୟା ଉତ୍ତୀର୍ଣ୍ଣ ହୋଇସାରିଥିଲା। ବ୍ରହ୍ମଚାରୀ ଉଠିଯାଇଥିଲେ ଆଶ୍ରମ ଭିତରକୁ। ଅନିନ୍ଦ୍ୟ ବାବୁ ଠିଆ ହେଲେ ଏବଂ ଧୀରେ ଧୀରେ ଉଦିତ ଚନ୍ଦ୍ରକିରଣ ଆଡ଼କୁ ପାଦ ବଢ଼ାଇଲେ। ପାଟିରୁ ତାଙ୍କର ସ୍ୱତଃ ବାହାରିଆସିଲା - ଆଃ ସଂସାର... ଆଃ ସଂସାର... ଯାହାକି କୌଣସି ଆର୍ଯ୍ୟ ଋଷିଙ୍କର କଣ୍ଠ ନିସୃତ ମନ୍ତ୍ରଧ୍ୱନିଟିଏ ପରି ଶୁଭୁଥିଲା।

# ଜୋକର
**ଦ୍ୱିତୀ ଚନ୍ଦ୍ର ସାହୁ**

ଛୋଟ ଝିଅଟେ ଖୁବ୍ ଭଲ ପାଉଥିଲା ଜୋକର ଚରିତ୍ରକୁ। ସେଥିପାଇଁ ଯାତ୍ରାରୁ ଗୋଟେ ଜୋକର କଣ୍ଢେଇ କିଣି ସବୁବେଳେ ଧରି ଖେଳୁଥିଲା ସେମିତି ଅନ୍ତରଙ୍ଗ ଭାବେ। ଅନେକଥର ତାର ବାପାକୁ କହେ, 'ବାପା! ଥରେ ଜୋକର ପରି ହେଉନା। କେଡ଼େ ମଜା ଲାଗିବ।'

ବାପା ଝିଅର କଥାକୁ ବାଆଁରେଇ ଯାଏ ପ୍ରତିଥର।

ସେଇ ଚୁଲୁବୁଲି ଝିଅକୁ ଝୁଣିଲେ କିଛି ବ୍ୟଭିଚାରୀ। ଗୁରୁତର ଅବସ୍ଥାରେ ସିଟି ମେଡିକାଲ୍‌ରେ ସେ ଭର୍ତ୍ତି ହେଲା। ସ୍ତବ୍ଧ ହେଲା ଜଗତ। ନାରକୀୟ କାଣ୍ଡର ମୁଖ୍ୟ ଖଳନାୟକ ହେଲା ଫେରାର। ଜନୈକ ମନ୍ତ୍ରୀଙ୍କ ପୁଅ ଓ ସାଙ୍ଗସାଥୀ ସହରରୁ ଉଭାନ୍ ଖବର ବ୍ୟାପିଗଲା ନିଆଁ ପରି।

॥ ଏକ ॥

ବାପା ଗଲା ଥାନାକୁ। ସାଙ୍ଗରେ ଥିଲେ ଜଣେ ସମାଜସେବୀ। ଥାନାରେ ଥିବା ଜଣେ ବାବୁଙ୍କୁ ଏତଲା ଦେଲେ। ରାଇଟର୍‌ବାବୁ କହିଲେ, 'ଟିକେ ରୁହ! ଥାନାବାବୁ ଆସିଲେ ଯାହା। ତୁମେ ଦେଇଦେଲେ କଣ ଏମିତି ରିପୋର୍ଟ ରଖିଦେବି?'

ଥାନା ବାରଣ୍ଡାରେ ଥିବା ଷ୍ଟୁଲ୍‌ରେ ବସିଲେ ଦୁହେଁ। ପୋଲିସ୍ ଓ କେତେ କେତେ ଲୋକ ଥାନାକୁ ଆସୁଥିଲେ ଯାଉଥିଲେ। ଘଣ୍ଟାକଣ୍ଟା ଚକ୍ରାକାରରେ ଘୂରି ବୁଲୁଥିଲା। ଦୀର୍ଘ ସମୟ ପରେ ପୋଲିସ୍ ଗାଡ଼ି ଆସି ଥାନାରେ ଲାଗିଲା। ବାକି ପୋଲିସ୍ ତାଙ୍କୁ ଦେଖି ସ୍ୟାଲୁଟ୍ ମାରିଲେ। ଥାନା ବଡ଼ବାବୁ ଆସିଗଲେ ବୋଲି ଦୁହେଁ ପଛେ ପଛେ ଗଲେ ଭିତରକୁ।

ଥାନାବାବୁ ପୂର୍ବରୁ ଚିହ୍ନିଲା ଢଙ୍ଗରେ ଦେଖୁ ଦେଖୁ କହିଲେ, 'ଏମିତିରେ କଣ ରିପୋର୍ଟ ରଖିହେବ? ଝିଅର ଡାକ୍ତରୀ ମାଇନା କରିବାକୁ ପଡ଼ିବ। ସେ ଦୁଷ୍କର୍ମ ହୋଇଥିବା ପ୍ରମାଣିତ ହେଲେ ଯାଇ ଏତଲା ରଖିହେବ।'

କାବା ହୋଇଗଲେ ଦୁହେଁ। ଆପତ୍ତି ଉଠେଇଲେ ସମାଜସେବୀ। ଥାନାବାବୁ ଏକଲାରେ ସମାଜସେବୀଙ୍କୁ ଡାକି କହିଲେ, 'କାହିଁକି ଏସବୁ ଝାମେଲାରେ ପଶୁଛନ୍ତି। ଉପରୁ ବଡ଼ ବଡ଼ ଲୋକଙ୍କ ନିର୍ଦ୍ଦେଶ। ଆପଣ ଚୁପ୍ ରହିଲେ ଆପଣଙ୍କ ଶରୀର ପାଇଁ ଭଲ।' ସମାଜସେବୀ ବିରୋଧ କଲେ। ନାବାଳିକାର ବାପା ସବୁ ଜାଣିଲା ପରେ ତାଙ୍କୁ ଲାଗିଲା ଥାନାବାବୁ ଜଣେ ପୋଲିସ୍ ନୁହନ୍ତି, ବରଂ ଜଣେ ଜୋକର। ସେ ଆଉ କାହା ଇସାରାରେ ନାଚୁଛନ୍ତି।

॥ ଦୁଇ ॥

ବିରୋଧୀଙ୍କ ପକ୍ଷରୁ ଆରମ୍ଭ ହେଲା ରାଜନୀତି। ହଲ୍ଲାପଟା ଓ ଥାନା ଘେରାଉ। ଗଣମାଧ୍ୟମ ବି ଘେରିଲେ। ଚାଲିଲା ଘନଘନ ବିତର୍କ। ବିଜୁଳି ବେଗରେ ସବୁଆଡ଼େ ଖବର ଖେଳିଗଲା। ଲୋକ ରୁଣ୍ଡ ହୋଇ ପ୍ରତିବାଦ ଜଣାଇଲେ। ଦୋଷୀଙ୍କୁ ଗିରଫ କରିବା ପାଇଁ ରାସ୍ତାରୋକ କଲେ। ସ୍ଥାନୀୟ ବିରୋଧୀ ଦଳ ନେତା ଆନ୍ଦୋଳନର ନେତୃତ୍ୱ ନେଲେ ଏବଂ ବନ୍ଦ ଡାକରା ଦେଲେ। ଘଟଣାକୁ ନେଇ ସରକାରଙ୍କ ବିରୋଧରେ ଦାନା ବି ବାନ୍ଧିଲା। ହଠାତ୍ ଖବର ମିଳିଲା ସ୍ଥାନୀୟ ନେତା ଅସୁସ୍ଥ ଓ ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ତା'ପରେ ଆନ୍ଦୋଳନ କ୍ରମଶଃ ନିରବିଗଲା। ସ୍ଥାନୀୟ ବିରୋଧୀ ଦଳ ନେତାଙ୍କ ଅଚାନକ ଦେହ ଖରାପକୁ ସାଧାରଣ ଲୋକ ହଜମ କରି ପାରୁ ନ ଥିଲେ।

॥ ତିନି ॥

ଏହା ସତ୍ତ୍ୱେ ଆନ୍ଦୋଳନ ଥମୁ ନ ଥାଏ। ସାରା ରାଜଧାନୀରେ ପ୍ରକମ୍ପିତ ହେଉଥାଏ ପ୍ରତିବାଦର ସ୍ୱର। ସମସ୍ତଙ୍କର ଦାବି ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ ଏବଂ ପୀଡ଼ିତା ପରିବାରଙ୍କୁ ତିରିଶ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ସରକାର ତ୍ୱରିତ୍ ବେଗରେ ପଦକ୍ଷେପ ଗ୍ରହଣ କଲେ। ଦଶ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଘୋଷଣା କଲେ। ପୀଡ଼ିତାର ଚିକିତ୍ସା ଦାୟିତ୍ୱ ବି ନେଲେ। ଏଥିସହିତ, କେତେଜଣ ଅପରାଧୀ ବି ଗିରଫ ହେଲେ। ମାତ୍ର, ମୁଖ୍ୟ ଅପରାଧୀ ମନ୍ତ୍ରୀଙ୍କ ପୁଅଙ୍କ ନାଁକୁ ତାଲିକାରୁ ବାଦ୍ ଦିଆଗଲା। ଏହିଭଳି ଏକ ଘଟଣା ଭିତରେ ଅଚାନକ ବିରୋଧୀ ଦଳ ନେତା ଶାସକ ଦଳରେ ସାମିଲ ହୋଇଗଲେ। ଟିଭିରେ ସହାସ୍ୟ ବଦନରେ ଦଳୀୟ ଉତ୍ତରୀୟ କାନ୍ଧରେ ପକାଉଥିଲେ ସେ। ପୀଡ଼ିତଙ୍କ ପରିବାରକୁ ଲାଗୁଥିଲା ବିରୋଧୀ ଦଳ ନେତା ସେମିତି ଜୋକର ହୋଇ ରହିଛନ୍ତି।



॥ ଚାରି ॥

ଚିକିତ୍ସିତ ଅବସ୍ଥାରେ ଆଖିବୁଜିଲା ପୀଡ଼ିତା। ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଲା ଉପଯୁକ୍ତ ଚିକିତ୍ସା ଅଭାବରୁ ନାବାଳିକା ମୃତ୍ୟୁବରଣ କଲେ। ଏହାକୁ ନେଇ ଦି'ଫାଳ ହେଲା ମିଡିଆ। ଅଧେ ସରକାରଙ୍କ ପକ୍ଷ ନେଇ ଚିକିତ୍ସାରେ ଅବହେଳା ହୋଇନି ଏବଂ ଡାକ୍ତରମାନଙ୍କ ଶତ ଚେଷ୍ଟା ସତ୍ତ୍ୱେ ଝିଅକୁ ବଞ୍ଚେଇବା ସମ୍ଭବ ହେଲାନି ବୋଲି କହିଲେ। ଏଠି ଗଣମାଧ୍ୟମ ବି ନିଜ ରୂପ ବଦଳେଇପାରେ ଏବଂ ଜୋକର ପାଲଟିଯାଏ? ଏକଥା ବୁଝିବାକୁ ପୀଡ଼ିତାର ପରିବାରକୁ ଟିକେ ସମୟ ଲାଗିଲା।

॥ ପାଞ୍ଚ ॥

ଘଟଣା ପରଠାରୁ ବାପା ସତରେ ଆଉ ବାପା ହୋଇ ରହି ନ ଥିଲେ। ଏହା ଭିତରେ ସେ ବି ନିଜେ ଜଣେ ଜୋକର ପାଲଟି ଯାଇଥିଲେ। ଯିଏ ଯାହା କହୁଥିଲେ ଶୁଣୁଥିଲେ। କେବେ କେବେ ଭୋ ଭୋ କାନ୍ଦୁଥିଲେ ତ ପୁଣି ନିରବ ରହୁଥିଲେ। ହଠାତ୍ ଦିନେ ଘୋଷଣା କଲେ, 'ମୋର କ୍ଷତିପୂରଣ ନୁହେଁ, ଝିଅ ଲୋଡ଼ା।' ଅନ୍ୟମାନେ ଏକଥା ଶୁଣିବା ପରେ ତାଙ୍କୁ କହିଲେ, 'କେଡ଼େ ବୋକା ତମେ? ଝିଅ କ'ଣ ଆଉ ଫେରିବ? କେହି କ'ଣ ଦଶଲକ୍ଷ ଟଙ୍କାକୁ ଏମିତି ହାତଛଡ଼ା କରିପାରେ?'

## ଅପରେଶନ୍ କଗାର ପ୍ରଭାବ

# ଓଡ଼ିଶାମୁହାଁ ମାଓବାଦୀ

**ଭୁବନେଶ୍ୱର, ୮।୧୨ (ସଂଚାର ବ୍ୟୁରୋ) :** ଛତିଶଗଡ଼ରେ ଫଳପ୍ରଦ ହଉଛି ଅପରେଶନ କଗାର । ମାଓ ସଙ୍ଗଠନ ଉପରେ ବଢୁ ଥିବା ଚାପ ଯୋଗୁ ଏବେ ଓଡିଶା ମୁହାଁ ହୋଇଛନ୍ତି ଛତିଶଗଡି ମାଓବାଦୀ ତଥା ଓଡିଶା ଛାଡି ଥିବା ମାଓ କ୍ୟାଡର । ବିଶେଷ କରି ବିଏସଏଫ ଯବାନ ଙ୍କ ପ୍ରତ୍ୟାହାର ରୁ ସୁଯୋଗ ନେଇ ଏବେ ସେବାରୀ ନଇ ପାର ହୋଇ ଓଡିଶା ଭିତରକୁ ବେଧଡକ ପଶି ଆସୁଛନ୍ତି ଲାଲବାହିନୀ। ପଡୋଶୀ ରାଜ୍ୟରେ ମାଓ ଅପରେସନ ଯୋଗୁଁ ପ୍ରତିଦିନ ଏନକାଉଣ୍ଟର ସହ ମାଓବାଦୀଙ୍କ ଅସ୍ତ୍ର ପ୍ରସ୍ତୁତି କାରଖାନା ଠାବ ହେଉଛି। ସେମାନେ ଓଡ଼ିଶାକୁ ନିରାପଦ ସ୍ଥାନ ଭାବେ ଧରିନେଇଛନ୍ତି। ବଢୁ ଥିବା ଚାପ ଯୋଗୁ ଓଡିଶା ଛାଡି ଥିବା ମାଓବାଦୀ ଏବେ ପୁଣି ଓଡିଶା ପ୍ରତ୍ୟାବର୍ତ୍ତନ କରୁଛନ୍ତି । ଗୁଇନ୍ଦା ତଥ୍ୟ ଅନୁସାରେ, ନଭେମ୍ବର ୨୧ ତାରିଖରେ ଜିନେଲଗୁଡା ଦେଇ ୩ଟି ପର୍ଯ୍ୟାୟରେ ୩୮ ଜଣ ମାଓବାଦୀ ପ୍ରବେଶ କରିଛନ୍ତି। ପ୍ରଥମେ ୭ ଓ ପରେ

> **ପଡିଆରୁ ମୋଟୁ ମଧ୍ୟରେ ନାହିଁ ବିଏସ୍ଏଫ୍ କ୍ୟାମ୍ପ**

ମାଓ ନେତା ଉଦୟ, ରମେଶଙ୍କ ସମେତ ୨୨ ଜଣ ଆସିଛନ୍ତି। ପୁଣି ୧୦ ମାଓବାଦୀ ଓଡିଶା ଭିତରେ ପଶିଛନ୍ତି । ଜଣେ ମହିଳା ମାଓବାଦୀ ଅନ୍ତି ମାଡବି ଓରଫ ଲାକେଙ୍କୁ ଗିରଫ କରିଛି ମାଲକାନଗିରି ପୁଲିସ। ଛତିଶଗଡର ୩୮ ଜଣିଆ ମାଓବାଦୀ ପର୍ଯ୍ୟାୟ କ୍ରମେ ଛତିଶଗଡ ସୀମାବର୍ତ୍ତୀ ସାବେରି ନଇ ପାର ହୋଇ ମାଲକାନଗିରି ଜିଲ୍ଲାର ତେଲେରାଇ-କୁର୍ମାନୁର-ଏଲକାନୁର ଦେଇ ସ୍ୱାଭିମାନ ଅଂଚଳରେ ପହଁଚିଛନ୍ତି । ପୁନର୍ବାର ଆନ୍ଧ୍ର ଓଡିଶା ସୀମାରେ ଗଡ ସଜାଡିବାକୁ ଉଦ୍ୟମ ଆରମ୍ଭ କରିଛି ମାଓ ସଙ୍ଗଠନ । ତେବେ ନିକଟରେ ମାଲକାନଗିରିରୁ ଗୋଟିଏ ବାଟାଲିୟନ ବିଏସ୍ଏଫ୍ ପ୍ରତ୍ୟାହାର ହୋଇଛି। ଏମଭି ୭୯, ଏମଭି ୮୨, ଏମଭି ୮୮ ରୁ ବିଏସଏଫ ଯବାନଙ୍କ ସ୍ଥାନାନ୍ତର ପରେ ଏବେ ଛତିଶଗଡରୁ ମାଓବାଦୀ ଖୋଲାଖୋଲି ଓଡିଶା ଭିତରକୁ ପ୍ରବେଶ କରି ସାରିଛନ୍ତି।

# ୧୧ରେ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୮।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ମୂଲ୍ୟାଙ୍କନ ବର୍ଷ ୨୦୨୨-୨୦୨୩ ପାଇଁ ସମ୍ମାନଜନକ ଜାତୀୟ ପଞ୍ଚାୟତ ପୁରସ୍କାରର ବିଜେତାଙ୍କ ନାମ ଘୋଷଣା କରିଛି। ତୃଣମୂଳ ସ୍ତରରେ ସମାବେଶୀ ଏବଂ ନିରନ୍ତର ବିକାଶକୁ ଆଗେଇ ନେବାରେ ସାରା ଦେଶରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଉଲ୍ଲେଖନୀୟ ପ୍ରୟାସକୁ ସ୍ୱୀକୃତି ଦେଇ ଏହି ପୁରସ୍କାର ଉତ୍କର୍ଷତାର ଏକ ମାନଦଣ୍ଡ ଭାବରେ କାର୍ଯ୍ୟ କରେ। ୨୦୨୪ ମସିହା ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ ସମାରୋହ ଆସନ୍ତା ୧୧ ଡିସେମ୍ବରରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ହେବ। ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ପୁରସ୍କାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିବେ।



ଚଳିତ ବର୍ଷ, ବିଭିନ୍ନ ବର୍ଗରେ ୪୫ ଜଣ ପୁରସ୍କାର ବିଜେତାଙ୍କୁ ଚୟନ କରାଯାଇଛି, ଯାହା ତୃଣମୂଳ ପ୍ରଶାସନ ଏବଂ ଗୋଷ୍ଠୀ ବିକାଶରେ ବ୍ୟାପକ ସଫଳତାକୁ ପ୍ରତିଫଳିତ କରୁଛି। ଏହି ବର୍ଗଗୁଡ଼ିକ ମଧ୍ୟରେ ରହିଛି ଦୀନ ଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର, ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର, ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଞ୍ଚାୟତ ପୁରସ୍କାର, କାର୍ବନ ମୁକ୍ତ ବିଶେଷ ପଞ୍ଚାୟତ ପୁରସ୍କାର ଏବଂ ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାନ ପୁରସ୍କାର। ଏହି ପୁରସ୍କାର ଦାରିଦ୍ର୍ୟ ଦୂରୀକରଣ, ସ୍ୱାସ୍ଥ୍ୟ, ଶିଶୁ କଲ୍ୟାଣ, ଜଳ ପର୍ଯ୍ୟାପ୍ତତା, ପରିମଳ, ଭିତ୍ତିଭୂମି ବିକାଶ, ସାମାଜିକ ନ୍ୟାୟ, ମହିଳା ସଶକ୍ତିକରଣ ଏବଂ ଜଳବାୟୁ ସ୍ଥିରତା ଭଳି ପ୍ରମୁଖ କ୍ଷେତ୍ରରେ ସଫଳତାକୁ ସ୍ୱୀକୃତି ଦେଇଥାଏ।

ଜାତୀୟ ପଞ୍ଚାୟତ ପୁରସ୍କାରରେ ଓଡ଼ିଶା ମୋଟ୍ ୭ଟି ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍ କେଲୁଆପଲ୍ଲିକୁ ସୁସ୍ଥ ପଞ୍ଚାୟତ ଭାବେ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ଦେବାକୁ ଚୟନ କରାଯାଇଛି। ସେହିପରି ଆତ୍ମନିର୍ଭରଶୀଳ ଭିତ୍ତିଭୂମି ନିର୍ମାଣ ପାଇଁ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁର ସାହାପୁର ପଞ୍ଚାୟତକୁ ଏହି ବର୍ଗରେ ପୁରସ୍କୃତ କରାଯିବ। ଏହି ଜିଲ୍ଲାର ଛତ୍ରପୁରକୁ ଶ୍ରେଷ୍ଠ ବ୍ଲକ୍ ପଞ୍ଚାୟତ ରୂପେ ନାନାଜି ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ସେହିପରି କୋରାପୁଟକୁ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ରୂପେ ଏହି ବର୍ଗରେ ପୁରସ୍କୃତ କରାଯିବ। ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ବ୍ଲକ କାସିରା ପଞ୍ଚାୟତକୁ ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଞ୍ଚାୟତ ପୁରସ୍କାର ଦିଆଯିବ। ଏହି ଜିଲ୍ଲାର ବଣାଇଗଡ଼ ବ୍ଲକ କେନ୍ଦ୍ରିକେଲା ପଞ୍ଚାୟତକୁ ଅଙ୍ଗାରକାମ୍ଳ ମୁକ୍ତ ବିଶେଷ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯିବ। ଓଡ଼ିଶାର ରାଜ୍ୟ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନକୁ ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାନ ପୁରସ୍କାର ପ୍ରଦାନ କରିବା ଲାଗି ମନୋନୀତ କରାଯାଇଛି। ସୂଚନାଯୋଗ୍ୟ ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ୧ ଲକ୍ଷ ୯୪ ହଜାର ଗ୍ରାମ ପଞ୍ଚାୟତ ଅଂଶଗ୍ରହଣ କରିଥିଲେ। ୪୨ଟି ପୁରସ୍କାର ବିଜେତା ପଞ୍ଚାୟତ ମଧ୍ୟରୁ ୪୨ ପ୍ରତିଶତ ମହିଳାଙ୍କ ଦ୍ୱାରା ପରିଚାଳିତ ପଞ୍ଚାୟତ ରହିଛି। ସୂକ୍ଷ୍ମ ଚୟନ ପ୍ରକ୍ରିୟାରେ ବ୍ଲକ ସ୍ତରରୁ ଆରମ୍ଭ କରି ଜାତୀୟ ସ୍ତର ପର୍ଯ୍ୟନ୍ତ ୫ଟି ବିଭିନ୍ନ କମିଟି ଦ୍ୱାରା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏଲଏସଡିଜି)ର ସ୍ଥାନୀୟ କାର୍ଯ୍ୟକାରିତା ସହିତ ଯୋଡ଼ି ହୋଇଥିବା ବିଭିନ୍ନ ବିଷୟଗତ କ୍ଷେତ୍ରରେ ପଞ୍ଚାୟତଗୁଡ଼ିକର ପ୍ରଦର୍ଶନର ଏକ ଗଭୀର ମୂଲ୍ୟାଙ୍କନ ଅନ୍ତର୍ଭୁକ୍ତ ଥିଲା। ଏହି ପ୍ରକ୍ରିୟା ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଏବଂ ପଞ୍ଚାୟତିରାଜ ଅନୁଷ୍ଠାନ (ପିଆରଆଇ)/ଗ୍ରାମୀଣ ସ୍ଥାନୀୟ ସଂସ୍ଥା (ଆରଏଲବି) ମଧ୍ୟରେ ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ମନ୍ତ୍ରଣାଳୟର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି।

> **୪୨% ପୁରସ୍କାର ବିଜେତା ମହିଳା**
> **ଓଡ଼ିଶାକୁ ମିଳିବ ୭ ପୁରସ୍କାର**

# ବିଏସ୍ଏଫ୍ ଯବାନଙ୍କୁ ଆୟୁଷ୍ମାନ ସିଏପିଏଫ୍ କାର୍ଡ

**ଭୁବନେଶ୍ୱର, ୮।୧୨ (ସଂଚାର ବ୍ୟୁରୋ) :** ରାଜସ୍ଥାନର ଯୋଧପୁରରେ ରବିବାର ଅନୁଷ୍ଠିତ ହୋଇଥିବା ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍ଏଫ୍)ର ୬୦ତମ ରେଜିଂ ଦିବସ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ବିଏସଏଫ ମହାନିର୍ଦ୍ଦେଶକ ଦଲଜିତ ସିଂ ଚୌଧୁରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ।




## ସୀମାରେ ଆଣ୍ଟିଡ୍ରୋନ ୟୁନିଟ ସ୍ଥାପନ କରାଯିବ

ଦେଶ ସୁରକ୍ଷାରେ ବିଏସ୍ଏଫ୍ ଅବଦାନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଶ୍ରୀ ଶାହ ମତବ୍ୟକ୍ତ କରିଥିଲେ। ଦୀର୍ଘ ଛଅ ଦଶନ୍ଧି ଧରି ପରାକ୍ରମ, ସାହସ ଓ ତ୍ୟାଗ ବଳରେ ଦେଶର ନିରାପତ୍ତାକୁ ବିଏସଏଫ ସୁଦୃଢ଼ କରିଥିବା ଅମିତ ଶାହା କହିଥିଲେ। ସୀମାରେ ସବୁପ୍ରକାର ବିପଦକୁ ସାମ୍ନା କରି ଦେଶର ସୁରକ୍ଷା ଓ ନିରାପତ୍ତାକୁ ବିଏସଏଫ ସୁନିଶ୍ଚିତ କରିଛି। ଡିସେମ୍ବର ୧, ୧୯୬୫ଠାରୁ ଦେଶର ପୂର୍ବ ଓ ପଶ୍ଚିମ ସୀମାକୁ ସୁରକ୍ଷା ଦେବାରେ ବିଏସଏଫ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଛି। ଦେଶ ଲାଗି ପ୍ରାଣ ଦେଇଥିବା ୧୯୯୨ ବିଏସ୍ଏଫ୍ ଯବାନଙ୍କ ପ୍ରତି ସାରା ଦେଶ କୃତଜ୍ଞ ରହିବ।

ସେ କହିଥିଲେ, ଗତ ଛଅ ଦଶନ୍ଧି ଧରି ଦେଶର ସୀମାରେ ସଶସ୍ତ୍ର ପହରା ଦେବା କ୍ଷେତ୍ରରେ ବିଏସଏଫ ଯବାନମାନେ ଉଲ୍ଲେଖନୀୟ କୃତିତ୍ୱ ଦେଖାଇଛନ୍ତି। ବିଏସ୍ଏଫ୍ ବ୍ୟତିତ ବଢୁଥିବା ସୁରକ୍ଷା ଆବଶ୍ୟକତାକୁ ପୂରଣ କରିହେବ ନାହିଁ। ୨.୭ ଲକ୍ଷ କର୍ମଚାରୀଙ୍କୁ ନେଇ ଚାଲୁଥିବା ବିଏସଏଫ ହେଉଛି ସମଗ୍ର ବିଶ୍ୱର ସବୁଠାରୁ ବଡ ସୁରକ୍ଷା ଏଜେନ୍ସି। ଜାଲ ନୋଟ କାରବାର, ନିଶା କାରବାର, ଅନୁପ୍ରବେଶ, ବାମପନ୍ଥୀ ଉଗ୍ରବାଦ ପରି ବିଭିନ୍ନ ସମସ୍ୟା ମୁକାବିଲା କରିବା କ୍ଷେତ୍ରରେ ବିଏସଏଫର ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି କେନ୍ଦ୍ର ମନ୍ତ୍ରୀ ମତ ପ୍ରକାଶ କରିଥିଲେ। ଦେଶର ପ୍ରଥମ ଧାଡିର ସୁରକ୍ଷା ଏଜେନ୍ସି ଭାବରେ କାମ କରୁଥିବା ବିଏସଏଫର ଆଜି ଯାଏ ୧୯୯୨ ଜଣଙ୍କ ପ୍ରାଣହାନି ହୋଇଥିବା ବେଳେ ସେମାନଙ୍କ ଭିତରୁ ୧୩୩୦ ଜଣଙ୍କୁ ମେଡାଲ ଦ୍ୱାରା ପୁରସ୍କୃତ କରାଯାଇଛି।

ଦେଶର ସୁରକ୍ଷା ବଳର ବିକାଶ ଲାଗି ମୋଦି ସରକାର ବହୁ ପଦକ୍ଷେପ ନେଇଛି। ପ୍ରାୟ ୪୧ କୋଟି ୨୧, ୪୪୩ ଯବାନ ଓ ତାଙ୍କ ପରିବାର ଲାଗି ଆୟୁଷ୍ମାନ ସିଏପିଏଫ ଯୋଜନା ଓ ଆୟୁଷ୍ମାନ ସିଏପିଏଫ କାର୍ଡ ପ୍ରଚଳନ କରାଯାଇଛି। ୧୬ କୋଟି ଟଙ୍କାର କ୍ଷତିପୂରଣ ଦାବି କରୁଥିବା ୧୪.୮୩ ଲକ୍ଷ ମାମଲାକୁ ଏହାରି ଭିତରେ ସମାଧାନ ବି କରାଯାଇଛି। ଗତ ପାଂଚ ବର୍ଷରେ ଯବାନମାନଙ୍କ ଲାଗି ୧୩ ହଜାର ଘର ନିର୍ମାଣ କରିବାକୁ ଓ ୧୧ ହଜାର ଘର ତିଆରି କରିବା ଲାଗି ଅନୁମୋଦନ କରାଯାଇଥିବା କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଛନ୍ତି। ୧୧୧ଟି ବାରାକ ନିର୍ମାଣ କରାଯାଇଥିବା ବେଳେ ସିଏପିଏଫ ଇ-ହାଉସିଂ ୱେବ ପୋର୍ଟାଲ ମାଧ୍ୟମରେ ସବୁ ଖାଲି ଘରଗୁଡିକୁ ବି ପୂରଣ କରାଯାଇଛି। ବୃକ୍ଷ ରୋପଣ ଦିଗରେ ସେଂଟ୍ରାଲ ଆର୍ମଡ ପୋଲିସ ଫୋର୍ସେସ ବା ସିଏପିଏଫ ଭଲ କାମ କରିଛି।

# ମନ ମୋହିଲା ଭୁବନେଶ୍ୱର ଭାଇବ୍ସ

## ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଇଁ ବିଏମ୍ସିର ଅଭିନବ ପ୍ରୟାସ

**ଭୁବନେଶ୍ୱର, ୮।୧୨ (ସଂଚାର ବ୍ୟୁରୋ) :** ଭୁବନେଶ୍ୱର ଭାଇବ୍ ସ। କମ୍ପିଲା ରାଜଧାନୀ। ସ୍ପନ୍ଦିତ କଲା ଦର୍ଶକଙ୍କ ହୃଦୟ। ଗାୟକ ଗାୟିକାଙ୍କ ସଂଗୀତର ତାଳେ ତାଳେ ଝୁମିଲେ ଶ୍ରୋତା। ଏମିତି ଏକ ରଙ୍ଗାରଙ୍ଗ ପରିବେଶରେ ଆଜି ଭୁବନେଶ୍ୱର ମହାନଗର ନିଗମ (ବି ଏମ୍ ସି) ପକ୍ଷରୁ ଆରମ୍ଭ ହୋଇଛି "ଭୁବନେଶ୍ୱର ଭାଇବ୍ସ" ସ୍ୱତନ୍ତ୍ର ମ୍ୟୁଜିକାଲ ନାଇଟ୍। ୧୮ ତମ ପ୍ରବାସୀ ଭାରତୀୟ ଦିବସ - ୨୦୨୫ ଭୁବନେଶ୍ୱର ଜନତା ମଇଦାନଠାରେ ଅନୁଷ୍ଠିତ ହେବ। ଏହାକୁ ନେଇ ବିଏମସି ପକ୍ଷରୁ ଏବେଠାରୁ ଆରମ୍ଭ ହେଲାଣି ପ୍ରସ୍ତୁତି। ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ସହରୀ ପ୍ରଶାସନ। ରବିବାର ସଂଧ୍ୟାରେ ୟୁନିଟ ୨ ସ୍ଥିତ ମାର୍କେଟ ବିଲଡିଂ ଓ ମାଷ୍ଟର କ୍ୟାଣ୍ଟିନ ଛକ ଆଇ ଲଭ୍ ୟୁ ଭୁବନେଶ୍ୱର ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଜନ ମାନସକୁ ଉଲ୍ଲସିତ କଲା। ସଙ୍ଗୀତର ମୂର୍ଚ୍ଛନାରେ ବିଭୋର ହୋଇଥିଲେ ଦର୍ଶକ।




ପ୍ରବାସୀ ଭାରତୀୟ ଦିବସକୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ସ୍ଥାନୀୟ ୟୁନିଟ୍ ୨ ମାର୍କେଟ ବିଲଡିଂ ଏବଂ ମାଷ୍ଟର କ୍ୟାଣ୍ଟିନ୍ ଛକରେ ଏଭଳି ସଙ୍ଗୀତ କାର୍ଯ୍ୟକ୍ରମକୁ ଶହ ଶହ ଦର୍ଶକ ମନଭରି ଉପଭୋଗ କରିଥିଲେ। ପରବର୍ତ୍ତୀ ସମୟରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଏହି ପରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବ୍ୟସ୍ତ ବହୁଳ ସହରୀ ଜୀବନରେ ମଜ୍ଜି ରହୁଥିବା ନାଗରିକଙ୍କ ଭାବାବେଗକୁ ଉଲ୍ଲସିତ କରିବା ପାଇଁ ଏହି ସୃଜନଶୀଳ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସହରର ଲୁକ୍କାୟିତ ସୃଜନଶୀଳ ତଥା ପ୍ରତିଭାଧାରୀଙ୍କୁ ଲୋକ ଲୋଚନକୁ ଆଣିବା ସହ ସ୍ୱଇଚ୍ଛାରେ ନିଜର ସଙ୍ଗୀତ ପରିବେଷଣ କରିବାକୁ ଆହ୍ୱାନ କରାଯିବ।ଏଥିପାଇଁ ସ୍ୱତନ୍ତ୍ର ନିୟମାବଳୀ ରହିବ।

ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ ଏବଂ ବିଏମ୍ ସି କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲଙ୍କ ସମେତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, ବହୁ କର୍ପୋରେଟରମାନେ ଆଜିର କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମାର୍କେଟ ବିଲଡିଂଠାରେ ଗୌତମ ଗିରି, ସୋନମ୍ ଦାଶ ଗାଇଥିବା ବେଳେ ମାଷ୍ଟର କ୍ୟାଣ୍ଟିନ ଛକରେ ଦେବ ଆନନ୍ଦ, ପ୍ରିୟା ସିଂ, ଅମିତ ସୌରିଆ ପ୍ରମୁଖ ଗାଇଥିଲେ। ବଂଶୀବାଦନରେ ସମସ୍ତଙ୍କୁ ମୋହିତ କରିଥିଲେ କୋରାପୁଟରୁ ଆସିଥିବା ତରୁଣ ତୁଷାରକାନ୍ତ।

ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟର ଅଧ୍ୟକ୍ଷ ମିହିର କୁମାର ରାଉତ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ହାସୁପକାର, ମହାମାୟା ସ୍ୱାଇଁ, ରାଜକିଶୋର ଦାସ, ଶ୍ରୀଧର ବେହେରାଙ୍କ ସହ କର୍ପୋରେଟର ଅମରେଶ ଜେନା, ଅଜିତ ବେହେରା, ଆସିଆ ବେଗମ୍ ପ୍ରମୁଖ ବହୁ କର୍ପୋରେଟର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର ଶ୍ରୀ ଶୁଭେନ୍ଦୁ କୁମାର ସାହୁ, ରତ୍ନାକର ସାହୁ ଏବଂ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ସୂଚନା ଯୋଗ୍ୟ କି ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ବି ଏମ୍ ସି ତରଫରୁ ବିବିଧ ନାଗରିକ ସଂଯୋଗ କାର୍ଯ୍ୟକ୍ରମ ଆର ଡବ୍ଲ୍ୟୁ ଏ, ୱାର୍ଡ, ଜୋନ୍, ପାର୍କ ସମେତ ଓ୍ୱାର୍ଡ ଇତ୍ୟାଦି ଅନୁଷ୍ଠିତ ହେବ।


# ଡିସେମ୍ବର ୧୫ରେ ବିଜେବି ଫ୍ରେଣ୍ଡସର ବାର୍ଷିକ ବନ୍ଧୁ ମିଳନ

**ଭୁବନେଶ୍ୱର, ୮।୧୨ (ସଂଚାର ବ୍ୟୁରୋ) :** ବିଜେବି କଲେଜ ପୁରାତନ ଛାତ୍ର ସଂଘ "ବିଜେବି ଫ୍ରେଣ୍ଡସ " ର ବାର୍ଷିକ ବନ୍ଧୁ ମିଳନ ଆସନ୍ତା ମାସ ଡିସେମ୍ବର ୧୫ ତାରିଖ ଦିନ ଆୟୋଜିତ ହେବାକୁ ଯାଉଛି। ଉତ୍ସବ ପୂର୍ବରୁ ବରୁଣେଇ ପାହାଡ଼ ଠାରୁ ବିଜେବି ଫ୍ରେଣ୍ଡ୍ସ ର ସଭ୍ୟ ମାନଙ୍କର ଏକ ମଶାଲ ଶୋଭାଯାତ୍ରା ଆସି ବିଜେବି କଲେଜ ପରିସରରେ ଥିବା ବକ୍ସି ଜଗବନ୍ଧୁ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯିବ। ଏହି ଉତ୍ସବ ରେ ବିଜେବି କଲେଜର ପ୍ରାକ୍ତନ ଛାତ୍ର ତଥା ଓଡ଼ିଶା ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ଶ୍ରୀ ପୃଥିରାଜ ହରିଚନ୍ଦନ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ର ଡେପୁଟିଗଭର୍ଣ୍ଣରଶ୍ରୀଟି.ରବିଶଙ୍କରପ୍ରଭୃତିଯୋଗଦାନକରିବାକୁସମ୍ମତିପ୍ରଦାନ କରିଛନ୍ତି। ସେମାନଙ୍କୁ ବିଜେବି ଫ୍ରେଣ୍ଡ୍ସ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଏତଦ୍ ବ୍ୟତୀତ ବନ୍ଧୁ ମିଳନୀ ସଭାରେ ବିଜେବି କଲେଜର କୃତି ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ ତଥା ଗତ ନଭେମ୍ବର ୨୯ ତାରିଖରେ ୟୁନିଟ୍ ୧ ସରକାରୀ ଉଚ୍ଚବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିବା କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବିଜେବି ଫ୍ରେଣ୍ଡସ ବିଭିନ୍ନ ସାମାଜିକ ଓ ଜନହିତକର କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଚଳିତ ବର୍ଷ ମଧ୍ୟ ରକ୍ତ ଦାନ , ବୃକ୍ଷରୋପଣ ଭଳି ମହତ କାର୍ଯ୍ୟକ୍ରମର ଯୋଜନା ରଖା ଯାଇଛି । ଏହି ବନ୍ଧୁ ମିଳନ ଅବସରରେ ବହୁ ପୂରାତନ ଛାତ୍ରଛାତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ସମସ୍ତ ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଏ ଉତ୍ସବରେ ଯୋଗଦେବା ପାଇଁ ବିଜେବି ଫ୍ରେଣ୍ଡ୍ ପକ୍ଷରୁ ଅନୁରୋଧ କରାଯାଇଛି।

# ପ୍ରୟାଗରାଜ ମହାକୁମ୍ଭ ପାଇଁ ଭୁବନେଶ୍ୱରରେ ରୋଡ୍ ଶୋ'

## ନେତୃତ୍ୱ ନେଲେ ଉତ୍ତର ପ୍ରଦେଶ ଶ୍ରମ ମନ୍ତ୍ରୀ

ଭୁବନେଶ୍ୱର, ୮।୧୨ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ଉତ୍ତର ପ୍ରଦେଶ ସରକାର ମହାକୁମ୍ଭ ୨୦୨୫କୁ ଭାରତର ସାଂସ୍କୃତିକ ଏକତାର ଏକ ଆନ୍ତର୍ଜାତୀୟ ପ୍ରତୀକରେ ପରିଣତ କରିବା ପାଇଁ ସମର୍ପିତ ରହିଛନ୍ତି । ଏହି ପ୍ରୟାସ ଓ ଲକ୍ଷ୍ୟର ଅଂଶ ଭାବେ ଉତ୍ତର ପ୍ରଦେଶର ଶ୍ରମ ଓ ରୋଜଗାର ମନ୍ତ୍ରୀ ଅନୀଲ ରାଜଭାର ଓଡିଶାରେ ଏକ ବିଶାଳ ରୋଡ୍ଶୋର ନେତୃତ୍ୱ ନେଇଥିଲେ। ସେ ଓଡିଶାର ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଓଡିଶାର ଲୋକମାନଙ୍କୁ ପ୍ରୟାଗରାଜ-ମହାକୁମ୍ଭ ୨୦୨୫ରେ ଯୋଗ ଦେବା ପାଇଁ ଆମନ୍ତ୍ରିତ କରିଥିଲେ। ସରକାର ଏହି କାର୍ଯ୍ୟକ୍ରମକୁ ଐତିହାସିକ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଛନ୍ତି, ଯେଉଁଥିରେ ଅନ୍ତର୍ଜାତୀୟ ଅଂଶଗ୍ରହଣ ଓ ଅତ୍ୟାଧୁନିକ ବ୍ୟବସ୍ଥା ସାମିଲ ରହିଛି । ରୋଡ୍ଶୋ' ପରେ ସାମ୍ବାଦିକ ସମ୍ମିଳନୀ ସମୟରେ ମିଡିଆ ସହ ଆଲୋଚନା କରି ସେ କହିଛନ୍ତି, ଚଳିତ ବର୍ଷର ମହାକୁମ୍ଭ ଉଭୟ ମହାନତା ଓ ଦିବ୍ୟ ମହତ୍ୱ ଦୃଷ୍ଟିରୁ ପୂର୍ବର କୁମ୍ଭମେଳାକୁ ଅତିକ୍ରମ କରିବ। ପ୍ରୟାଗରାଜ-ମହାକୁମ୍ଭରେ ୪୫୦ ମିଲିୟନରୁ ଅଧିକ ତୀର୍ଥଯାତ୍ରୀ, ସାଧୁ ସନ୍ଥ, ତପସ୍ୱୀ ଓ ପର୍ଯ୍ୟଟକଙ୍କୁ ସ୍ୱାଗତ କରିବ ବୋଲି ଆଶା କରାଯାଉଛି । ଉତ୍ତର ପ୍ରଦେଶ ସରକାର ଅନେକ ଯତ୍ନଶୀଳ ଓ ସମୟାନୁବର୍ତ୍ତୀ ବ୍ୟବସ୍ଥା କରିଛି ।



ମିଡିଆକୁ ସମ୍ବୋଧିତ କରି ଶ୍ରୀ ରାଜଭାର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣା ଓ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱ ଅଧିନରେ ଗଙ୍ଗା, ଯମୁନା, ସରସ୍ୱତୀ ନଦୀର ପବିତ୍ର ମିଳନସ୍ଥଳୀରେ ମହାକୁମ୍ଭ ଆସନ୍ତା ଜାନୁଆରୀ ୧୩ରୁ ଫେବୃଆରୀ ୧୬ ତାରିଖ ୨୦୨୫ ପର୍ଯ୍ୟନ୍ତ ପ୍ରୟାଗରାଜଠାରେ ଆୟୋଜିତ ହେବ। ୟୁନେସ୍କୋ ଦ୍ୱାରା ମାନବିକତାର ଏକ ମହାନ ସାଂସ୍କୃତିକ ଐତିହ୍ୟ ଭାବେ ଏହା ସ୍ୱୀକୃତ। ଏହା ଏକ ସ୍ୱଚ୍ଛ, ସୁସ୍ଥ, ସୁରକ୍ଷିତ ଓ ଡିଜିଟାଲ ମହାକୁମ୍ଭ ହେବ। ଏହାକୁ ଏକ ସିଙ୍ଗଲ-ୟୁଜ ପ୍ଲାଷ୍ଟିକ-ଫ୍ରି ମହାକୁମ୍ଭ ଘୋଷଣା କରି ଏହି ସମାରୋହକୁ ପରିବେଶ ଅନୁକୂଳ କରିବା ପାଇଁ ସଙ୍କଳ୍ପ ନିଆଯାଇଛି। ଏହି ଅଭିଯାନର ଅଂଶ ଭାବେ ଦୋନା-ପତାଲ ଭେଣ୍ଡରମାନଙ୍କର ବିଭିନ୍ନ ଦୋକାନଗୁଡିକୁ ମେଳା ଅଂଚଳ ଆବଂଟନ କରାଯିବ ଏବଂ ସ୍ୱଚ୍ଛତା ସମ୍ପର୍କରେ ଆଲୋଚନା କରିବା ପାଇଁ ୪୦୦ ସ୍କୁଲର ପ୍ରିନ୍ସିପାଲଙ୍କ ସହ ବୈଠକ କରାଯାଇଛି, ଏକ ସ୍ୱଚ୍ଛ ମହାକୁମ୍ଭ ଅଭିଯାନ ସମ୍ପର୍କରେ ପ୍ରୟାଗରାଜର ୪ ଲକ୍ଷ ଛାତ୍ରଛାତ୍ରୀ ଓ ଏହାର ୫ ଗୁଣ ଜନତାଙ୍କୁ ଅବଗତ କରାଯାଉଛି । 'ହର୍ ଘର ଦସ୍ତକ' କ୍ୟାମ୍ପେନ ଅଧିନରେ ଏକ ସିଙ୍ଗଲ-ୟୁଜ ପ୍ଲାଷ୍ଟିକ-ଫ୍ରି ପରିବେଶର ବାର୍ତ୍ତାକୁ ପ୍ରତ୍ୟେକ ଘରଗୁଡିକରେ ପହଂଚାଯାଉଛି । ପ୍ରୟାଗରାଜରେ ହାରାହାରି ୩ ଲକ୍ଷ ଗଛ ଲଗାଯାଇଥିବା ବେଳେ ଉତରପ୍ରଦେଶ ସରକାର ମେଳା ଶେଷ ହେବା ପରେ ମଧ୍ୟ ସେଗୁଡିକର ଯତ୍ନ ନେବା ଓ ରକ୍ଷଣାବେକ୍ଷଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ଏଥିରେ ମହାକୁମ୍ଭରେ କଳ୍ପୱାସ ପାଳନ କରୁଥିବା ତୀର୍ଥଯାତ୍ରୀ, ସାଧୁ, ସନ୍ଥ ଏବଂ ପର୍ଯ୍ୟଟକଙ୍କ ପାଇଁ ସ୍ୱାସ୍ଥ୍ୟସେବାର ବ୍ୟବସ୍ଥା କରାଯାଇଛି । ବହୁସଂଖ୍ୟକ ସ୍ପେଶାଲିଷ୍ଟ ଡାକ୍ତରଙ୍କୁ ନିୟୋଜିତ କରାଯାଇଛି। ପ୍ୟାରେଡ ଗ୍ରାଉଣ୍ଡରେ ୧୦୦ଟି ବେଡ୍ ବିଶିଷ୍ଟ ହସ୍ପିଟାଲ ସ୍ଥାପନ କରାଯାଇଛି । ୨୦ଟି ଲେଖାଏଁ ବେଡ୍ ସହିତ ଆଉ ଦୁଇଟି ହସ୍ପିଟାଲ ଓ ୮ଟି ବେଡ୍ ସହିତ ଛୋଟ ଛୋଟ ହସ୍ପିଟାଲଗୁଡିକୁ ମଧ୍ୟ ପ୍ରସ୍ତୁତ କରାଯାଇଛି। ମେଳା ଅଂଚଳ ଓ ଆରେଲରେ ଆର୍ମି ହସ୍ପିଟାଲ ଦ୍ୱାରା ଦୁଇଟି ୧୦ଟି ବେଡ୍ ବିଶିଷ୍ଟ ଆଇସିୟୁ ସ୍ଥାପନ କରାଯାଇଛି । ଏହି ହସ୍ପିଟାଲଗୁଡିକରେ ଡାକ୍ତରମାନେ ୨୪ ଘଂଟା ଡ୍ୟୁଟିରେ ରହିବେ ।

# ସହରରୁ ଗାଁ - ବଢୁଛି ନିଶା



**ଭୁବନେଶ୍ୱର, ୮।୧୨-(ତଥ୍ୟ)** ଓଡ଼ିଶାରେ ନିଶାଡିଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ ଗାଁରୁ ରାଜଧାନୀ ପର୍ଯ୍ୟନ୍ତ ବଢ଼ି ଚାଲିଥିବାବେଳେ ମଦ ଓ ଅନ୍ୟାନ୍ୟ ନିଶାର ପ୍ରସାର ଏବଂ ସରକାରଙ୍କ ରାଜସ୍ୱ ଆୟ ମଧ୍ୟ ହୁ ହୁ ହୋଇ ବଢୁଛି।

୨୦୦୦ ମସିହା ବେଳକୁ ଓଡ଼ିଶାର ବାର୍ଷିକ ଅବକାରୀ ରାଜସ୍ୱ ପରିମାଣ ୧୪୦ କୋଟି ଟଙ୍କାରୁ କମ୍ ଥିବାବେଳେ ୨୦୨୩-୨୪ ବର୍ଷରେ ଅବକାରୀ ସାମଗ୍ରୀରୁ ଭାଟ୍‌କୁ ମିଶାଇ ସରକାର ୧୦, ୧୮୨ କୋଟି ୨୪ଲକ୍ଷ ଟଙ୍କା ଆଦାୟ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଏହାର ପରିମାଣ ଆହୁରି ଅଧିକ ବଢ଼ିପାରେ।

ମଦମୁକ୍ତି ଆନ୍ଦୋଳନ ସହିତ ଚାରି ଦଶନ୍ଧି ଧରି ଜଡିତ ଥିବା ପୁରୁଖା କର୍ମୀ, ଅବସରପ୍ରାପ୍ତ ଅବକାରୀ ଓ ପୁଲିସ୍ ଅଧିକାରୀମାନେ ସ୍ୱୀକାର କରୁଛନ୍ତି ଯେ ରାଜ୍ୟରେ ଯେତେ ପରିମାଣର ମଦ ଓ ଅନ୍ୟାନ୍ୟ ନିଶା ସାମଗ୍ରୀ ସରକାରଙ୍କ ଲାଇସେନ୍ସପ୍ରାପ୍ତ ଦୋକାନ ମାଧ୍ୟମରେ ମିଳୁଛି ତାହାର ୫ରୁ ୧୦ଗୁଣ ଚୋରା ବଜାରରେ ଶସ୍ତା ଦରରେ ଉପଲବ୍ଧ ହେଉଛି। ଯେତେ ପରିମାଣର ଚୋରା ମଦ, ଗଞ୍ଜେଇ ଓ ଅନ୍ୟ ନିଶା ସାମଗ୍ରୀ ଜବତ କରାଯାଉଛି ତାହାର ଢେର ଅଧିକଗୁଣ ଚୋରା ବେପାରୀମାନେ ନିଶାଡିଙ୍କୁ ଯୋଗାଇ ପ୍ରଚୁର ମୁନାଫା ଉଠାଉଛନ୍ତି।

ସରକାରୀ ତଥ୍ୟ ମୁତାବକ ୨୦୨୦-୨୧ ବର୍ଷରେ ରାଜ୍ୟରେ ୪କୋଟି ୬ଲକ୍ଷ ଲଣ୍ଡନପ୍ରୁଫ୍ ଲିଟର ଭାରତ ତିଆରି ବିଦେଶୀ ମଦ କାରବାର ହୋଇଥିବାବେଳେ ୨୦୨୩-୨୪ ବର୍ଷରେ ଏହାର ପରିମାଣ ପାଖାପାଖି ୫କୋଟି ୯୦ଲକ୍ଷ ଲିଟରରେ ପହଞ୍ଚିଛି। ସେହିଭଳି ୨୦୨୧-୨୨ ବର୍ଷରେ ସରକାରଙ୍କ ଲାଇସେନ୍ସପ୍ରାପ୍ତ ଦୋକାନଗୁଡିକ ୭୧ଲକ୍ଷ ଲଣ୍ଡନପ୍ରୁଫ୍ ଲିଟର ଦେଶୀମଦ ଉଠାଇଥିବାବେଳେ ଗତବର୍ଷ ଏହାର ପରିମାଣ ୯୮ଲକ୍ଷ ଲିଟରକୁ ଟପିଯାଇଛି।

କେବଳ ସେତିକି ନୁହେଁ, ଓଡ଼ିଶାରେ ବିୟର ବ୍ୟବହାର ମଧ୍ୟ ହୁ ହୁ ହୋଇ ବଢୁଛି। ୨୦୨୦-୨୧ ବର୍ଷରେ ସରକାରୀ ଲାଇସେନ୍ସପ୍ରାପ୍ତ ଦୋକାନଗୁଡିକ ୪କୋଟି ୭୧ଲକ୍ଷ ଲିଟର ବିୟର ମଦୁଆମାନଙ୍କ ପାଇଁ ଉଠାଇଥିବାବେଳେ ଗତ ଆର୍ଥିକବର୍ଷରେ ଏହାର ପରିମାଣ ପାଖପାଖି ୧୬କୋଟି ଲିଟରରେ ପହଞ୍ଚିଛି। ସେହିପରି ଓଡ଼ିଶାରେ ବାହାରଭାଟି ମଦର ବ୍ୟବହାର ମଧ୍ୟ ବଢ଼ି ବଢ଼ି ଗତ ଆର୍ଥିକ ବର୍ଷରେ ପାଖାପାଖି ୭କୋଟି ଲିଟରରେ ପହଞ୍ଚିଥିଲା। ମୋଟାମୋଟି ଭାବେ ଏହି ୪କିସମର ମଦ ଓ ବିୟର ୨୦୨୩-୨୪ ବର୍ଷରେ ଓଡ଼ିଶାରେ ଉଠାଣ ହୋଇଛି ପାଖାପାଖି ୩୦କୋଟି ଲିଟର।

ଚଢାଉବେଳେ ଅନେକ ସରକାରୀ ଲାଇସେନ୍ସପ୍ରାପ୍ତ ବିଦେଶୀ ଓ ଦେଶୀ ମଦଦୋକାନରେ ନକଲି ମଦ ଧରାପଡୁଛି। ଖୋଦ ରାଜଧାନୀରେ ନିଜେ ଅବକାରୀ କମିଶନରଙ୍କ ଉପସ୍ଥିତିରେ ଏଭଳି ନକଲି ବିଦେଶୀ ମଦର ଶହ ଶହ ବୋତଲ ବୁଲଡୋଜର ଚଢାଇ ନଷ୍ଟ କରାଯାଇଛି। ଏହାଛଡା ହଜାର ହଜାର ଲିଟର ଦେଶୀମଦ ସମେତ ଅନ୍ୟାନ୍ୟ ମଦ ମଧ୍ୟ ବେଆଇନ୍ ଭାଟିରୁ ଧରାପଡ଼ିଛି। କେତେକ କ୍ଷେତ୍ରରେ କିଛି ଅସାଧୁ ମଦ ବ୍ୟବସାୟୀ ସହରାଞ୍ଚଳରୁ ଗାଁ ଗହଳ ପର୍ଯ୍ୟନ୍ତ ବିଭିନ୍ନ ଦୋକାନରେ ଚୋରା ମଦର ବେପାର କୋଚିଆମାନଙ୍କ ମାଧ୍ୟମରେ କରାଉଛନ୍ତି।

ବେସରକାରୀ ଭାବେ ଆଶଙ୍କା କରାଯାଉଛି ଯେ ଓଡ଼ିଶାରେ ଏବେ ମଦୁଆଙ୍କ ସଂଖ୍ୟା କୋଟିଏ ୬୦ଲକ୍ଷ ଟପିଲାଣି। ବ୍ରାଉନସୁଗାର, ଗଞ୍ଜେଇ ସମେତ ଅନ୍ୟାନ୍ୟ ନିଶା ସାମଗ୍ରୀ ଗାଁ ଗହଳରୁ ରାଜଧାନୀ ପର୍ଯ୍ୟନ୍ତ ଚାରିଆଡେ ଛାଇହୋଇ ଯାଉଛି। ଗଞ୍ଜେଇ ଚାଷକୁ ମୂଳରୁ ନରୋକି ଅଳ୍ପ କେତେକ ସ୍ଥାନରେ ପରବର୍ତ୍ତୀ ସମୟରେ ଗଞ୍ଜେଇଗଛ ନଷ୍ଟ କରାଯାଉଥିଲେ ମଧ୍ୟ ବିଭିନ୍ନ ରାଜ୍ୟ ଏମିତିକି ବିଦେଶକୁ ଗଞ୍ଜେଇ ଚାଲାଣ କ୍ଷେତ୍ରରେ ଓଡ଼ିଶାର ଦୁର୍ନାମ ବଢ଼ି ଚାଲିଛି। ସୁବର୍ଣ୍ଣ ଓଡ଼ିଶା ଓ ବିକଶିତ ଓଡ଼ିଶା ଗଠନ ପାଇଁ ଓଡ଼ିଶାକୁ ନିଶାମୁକ୍ତ କରିବା ଲାଗି ବିଜେପି ନିର୍ବାଚନ ପ୍ରତିଶ୍ରୁତି କେତେଦୂର ପାଳନ କରୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

# ୩୯ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚମ୍ପିୟାନସିପ୍‌ରେ ଓଡ଼ିଶାର ପ୍ରଥମ ସ୍ୱର୍ଣ୍ଣ ପଦକ




**ଭୁବନେଶ୍ୱର, ୮।୧୨ (ସଂଚାର ବ୍ୟୁରୋ) :** ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ଠାରେ ଚାଲିଥିବା ୩୯ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚମ୍ପିୟାନସିପ୍ ରେ ଆଜି ଓଡ଼ିଶାକୁ ପ୍ରଥମ ସ୍ୱର୍ଣ୍ଣ ପଦକ ମିଳିଛି। ୨୦ ବର୍ଷରୁ କମ୍ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଦଣ୍ଡପତି ଜୟରାମ ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ଜୟରାମଙ୍କ ଏହି ବିଜୟ ପରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ କଳିଙ୍ଗ ଷ୍ଟାଡିୟମ୍ ଠାରେ ସାକ୍ଷାତ କରି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ଆଗାମୀ ଦିନରେ ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାମାନଙ୍କରେ ନିଜର ଏହି ବିଜୟଗାଥା ଜାରି ରଖିବାକୁ ସେ ତାଙ୍କୁ ପ୍ରୋତ୍ସାହିତ କରିଥିଲେ। ଏଥିସହ ଜୟରାମଙ୍କ ଏହି ସ୍ୱର୍ଣ୍ଣିମ ବିଜୟ ଯୁବ କ୍ରୀଡ଼ାବିତ୍‌ଙ୍କୁ ପ୍ରେରଣା ଯୋଗାଇବା ସହ କ୍ରୀଡ଼ାକ୍ଷେତ୍ରରେ ନିଜର ଭବିଷ୍ୟତ ଗଠନ କରିବା ପାଇଁ ସମସ୍ତ ଯୁବ କ୍ରୀଡ଼ାବିତ୍ ମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି।

### ଜୀବନ ଅମୃତ ଅନୁଚିନ୍ତା

ସତ୍ୟର ପରାଜୟ ଅସମ୍ଭବ- ସତ୍ୟ ହେଉଛି ସୂର୍ଯ୍ୟଙ୍କ ଭଳି ତେଜିୟାନ ଏବଂ ଉଜ୍ଜଳ। ଏହାକୁ କେବେ ମେଘ ଢାଙ୍କିପାରିବ ନାହିଁ। କିଛି ସମୟ ପାଇଁ ଏହାକୁ ମେଘ ଆଂଶିକ ଭାବେ ଢାଙ୍କିପାରେ, କିନ୍ତୁ ସବୁ ଦିନ ନୁହେଁ। ସତ୍ୟକୁ ଅସତ୍ୟର କଳାବାଦଲ କେବେ ଚିରଦିନ କାଳ ଢାଙ୍କିପାରିବ ନାହିଁ। ସତ୍ୟର ବିଜୟ ଅନିବାର୍ଯ୍ୟ।

SANCHAR
ସଂଚାର

# ସଂଘ ପରିବାରର ମତ

ଭାରତର ଦାରୀଦ୍ର୍ୟ ଏବଂ ସବୁ ବ୍ୟତିକ୍ରମର ଏକ ମୁଖ୍ୟ କାରଣ ହେଲା ଜନ ବିସ୍ଫୋରଣ। ଚୀନକୁ ପଛରେ ପକାଇ ଭାରତ ଆଜି ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ହୋଇଛି। ଆକଳନ ଅନୁଯାୟୀ ଏବେ ଭାରତର ଜନସଂଖ୍ୟା ୧୪୦ କୋଟିରୁ ଅଧିକ ହେବ। ଆସନ୍ତା ବର୍ଷ ଜନଗଣନା ହେଲେ ପ୍ରକୃତ ଚିତ୍ର ସାମନାକୁ ଆସିବ। ସବୁ ଯୋଜନା କେବଳ ଜନପସଂଖ୍ୟା ବୃଦ୍ଧି ହେତୁ ବିଫଳ ହୋଇଯାଉଛି। ୧୪୦ କୋଟି ଲୋକଙ୍କୁ ଖାଦ୍ୟ, ବସ୍ତ୍ର, ଗୃହଂ ଯୋଗାଇବା କୌଣସି ସରକାର ପାଇଁ ସମ୍ଭବ ନୁହେଁ। ୧୪୦ କୋଟି ଲୋକଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ନିମନ୍ତେ ଯେଉଁ ଭିତ୍ତିଭୂମିର ଆବଶ୍ୟକତା ରହିଛି, ଯେଉଁ ବିପୁଳ ଅର୍ଥ ରାଶିର ଆବଶ୍ୟକତା ରହିଛି ତାହାକୁ ବହନ କରିବା ସରକାରଙ୍କ ପାଇଁ ସମ୍ଭବ ନୁହେଁ। ଲଥିରେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସ୍ୱପ୍ନ ପୂରଣ ହୋଇପାରିବ ନାହିଁ। ଏଥିପାଇଁ ପ୍ରଥମ ଆବଶ୍ୟକତା ହେଲା ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା। ଜନସଂଖ୍ୟା ହ୍ରାସ ନହେଲେ ନାହିଁ, ଅନ୍ତତଃ ପକ୍ଷେ ଏହା ସ୍ଥିର ରହିବା ବଡ଼ କଥା ହେବ। ଏହା ଦ୍ୱାରା ବିଭିନ୍ନ ବିକାଶ ମୂଳକ ଏବଂ କଲ୍ୟାଣକାରୀ ଯୋଜନା କିଛିଟା ସଫଳ ହେବ। ଏଥିଲାଗି ଉଭୟ କେନ୍ଦ୍ର ଏବଂ ରାଜ୍ୟସରକାରମାନେ ଅନେକ ପଦକ୍ଷେପ ନେଉଛନ୍ତି। ଏ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ନିକଟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମୁଖ୍ୟ ମୋହନ ଭାଗବତ ସବୁ ଦମ୍ପତି ତିନିଟା ଛୁଆ ଜନ୍ମ କରିବାକୁ ପରାମର୍ଶ ଦେଇଛନ୍ତି। ଏହା ଦେଶରେ ଏବେ ଏକ ପ୍ରକାର ବିତର୍କର ବିଷୟ ପାଲଟିଛି। ମୋହନ ଭାଗବତ କାହିଁକି ଏପରି କହିଲେ ? ଏହା ଦ୍ୱାରା ଦେଶ ଏବଂ ସମାଜର କିପରି ଉନ୍ନତି ହେବ ? ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ନିମନ୍ତେ ଧାର୍ଯ୍ୟ ଲକ୍ଷ୍ୟ ଏହା ଦ୍ୱାରା କିପରି ହାସଲ ହୋଇପାରିବ ? ମୋହନଙ୍କ ଏହି ମତ ତାଙ୍କର ବ୍ୟକ୍ତିଗତ ମତ ନା ସଂଘର ତାହା ସ୍ପଷ୍ଟ ହୋଇନି। କିନ୍ତୁ ଏହା ସାଧାରଣ ଦୃଷ୍ଟିରୁ ଗ୍ରହଣୀୟ ମନେ ହେଉନି। ସମ୍ଭବତଃ ଭାରତରେ ହିନ୍ଦୁଙ୍କ ସଂଖ୍ୟା ବୃଦ୍ଧି ଲାଗି ମୋହନ ଏଭଳି କହିଥାଇପାରନ୍ତି। ଭାରତରେ ମୁସଲମାନଙ୍କ ସଂଖ୍ୟା ବୃଦ୍ଧିର ମୁକାବିଲା ନିମନ୍ତେ ସେ ଏପରି ଆହ୍ୱାନ କରିଥାଇପାରନ୍ତି। ଏହା ଉପରେ ସେ ସ୍ପଷ୍ଟିକରଣ ରଖିବା ଉଚିତ। ସେହିପରି ଭିନ୍ନ ଏକ ପ୍ରସଙ୍ଗରେ ମଧ୍ୟ ମୋହନେ ଭାଗବତଙ୍କ ମତ ବେଶ ଚର୍ଚ୍ଚିତ ହୋଇଛି। ଜାତି ଭିତ୍ତିକ ଜନଗଣନା ପ୍ରସଙ୍ଗ ଏବେ ଭାରତୀୟ ରାଜନୀତିରେ ଏକ ବିତର୍କ ଏବଂ ବିବାଦର ବିଷୟ ହୋଇଛି। ଏହାକୁ ବିଜେପି ବିରୋଧ କରୁଥିବା ବେଳେ ବାକି ସବୁ ଦଳ ସମର୍ଥନ କରୁଛନ୍ତି। ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଅଧିକାଂଶ ରାଜନୈତିକ ଦଳ ଏଭଳି ଚିନ୍ତାଧାରାର ବଶବର୍ତ୍ତୀ ହୋଇଛନ୍ତି। କିଏ କାହିଁକି ଏକଥା ଉଠାଇଲା ତାହା ପ୍ରଶ୍ନବାଚୀ। କେବଳ ସମାଜକୁ ଜାତି ଭିତ୍ତିରେ ବିଭାଜିତ କରିବା ଏବଂ ଜାତିଭିତ୍ତିକ ବିଭେଦ ସୃଷ୍ଟି କରିବା ହେଉଛି ଏହା ଉଦ୍ଦେଶ୍ୟ। ଏହା ଏକ ଦେଶ ବିରୋଧୀ ଚିନ୍ତାଧାରା। ତେବେ ନିକଟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଏହା ଉପରେ ସ୍ୱତନ୍ତ୍ର ମତ ଉପସ୍ଥାପନ କରାଯାଇଛି। ଆରଏସଏସ ପକ୍ଷରୁ କୁହାଯାଇଛି ଯେ, ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ହେଲେ ଜାତି ଭିତ୍ତିକ ଜନଗଣନାର ଆବଶ୍ୟକତା ଥାଇପାରେ। କିନ୍ତୁ ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି କରାଗଲେ ତାହା ବୁମେରାଂ ହେବ। ବିଜେପିର ମତ ବି ସମାନ। ୟୁପି, ବିହାର, ତାମିଲନାଡୁ ଇତ୍ୟାଦି ରାଜ୍ୟରେ ଜାତିଗତ ରାଜନୀତି ବେଶ ଉତ୍କଟ। ତେଣୁ ସେହିସବୁ ରାଜ୍ୟର ରାଜନୈତିକ ଦଳମାନେ ଏଭଳି ଦାବି କରିବା ସ୍ୱାଭାବିକ। ଭାରତୀୟ ସମାଜରେ ସବୁଠାରୁ ବଡ଼ ଦୁର୍ବଳତା ଏବଂ ତ୍ରୁଟି ହେଲା ଜାତିଗତ ବିଭେଦ। ହଜାର ହଜାର ବର୍ଷ ହେବ ଭାରତରେ ଏହି ଜାତି ବିଭେଦ ଯୋଗୁଁ ଅନେକ ଅନ୍ୟାୟ ଏବଂ ଶୋଷଣର ଶିକାର ହୋଇଛନ୍ତି। ଆଶା କରାଯାଉଥିଲା ଯେ, ସ୍ୱାଧୀନତା ପରେ ସ୍ୱାଧୀନ ଭାରତରେ ଜାତିଗତ ବିଭେଦ ରହିବ ନାହିଁ ଏବଂ ସମସ୍ତ ଭାରତବାସୀ ନିଜକୁ କେବଳ ଭାରତୀୟ ବୋଲି ପରିଚୟ ପ୍ରଦାନ କରିବେ। କିନ୍ତୁ ରାଜନୈତିକ ଷଡ଼ଯନ୍ତ୍ରରୁ ଏହି ଆଶା ନୈରାଶ୍ୟରେ ପରିଣତ ହେଲା। ପ୍ରଥମେ ସମ୍ବିଧାନରେ ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ହେଲା। ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗଙ୍କ ଲାଗି ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରୀରେ ସଂରକ୍ଷଣ ବ୍ୟବସ୍ଥା କରାଗଲା। କିନ୍ତୁ ବାବା ସାହେବ ଆମ୍ବେଦକର ଯେତେବେଳେ ଏହି ସଂରକ୍ଷଣ ବ୍ୟବସ୍ଥା କଲେ ସେତେବେଳେ ସେ ଭାବିନଥିଲେ ଯେ, ଏହି ବ୍ୟବସ୍ଥା ଭାରତୀୟ ସମାଜ ଲାଗି ଏକ ଅଭିଶାପରେ ପରିଣତ ହେବ। ଏହା ଅନନ୍ତ କାଳ ପର୍ଯ୍ୟନ୍ତ ଚାଲିବ ଏକଥା ସେ ଚିନ୍ତା କରିପାରିନଥିଲେ। କିନ୍ତୁ ଭାରତୀୟ ରାଜନୈତିକ ଦଳଗୁଡ଼ିକ କେବଳ ଭୋଟ ବ୍ୟାଙ୍କ ନିମନ୍ତେ ଏହାର ଅବଧିକୁ ବଢ଼ାଇ ଚାଲିଛନ୍ତି। ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, କ୍ୱେଣସି ପରିସ୍ଥିତିରେ ମଧ୍ୟ ମୋଟ ସଂରକ୍ଷଣ ସୀମା ୫୦%ରୁ ଅଧିକ ହେବ ନାହିଁ। କିନ୍ତୁ ଏବେ ଏହାର ଉଲ୍ଲଘଂନ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ୧୯୯୦ରେ ଭି ପି ସିଂହ ସରକାର ମଣ୍ଡଳ କମିଶନ ସୁପାରିସ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ଫଳରେ ଓବିସି ବର୍ଗ ପାଇଁ ୨୭% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ହେଲା। ଏହା ଦ୍ୱାରା ଭାରତରେ ଜାତି ଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ଆହୁରି ଜଟିଳ ହୋଇଗଲା। ସାମାଜିକ ବ୍ୟବସ୍ଥା ଆହୁରି ଖରାପ ହୋଇଗଲା। ଏବେ ଏହାକୁ ଆହୁରି ସମ୍ପ୍ରସାରିତ କରିବାକୁ ଉଦ୍ୟମ ହେଉଛି। ବିହାର ସରକାର ଏଥିପାଇଁ ଜିତିଭିତ୍ତକ ଜନଗଣନା କରିଛନ୍ତି। ଏହାକୁ କଂଗ୍ରେସ ମଧ୍ୟ ସମର୍ଥନ କରୁଛି ଏବଂ ସାରା ଦେଶରେ ଜାତିଭିତ୍ତିକ ଜନଗଣନା କରିବାକୁ ଦାବି କରୁଛି। ଜାତି ଭିତ୍ତିରେ ଭାରତକୁ ଭାଗ ଭାଗ କରିବାକୁ ଏହା ପଥ ଉନ୍ମୁକ୍ତ କରିଦେବ ସଥିରେ ସନ୍ଦେହ ନାହିଁ। ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ବେଳେ ଏକ ଜନସଭାରେ କହିଥିଲେ ଯେ, କଂଗ୍ରେସ କେନ୍ଦ୍ରରେ କ୍ଷମତାକୁ ଆସିଲେ ଜାତିଭିତ୍ତିକ ଜନଗଣନା କରାଇବ। କର୍ଣ୍ଣାଟକରେ କଂଗ୍ରେସ ସରକାର ଏଥିଲାଗି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ରାହୁଲ ଯାହା କହିଛନ୍ତି ତାହା ବିସ୍ମୟଜନକ ଏବଂ ସମାଜ ପାଇଁ ବିପଜ୍ଜନକ। ସେ କହିଛନ୍ତି ଯେ, ଦେଶର ମୋଟ ଜନସଂଖ୍ୟାର ୫୦ ପ୍ରତିଶତ ହେଉଛନ୍ତି ଓବିସି ବର୍ଗର। କିନ୍ତୁ କେନ୍ଦ୍ରରେ ବିଭିନ୍ନ ବିଭାଗର ସଚିବ ପଦରେ ଥିବା ଆଇଏଏସଙ୍କ ମଧ୍ୟରୁ ମାତ୍ର ୩% ହେଉଛନ୍ତି ଓବିସି ବର୍ଗର। ତାଙ୍କ କହିବା କଥା ହେଲା ଯେଉଁ ବର୍ଗର ସଂଖ୍ୟା ଯେତିକି, ସେହି ବର୍ଗ ପାଇଁ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରୀରେ ସେତିକି ସ୍ଥାନ ସଂରକ୍ଷଣ ରହିବା ଉଚିତ। ଅଳ୍ପବିଦ୍ୟା ଭୟଙ୍କରୀ ଭଳି ରାହୁଲଙ୍କ ଏହି ମନ୍ତବ୍ୟ ଏବଂ ଚିନ୍ତାଧାରା ଭାରତୀୟ ସମାଜ ପାଇଁ ଏକ ଅଭିଶାପରେ ପରିଣତ ହେବ। ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ଅଧ୍ୟାପକ, ବିଚାରପତି, ପ୍ରଶାସନିକ ଅଧିକାରୀ ଚୟନ ବେଳେ କେବଳ ଯୋଗ୍ୟତା ହିଁ ଚୟନର ମାପକାଠି ହେବା ଉଚିତ। ଜାତି ଭିତ୍ତିରେ ଯୋଗ୍ୟତା ନିର୍ଣ୍ଣୟ କଦାପି ଗ୍ରହଣୀୟ ନୁହେଁ। ଜଣେ ଉଚ୍ଚ ଜାତିର ପିଲା ଯୋଗ୍ୟତା ଥାଇ ମଧ୍ୟ ସିଭିଲ ସର୍ଭିସରୁ ବଞ୍ଚିତ ହେବ ଏବଂ ଜଣେ ଓବିସି ବର୍ଗର ଧନୀ ପିଲା ଅଧା ଯୋଗ୍ୟତା ଥାଇ ଆଇଏଏସ ଅଫିସର ହୋଇ ବସିବ ଏହା କଦାପି ନ୍ୟାୟ ସଙ୍ଗତ ନୁହେଁ। ଏହା ଭାରତୀୟ ସମାଜକୁ ଆହୁରି ପଙ୍କିଳ ଏବଂ ବିଭାଜିତ କରିବ। ଏହା ଦେଶରେ ଏକ ପ୍ରକାର ଗୃହ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି କରିପାରେ। ସଂରକ୍ଷଣ ବ୍ୟବସ୍ଥା ସଭ୍ୟ ସମାଜ ପାଇଁ ଏକ କଳଙ୍କ। ଏହା ଆଦି ଅନନ୍ତକାଳ ପର୍ଯ୍ୟନ୍ତ ଚାଲିପାରିବ ନାହିଁ। ଏହି କଳଙ୍କକୁ ଯେତେ ଶୀଘ୍ର ବିଲୋପ କରାଯିବ ଦେଶ ପାଇଁ ତାହା ସେତେ ମଙ୍ଗଳକର ହେବ। କିନ୍ତୁ ରାହୁଲ ଏବଂ ତାଙ୍କ ସହଯୋଗୀମାନେ ଜାତିଭିତ୍ତିକ ଜନଗଣନା କରି ସମାଜକୁ ଅଧିକ ବିଷାକ୍ତ କରିବାକୁ ପ୍ରୟାସ କରୁଛନ୍ତି। ଏଥିରୁ ସେ ନିବୃତ୍ତ ରହିବା ଉଚିତ। ଆଜି ଯଦି ଦେଶରେ ଜାତି ଭିତ୍ତିକ ଜନଗଣନା ହୁଏ ଏବଂ ସଂରକ୍ଷଣ ବ୍ୟବସ୍ଥାକୁ ଆହୁରି ସମ୍ପ୍ରସାରିତ କରାଯାଏ ତେବେ ଏହାର ପ୍ରତିଫଳ ଦିନେ ନା ଦିନେ ଆମକୁ ଭୋଗିବାକୁ ପଡ଼ିବ। ଯଦି ଯୋଗ୍ୟ ବ୍ୟକ୍ତି ଭାରତରେ ନ୍ୟାୟ ପାଇପାରିବ ନାହିଁ ଏବଂ ଜାତି ଆଧାରରେ ଅଯୋଗ୍ୟ ବ୍ୟକ୍ତି ଉଚ୍ଚ ଆସନରେ ବସିବ ତେବେ ଯୋଗ୍ୟ ବ୍ୟକ୍ତି ଶେଷରେ ବିଦେଶ ଚାଲିଯିବାକୁ ବାଧ୍ୟ ହେବ।

## ସମ୍ପାଦକଙ୍କୁ ପତ୍ର

### ଝାରସୁଗୁଡ଼ାକୁ ନିୟମିତ ବିମାନ ସେବା

ମହାଶୟ,

ଉଡ଼ାନ ଯୋଜନାରେ ଦେଶର ଅନେକ ଛୋଟ ଛୋଟ ସହରକୁ ବିମାନ ସଂଯୋଗ ହୋଇପାରିଛି। ପଶ୍ଚିମ ଓଡ଼ିଶାର ମୁଖ୍ୟ ଶିଳ୍ପ ଓ ବାଣିଜ୍ୟ କେନ୍ଦ୍ର ଝାରସୁଗୁଡ଼ା ମଧ୍ୟ ଏଥିରେ ସାମିଲ ହୋଇଛି। ଏହି ବିମାନ ବନ୍ଦରର ବାସ୍ତବରେ ସମ୍ବଲପୁର ସହରରେ ହେବା ଉଚିତ ଥିଲା। ଯାହା ବି ହେଉ ଝାରସୁଗୁଡ଼ା ବିମାନ ବନ୍ଦରକୁ ଭୁବନେଶ୍ୱରରୁ ନିୟମିତ ବିମାନ ଚଳାଚଳ କରିବା ଉଚିତ। ଏହା ଦ୍ୱାରା ଉପକୂଳ ଏବଂ ପଶ୍ଚିମ ଓଡ଼ିଶା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇପାରିବ।

ମନମୋହନ ରଥ, ବ୍ରଜରାଜନଗର

# ଅଶାନ୍ତସ୍ୟ କୁତଃ ସୁଖଂ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ଆଜିର ପାର୍ଥିବ ଓ ଜାଗତିକ ସଂସାରରେ ସମସ୍ତେ ଶାନ୍ତିପୂର୍ଣ୍ଣ ସହବସ୍ଥାନ ଚାହାଁନ୍ତି। କହିବାକୁଗଲେ ସର୍ବଦା ଶାନ୍ତି ପ୍ରାପ୍ତ ନିମିତ୍ତ ସମସ୍ତେ ଆଶା ରଖନ୍ତି। ମାତ୍ର ଏହି ଶାନ୍ତି କେଉଁଠାରୁ ପ୍ରାପ୍ତ ହେବ ସେ ସମ୍ବନ୍ଧରେ କେହି କେବେ ଚିନ୍ତାର ଅବକାଶ ରଖନ୍ତିନାହିଁ। କିନ୍ତୁ ପ୍ରକୃତ କଥା ହେଉଛି ଶାନ୍ତି ଆମ ଭିତରୁ ସୃଷ୍ଟି ହୋଇ ବାହାରକୁ ଖେଳିଯିବା ଦରକାର। ଆମ ସମସ୍ତଙ୍କ ଜୀବନ ଅନେକ ପ୍ରକାରେ ଖଣ୍ଡବିଖଣ୍ଡିତ ହୋଇଛି। ଆମେ ଏମିତି ଜୀବନ କାଟୁଛେ ଯେଉଁଥିରେ ବ୍ୟକ୍ତି ଅନେକ ଭାଗରେ ବାଣ୍ଟି ହୋଇଯାଉଛି। ଆମ ପାଖରେ ଏକ ଭୌତିକ ଶରୀର ଅଛି, ମନ ଓ ବୁଦ୍ଧି ଅଛି, ଭାବନା ଅଛି ଏବଂ ଆମର ଏକ ଆଧ୍ୟାତ୍ମିକ ପକ୍ଷ ମଧ୍ୟ ଅଛି। ଅଧିକାଂଶ ଲୋକ ନିଜର ଆଧ୍ୟାତ୍ମିକ ପକ୍ଷ ପ୍ରତି ସଚେତନ ନୁହଁନ୍ତି। ଏହି ପ୍ରସଙ୍ଗରେ ଯୁଗାବତାର ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଶାନ୍ତ ଭାବ ମାନେ ସାମ୍ୟ ଅବସ୍ଥା। ପ୍ରବୃତ୍ତି ଅଭିଭୂତି ଓ ସ୍ୱାର୍ଥାନ୍ଧତାର ଆକୁଳ ବିକୁଳ ଯେତେ କମିଯାଏ, ମନୁଷ୍ୟ ସେତେ ଶାନ୍ତ ହୁଏ। ଶାନ୍ତ ଅବସ୍ଥାରେ ସତ୍ ବା ଅସ୍ତିତ୍ୱ ପ୍ରତି ପ୍ରେମ ଜାଗେ। ମନୁଷ୍ୟ ଗୁରୁମୁଖୀ ଓ ଈଶ୍ୱରମୁଖୀ ହୁଏ। ଅନ୍ତର ଭିତରେ ସେବା ମନୋଭାବ ଜାଗି ଉଠେ। ଗୁରୁ ହେଉଛନ୍ତି ଭଗବାନଙ୍କର ସାକାର ମୂର୍ତ୍ତି ଓ ଅଖଣ୍ଡ। ଗୁରୁଙ୍କୁ ସେବା କରୁ କରୁ ମନୁଷ୍ୟ ଭିତରେ ଦାସ୍ୟ ଭାବ, ସଖ୍ୟ ଭାବ, ବାତ୍ସଲ୍ୟଭାବ, ମଧୁରଭାବ ଓ ସନ୍ନ୍ୟାସଭାବ ଜାଗ୍ରତ ହୁଏ। ମଧୁର ଭାବର ତାତ୍ପର୍ଯ୍ୟ ହେଉଛି, ନିଜର ଜୀବନ ଓ ଚରିତ୍ରକୁ ସର୍ବତୋ ଭାବରେ ଗୁରୁଙ୍କର ଉପଭୋଗ୍ୟ କରି ଉଠାଇ ନିଜେ ସୁଖୀ ହେବା। ଆଉ ଏହା ହିଁ ହେଉଛି ଶାନ୍ତ ବା ସମାହିତ ଅବସ୍ଥା।

ଶାନ୍ତିର ପ୍ରଥମ ସୋପାନ ଅହିଂସା। ଏଥିପାଇଁ ସବୁଠାରୁ ପ୍ରଥମେ ଶବ୍ଦରେ ଅହିଂସା ଆଚରଣ କରିବାକୁ ହେବ। ଲକ୍ଷ୍ୟ ରଖିବାକୁ ହେବ ଯେପରି ଆମ ଓଠରୁ ଏମିତି ଶବ୍ଦ ବାହାରି ନଯାଉ ଯାହା ଅନ୍ୟକୁ କଷ୍ଟ ଦେବ। ଯଦି ସମ୍ଭବ ଆମର କଥା ଏମିତି ହେବା ଦରକାର ଯାହା ଦୁଃଖୀ ହୃଦୟ ପାଇଁ ମଲମ ହେବ। ଯଦି ହୃଦୟରେ କେହି ଦୁଃଖର ବୋଝ ନେଇ ଆମ ପାଖକୁ ଆସିଛି, ସେ ଆମ ପାଖରୁ ଯିବାବେଳେ ତା' ହୃଦୟର ଦୁଃଖ ହାଲ୍କା ହୋଇଯାଇଥିବା ଆବଶ୍ୟକ। ତା'ର ହୃଦୟକୁ ଶାନ୍ତି ମିଳିବା ଉଚିତ। ଏଥିସହ ମନରୁ ଚିନ୍ତା ଓ ଡ଼ର ମଧ୍ୟ ଚାଲିଯିବା ଦରକାର। ଶାନ୍ତିର ଦ୍ୱିତୀୟ ସୋପାନ ପ୍ରେମ। ଆମ ଭିତରେ ଏମିତି ପ୍ରେମଭାବ ରହିବା ଆବଶ୍ୟକ ଯାହା ସବୁ ସୀମାର ବନ୍ଧନରୁ ମୁକ୍ତ ହୋଇଥିବ। ଆମ ପାଖକୁ ଯିଏ ବି ଆସୁ, ସେ ଯେଉଁ ଧର୍ମର, ଯେଉଁ ଲିଙ୍ଗର, ଯେଉଁ ଦେଶର ହୋଇଥାଉ ନା କାହିଁକି, ଆମେ ତାକୁ ପ୍ରେମର ବନ୍ଧନରେ ବାନ୍ଧିନେବା ଆବଶ୍ୟକ। ବାହ୍ୟ ସୌନ୍ଦର୍ଯ୍ୟରେ ବିମୋହିତ ହୋଇଯିବା ଅପେକ୍ଷା ଆମେ ସମସ୍ତଙ୍କ ହୃଦୟର ସୌନ୍ଦର୍ଯ୍ୟକୁ ବୁଝିପାରିବା ଆବଶ୍ୟକ। ଆମ ଦୁଆରକୁ ଯିଏ ବି ଆସୁ, ସେ ପ୍ରେମର ଅନନ୍ୟ ଅନୁଭବ ନେଇ ଫେରୁ, ଯାହା କି ସେ ଅନ୍ୟ କେଉଁଠାରେ ମଧ୍ୟ ପାଇ ନଥିବ। ଏହାପରେ ଆମ ଠାରୁ ଅନ୍ୟଜଣେ ଯାହା ବି ପାଇବ ତାହା ଅଶାନ୍ତିର କାରଣ ହେବନି। ଶାନ୍ତି ମିଳିବାର ତୃତୀୟ ସୋପାନ ସତ୍ୟ। ଆମେ ସବୁବେଳେ ନିଜ ପ୍ରତି ସ୍ୱଚ୍ଛ ରହିବା, ଜୀବନର ପ୍ରତି ମୋଡ଼ରେ ସତ୍ କହିବା ଓ ସତ୍ ଜୀବନ ଜିଇବା। ଆମେ କାହାକୁ ଧୋକା ଦେବାନି କିମ୍ବା କାହାପ୍ରତି କପଟ ଆଚରଣ କରିବା ନାହିଁ। ଆଖପାଖର ସମସ୍ତେ ଅସ୍ୱଚ୍ଛ ହୋଇଗଲେ ବି ଆମେ ଆଦର୍ଶରୁ ବିଚ୍ୟୁତ ହେବାନାହିଁ। ଆମେ ଆମର ସମ୍ବନ୍ଧ ପ୍ରତି ନିଷ୍ଠାବାନ ଓ ସଚ୍ଚୋଟ ରହିବା। ଯାହାକୁ ଆମେ ଭଲପାଏ ତାକୁ ମିଛ କହିଲେ ସେ ଜାଣିପାରେ ଓ କଷ୍ଟପାଏ ସେଥିରେ। ଏହାଦ୍ୱାରା ଆମର ସମ୍ପର୍କ ଓ ଚରିତ୍ର ଉଭୟ ନଷ୍ଟ ହୁଏ। ତେଣୁ ଯେଉଁ ବିଚାର ହୃଦୟରେ ଅଛି ତାହା ବାକ୍ୟ ଓ କର୍ମରେ ପ୍ରକାଶିତ ହେବା ଉଚିତ୍।

ଆମେ ଅଳ୍ପ କିଛି ସମୟ ପାଇଁ ଅନ୍ୟକୁ ଧୋକା ଦେଇପାରିବା, ମାତ୍ର ଈଶ୍ୱରଙ୍କ ଦୃଷ୍ଟିକୁ ଧୋକା ଦେଇପାରିବା ନାହିଁ। ସବୁବେଳେ ସତ୍ୟର ହିଁ ବିଜୟ ହୁଏ। ଶାନ୍ତିର ମୂଳଦୁଆ ନମ୍ରତା। ନମ୍ରତାର ଅର୍ଥ ଆମ ମନରେ



ଏହି ବିଚାର ଆସିବ - ଆମେ ସମସ୍ତେ ଗୋଟିଏ ସୃଷ୍ଟିର ଅଂଶ। କେବଳ ଈଶ୍ୱର ହିଁ ମହାନ। ଈଶ୍ୱରଙ୍କ ଆଗରେ ଆମେ ସାମାନ୍ୟ ବାଳକ। ତାଙ୍କ ବିନା ଆମର ଅସ୍ତିତ୍ୱ ନାହିଁ। ନମ୍ରତା ଦ୍ୱାରା ଅନ୍ୟର ବିଶେଷତ୍ୱର ସମ୍ମାନ କରିବା ଶିଖନ୍ତୁ ଏବଂ ନିଜ ପାଖରେ ଥିବା ଗୁଣ ନିମନ୍ତେ ଈଶ୍ୱରଙ୍କ ଠାରେ କୃତଜ୍ଞ ରୁହନ୍ତୁ। ନମ୍ରତାରେ ଆମେ ସେହି ଘୃଣା ଓ କଠୋରତାକୁ ଶେଷ କରିପାରିବା ଯାହାକି ଆଜି ବିଭିନ୍ନ ଧର୍ମ, ଜାତି, ଭାଷା ଓ ସମ୍ପ୍ରଦାୟ ମଧ୍ୟରେ ଖେଳିଯାଇଛି। ନମ୍ରତା ଆମ ସମସ୍ତଙ୍କୁ ଏକ କରିପାରିବ, ହିଂସା ଓ ଯୁଦ୍ଧକୁ ଶେଷ କରିପାରିବ। ଯେତେବେଳେ ଆମେ ଆମର ଆତ୍ମା ସହ ସଂଯୁକ୍ତ ହୁଏ, ସେତେବେଳେ ଈଶ୍ୱରଙ୍କ ସହ ମଧ୍ୟ ସଂଯୁକ୍ତ ହୁଏ। ଈଶ୍ୱରଙ୍କ ପାଖରେ ସବୁକିଛି ଅଛି ଏବଂ ସବୁକିଛି ପ୍ରଭୁଙ୍କର। ଏହି ଭାବନା ଆମ ମନରେ ଶାନ୍ତି ଦିଏ। ଯେତେବେଳେ ଆମେ ନିଜ ଆତ୍ମା ସହ ସଂଯୁକ୍ତ ହୁଏ ସେତେବେଳେ ପ୍ରେମ, ଶାନ୍ତି, ଆନନ୍ଦ ଓ ସନ୍ତୋଷ ନିଜ ଭିତରେ ପାଏ। ତେଣୁ ଆମର ସମସ୍ତେ ନିଜକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ, ଏହାଦ୍ୱାରା ଆମେ ସାରା ଦୁନିଆକୁ ସମ୍ପୂର୍ଣ୍ଣ କରିପାରିବା। ସବୁଠାରୁ ବଡ଼ କଥା ଏହାଦ୍ୱାରା ଆମେ ଦୁନିଆକୁ ସୁସ୍ଥ ଓ ଶାନ୍ତିମୟ କରିପାରିବା।

ଶାନ୍ତି ମାନେ ମନର ଗତିହୀନ ଅବସ୍ଥା ନୁହେଁ, ସୁକେନ୍ଦ୍ରିକ ଓ ସକ୍ରିୟ ଭାବେ ଚାଲିବା ଦ୍ୱାରା ମନର ଯେଉଁ ଅବସ୍ଥା ଆସେ ତାହା ହିଁ ଶାନ୍ତି। ସୁକେନ୍ଦ୍ରିକ କର୍ମ ମାଧ୍ୟମରେ ସାଫଲ୍ୟ ଆସିଲେ ହିଁ ଶାନ୍ତି ପ୍ରାପ୍ତି ହୁଏ। ଶାନ୍ତି ମାନେ ସାମ୍ୟହରା ଅବସ୍ଥା ନୁହେଁ, ନିନଡ ଅବସ୍ଥା ନୁହେଁ। ପରିବର୍ତ୍ତନ ମଧ୍ୟରେ ସମତା ହିଁ ଶାନ୍ତି। ଅତୁଟ ଭକ୍ତି ଓ ଅନୁରାଗ ଆତ୍ମମାନଙ୍କୁ ଶାନ୍ତି ଆଣିଦେଇପାରେ। ସୁକେନ୍ଦ୍ରିକ ନ ହେଲେ ମନ ସ୍ୱତଃ ହିଁ ବିଚ୍ଛିନ୍ନ ହୁଏ ଓ ଭାଙ୍ଗିଯାଏ। ଶାନ୍ତିର ଏକମାତ୍ର ପଥ ହେଉଛି ପ୍ରବୃତ୍ତି-ଅଭିଭୂତିରୁ ମୁକ୍ତି ଓ ଇଷ୍ଟ ବା ଗୁରୁଙ୍କ ଠାରେ ଆତ୍ମ ସମର୍ପଣ। ପ୍ରବୃତ୍ତି ଅଭିଭୂତ ହେଲେ ସତ୍ତା ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଏ। ଶାନ୍ତିର ପଥ ହେଲା ଇଷ୍ଟ ବା ସଦ୍‌ଗୁରୁଙ୍କ ଠାରେ ଅଚ୍ୟୁତ ନିଷ୍ଠା ଓ ଇଷ୍ଟସ୍ୱାର୍ଥପ୍ରତିଷ୍ଠାପନ୍ନ ହେବା। ଇଷ୍ଟ ହେଉଛନ୍ତି ଖୁଣ୍ଟି। ସତ୍ତା ସମ୍ବର୍ଦ୍ଧନା ସମ୍ବନ୍ଧୀୟ ଜ୍ଞାନ ଯିଏ ଆଚରଣ କରି ଜାଣିଛନ୍ତି ସେ ହିଁ ଇଷ୍ଟ। ଇଷ୍ଟଙ୍କ ଉପରେ ଅଚ୍ୟୁତ ଟାଣ ହିଁ ଶାନ୍ତିର ବଡ଼ଦାଣ୍ଡ। ଆମ୍ଭମାନଙ୍କ ଭିତରେ ସୁରତ ଅଛି, ସଂସକ୍ତିର ଆକୃତି ଅଛି, ଆସକ୍ତି ଅଛି ଓ ଏ ସବୁ ଇଷ୍ଟ ବା ଗୁରୁଙ୍କ ଠାରେ ଅଚ୍ୟୁତ ହେଲେ, ଇଷ୍ଟସ୍ୱାର୍ଥ ପ୍ରତିଷ୍ଠାର ଉପଚୟୀ ହେଲେ ଗୁରୁଙ୍କର ନୀତି ଗୁଡ଼ିକ ପ୍ରକାଶ ହୋଇଉଠେ ଚରିତ୍ରରେ। ସେତେବେଳେ ପ୍ରବୃତ୍ତି ଗୁଡ଼ିକ ସ୍ୱାଭାବିକ ଭାବରେ ନିୟନ୍ତ୍ରିତ ହୁଏ ଓ ଜ୍ଞାନ, ପ୍ରଜ୍ଞା ଓ ଚରିତ୍ରର ସମାହାରରେ ବ୍ୟକ୍ତିର ଆତ୍ମାଭିମୁଖୀ ପ୍ରକାଶ ଘଟେ। ସଙ୍ଗାତ୍ ସଞ୍ଜାୟତେ ଶ୍ରଦ୍ଧା, ଶ୍ରଦ୍ଧୟା ଦୃଷ୍ଟି ଶୁଦ୍ଧତା, ଦୃଷ୍ଟି ଶୁଦ୍ଧେର୍ହି ବିଶ୍ୱାସଃ, ବିଶ୍ୱାସାତ୍ ନିର୍ବିଚାରତା, ନିର୍ବିଚାରାତ୍ ଭବେତ୍ ପ୍ରେମ, ପ୍ରେମାଶ୍ଚାତ୍ମ ସମର୍ପଣଂ। ଶାନ୍ତିର ପଥ ହେଉଛି ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ପୁସ୍ତକର ଦେବବାଣୀ - ସଦ୍‌ଗୁରୁଙ୍କ ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଓ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଶାନ୍ତି ଓ ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।' ଶ୍ରୀ ଶ୍ରୀ ଠାକୁର ବଜ୍ର ନିର୍ଘୋଷିତ କଣ୍ଠରେ ଆହ୍ୱାନ ଦେଲେ - ସଦ୍‌ଗୁରୁଙ୍କୁ ଧରିବାକୁ ପଡ଼ିବ, ନାମ କରିବାକୁ ପଡ଼ିବ, ସତ୍‌କର୍ମ କରିବାକୁ ପଡ଼ିବ। ଯେଭଳି ଶରୀର ପାଇଁ ଖାଦ୍ୟ ଆବଶ୍ୟକ ସେହିଭଳି ମନ-ପ୍ରାଣ ଓ ସୁରତକୁ ତା'ର ଉପଯୁକ୍ତ ଖାଦ୍ୟ ପ୍ରତିଦିନ ଦେବା ଆବଶ୍ୟକ। ଯଜନ, ଯାଜନ, ଇଷ୍ଟଭୃତି, ସ୍ୱସ୍ତ୍ୟୟନୀ ଓ ସଦାଚାର ହେଲା ମନ-ପ୍ରାଣ ଓ ସୁରତର ପ୍ରଧାନ ଖାଦ୍ୟ। ଗୁରୁ ହିଁ ପାଳନକର୍ତ୍ତା ଓ ରକ୍ଷାକର୍ତ୍ତା। ଗୁରୁମୟ ହେଲେ ହିଁ ଜୀବନ ଗୌରବମୟ ହୁଏ। ସମସ୍ତ ପ୍ରେରିତ ପୁରୁଷମାନେ ହିଁ ବୈଶିଷ୍ଟ୍ୟପାଳୀ ଆପୂରୟମାଣ। ଉଦ୍‌ସମୁଖୀନତା ହିଁ ସେମାନଙ୍କର ଚରିତ୍ରଗତ ଲକ୍ଷଣ। ସେମାନେ ଅନନ୍ତ ଜ୍ଞାନ ଓ ଗୁଣର ଭଣ୍ଡାର ହେବା ସତ୍ତ୍ୱେ ମଧ୍ୟ କୌଣସି ହୀନମନ୍ୟ ଅହଙ୍କାରର ଅଧୀନ ହୁଅନ୍ତି ନାହିଁ। ତାଙ୍କ ସଂସ୍ପର୍ଶରେ ମନୁଷ୍ୟର ଆତ୍ମିକ ଚେତନା ସ୍ୱତଃ ହିଁ ଉଦ୍‌ବୋଧିତ ହୋଇଉଠେ। ସେମାନେ ନିଜେ ସମାହିତ ପ୍ରବୃତ୍ତିର ପୁରୁଷ ବୋଲି ଯେକୌଣସି ସମସ୍ୟାର ସମାଧାନର ପଥ ଦେଖାଇଥାନ୍ତି। ଇଷ୍ଟ ଗୁରୁ ଓ ପୁରୁଷୋତ୍ତମଙ୍କୁ ପ୍ରତ୍ୟାଶା ରହିତ ଭଲ ପାଇବା ମାଧ୍ୟମରେ ଶାନ୍ତି ଆସେ। ସେଥିପାଇଁ ଦ୍ୱାପର ଯୁଗରେ ପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି - ନାସ୍ତିବୁଦ୍ଧିରଯୁକ୍ତସ୍ୟ ନଚାଯୁକ୍ତସ୍ୟ ଭାବନା, ନ ଚାଭାବୟତଃ ଶାନ୍ତି ରଶାନ୍ତସ୍ୟ କୁତଃ ସୁଖଂ।

ପ୍ରଫେସର, ହେପାଟୋଲୋଜି ,
ଏସ୍‌ସିବି, କଟକ

# ଚୋର, ଯୁଆଚୋର, ଦୁଆଚୋର

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ସମସ୍ତ ବାସ ସ୍ଥାନରେ ଉଚ୍ଚା ପାଚେରୀ କରାଯାଉଛି। କାହାରି ପାଚେରୀରେ କଣ୍ଟା କାଚ ସଂଶ୍ଳିଷ୍ଟ କରାଯାଉଛି। ଫାଟକରେ ଲୁହା ଫାଟକ ରନ୍ଧି ଜାଲିକବାଟ ଲଗାଯାଉଛି। କବାଟରେ ହୁଡୁକା ଭିତରୁ ଭିଡ଼ାଯାଇ ତାଲା ରାତ୍ରିରେ ଲଗାଯାଉଛି। ଲୋକେ ବାହାରକୁ ଗଲେ ବାହାରପଟେ ତାଲା ଠୁଙ୍କି ଯାଉଛନ୍ତି। ବାସ ଭିଟାରେ ସୁବିଧା ସ୍ଥାନ ଦେଖି ଘର କୋଠରୀ ତିଆରି ରହିଛି। ଘରକୁ ଏକ ଦୁର୍ଗ ଶୈଳୀରେ ଏ ସମୟରେ କରାଯାଉଛି। ଘରୁଆଙ୍କ ସୁବିଧା ଦୃଷ୍ଟେ ଘର ଭିତରେ ଶୋଇବା ଘର, ବୈଠକଖାନା, ପାଇଖାନା, ଜଳସ୍ଥାନ, ରୋଷେଇ ଘର, ଖାଇବା ସ୍ଥାନ, ଠାକୁରଘର ତା ବାଦ କୁଣିଆଁଙ୍କ ପାଇଁ ଗୃହର ଅନ୍ୟ ସଦସ୍ୟଙ୍କ ପାଇଁ ପିଲାଙ୍କ ପାଠପଢ଼ା ଘର କରାଯାଉଛି। ଏକ ଅଭିନ୍ନ ଯୌଥ ପରିବାରଙ୍କ ପାଇଁ ଏମିତି ବହୁକୋଠରୀ ଘର କରାଯାଉଛି। ଭାଡ଼ିଘର କରାଯାଉଛି ସବୁଘର କବାଟରେ ଭିତରୁ ଓ ବାହାରୁ ହୁଡକା ଲଗାଇ ଗୃହ ବନ୍ଦ କରିବା ବ୍ୟବସ୍ଥା କରାଯାଉଛି। ସୁଦୃଢ଼ କବାଟ ଲଗାଯାଉଛି, ଝରକା ସୁଦୃଢ଼ କରାଯାଉଛି, ଘରେ ଆଲମାରୀ, ବାକ୍ସ ଆଦିରେ ଚାବି ତାଲା ସଂଶ୍ଳିଷ୍ଟ ରହିଛି ପ୍ରତି ବଖରାର ବ୍ୟକ୍ତି ଦୂରାନ୍ତ ହେଲେ ଘରେ ତାଲା ପକାଉଛନ୍ତି। ଗୃହର ମୁଖ୍ୟ ଫାଟକରେ ଅନେକଙ୍କର ବି ୱେର ଅଫ ଡଗ ବା କୁକୁର ପ୍ରତି ସାବଧାନ ଲେଖା ରହିଛି। ଏହା ସହିତ ସାଂଘାତିକ କୁକୁର ଘରେ ବନ୍ଧା ରହିଛି କି ଖୋଲା ରହୁଛି ଅପରିଚିତଙ୍କ ଗନ୍ଧ ପାଇଲେ ବା ତାର ଦୃଶ୍ୟାରତ ହେଲେ ସେ ଭୋକି ଗୃହଲୋକଙ୍କୁ ଜଣାଇଁ ଦେଉଛି।

ପୂର୍ବେ ଦୁର୍ଗ ବା ଗଡ଼ ତିଆରି ଏପରି ସୁଦୃଢ଼ କରାଯାଉଥିଲା ପ୍ରତି ଗଡ଼ର ଏକ ଘେର ଗଡ଼ଖାଇ ଥିଲା। ତାହା ଗଭୀର ଦୁଇ ପଟର କାନ୍ଥ ଜଳତଳ ସହିତ ୯୦ ଡିଗ୍ରୀ କୋଣରେ ଉଠିଥାଏ। ଜଳରେ ହିଂସ୍ର କୁମ୍ଭୀରମାନ ଛଡ଼ା ଯାଇଥାଏ। ପତ୍ର କୁଡ଼ିଆରେ ଲକ୍ଷ୍ମଣ ତିନିରେଖୀ କାଟି ସୀତାଙ୍କୁ ରେଖା ନ ଟପିବା ପାଇଁ କହିଯାଇଥିଲେ। ଏ ତିନିରେଖା ପ୍ରତି ଘରେ ଏବେ ରହିଛି (ପି) ପାଚେରୀ, କୋଠରୀ ଗୁଡ଼ିକର ପ୍ରତ୍ୟେକ ଭିତର ତିନି କାନ୍ଥ, କୋଠରୀ ଗୁଡ଼ିକ ସମୂହ ବାହାର କାନ୍ଥ ଏହି ହେଲା ତିନି ରେଖା। ଦୁର୍ଗଗୁଡ଼ିକର ଏମିତି ତିନି ପ୍ରକାର ଘେର ରହିଛି। ଏସବୁ ବହିଃଶତ୍ରୁ ବା ଚୋରର ଆକ୍ରମଣରୁ ରକ୍ଷା ପାଇଁ ଏକ ଏକ ଉପାୟ। ଏ ସମୟ ଘରେ ଅଳଙ୍କାର ସୁନା, ହୀରା, ଆଦି ଟଙ୍କା ପଇସା ମୂଲ୍ୟବାନ ଜିନିଷ ରଖିଲେ ଦୂରଖୋଜ ବା ଚୋରୀର ଭୟ ଆସୁଥିବାରୁ ଲୋକେ ସନ୍ନିକଟ ବ୍ୟାଙ୍କରେ ରଖୁଛନ୍ତି। ବିଦେଶ ସୁଇଜରଲ୍ୟାଣ୍ଡର ସୁଇସ ବ୍ୟାଙ୍କରେ ବଡ଼ ବଡ଼ ପୁଞ୍ଜିପତି ଧନୀ ନେତା ତାଙ୍କର ଧନ ଏମିତି ଛପାଇ ଜମା କରୁଛନ୍ତି। ସବୁ ମୂଳରେ ଚୋରୀ ଭୟ। ଚୋର ଚୋରୀ କରି ଧନକୁ ସିଧା ଘରେ ନରଖି ଅନ୍ୟକୁ ବିଶ୍ୱସ୍ତ ଦେଖି ହସ୍ତାନ୍ତର କରେ ବା ଗୁପ୍ତ ସ୍ଥାନ ବା ମାଟିରେ ପୋତି ପକାଏ, ହୋ ବଦଳିଲେ ଆସ୍ତେ ଆସ୍ତେ ଦ୍ରବ୍ୟ କିଣେ ସ୍ଥାନ କିଣେ ବା ବ୍ୟାଙ୍କରେ ଜମା କରେ।

ପୂର୍ବେ ବହୁ ଆକ୍ରମଣକାରୀ ଆସି ଲୋକଙ୍କର ନିତ୍ୟ ଅର୍ଜନ ଧନ ସଞ୍ଚୟ ବର୍ଷକର ଆହାର ସଂଗ୍ରହ ଶସ୍ୟ ସମ୍ଭାରକୁ ଲୁଟି ନେଉଥିଲେ ବାଧା ପ୍ରଦାନରେ ପ୍ରାଣ ସଙ୍କା ବି କରୁଥିଲେ। ନଡ଼ାଛପର ଘର ମାନଙ୍କରେ ଆକ୍ରମଣକାରୀ ଅଗ୍ନୀ ସଂଯୋଗ କରୁଥିଲେ ଯୁବତୀ ମାନଙ୍କୁ ତାର ବାପା ଭାଇ ସ୍ୱାମୀ ଆଗରେ ଧର୍ଷଣ କରୁଥିଲେ। ଘର ଶିଶୁମାନଙ୍କୁ ହାତରେ ଟେକି ଧରି ତରବାରୀ ଉପରେ ଝୁଲାଇ ରଖୁଥିଲେ। ଏ ପାଇଁ ଲୋକେ ଆତଙ୍କିତ ବହୁ ପ୍ରକାରରେ ରହି ସମୁହରେ ସାହି, ଗ୍ରାମରେ ରହିବାକୁ ଚେଷ୍ଟା କଲେ ତାପରେ ଶସ୍ୟ ଭୂମିରେ ଜଳ ପରୀକ୍ଷା ଯୋଡ଼ ବା ଯୋର ମାନ କରିଲେ। ସଂଗୃହିତ ଶସ୍ୟର ବହୁଭାଗ ଖଣି ଖୋଳି ମାଟିରେ ପୋତି ରଖୁଥିଲେ। ନାରୀମାନେ ପିତଳ ଖଡୁ ହାତରେ ଲଗାଉଥିଲେ ଏହା ଏକ ପ୍ରକାର ସାଞ୍ଜୁପରି କାମରେ ଆସୁଥିଲା। ୧୬ ହାତର ଲମ୍ବା ଶାଢ଼ୀ ପିନ୍ଧୁଥିଲେ ଯାହା ସହଜରେ ଶରୀରରୁ ଟାଣିଲେ ଖୋଲେ ନାହିଁ। ଲୋକେ ଅସ୍ତ୍ରଚାଳନା ଆତ୍ମ ରକ୍ଷା ପାଇଁ ଶିକ୍ଷା କଲେ ପରେ ଖଣ୍ଡାୟତ ଜାତି ସୃଷ୍ଟି ହେଲା ଯେଉଁମାନେ କି କୃଷିଜୀବୀ ଚାଷୀ ବଡ଼ ଚାଷୀ ଏମିତି ପଶୁଧନ ଏକ ବିଶେଷ ଧନ ଏହା ଏକ ଗୋଷ୍ଠୀଙ୍କର ଭୋଜ୍ୟଦ୍ରବ୍ୟ ଯୋଗୁଁ ଗୋପାଳକ ମାନେ ବାଧ୍ୟ ହୋଇ ଅସ୍ତ୍ର ଧରି ସମୁହକୁ ସମୁହ ଭାବରେ ଆକ୍ରମଣ ପାଇଁ ତିଆର ରହିଲେ। ଯାହା ହାତରେ ଅସ୍ତ୍ର ତାକୁ କ୍ଷତ୍ରୀୟ କୁହାଯିବ ଏମିତି ନୁହେଁ। ମାତ୍ର ପ୍ରାଣରକ୍ଷା ଧନରକ୍ଷା ସମ୍ମାନ ରକ୍ଷା ସ୍ଥାନ ରକ୍ଷା ଶେଷରେ ଧର୍ମରକ୍ଷା ପାଇଁ ଏପରି ଅସ୍ତ୍ର ଆବଶ୍ୟକ ପଡ଼ି ଥିଲା। ଚୋର ଡକାୟତ ଆକ୍ରମଣକାରୀ ଦୂରରୁ ଭୟ ପାଇଁ ଆଦିବାସୀମାନେ ଧନୁତୀର ବର୍ଚୁଳି ଖଡ଼ାର ଆଶ୍ରୟ ନେଉଥିଲେ। ଯାହା ଏବେ ବି ଦେଖିବାକୁ ମିଳୁଛି।

ଯେତେବେଳେ ଦେଶ ସ୍ୱାଧୀନ ହେଲା ଏଇ ଅସ୍ତ୍ର ସବୁ ବିଲୁପ୍ତ ହେବାରେ ଲାଗିଲା। ଥାନା ଓ ସ୍ଥାନରକ୍ଷକ ଦଳମାନେ ଆକ୍ରମଣକାରୀ ଚୋରକୁ ଆୟତ କରିବା ପାଇଁ ସ୍ଥିର ଭାବରେ ଜଣା ପଡ଼ିଲା। ଏମିତି ବର୍ହିଃ ଦେଶରୁ ଆକ୍ରମଣକାରୀଙ୍କୁ ସେନା ଜଗି ରହିଲେ ବିଦେଶୀ ଆକ୍ରମଣକାରୀ ଆସିବା ଏକ ପ୍ରକାର ରୁଦ୍ଧ ହୋଇଛି। ଏସୁ ପରେ ବି ଆଧୁନିକୀ କରଣରେ ଚୋରୀ ଯୁଆଚୋରୀ ଓ ଦୁଆଚୋରୀ ବି ବଢ଼ି ଚାଲିଛି। ଆକ୍ରମଣକାରୀ ମାରଣାସ୍ତ୍ର ଆଗ୍ନେୟାସ୍ତ୍ର ବିଷରେ ଲୁଚି ଛପି ଆକ୍ରମଣ ରତ ଅଛନ୍ତି। ଚୋରମାନେ ଚୋରୀ କରିବା ଦ୍ରବ୍ୟକୁ ଦୁଆଚୋରଙ୍କୁ ହସ୍ତାନ୍ତର କରି କିଛି ମୂଲ୍ୟ ପାଆନ୍ତି। ଚୋରକୁ ଧାନ ଭରଣ କରାଯାଏ। ଏହାର ଅର୍ଥ ମୂଲ୍ୟବାନ ଜିନିଷକୁ ନାମମାତ୍ର ମୂଲ୍ୟରେ ଦୁଆଚୋର କିଣି ତାର ସାଥି ସାଥି ରୂପ ରେଖ ବଦଳାଇ ଅନ୍ୟ ରୂପ ଦେଇ ଦ୍ରବ୍ୟର ଆକାରକୁ ବିକର କରିଦିଅନ୍ତି। ଗାଡ଼ି ଚୋରୀ ପରେ ତାକୁ କାଟି ଖଣ୍ଡ ଖଣ୍ଡ କରି ଦିଆଯାଉଛି। ସୁନା ଅଳଙ୍କାର ମୂର୍ତ୍ତି ଗୁଡ଼ିକୁ ତରଳାଇ ଦେଇ ରୂପରେଖ ବଦଳାଇ ଦିଆଯାଉଛି। ଏସବୁର ବି ବିକ୍ରୟ ହାଟ ଗଢ଼ି ଉଠିଛି ଯୁଆ ଚୋର ଏବେ ପ୍ରବଳ। ଏଥିରେ ପ୍ରତିରଣା କୁ ଲୁଚାଇ ପୁରସ୍କାରର ପ୍ରଚାର ଚାଲିଛି, ଇଟାରୀ, ସେୟାର ବଜାର ଜମି ବିକ୍ରୀ ଖର୍ଦ୍ଦି, ଗୃହ ନିର୍ମାଣ, ଗୃହବିକ୍ରୀ, ରେଳ ଟିକେଟ ବିମାନ ଯାତ୍ରା ଟିକେଟ ପରି ବହୁ ଠକ ପୁରସ୍କାର ଦ୍ୱାହିରେ ଲୋକଙ୍କୁ ନୋ ପ୍ରୋବ୍ଲେମ ଦ୍ୱାହିରେ ଅଲ ପ୍ରୋବ୍ଲେମ କରୁଛନ୍ତି।


ସରକାର କାନୁନ କଲେ ଆଉ ଦସ୍ତଖତ ଦରକାର ନାହିଁ ପୂର୍ବରୁ ଆଙ୍ଗୁଳି ନିର୍ମାଣ ଥରେ ସରକାରୀ ଦପ୍ତରକୁ ନଥିରେ ରହିଗଲା ପ୍ରତି ବ୍ୟାଙ୍କରେ ଜମାକାରୀକୁ ଏକ ଖାତା ନମ୍ବର ଦିଆଗଲା। ଆୟକର ପାଇଁ ପ୍ୟାନକାର୍ଡ଼ ନମ୍ବର ଧାର୍ଯ୍ୟ ଏସବୁ ସହିତ ପ୍ରତ୍ୟେକଙ୍କର ମୋବାଇଲ ଫୋନ ନମ୍ବର ସଂଯୋଗ ରହିଛି। ଏପରି ତିନି ବା ଚାରି ଥର ନମ୍ବର ନେଇ ଯୁଆଚୋର ଅଙ୍କର କୌଶଳରେ ବ୍ୟାଙ୍କ ଖାତାଧାରୀଙ୍କୁ ଠକିବା ପାଇଁ କୌଣସି ଅଳରେ ଯୋଗାଯୋଗ କରି ବ୍ୟାଙ୍କରୁ ଟଙ୍କା ହଡ଼ପ କରୁଛନ୍ତି। ଯାହା ଫେରସ୍ତ ପାଇବା ଏବେ ଅସାଧ୍ୟ ହେଲାଣି। ଏପରି ଚୋର ଯୁଆ ଖେଳ ପରି ଟ୧ଙ୍କା ଏକ ବଡ଼ ପୁରସ୍କାରରେ ଲଗାଇ ଲୋକଙ୍କୁ ପ୍ରଲୋଭିତ କରି ଟଙ୍କା ହଡ଼ପ କରୁଛନ୍ତି।

ହଠାତ୍ ଏକ ଫୋନକୁ ଭୟାତୁର ଖବର ନୋଟିସ ଆସିବ ତାର ଜୀବନ ମାତ୍ରେ ଏକାଉଣ୍ଟରୁ ଟଙ୍କା ହଡ଼ପ ଏକ ପୁରସ୍କାର ମିଳିବା ଖବର ତାପରେ ଏକାଉଣ୍ଟ ନମ୍ବର ଦେଲେ ଜମା ଶୂନ୍ୟ ଏପରି ଚୋର ବଢ଼ୁଛି। ଏ କେମିତି ଦମନ ହେବ ଏ ପାଇଁ ସମୁହ ଚେଷ୍ଟା ବର୍ତ୍ତମାନ ଦରକାର। ପୂର୍ବେ ଜମି କିଣିବା ବେଳେ ବା ଜମି ବିକ୍ରୀ ବେଳେ ଟଙ୍କା ଉଠାଇବା ବେଳେ ଦରମା ପାଇଲାବେଳେ, ରେଭନ୍ୟୁଷ୍ଟାମ୍ପ ଲାଗୁଥିଲା। ଲୋକର ଦସ୍ତଖତ, ଟିପଚିହ୍ନ ସହିତ, ସାକ୍ଷୀ କଲମ ଅନ୍ୟ ଶଙ୍କୁ ସଙ୍କେତ ନିଆଯାଉଥିଲା। ଏବେ ଏହା ଉଠାଇ ଏକ ବିପତ୍ତି ସମସ୍ତଙ୍କ ପାଇଁ ଆସି ଯାଇଛି। ଜମା ଟଙ୍କା କେବଳ ଜମାକାରୀ ଜାଣିବା, ଏବେ କେବେ ଏକ ଘରିଆ ନୁହଁ, ବହୁଘରିଆ ଟ୍ୟାକ୍ସ କର୍ତ୍ତୃପକ୍ଷ ଓ ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିବା ସହିତ ଏଇ ଯୁଆ ଚୋରମାନେ ଜାଣିପାରୁଛନ୍ତି। ଚୋରଙ୍କ ଠାରୁ ଯୁଆ ଚୋର ପ୍ରବଳ ଏସବୁ ଦେଶ ବିଦେଶରେ ପ୍ରବଳ ମାଡ଼ିଲେଣି। ଏହା ମହମ୍ମଦଘୋରୀ ମାମୁଦଙ୍କ ପରି ଭିନ୍ନ ଏକ ଘୌରୀଗୋଷ୍ଠୀ। ଏ ଅସ୍ତ୍ର ଯାଏ କଥା ଆସୁନାହିଁ। ଏ ବିଶ୍ୱାସରେ ବିଷ ଦେବା ବିଦ୍ୟାଧାରୀ ବିଦ୍ୟା। ଏ ପାଇଁ ପ୍ରଭୁ ଆସିବେ ତାଙ୍କର ନାମ ତ କଳକୀ କଳ ଓ କି। କି ଅର୍ଥ ଚାବି ଯାହା ଓଟିପିରେ ଟଙ୍କା ହଡ଼ପକୁ ଦମନକୁ ସେ ନିଶ୍ଚେ ଆସିବେ। ସବୁ କଳର ଚାବି ଏବେ ୩ୟ ପକ୍ଷ ହାତରୁ କେମିତି ଶାନ୍ତ ହେବ ଏ ସେ ପ୍ରଭୁଙ୍କ କମ ହେବ ଯେ ଭଗବାନଙ୍କ ଅବତାର ଆସିବେ ସେ ନିଶ୍ଚେ ବହୁ ଉଚ୍ଚଶିକ୍ଷିତ ଆଧୁନିକ ବିଦ୍ୟାରେ ସୂକ୍ଷ୍ମାତି ସୂକ୍ଷ୍ମଜ୍ଞାନୀ ହୋଇଥିବେ। ସେ ଏଇ ଚୋରୀର ସବୁ ସ୍ତରକୁ ରୋକି ନୂଆ ଥଇଥାନ କରିବେ। ଭଗବାନ ଚୋରଗଣ୍ୟ ପୁରୁଷ। ପୁରୁଣାଚୋରକୁ ଚୌକିଦାର ଚିହ୍ନେ ଏ ଉକ୍ତିକୁ ସେ ସାକାର କରିବେ। ଏହା ସତ୍ୟ ସତ୍ୟ ତ୍ରିବାର ସତ୍ୟ। ପୂର୍ଣ୍ଣ ଅବତାରଙ୍କ ସହିତ ବହୁ ଅଂଶାଶ ଅବତାର ବି ନିଶ୍ଚେ ଆସୁଛନ୍ତି। ଯେ ଚୋରୀ କରୁଛି ସେ ଜଣେ ମୋଟା ବୁଦ୍ଧିଆ ସେ ଚୋରୀର ଶେଷ ପରିଣତି କଣ ହୁଏ ଜାଣିନଥାଏ। ଏ ମୋଟା ବୁଦ୍ଧିଆଙ୍କୁ ସୂକ୍ଷ୍ମ ବୁଦ୍ଧିଆ ହିଁ ସନ୍ତାନ କରି ପାରିବେ। ଯେ ଅଂଶାଶ ଅବତାର ଏ ମୁଖ୍ୟ ଅବତାରଙ୍କ ମାର୍ଗରେ ଚାଳିତ ବ୍ୟକ୍ତି ସମୂହ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍
ଅରୁଣୋଦୟ ମାର୍କେଟ, କଟକ
ମୋବାଇଲ୍: ୯୪୩୭୦୩୧୨୫୩

# ମନର ପରିଭାଷା

**ଅନୀତା ପଟ୍ଟନାୟକ**



ଗୋଟିଏ ସ୍ଥାନରେ ଭଜନ ଚାଲିଥାଏ। ଦିବ୍ୟାତ୍ମା ନାମକ ପିଲାଟିଏ ଭଜନରେ ନ ବସି ଗୋଟିଏ ମୋବାଇଲ ଫୋନ ଧରି ଏ ଘରରୁ ସେ ଘରକୁ ଦୌଡୁଥାଏ। ମଝିରେ ମଝିରେ ଯେଉଁମାନେ ଭଜନ ଗାଉଥାନ୍ତି ସେମାନଙ୍କ ମୁହଁକୁ ଯାଇ ଦେଖୁଥାଏ। କହିବାକୁ ଗଲେ ସେ ଅସ୍ଥିର। ଭଜନ ସରିଯିବା ପରେ ଧ୍ୟାନ କରିବା ପାଇଁ ଲାଇଟ ଲିଭାଇ ଦେବାରୁ କହି ଉଠିଲା, 'ଲାଇନ ଚାଲିଗଲା' ଓ ମୋବାଇଲ ଫୋନରେ ଟର୍ଚ୍ଚଟିକୁ ଜଳାଇ ସମସ୍ତଙ୍କ ମୁହଁ ଆଡ଼କୁ ପକାଇଲା କେତେକ ବିରକ୍ତ ହେଲେ ଓ କେତେକ ତାର ପିଲାଳିଆମି ଦେଖି ଖୁସି ହେଲେ।

ଭାଗ୍ୟଲକ୍ଷ୍ମୀ ବୋଲି ଜଣେ ଭଦ୍ର ମହିଳାଙ୍କୁ କେମିତି କେମିତି ଲାଗିଲା। ସେ ମତେ ପଚାରିଲେ, ଏସବୁ ଘଟଣା ଭଜନରେ ଆମକୁ କ'ଣ ସୂଚନା ଦେଉଛି। ମୁଁ କହିଲି 'ମନକୁ ନିୟନ୍ତ୍ରଣ କରିହେବ କି ? ମନକୁ ଜବରଦସ୍ତି ନିୟନ୍ତ୍ରଣ କଲେ ପିଲାଟିଏ ଅଧିକ ଦୁଷ୍ଟ ହୋଇପାରେ। ପିଲାଙ୍କୁ ମାଡ଼ ଦେଲେ, ଗାଳିଦେଲେ ସେମାନେ ଅଧିକ ସଇତାନ ହୋଇଯାଆନ୍ତି। ଆମର ମନ ଶିଶୁ ଦିବ୍ୟାତ୍ମାର ମନ ପରି। ଏହାକୁ ନିୟନ୍ତ୍ରଣ କରିବାର ଏକମାତ୍ର ଉପାୟ ହେଉଛି ମନକୁ ଅନ୍ୟ ଦିଗରେ ପରିଚାଳିତ କରିବା। ସେ ଭଜନରେ ପାଟିତୁଣ୍ଡ ଓ ଗୋଳମାଳ କରୁଥିବାରୁ ମା'ତାକୁ ଶାନ୍ତ କରିବା ପାଇଁ ମୋବାଇଲଟି ଦେଇଥିଲେ। ମୋବାଇଲକୁ ଧରି କିଛି ସମୟ ଶାନ୍ତ ରହିବା ପରେ ତାର ମନ ପୁଣି ଅସ୍ଥିର ହେଲା ଓ ଏଣେ ତେଣେ ବୁଲିଲା। ଲାଇଟ ବନ୍ଦ କରିଦେବାରୁ ତାର ମନ ପୁଣି ବିଚଳିତ ହେଲା ଓ ସେ ମୋବାଇଲର ଲାଇଟ ଜଳାଇ ସମସ୍ତଙ୍କୁ ଆଲୋକ ପ୍ରଦାନ କରିପାରିବ ବୋଲି ଭାବି ସମସ୍ତଙ୍କୁ ଲାଇଟ ଦେଖାଇଲା। ମୁଁ ଦିବ୍ୟାତ୍ମା ଠାରୁ ଏତିକି ଶିଖିଲି, ମଣିଷର ମନକୁ ନିୟନ୍ତ୍ରିତ କରିବାର ଏକମାତ୍ର ଉପାୟ ହେଉଛି ମନକୁ ଅନ୍ୟ ଏକ ଦିଗରେ ପରିଚାଳିତ କରିବା। ତୁମେ ମନକୁ ଯେତେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିବ ସେ ସେତେ ଶକ୍ତିଶାଳୀ ହେବ। ଯେତେ ତା ସହିତ ଯୁଦ୍ଧ କରିବ ସେ ଓଲଟି ପଡ଼ି ତୁମକୁ ଆକ୍ରମଣ କରିବ। ତେଣୁ ମନ ସହିତ ଶତୃତା କରିବା ଅପେକ୍ଷା ତାକୁ ଉଚିତ ରାସ୍ତାରେ ପରିଚାଳିତ କରିବା ଉଚିତ। ମନକୁ ପ୍ରଚୁର କାମରେ ନିୟୋଜିତ କରିବା ଉଚିତ। ତାକୁ ଠିକ ରାସ୍ତା ଠିକ ଦିଗ ଓ ଶିକ୍ଷା ଦେବା ଉଚିତ।

ଦିନେ ରାସ୍ତାରେ ଯାଉଥିବା ସମୟରେ ଦେଖିଲି ଜଣେ ବ୍ୟକ୍ତି ସାଇକେଲ ଚଲାଉଛନ୍ତି। ସାଇକେଲର ହ୍ୟାଣ୍ଡେଲ ଉପରେ ଗୋଟିଏ ମାଙ୍କଡ଼ ବସିଥାଏ ଓ ତାର ମାଲିକ ଆରାମରେ ସାଇକେଲ ଚଲାଉଥାଏ। ମୋ ପୁଅ ଶୁଭଙ୍କର ଏହା ଦେଖି ଖୁସି ହେଲା। ମତେ କହିଲା, 'ମା ଆମେ ଗତକାଲି ସର୍କସ ଦେଖିବାକୁ ଯାଇଥିଲେ। ଗୋଟିଏ ହାତୀ ତିନି ଗୋଡ଼ିଆ ଟେବୁଲ ଉପରେ ଠିଆ ହେଲା। କାହାଳୀ ବଜାଇବାରୁ ସାପଟିଏ ନାଚିଲା। ସିଂହ ବାଘକୁ ତାର ପ୍ରଶିକ୍ଷକ ଯାହା କରିବାକୁ କହିଥାନ୍ତି ତାହା ସେମାନେ ସୁଚାରୁରୂପେ ପାଳନ କଲେ। ଏ ସବୁ କ'ଣ ? ବାପା ଏ ସବୁ ମତେ କାହିଁକି ଦେଖାଇଲେ। ମୁଁ ତାକୁ କହିଲି ତୋର ମନ ବିଷାକ୍ତ ସାପଠାରୁ ଆହୁରି ବିଷାକ୍ତ। ମନକୁ ଶିକ୍ଷା ନଦେଲେ ଅଶିକ୍ଷିତ ପଶୁପରି ମନଟି ବ୍ୟବହାର କରିବ। ମନ ଆମର ଖୁବ କୋମଳ, ସ୍ପର୍ଶ କାତର ଓ ସବୁ ଜିନିଷକୁ ଗ୍ରହଣ କରିନିଏ ଏହା ଭଗବାନଙ୍କର ଏକ ବରଦାନ। ଏହା କାରଖାନାର କୌଣସି ବସ୍ତୁ ନୁହେଁ, ମନକୁ ମାରି ଦେବା ଉଚ୍ଚିତ ନୁହେଁ। ବରଂ ତାକୁ ଉଚିତ ମାର୍ଗରେ ପରିଚାଳିତ କରାଇ ଶିକ୍ଷା ଦେବା ଉଚିତ। ତୋର ମନ ଉଚିତ ଶିକ୍ଷା ପାଇଗଲେ ତୋର ବନ୍ଧୁ ହୋଇଯିବ। ତେଣୁ ମନକୁ ବନ୍ଧୁତାର ସହ ବ୍ୟବହାର କରିବା ଉଚିତ ଓ କୌଣସି କଥାରେ ହତୋତ୍ସାହ କିମ୍ବା ବିଷାଦଗ୍ରସ୍ତ ହେବା ଉଚିତ ନୁହେଁ। ଏହା ମନର ପାଗଳାମୀର ଫଳ। ସ୍କୁଲ ପରିଚାଳନା, ବେପାର ପରିଚାଳନା, ସ୍ୱାସ୍ଥ୍ୟ ପରିଚାଳନା ଉପରେ ଶିକ୍ଷା ଦିଆଯାଉଛି। କିନ୍ତୁ ମନର ନିୟନ୍ତ୍ରଣ ଶିକ୍ଷା ଖସଡ଼ା ତିଆରି ହୋଇ ପାରିନାହିଁ। ଗୋଟିଏ ଶାଢ଼ୀ କେତୋଟି ସୂତାର ସମଷ୍ଟି। ସୂତା ଗୋଟି ଗୋଟି କରି କାଢ଼ି ଦେଲେ ଶାଢ଼ୀ ରୁହେ ନାହିଁ। ସେହିପରି ମନରୁ ସାଂସାରିକ, କାମନା, ବାସନା କାଢ଼ି ଦେଲେ ମନ ତାର ଅସ୍ତିତ୍ୱ ହରାଏ। ମନ କେତେକ ଚିନ୍ତାର ସମଷ୍ଟି ଓ ଚିନ୍ତା ଇନ୍ଦ୍ରିୟ ମାନଙ୍କ ଦ୍ୱାରା ଉଦ୍ରେକ ହୁଏ। ଶୁଭଙ୍କର କହିଲା ଆମ ସାର ତାଙ୍କ ଘରେ ଥିବା ଏକ ପୁରୁଣା ତାଲାକୁ ଚାବିରେ ଖୋଲିପାରୁ ନଥିଲେ। ମୁଁ ଚାବିଟିକୁ ଡାହାଣ ପଟକୁ ବୁଲାଇ ଖୋଲି ଦେଲି। କହିଲି ସାର ବାମ ପଟକୁ ବୁଲାଗଲେ ତାଲା ବନ୍ଦ ହୋଇଯାଉଛି। ମୁଁ କହିଲି ହଁରେ ପୁଅ ଆମ ଶରୀର ଏକ ତାଲା ପରି ମନ ହେଉଛି ତାର ଚାବି। ମନକୁ ସସଂସାର (ବାମ) ଆଡ଼କୁ ମୋଡ଼ିଲେ ଶରୀର ବନ୍ଧନଯୁକ୍ତ ହୁଏ ଓ ସଂସାରିକ କାମନା ବାସନା ଶୂନ୍ୟ ହୋଇ ଚାବିଟିକୁ ଡାହାଣ ପଟକୁ ମୋଡ଼ିଲେ ମୁକ୍ତିର ପଥ ସୁଗମ ହୁଏ।

ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ
ମୋବାଇଲ୍: ୯୬୯୨୯୮୦୦୨୬

# ବିଦ୍ରୋହୀଙ୍କ କବ୍‌ଜାରେ ରାଜଧାନୀ ଦାମାସ୍କସ

## ରାଷ୍ଟ୍ରପତି ବସର ଅଲ-ଅସାଦଙ୍କ ପଳାୟନ

### ଇରାନ ଦୂତାବାସରେ ବିଦ୍ରୋହୀ ପଶିଲେ



**ଦାମାସ୍କସ, ୮।୧୨:** ଆମେରିକା ଏବଂ ଜାତିସଂଘ ଦ୍ୱାରା ଆତଙ୍କୀ ସଙ୍ଗଠନ ଭାବେ ଘୋଷିତ ଏଚଟିଏସ ଏବଂ ଏହାର ସହଯୋଗୀଙ୍କୁ ନେଇ ଗଠିତ ବିଦ୍ରୋହୀ ଗୋଷ୍ଠୀ ସିରିଆକୁ ନିଜ କବଜାକୁ ନେଇଛନ୍ତି। ଇସଲାମିକ ବିଦ୍ରୋହୀମାନେ ରାଜଧାନୀ ଦାମାସ୍କସରେ ପ୍ରବେଶ କରିବା ପରେ ରାଷ୍ଟ୍ରପତି ବସର ଅଲ-ଅସାଦ ଅଜ୍ଞାତ ସ୍ଥାନକୁ ପଳାୟନ କରିଛନ୍ତି। ବିଦ୍ରୋହୀମାନେ ଦେଶର ପ୍ରମୁଖ ସରକାରୀ ଅଫିସ ଏବଂ ସଂସଦକୁ ନିଜ କବଜାକୁ ନେଇଛନ୍ତି। ଏହା ସହିତ ବିଦ୍ରୋହୀମାନେ ଦାମାସ୍କସସ୍ଥିତ ଇରାନ ଦୂତାବାସରେ ପ୍ରବେଶ କରିଛନ୍ତି। ସିରିଆରେ ଅବସ୍ଥାପିତ ଇରାନର ରାଷ୍ଟ୍ରଦୂତ ଦେଶଛାଡ଼ି ପଳାୟନ କରିଛନ୍ତି। ଏସବୁ ଭିତରେ ଅସଦଙ୍କ ବାସଭବନ ଅର୍ଥାତ ସିରିଆ ରାଷ୍ଟ୍ରପତି ଭବନରେ ସାଧାରଣ ଲୋକମାନେ ପ୍ରବେଶ କରି ଲୁଟପାଟ କରିଛନ୍ତି। ରାଷ୍ଟ୍ରପତି ଭବନରେ ଥିବା ଅସଦଙ୍କ ସବୁ ଜିନିଷକୁ ଲୋକମାନେ ବୋହି ନେଇ ଯାଉଥିବା ବେଳର ଭିଡିଓ ସାମ୍ନାକୁ ଆସିଛି। ୨୪ ବର୍ଷ ଧରି ଅସଦ ସିରିଆକୁ ଶାସନ କରି ଚାଲିଥିଲେ। କିନ୍ତୁ ନିକଟରେ ବିଦ୍ରୋହୀମାନେ ଅସଦଙ୍କୁ ଗାଦିଚ୍ୟୁତ କରିବା ଲକ୍ଷ୍ୟରେ ଦାମାସକସରେ ପ୍ରବେଶ କରିଥିଲେ। ସିରିଆ ସୁରକ୍ଷାକର୍ମୀଙ୍କ ପକ୍ଷରୁ ମଧ୍ୟ ବିଦ୍ରୋହୀ ଗୋଷ୍ଠୀଙ୍କୁ ସେତେଟା ପ୍ରତିରୋଧ କରାଯାଇ ନଥିଲା। ସେମାନେ ଦାମାସକସରେ ପ୍ରବେଶ କରିବା କ୍ଷଣି ଅସଦ ଅଜଣା ସ୍ଥାନକୁ ଚମ୍ପଟ ମାରିଛନ୍ତି। ଏବେ ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳିଛି ଯେ ସିରିଆର ଲୋକମାନେ ବେଶ ସହଜରେ ବଶର ଅଲ ଅସାଦଙ୍କ ପ୍ରେସିଡେନସିଆଲ ପ୍ୟାଲେସରେ ପ୍ରବେଶ କରୁଛନ୍ତି। ସେମାନେ ପ୍ୟାଲେସ ମଧ୍ୟରେ ଥିବା ଜିନିଷପତ୍ରକୁ ନିଜ ହାତରେ ଧରି ସେଠାରୁ ଚାଲି ଯାଉଛନ୍ତି। ବିଦ୍ରୋହୀ ଗୋଷ୍ଠୀ ସହ ମିଶି ସିରିଆର ଲୋକମାନେ କେବଳ ରାଷ୍ଟ୍ରପତି ଭବନକୁ ଲୁଟ କରି ନାହାନ୍ତି। ବରଂ ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଥିବା ଅସଦଙ୍କ ବାପା ତଥା ଦେଶର ପୂର୍ବତନ ରାଷ୍ଟ୍ରପତିଙ୍କ ପ୍ରତିମୂର୍ତ୍ତିକୁ ମଧ୍ୟ ଭାଙ୍ଗି ଦେଉଛନ୍ତି। ସେମାନେ ପ୍ରତିମୂର୍ତ୍ତିର ମୁଣ୍ଡକୁ ଅଲଗା କରି ରାସ୍ତାରେ ଘୋଷାରି ଘୋଷାରି ନେଉଛନ୍ତି।

ବିଦ୍ରୋହୀମାନେ କହିଛନ୍ତି ଯେ, ସେମାନେ ରକ୍ତପାତ ବା ସରକାରୀ ସମ୍ପତ୍ତିକୁ ନଷ୍ଟ କରିବାକୁ ଚାହାଁନ୍ତି। ରାଷ୍ଟ୍ରପତି ଅସାଦଙ୍କୁ ଗାଦିଚ୍ୟୁତ କରିବା ଥିଲା ସେମାନଙ୍କର ଚରମ ଲକ୍ଷ୍ୟ। ଏଥିରେ ସେମାନେ ସଫଳ ହୋଇଛନ୍ତି। ବିରୋଧୀ ଦଳ ରାଷ୍ଟ୍ରପତି ଅସାଦ ଗାଦିଚ୍ୟୁତ ହେବାକୁ ସ୍ୱାଗତ କରିବା ସହ ଦେଶରେ ଏକ କଳଙ୍କମୟ ଅଧ୍ୟାୟର ପରିସମାପ୍ତି ହୋଇଛି ଏବଂ ନୂଆ ଯୁଗର ଅଭ୍ୟୁଦୟ ହୋଇଛି ବୋଲି କହିଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ କ୍ଷମତା ହସ୍ତାନ୍ତର ନେଇ ବିରୋଧୀ ଦଳ ଆଶା ବ୍ୟକ୍ତ କରିଛନ୍ତି। ପେଣ୍ଟାଗନ ପକ୍ଷରୁ ସିରିଆର ସାଧାରଣ ନାଗରିକଙ୍କ ସୁରକ୍ଷା, ବିଶେଷ କରି ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ସହିତ ଅନ୍ତର୍ଜାତୀୟ ଯୁଦ୍ଧ ନୀତିକୁ ପାଳନ କରିବା ନିମନ୍ତେ ଆହ୍ୱାନ କରାଯାଇଛି।

ବିଦ୍ରୋହୀଙ୍କ ଦ୍ୱାରା ସିରିଆ କବଜା ହେବା ପରେ ଇରାନ ଦାମାସ୍କସସ୍ଥିତ ଏହାର ଦୂତାବାସକୁ ଖାଲି କରି ଦେଇଛି ଏବଂ ସମସ୍ତ କର୍ମଚାରୀଙ୍କୁ ଲେବାନନକୁ ପଠାଇ ଦେଇଛି। ସିରିଆକୁ କବଜା କରିବା ପରେ ବିଦ୍ରୋହୀଙ୍କ ନଜର ଏବେ କୁର୍ଦ୍ଦିସଙ୍କ ଉପରେ । ଉତ୍ତର ସିରିଆରେ କୁର୍ଦ୍ଦିସଙ୍କ ବିରୋଧରେ ବିଦ୍ରୋହୀମାନେ ଏବେ ଲଢ଼େଇକୁ ଯୋରଦାର କରିବାକୁ ନିଷ୍ପତ୍ତି ନେଇଛନ୍ତି।

ସିରିଆରେ ସପ୍ତାହେ ହେବ ଲାଗି ରହିଛି ଗୃହଯୁଦ୍ଧ। ହୟାତ ତହରିର ଅଲ ଶାମ ବିଦ୍ରୋହୀ ଯୁଦ୍ଧ ଆରମ୍ଭ କରିଛନ୍ତି। ଏଥିରେ ପାଖାପାଖି ୩ ଶହରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇ ସାରିଲାଣି।



## ଏମଭିଏ ସଦସ୍ୟଙ୍କ ଶପଥଗ୍ରହଣ

**ମୁମ୍ବାଇ,୮।୧୨:** ମହାରାଷ୍ଟ୍ର ବିଧାନସଭା ସ୍ୱତନ୍ତ୍ର ଅଧିବେଶନର ଦ୍ୱିତୀୟ ଦିବସରେ ଆଜି ବିରୋଧୀ ଏମଭିଏ ବିଧାୟକମାନେ ଶପଥ ଗ୍ରହଣ କରିଛନ୍ତି। କାମଚଳା ବାଚସ୍ପତି ସେମାନଙ୍କୁ ଗୃହର ସଦସ୍ୟ ଭାବେ ଶପଥପାଠ କରାଇଛନ୍ତି। ଗତ କାଲି ସେମାନେ ଶପଥଗ୍ରହଣକୁ ବର୍ଜନ କରିଥିଲେ। ନିର୍ବାଚନରେ ଇଭିଏମ ଟାମ୍ପରିଂ କରାଯାଇଥିବା ଅଭିଯୋଗ କରି ସେମାନେ ପ୍ରତିବାଦରେ ଏହି ପଦକ୍ଷେପ ନେଇଥିଲେ। ତେବେ ଏମଭିଏର ଅନ୍ୟତମ ଅଂଶୀଦାର ଦଳ ସମାଜବାଦୀ ପାର୍ଟିର ଦୁଇଜଣ ବିଧାୟକ ଏଥିରେ ସାମିଲ ହୋଇନଥିଲେ ଏବଂ ବିଧାୟକଭାବେ ଶପଥ ଗ୍ରହଣ କରିଥିଲେ। ଏମଭିଏର ଅନ୍ୟ ଅଂଶୀଦାର ଦଳ କଂଗ୍ରେସ, ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା ଏବଂ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନସିପିର ମୋଟ ୪୬ଜଣ ସଦସ୍ୟ ଆଜି ଶପଥପାଠ କରିଛନ୍ତି। ଆଜି ଯେଉଁମାନେ ଶପଥ ଗ୍ରହଣ କରିଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ଶିବସେନା ନେତା ଆଦିତ୍ୟଠାକରେ, କଂଗ୍ରେସ ରାଜ୍ୟ ସଭାପତି ନାନା ପାଟୋଲ, ଅନିଲ ଦେଶମୁଖ, ଏନସିପିର ଜିତେନ୍ଦ୍ର ଅୱାଧ ପ୍ରମୁଖ।

## ମମତାଙ୍କ ନେତୃତ୍ୱକୁ ଶରଦଙ୍କ ପ୍ରଶଂସା

**ମୁମ୍ବାଇ, ୮।୧୨:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଜଣେ ଦକ୍ଷ ଏବଂ ଯୋଗ୍ୟ ନେତ୍ରୀ ବୋଲି କହିଛନ୍ତି ଇଣ୍ଡିଆ ବ୍ଲକର ସବୁଠାରୁ ବରିଷ୍ଠ ନେତା ଶରଦ ପାୱାର। ଏକ ନ୍ୟୁଜ ଚାନେଲ ସହ ସାକ୍ଷାତକାର ବେଳେ ମମତା ଇଣ୍ଡି ବ୍ଲକର ନେତୃତ୍ୱ ପରିବର୍ତ୍ତନ ହେବା ଉଚିତ ବୋଲି କହିଥିଲେ। ସେ କହିଥିଲେ ଯେ, ଇଣ୍ଡିଆ ମେଣ୍ଟକୁ ସେ ଗଠନ କରିଥିଲେ। କିନ୍ତୁ ଏବେ ଯେଉଁମାନେ ଏହାର ନେତୃତ୍ୱ ନେଉଛନ୍ତି ସେମାନେ ଏହାକୁ ଠିକ ଭାବେ ଚଳାଉ ନାହାନ୍ତି। ମେଣ୍ଟର ଅଂଶୀଦାର ଦଳ ମଧ୍ୟରେ ଉପଯୁକ୍ତ ସମନ୍ୱୟ ନାହିଁ ସବୁ ଗାଳ୍ପାରେ ଅଂଶୀଦାର ଦଳ ମଧ୍ୟରେ ଅଧିକ ସହଯୋଗ ରହିବା ଉଚିତ। ଯଦି ତାଙ୍କୁ ସୁଯୋଗ ମିଳେ ତେବେ ସେ ଏହାର ନେତୃତ୍ୱ ନେବାକୁ ପ୍ରସ୍ତୁତ। ମମତାଙ୍କ ଏହି ମତକୁ ସମାଜବାଦୀ ପାର୍ଟୀ ସମର୍ଥନ କରିଛି। ବାମପନ୍ଥୀ ଓ କଂଗ୍ରେସ ଏଥିନେଇ ସତର୍କତାର ସହ ମତବ୍ୟକ୍ତ କରିଛନ୍ତି ଏବଂ ସର୍ବସମ୍ମତିକ୍ରମେ ମେଣ୍ଟର ନେତୃତ୍ୱ ଚୟନ ହେବା ଉଚିତ ବୋଲି କହିଛନ୍ତି।

## ଟିକସ କଟିବାରୁ ବ୍ୟାଙ୍କ ମ୍ୟାନେଜରଙ୍କୁ ପିଟିଲେ ଗ୍ରାହକ

**ଅହମଦାବାଦ, ୮।୧୨:** ଗୁଜରାଟର ଅହମଦାବାଦରେ ଥିବା ୟୁନିୟନ ବ୍ୟାଙ୍କ ଭିତରେ ଜଣେ ବ୍ୟାଙ୍କ ମ୍ୟାନେଜରଙ୍କୁ ମାଡ଼ ମାରିଛନ୍ତି ଜଣେ ଗ୍ରାହକ। ଏହାର ଭିଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଛି।

ଫିକ୍ସଡ ଜମା ଉପରେ ବର୍ଦ୍ଧିତ ଟିକସ କାଟକୁ ବିରୋଧ କରି ଗ୍ରାହକ ଜୈମନ ରାୱଲ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ନେଇ ବ୍ୟାଙ୍କ ମ୍ୟାନେଜରଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଏହାପରେ ସେ ବ୍ୟାଙ୍କ ମ୍ୟାନେଜରଙ୍କ ସହ ହାତାହାତି ହୋଇଛନ୍ତି। ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ ଦୁଇ ଜଣ ବ୍ୟକ୍ତି ପରସ୍ପରର କଲାରକୁ ଜାବୁଡ଼ି ଧରିଛନ୍ତି। ଏତିକି ବେଳେ ଜୈମନ ବ୍ୟାଙ୍କ ମ୍ୟାନେଜରଙ୍କୁ ଗୋଟିଏ ଚାପୁଡ଼ା ମାରୁଛନ୍ତି। ଏହା ତାଙ୍କ ମୁଣ୍ଡରେ ବାଜିଥିଲା। ଭିଡିଓରେ ଜଣେ ମହିଳା ତାଙ୍କ ସହକର୍ମୀ ଶୁଭମଙ୍କୁ ଛାଡ଼ି ଦେବାକୁ କହୁଥିବା ଶୁଣିବାକୁ ମିଳୁଛି। ବ୍ୟାକଗ୍ରାଉଣ୍ଡରେ ଜଣେ ବୟସ୍କ ମହିଳା ରହିଛନ୍ତି। ସମ୍ଭବତଃ ସେ ଗ୍ରାହକଙ୍କ ମା'। ସେ ବିବାଦ ସାମାଧାନ କରିବାକୁ ଚେଷ୍ଟା କରୁଥିଲେ ହେଁ କୌଣସି ପ୍ରକାରର ସୁଫଳ ପାଇ ନାହାନ୍ତି। ସେ ତାଙ୍କ ପୁଅଙ୍କୁ ଚାପୁଡ଼ା ମାରି ବ୍ୟାଙ୍କ ମ୍ୟାନେଜରଙ୍କ କଲାର ଛାଡ଼ିବାକୁ ମଧ୍ୟ କହୁଛନ୍ତି।

କିଛି ସମୟର ଟଣା ଓଟରା ପରେ ଉଭୟ ଅଲଗା ହୋଇଥିଲେ। କିନ୍ତୁ ଗ୍ରାହକ ଜଣଙ୍କ ପୁଣି ମାଡ଼ ମାରିବାକୁ ଚିହିଁକି ଉଠିଥିଲେ। ଏଥର ସେ ବ୍ୟାଙ୍କର ଆଉ ଜଣେ କର୍ମଚାରୀଙ୍କୁ ଆକ୍ରମଣ କରୁଥିବା ଦେଖିବାକୁ ମିଳିଛି। ଭିଡିଓ ଭାଇରାଲ ହେବା ପରେ ପୁଲିସ୍ ଗୋଟିଏ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଭ୍ୟାନ୍‌ରୁ ମିଳିଲା ଦୁଇ ପୁଲିସ କର୍ମୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ

**ଶ୍ରୀନଗର, ୮।୧୨:** ରକ୍ତ ଜୁଡୁବୁଡୁ ଅବସ୍ଥାରେ ଭ୍ୟାନ୍ ଭିତରୁ ମିଳିଲା ଦୁଇ ପୁଲିସ କର୍ମୀଙ୍କ ମୃତଦେହ। ଉଭୟଙ୍କ ଦେହରେ ଗୁଳି ବାଜିଛି। ଜମ୍ମୁ କଶ୍ମୀରର ଉଧମପୁର ଜିଲ୍ଲାରେ ଘଟିଛି ଏଭଳି କିଛି ଘଟଣା। ଏହାକୁ ନେଇ ଚାରିଆଡେ ଆତଙ୍କ ଖେଳି ଯାଇଛି। ସୂଚନା ମୁତାବକ, ଆଜି ସକାଳ ପ୍ରାୟ ସାଢ଼େ ୬ଟା ବେଳେ ଉଧମପୁର ଜିଲ୍ଲା ମୁଖ୍ୟାଳୟ ସ୍ଥିତ କାଲି ମାତା ମନ୍ଦିର ବାହାରେ ପୁଲିସ ଭ୍ୟାନ୍ ଭତରୁ ଦୁଇଜଣ ପୁଲିସ କର୍ମଚାରୀଙ୍କ ମୃତଦେହ ମିଳିଛି। ସେମାନଙ୍କ ଦେହରେ ଗୁଳିମାଡ଼ ଚିହ୍ନ ରହିଛି। ବୋଧହୁଏ ଦୁଇ ପୁଲିସକର୍ମୀ ପରସ୍ପର ଉପରକୁ ଗୁଳି ମାଡ଼ କରିବା ପରେ ସେମାନଙ୍କ ମୃତ୍ୟୁ ହୋଇଥିବା ଅଧିକାରୀମାନେ ସନ୍ଦେହ କରୁଛନ୍ତି। ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରାଥମିକ ରିପୋର୍ଟରୁ ଜଣାପଡିଛି ଯେ ଘଟଣାରେ ଏକେ-୪୭ ବନ୍ଧୁକର ବ୍ୟବହାର କରାଯାଇଛି। ସେହିପରି ଆଉ ଜଣେ ପୁଲିସ କର୍ମୀ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ଉଧମପୁର ଏସଏସପି ଆମୋଦ ନାଗପୁରେ କହିଛନ୍ତି। ଯେଉଁ ପୁଲିସ ଭ୍ୟାନ୍‌ର ଦୁଇ ଜଣ ପୁଲିସ କର୍ମୀଙ୍କ ମୃତଦେହ ମିଳିଛି ତାହା ସପୋର୍‌ର ତଲଓ୍ୱାଡ ଯାଉଥିଲା। ଭ୍ୟାନ୍‌ରେ ଥିବା ପୁଲିସକର୍ମୀ ଟ୍ରେନିଂ ସେଣ୍ଟରକୁ ଯାଉଥିଲେ। ତେବେ ରାସ୍ତାରେ କୌଣସି ବିବାଦ ଯୋଗୁ ପରସ୍ପର ଝଗଡ଼ା ହୋଇଥିଲେ ପୁଲିସ କର୍ମୀ। ଏହାରେ ପରସ୍ପର ଉପରକୁ ଗୁଳିମାଡ଼ରେ ଦୁଇ ଜଣ ପ୍ରାଣ ହରାଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ତେବେ ମାମଲାର ତଦନ୍ତ ଶେଷ ହେବା ପରେ ହିଁ କିଏ ପ୍ରଥମେ ଗୁଳିମାଡ଼ କରିଥିଲା ଓ କାହିଁକି ତାହା ଜଣାପଡିବ ବୋଲି ଏସ୍‌ଏସ୍‌ପି କହିଛନ୍ତି।



## ଫାଟିଲା ସିଲିଣ୍ଡର, ଜଳିଗଲେ ୩ ପିଲାଙ୍କ ସମେତ ୬

**ନୂଆଦିଲ୍ଲୀ, ୮।୧୨:** ହଠାତ୍ ଭୁଶୁଡିଲା ଛାତ। ଏହାପରେ ଫାଟିଲା ସିଲିଣ୍ଡର। ଏଥିରେ ଗୋଟିଏ ପରିବାରର ୬ ଜଣ ଜଳି ଯାଇଛନ୍ତି। ରାଜଧାନୀ ଦିଲ୍ଲୀର ନରେଲାରେ ଘଟିଛି ଏଭଳି କିଛି ଘଟଣା। ସିଲିଣ୍ଡରରେ ବିସ୍ଫୋରଣ ଯୋଗୁ ପୂରା ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ଦିଲ୍ଲୀ ନରେଲା ଅଞ୍ଚଳରେ ଥିବା ଏକ ଦୁଇ ମହଲା ବିଲ୍ଡିଂ ଛାତ୍ର ଭୁଶୁଡିବା ଯୋଗୁ ଏହି ଦୁର୍ଘଟଣା ଘଟିଛି। ଏଥିରେ ୬ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣାରେ ଆହତମାନଙ୍କ ମଧ୍ୟରେ ୪୦ ବର୍ଷୀୟ ରାଜୁ, ୩୫ ବର୍ଷୀୟ ରାଜୁଙ୍କ ପତ୍ନୀ ରାଜେଶ୍ୱରୀ, ୧୮ ବର୍ଷୀୟ ରାହୁଲ ଏବଂ ତିନି ଛୋଟ ଝିଅ ଅଛନ୍ତି। ପଡୋଶୀଙ୍କ କହିବା ମୁତାବକ, ଯେଉଁ ସମୟରେ ଛାତ ଭୁଶୁଡିଲା ସେତେବେଳେ ପରିବାର ଜଣେ ସଦସ୍ୟ ରୋଷେଇ କରୁଥିଲା। ଏହି କାରଣରୁ ସିଲିଣ୍ଡର ବିସ୍ଫୋରଣ ହେବା ପରେ ସେମାନେ ଜଳି ଯାଇଥିବା କୁହାଯାଉଛି। ଖବର ପାଇ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛି।

## ଫଡନାବିସଙ୍କ ଶପଥ ଉତ୍ସବ ବେଳେ ଲୁଟ୍ ତଦନ୍ତ ଆରମ୍ଭ କଲା ପୁଲିସ୍



**ମୁମ୍ବାଇ, ୮।୧୨:** ଡିସେମ୍ବର ୫ ତାରିଖରେ ମହାରାଷ୍ଟ୍ରର ଆଜାଦ ମୈଦାନରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ବିଜେପି ନେତା ଦେବେନ୍ଦ୍ର ଫଡନାଭିସ ଶପଥ ନେଇଥିଲେ। ତାଙ୍କ ସହ ଶିବସେନା ମୁଖ୍ୟ ଏକନାଥ ସିନ୍ଦେ ଓ ଏନସିପିର ଅଜିତ ପାୱାର ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଶପଥ ପାଠ ଉତ୍ସବ ବେଳେ ମୈଦାନରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ସାଧାରଣ ଲୋକ ମଧ୍ୟ ଉପସ୍ଥିତ ରହିଥିଲେ। ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଶପଥ ପାଠ ଉତ୍ସବ ଆୟୋଜନ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ହଜାର ହଜାର ସୁରକ୍ଷାକର୍ମୀଙ୍କୁ ମଧ୍ୟ ମୁତୟନ କରାଯାଇଥିଲା। ହେଲେ ଶପଥ ପାଠ ଉତ୍ସବ ବେଳେ ବ୍ୟାପକ ଲୁଟପାଟ ହୋଇଛି। ଭିଡ଼ର ଫାଇଦା ଉଠାଇ ଲୁଟେରାମାନେ ସୁନା ଚେନ, ମୋବାଇଲ ଫୋନ ଓ କିଛି ପର୍ସ ଚୋରି ହୋଇଯାଇଛି। ମୋଟ ୧୨.୪ ଲକ୍ଷ ଟଙ୍କା ଚୋରି ହୋଇଥିବା ଖବର ସାମ୍ନାକୁ ଆସିବା ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଶପଥ ପାଠ ଉତ୍ସବରେ ମୁମ୍ବାଇ ପୁଲିସ୍ ୪ ହଜାର ସୁରକ୍ଷାକର୍ମୀଙ୍କୁ ମୁତୟନ କରିଥିଲା। ବିଭିନ୍ନ ସ୍ଥାନରେ ସିସିଟିଭି ଲଗା ଯାଇଥିଲା। ତଥାପି ଭିଡ଼ର ଫାଇଦା ଉଠାଇ ଗେଟ ନମ୍ବର ୨ ଦେଇ ଲୁଟେରାମାନେ ପ୍ରବେଶ କରିଛନ୍ତି। ପୁଲିସ୍ ଏବେ ସିସିଟିଭି ଫୁଟେଜକୁ ଯାଞ୍ଚ କରିବାରେ ଲାଗିଛି। ସିସିଟିଭି ଫୁଟେଜ ଆଧାରାରେ କିଛି ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ଟିୟର ଗ୍ୟାସ ପରେ ଚାଷୀଙ୍କୁ ଫୁଲମାଡ଼



**ନୂଆଦିଲ୍ଲୀ, ୮।୧୨:** ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସ୍‌ପି) ଉପରେ ଆଇନଗତ ମାନ୍ୟତା ଦାବି କରି ଆଜି ପୁଣିଥରେ ପଞ୍ଜାବ-ହରିୟାଣା ବର୍ଡର ଶମ୍ଭୁ ଠାରୁ ୧୦୧ ଜଣ ଚାଷୀ ଆରମ୍ଭ କରିଥିବା ଦିଲ୍ଲୀ ଚଲୋ ଯାତ୍ରାକୁ ପୁଣି ଗୋଟିଏ ଦିନ ପାଇଁ ବନ୍ଦ କରି ଦିଆଯାଇଛି। ଆଜି ସେମାନେ ମଧ୍ୟାହ୍ନ ସମୟରେ ପଦଯାତ୍ରା ଆରମ୍ଭ କରିଥିଲେ। କିନ୍ତୁ ଶମ୍ଭୁ ସୀମାନ୍ତରେ ଲାଗିଥିବା ବ୍ୟାରିକେଡ ନିକଟରେ ପହଞ୍ଚିବା କ୍ଷଣି ପୁଲିସ୍ ସେମାନଙ୍କ ଉପରକୁ ଲୁହ ବୁହା ଗ୍ୟାସ ମାଡ଼ କରିଥିଲା। ବିକ୍ଷୋଭକାରୀମାନେ ବ୍ୟାରିକେଡ ଆଡ଼କୁ ମାଡ଼ି ଆସୁଥିବା ବେଳେ ସେମାନଙ୍କୁ ଘଉଡ଼ାଇବା ପାଇଁ ପୁଲିସ୍ ଟିୟର ଗ୍ୟାସ ସେଲ ମାଡ଼ କରିଥିଲା। ଏହାକୁ ନେଇ ଦୁଇ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ସ୍ଥିତି ମଧ୍ୟ ଦେଖିବାକୁ ମିଳିଛି।

ପୁଲିସ୍ ପକ୍ଷରୁ ଚାଷୀମାନଙ୍କୁ ଦିଲ୍ଲୀ ଚଲୋ ଯାତ୍ରା ପାଇଁ ମିଳିଥିବା ଅନୁମତିପତ୍ର ଦେଖାଇବାକୁ କୁହାଯାଇଥିଲା। ଏହାକୁ ନେଇ ପ୍ରଥମେ ଯୁକ୍ତିତର୍କ ଓ ପରେ ଧସ୍ତାଧସ୍ତି ସ୍ଥିତି ସୃଷ୍ଟି ହୋଇଥିଲା। ବେଶ କିଛି ସମୟ ଉତ୍ତେଜନା ପରେ ଚାଷୀମାନେ ପୁଣି ବ୍ୟାରିକେଡ ଠାରୁ ପଛକୁ ଘୁଞ୍ଚି ରାସ୍ତାରେ ବିକ୍ଷୋଭ ଆରମ୍ଭ କରିଛନ୍ତି। ଏହି ସମୟରେ ପ୍ରଥମେ ଲୁହ ବୁହା ଗ୍ୟାସ ମାଡ଼ କରିଥିବା ପୁଲିସ୍ ସେମାନଙ୍କ ଉପରକୁ ଫୁଲ ପାଖୁଡ଼ା ପକାଇ ଆଶ୍ୱସନା ଦେବାକୁ ଚେଷ୍ଟା କରିଛି। ପୁଲିସ ଫୁଲ ପକାଉଥିବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଫୁଲ ପକାଇ ପୁଲିସ୍ ଚାଷୀମାନଙ୍କୁ ଶାନ୍ତି ଶୃଙ୍ଖଳା ବଜାୟୀ ରଖିବାକୁ ମଧ୍ୟ ନିବେଦନ କରିଛି। ତେବେ ପୁଲିସର ଲୁହ ବୁହା ଗ୍ୟାସ ମାଡ଼ ଯୋଗୁ ପୁଣିଥରେ କିଛି ଚାଷୀ ଆହତ ହୋଇଛନ୍ତି। ଏଥିପାଇଁ ଚାଷୀମାନେ ସେମାନଙ୍କ ଦିଲ୍ଲୀ ଚଲୋ ଯାତ୍ରାକୁ ଗୋଟିଏ ଦିନ ବନ୍ଦ ରଖିବାକୁ ନିଷ୍ପତ୍ତି। ଶମ୍ଭୁ ସୀମାନ୍ତଙ୍କୁ ବିକ୍ଷୋଭ ପ୍ରତ୍ୟାହାର ହେଉଥିବା ଚାଷୀ ନେତା ସରବନ ସିଂହ ପାନ୍ଧେର ଘୋଷଣା କରିଛନ୍ତି।

ସେ କହିଛନ୍ତି ଯେ ଆଜି ଆମେ ଦିଲ୍ଲୀ ଚଲୋ ଯାତ୍ରାକୁ ପ୍ରତ୍ୟାହାର କରୁଛୁ। କିନ୍ତୁ ଆଜି ବିକ୍ଷୋଭ ଜାରି ରହିବ। ଟିୟର ଗ୍ୟାସ ସେଲ ମାଡ଼ରେ ଜଣେ ଚାଷୀ ଗୁରୁତର ହୋଇ ପିଜିଆଇରେ ଭର୍ତ୍ତି ହୋଇଛନ୍ତି। ଆହୁରି ୮ରୁ ୯ ଜଣ ଆହତ ହୋଇଛନ୍ତି। ଆନ୍ଦୋଳନର ପରବର୍ତ୍ତୀ କାର୍ଯ୍ୟପନ୍ଥା ଆଗାମୀ ଦିନରେ ନିର୍ଦ୍ଧାରଣ କରାଯିବ ବୋଲି ସେ କହିଛନ୍ତି। ବିକ୍ଷୋଭ କରୁଥିବା ଜଣେ ଚାଷୀ କହିଛନ୍ତି, "ପୁଲିସ୍ ଆମକୁ ପରିଚୟ ପତ୍ର ମାଗିଥିଲା। ହେଲେ ସେମାନେ ଆମକୁ ଦିଲ୍ଲୀ ଯିବାକୁ ଅନୁମତି ଦେବାକୁ ଗ୍ୟାରେଣ୍ଟୀ ଦେଇ ନଥିଲେ। ଦିଲ୍ଲୀ ଯିବାକୁ ଅନୁମତି ନଥିବା ସେମାନେ କହିଥିଲେ। ଏପରି ସ୍ଥିତିରେ ଆମେ କାହିଁକି ପରିଚୟପତ୍ର ଦେଖାଇବୁ? ସେମାନେ ଯଦି ଦିଲ୍ଲୀ ଯିବାକୁ ଆମକୁ ଅନୁମତି ଦେବେ, ତା'ହେଲେ ଆମେ ସେମାନଙ୍କୁ ପରିଚୟପତ୍ର ଦେଖାଇବୁ।" ତେବେ ପୁଲିସ୍ ଦାବି କରିଛି ଯେ ଦିଲ୍ଲୀ ଚଲୋ ପାଇଁ ଡାକରେ ଦେଇଥିବା ୧୦୧ ଚାଷୀଙ୍କ ବଦଳରେ ଅନ୍ୟ ଚାଷୀମାନେ ମଧ୍ୟ ଏକାଠି ହୋଇ ବ୍ୟାରିକେଡ ଆଡ଼କୁ ମାଡ଼ି ଆସିଥିଲେ। ପରିଚୟପତ୍ର ମାଗିବାରୁ ସେମାନେ ବ୍ୟାରିକେଡ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୁଲିସ୍‌ର ଏପରି ଦାବିକୁ ଚାଷୀମାନେ ଖଣ୍ଡନ କରିଛନ୍ତି। ଏହାକୁ ନେଇ ଏବେ ବି ଶମ୍ଭୁ ସୀମାନ୍ତରେ ଉତ୍ତେଜନା ଲାଗି ରହିଛି। ଶତାଧିକ ଚାଷୀ ସୀମା ନିକଟରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଚାଷୀଙ୍କ ବିକ୍ଷୋଭକୁ ଦୃଷ୍ଟିରେ ରଖି ପଞ୍ଜାବ-ହରିୟାଣା ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ସ୍ଥାନରେ ବ୍ୟାରିକେଡ ଓ ଲୁହା ତାର ଲଗାଯାଇଛି। ଏପରି କି ସୀମାନ୍ତରେ ୧୬୩ ଧାରା(ପୂର୍ବରୁ ୧୪୪ ଧାରା ଥିଲା) ଲାଗୁ କରାଯାଇଛି। ୫ରୁ ଅଧିକ ଲୋକଙ୍କୁ ଏକାଠି ହେବାକୁ ବାରଣ କରାଯାଇଛି। ଶମ୍ଭୁ ବ୍ୟତୀତ ଖାନାଉରି ସୀମାନ୍ତକୁ ମଧ୍ୟ ସିଲ କରାଯାଇଛି। ସୀମାନ୍ତରେ ୪ ଥାକିଆ ସୁରକ୍ଷା ବ୍ୟବସ୍ଥା ଲାଗୁ ହୋଇଛି।




## କେନ୍ଦ୍ର ମନ୍ତ୍ରୀରୁ ମଡେଲ୍, ଫ୍ୟାଶନ ଶୋ'ରେ ସିନ୍ଧିଆଙ୍କ ଜଲୱା

**ନୂଆଦିଲ୍ଲୀ, ୮।୧୨:** କେନ୍ଦ୍ର ମନ୍ତ୍ରୀରୁ ମଡେଲ୍। ଫ୍ୟାଶନ ଶୋ'ରେ ଭାଗ ନେଲେ ମୋଦି ସରକାରଙ୍କ ମନ୍ତ୍ରୀ। ରାମ୍ପ ୱାକ୍‌ରେ ଜଲୱା ଦେଖାଇଲେ ଜ୍ୟୋତିରାଦିତ୍ୟ ସିନ୍ଧିଆ। ତାଙ୍କ ସହ ରାଜ୍ୟ ମନ୍ତ୍ରୀ ସୁକାନ୍ତ ମଜୁମ୍‌ଦାର ମଧ୍ୟ ରାମ୍ପ ୱାକ୍ କଲେ। ଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆୟୋଜିତ ଚାଲିଥିବା ଅଷ୍ଟଲକ୍ଷ୍ମୀ ମହୋତ୍ସବ ସମୟରେ ଫ୍ୟାଶନ ଶୋ'ରେ ଭାଗ ନେଇ ଏହି ଦୁଇ ମନ୍ତ୍ରୀ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ନର୍ଥଇଷ୍ଟ ଫ୍ୟାଶନକୁ ପ୍ରମୋଟ କରିବା ପାଇଁ ସିନ୍ଧିଆ ଓ ମଜୁମଦାର ନର୍ଥଇଷ୍ଟ ଷ୍ଟାଇଲ୍‌ର ଜ୍ୟାକେଟ୍ ପିନ୍ଧି ରାମ୍ପ ଉପରେ ଚାଲିଥିଲେ। ସେମାନେ କୌଣସି ମଡେଲ୍ ଠାରୁ କମ୍ ନଥିଲେ। ଉଭୟଙ୍କ ବେଶ୍ ଷ୍ଟାଇଲିସ୍ ଅନ୍ଦାଜରେ ଦେଖିବାକୁ ମିଳିଥିଲା। ତାଙ୍କ ଚାଲି ଦେଖି ସମସ୍ତେ ଘାଇଲା ହୋଇଯାଇଥିଲେ। କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏକ ଫ୍ୟାଶନେବଲ୍ କ୍ରିମ୍ ରଙ୍ଗର ଜ୍ୟାକେଟ୍ ପିନ୍ଧିଥିଲେ। ତାଙ୍କ ବେକରେ ଏକ ଲାଲ ରଙ୍ଗର ମଫଲର ଥିଲା। ଏଥିସହିତ ସୁକାନ୍ତ ମଜୁମଦାର ମଧ୍ୟ କ୍ରିମ ରଙ୍ଗର ଜ୍ୟାକେଟ୍ ପିନ୍ଧିଥିଲେ। ସେ ମଧ୍ୟ ବେକରେ ଏକ ଲାଲ ରଙ୍ଗର ମଫଲର ବାନ୍ଧିଥିଲେ। ଏହି ସ୍ୱତନ୍ତ୍ର ଫ୍ୟାଶନ ଶୋ' ବିଷୟରେ ସୋଶାଲ ମିଡିଆ ପ୍ଲାଟଫର୍ମ X ରେ କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ନିଜର ପ୍ରତିକ୍ରିୟା ଦେଇଛନ୍ତି। ସିନ୍ଧିଆ ଲେଖିଛନ୍ତି, 'ବାସ୍ତବରେ ଏହା ସଂସ୍କୃତି ଏବଂ ସୃଜନଶୀଳତାର ଉତ୍ସବ। ଉତ୍ତର ପୂର୍ବ ଭାରତର ଚିତ୍ତାକର୍ଷକ ଶୈଳୀ ପ୍ରଦର୍ଶନ କରୁଥିବା ଫ୍ୟାଶନ ଶୋ'ରେ ଏକ ସୁନ୍ଦର ସମୟ ବିତାଇଲି। ପ୍ରତ୍ୟେକ ରାଜ୍ୟକୁ ଦକ୍ଷ କଳାକାର ଏବଂ ମଡେଲମାନେ ସୁନ୍ଦର ଭାବରେ ପ୍ରତିନିଧିତ୍ୱ କରିଥିଲେ। ମୋର ସହକର୍ମୀ ସୁକାନ୍ତ ମଜୁମଦାରଙ୍କ ସହ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବାରୁ ମୁଁ ଗର୍ବିତ ଅନୁଭବ କରୁଛି।'

## ରାଜନୀତିରେ ପୁଷ୍ପା କ୍ରେଜ୍: କେଜ୍ରିୱାଲ କହିଲେ, ଝୁକେଗା ନହିଁ

**ନୂଆଦିଲ୍ଲୀ, ୮।୧୨:** ଫିଲ୍ମ 'ପୁଷ୍ପା ୱାନ୍' ଓ 'ପୁଷ୍ପା'ଟୁର କ୍ରେଜି ଏବେ ଚାରିଆଡେ। ଏହି ଫିଲ୍ମ ମାୟାରେ ବାୟା ଯୁବପିଢ଼ି। ସୋଶାଲ ମିଡିଆରେ ଚହଳ ସୃଷ୍ଟି କରିଛି ଏହି ଫିଲ୍ମ। ଅଲ୍ଲୁ ଅର୍ଜୁନଙ୍କ ସ୍ପେଶାଲ ଡାଏଲଗ୍ 'ମେଁ ଝୁକେଗା ନହିଁ' ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ଏହି ସମାନ ରଙ୍ଗ ଏବେ ଦିଲ୍ଲୀ ରାଜନୀତିରେ ମଧ୍ୟ ଚଢ଼ୁଥିବା ଦେଖିବାକୁ ମିଳିଛି। ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ଓ ଶାସକ ଆମ୍ ଆଦମୀ ପାର୍ଟି ମଧ୍ୟରେ ଦେଖିବାକୁ ମିଳିଛି ଫିଲ୍ମ ପୁଷ୍ପା ଷ୍ଟାଇଲ୍‌ର ପୋଷ୍ଟର ୱାର୍। ଏକ ପୋଷ୍ଟରରେ 'ଆପ୍' କରିଥିବା ବିଭିନ୍ନ ଘୋଟାଲା ଦର୍ଶାଇ ବିଜେପି ଟାର୍ଗେଟ କରିଥିବାବେଳେ ଏହାର ପାଲଟ ଜବାବ ଦେଇଛି ଆମ ଆଦମୀ ପାର୍ଟୀ। ଦିଲ୍ଲୀ ଶାସକ ଦଳ ଆପ୍ ଫିଲ୍ମ 'ପୁଷ୍ପା' ଷ୍ଟାଇଲରେ ବିଜେପି ଉପରେ ପାଲଟା ଆକ୍ରମଣ କରିଛି। ପୋଷ୍ଟର୍‌ରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ୍‌ଙ୍କ ଫଟୋ ଲାଗିଛି। ହାତରେ ଝାଡୁ ଧରି ଫୁଲ୍ କନ୍‌ଫିଡେନ୍ସ ସହ ଛିଡା ହୋଇଛନ୍ତି ଅରବିନ୍ଦ କେଜ୍ରିୱାଲ୍। ଆଉ ଏଥିରେ ଲେଖା ଅଛନ୍ତି କେଜ୍ରିୱାଲ୍ ଝୁକେଗା ନହିଁ। କେଜ୍ରିୱାଲ୍‌ଙ୍କ ରାଜନୈତିକ ବିରୋଧୀଙ୍କ ପାଇଁ ଏହି ପୋଷ୍ଟରର ବାର୍ତ୍ତା ସ୍ପଷ୍ଟ। ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିଓ୍ୱାଲ




ଦଳର ଆଦର୍ଶ ସହ ଆପୋସ ବୁଝାମଣା କରିନାହାନ୍ତି ଏବଂ କରିବେ ନାହିଁ। ସେ କ୍ରମାଗତ ଚତୁର୍ଥ ଥର ପାଇଁ ଦିଲ୍ଲୀରେ କ୍ଷମତାକୁ ଫେରିବେ ବୋଲି ପୋଷ୍ଟର ଜରିଆରେ ବିଜେପିକୁ ଟାର୍ଗେଟ୍ କରି କୁହାଯାଇଛି। କେଜ୍ରିୱାଲ ମୁଣ୍ଡ ନୁଆଁଇବେ ନାହିଁ ବୋଲି ଆପ୍ ସ୍ପଷ୍ଟ କରିଛି। ଆପ୍‌ର ଏହି ପୋଷ୍ଟର ସାମ୍ନାକୁ ଆସିବା ପରେ ନିର୍ବାଚନ ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି ଯେ ଏହା ଆମ୍ ଆଦମୀ ପାର୍ଟିର ୨୦୨୫ ବିଧାନସଭା ନିର୍ବାଚନ ପ୍ରଚାରର ଏକ ଅଂଶ ହୋଇପାରେ, ଯେଉଁଠାରେ କେଜ୍ରିୱାଲ ତାଙ୍କ ନୀତିକୁ ଦୃଢ଼ ଭାବରେ ଉପସ୍ଥାପନ କରିବେ ଏବଂ ବିରୋଧୀଙ୍କ ଆଗରେ ମୁଣ୍ଡ ନୁଆଁଇବେ ନାହିଁ।

ଉଲ୍ଲେଖଯୋଗ୍ୟ, ଦିଲ୍ଲୀ ବିଧାନସଭା ନିର୍ବାଚନର ଦୁଇ ମାସ ପୂର୍ବରୁ ରାଜନୈତିକ ଗତିବିଧି ତୀବ୍ର ହେବାରେ ଲାଗିଛି। ବିଜେପି ଶନିବାର ଏକ ପୋଷ୍ଟର ଜାରି କରି ଆପ୍ ସରକାରର କଥିତ ଘୋଟାଲା ବିଷୟରେ କହିଥିଲା। ପୋଷ୍ଟରରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍‌ଙ୍କ ଫଟୋ ଲଗାଯାଇଥିଲା। ଏହାର କ୍ୟାପ୍ସନରେ କେଜ୍ରିୱାଲ୍‌ଙ୍କ ଦୁର୍ନୀତିର ବୁଢ଼ିଆଣୀ ଜାଲ ସହ ମଦ ଦୁର୍ନୀତି, ମୋହଲ୍ଲା କ୍ଲିନିକ୍, ସିକ୍ୟୁରିଟି, ରାସନ, ପାନିକ୍ ବଟନ, ଶୀଶମହଲ, ଔଷଧ, ଦିଲ୍ଲୀ ଜଳ ବୋର୍ଡ, କ୍ଲାସରୁମ୍ ଏବଂ ସିସିଟିଭି ଘୋଟାଲାକୁ ଦର୍ଶାଯାଇଥିଲା। ଏହାପୂର୍ବରୁ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) ଶନିବାର 'ଅବ ନହିଁ ସହେଙ୍ଗେ, ବଦଲ କେ ରହେଙ୍ଗେ' ସ୍ଲୋଗାନ ଦେଇଛି। ଏହା ଦିଲ୍ଲୀବାସୀଙ୍କ ସ୍ଲୋଗାନ ବୋଲି ବିଜେପି କହିଛି। ଆମ୍ ଆଦମୀ ପାର୍ଟିର ଶାସନରେ ଦିଲ୍ଲୀବାସୀ ବିରକ୍ତ ହୋଇଯାଇଛନ୍ତି। ଏହାର କିଛି ଘଣ୍ଟା ପରେ ଆମ୍ ଆଦମୀ ପାର୍ଟି ମୁଖ୍ୟ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ବିଜେପିକୁ ଘେରି ଥିଲେ। ପରେ ପୁଷ୍ପା ଷ୍ଟାଇଲରେ ଆପ୍ ପୋଷ୍ଟର ଜାରି କରିଛି।

## ବର୍ଡର-ଗାଭାସ୍କର ଦ୍ୱିତୀୟ ଟେଷ୍ଟ

# ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲର ୩ନଂକୁ ଖସିଲା ଭାରତ



**ଆଡିଲେଡ୍, ୮।୧୨:** ପର୍ଥ ଟେଷ୍ଟରେ ଦମଦାର ବିଜୟ ହାସଲ କରିଥିବା ଭାରତୀୟ ଟିମ ପିଙ୍କ ବଲ ଟେଷ୍ଟରେ ଲଜ୍ଜାଜନକ ପରାଜୟ ବରଣ କରିଛି। ଅଷ୍ଟ୍ରେଲିଆ ଆଡିଲେଡରେ ଭାରତକୁ ୧୦ ୱିକେଟରେ ହରାଇ ବର୍ଡର-ଗାଭାସ୍କର ଟ୍ରଫିକୁ ୧-୧ ସ୍ଥିତିକୁ ଆଣି ଦେଇଛି। ସେହିପରି ଆଡିଲେଡରେ ପିଙ୍କ ବିଲ ଟେଷ୍ଟରେ ନିଜର ୧୦୦% ବିଜୟକୁ କାଏମ ରଖିଛି। ଭାରତ ଦୁଇଟି ଯାକ ଇନିଂସରେ ବ୍ୟାଟିଂ ଜରିଆରେ ସମସ୍ତଙ୍କୁ ନିରାଶ କରିଛି। ପ୍ରଥମ ଇନିଂସରେ ୧୮୦ ରନ କରିଥିବା ଭାରତ ଦ୍ୱିତୀୟ ଇନିଂସରେ କେବଳ ୧୭୫ ରନ କରିଥିଲା। ଫଳରେ ଅଷ୍ଟ୍ରେଲିଆକୁ ମ୍ୟାଚ୍ ଜିତିବା ପାଇଁ କେବଳ ୧୯ ରନର ଟାର୍ଗେଟ ମିଳିଥିଲା। କାରଣ ପ୍ରଥମ ଇନିଂସରେ କଙ୍ଗାରୁ ଟିମ ୩୩୭ ରନ କରିଥିଲା। ଅଷ୍ଟ୍ରେଲିଆ ଠାରୁ ୧୦ ୱିକେଟ ହାରିବା ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ଟେବୁଲ (ଡବ୍ଲ୍ୟୁଟିସି)ରେ ଭାରତକୁ ବଡ଼ କ୍ଷତି ହୋଇଛି। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ୧ନଂ ସ୍ଥାନରେ ଥିବା ଭାରତ ପରାଜୟ ପରେ ସିଧା ତୃତୀୟ ସ୍ଥାନକୁ ଖସି ଆସିଛି। ଏଥିସହ କ୍ରମାଗତ ତୃତୀୟ ଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବାକୁ ଆଶା ରଖିଥିବା ଭାରତ ଏବେ ଅଡୁଆ ପରିସ୍ଥିତିରେ ପଡ଼ିଛି। ପର୍ଥ ଟେଷ୍ଟରେ ଭାରତ ଠାରୁ ହାରିବା ପରେ ଅଷ୍ଟ୍ରେଲିଆ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଖସି ଯାଇଥିଲା। ହେଲେ ଏବେ ପୁଣି ଥରେ ଦଳ ୧ନଂ ସ୍ଥାନକୁ ଫେରିଛି। ଦକ୍ଷିଣ ଆଫ୍ରିକା ପୂର୍ବଭଳି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଅଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଟ୍ରଫିରେ ଅଷ୍ଟ୍ରେଲିଆ ବିଜୟ ପ୍ରତିଶତ ୬୦.୭୧ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ୫୯.୨୬% ବିଜୟ ପ୍ରତିଶତ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତର ବିଜୟ ପ୍ରତିଶତ ୫୭.୨୯କୁ ଖସି ଯାଇଛି। ୪ର୍ଥ ସ୍ଥାନରେ ଥିବା ଶ୍ରୀଲଙ୍କାର ବିଜୟ ପ୍ରତିଶତ ୫୦% ରହିଛି। ଭାରତ ଏବେ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହିଥିଲେ ହେଁ ଦଳର ଫାଇନାଲ ଖେଳିବା ଆଶା ମରିନାହିଁ। ଏବେ ବି ବର୍ଡର-ଗାଭାସ୍କର ଟ୍ରଫିରେ ଆହୁରି ୩ଟି ମ୍ୟାଚ୍ ବାକି ରହିଛି। ଏହି ମ୍ୟାଗ ଗୁଡ଼ିକରେ ଭାରତକୁ ଯେମିତି ହେଲେ ବି ବିଜୟ ହାସଲ କରିବାକୁ ପଡ଼ିବ।

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲକୁ ଯିବାକୁ ହେଲେ ଭାରତ ୪-୧ରେ ଅଷ୍ଟ୍ରେଲିଆକୁ ହରାଇଲେ ରୋହିତ ଶର୍ମା ଆଣ୍ଡ କୋ ବେଶ ସହଜରେ ଫାଇନାଲ ଟିକେଟ ହାତେଇ ପାରିବ। ଏପରି ସ୍ଥିତିରେ ଅଷ୍ଟ୍ରେଲିଆ ଫାଇନାଲ ରେସରୁ ବାଦ ପଡ଼ିବ। ଭାରତକୁ ମଧ୍ୟ ଅନ୍ୟ କୌଣସି ଦଳର ରେଜଲ୍ଟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଯଦି ଭାରତ ୩-୧ରେ ଯଦି ଅଷ୍ଟ୍ରେଲିଆକୁ ହରାଉଛି, ତା'ହେଲେ ମଧ୍ୟ ଫାଇନାଲ ଯିବାର ଆଶା ରହିବ। ହେଲେ ଏଥିପାଇଁ ଶ୍ରୀଲଙ୍କା ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଠାରୁ ନ ହାରିବା ଦରକାର। କିନ୍ତୁ ଭାରତ ୩-୧ରେ ଜିତିଲେ ମଧ୍ୟ ଯଦି ଶ୍ରୀଲଙ୍କା ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଠାରୁ ହାରିଯିବ, ତା'ହେଲେ ଟିମ ଇଣ୍ଡିଆ ଫାଇନାଲ ରେସରୁ ବାଦ ପଡ଼ିବ। ଶ୍ରୀଲଙ୍କା-ଦକ୍ଷିଣ ଆଫ୍ରିକା ଟେଷ୍ଟ ସିରିଜ ଡ୍ର ରହିଲେ, ଭାରତ ଫାଇନାଲକୁ ଯାଇ ପାରିବ। ଭାରତ ୩-୨ରେ ଅଷ୍ଟ୍ରେଲିଆକୁ ଯଦି ବର୍ଡର-ଗାଭାସ୍କର ଟ୍ରଫିରେ ହରାଉଛି, ତା'ହେଲେ ଫାଇନାଲରେ ପହଞ୍ଚିବା ରେସ ଆହୁରି ରୋମାଞ୍ଚକର ହୋଇଯିବ। ଏପରି ସ୍ଥିତିରେ ଭାରତକୁ ଶ୍ରୀଲଙ୍କାର ସହାୟତା ଦରକାର। ଜାନୁଆରୀ ୨୯ରୁ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ମଧ୍ୟରେ ଆରମ୍ଭ ହେବାକୁ ଯାଉଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜକୁ ସିଂହଳ ଟିମ ଅତି କମରେ ଡ୍ର କରିପାରିଲେ, ଭାରତ ଫାଇନାଲ ଯାଇ ପାରିବ। ଯଦି ବର୍ଡର-ଗାଭାସ୍କର ଟ୍ରଫି ୨-୨ରେ ଡ୍ର ରହିଲା, ତା'ହେଲେ ଭାରତ ପାଇଁ ଫାଇନାଲରେ ପହଞ୍ଚିବା ଅତି କଷ୍ଟକର ହୋଇପଡ଼ିବ। ଏପରି ସ୍ଥିତିରେ ଦକ୍ଷିଣ ଆଫ୍ରିକାକୁ ୨-୦ରେ ଶ୍ରୀଲଙ୍କା ଠାରୁ ଜିତିବାକୁ ପଡ଼ିବ ଓ ଅଷ୍ଟ୍ରେଲିଆକୁ ଶ୍ରୀଲଙ୍କା ଠାରୁ ୦-୨ରେ ହାରିବାକୁ ପଡ଼ିବ।

# ଅଷ୍ଟ୍ରେଲିଆଠାରୁ ହାରିଲା ଭାରତୀୟ ମହିଳା ଦଳ



**ନୂଆଦିଲ୍ଲୀ, ୮।୧୨:** ପିଙ୍କ ବଲ ଟେଷ୍ଟରେ ଅଷ୍ଟ୍ରେଲିଆ ଠାରୁ ଆଜି ସକାଳେ ଭାରତୀୟ ପୁରୁଷ କ୍ରିକେଟ ଟିମ ଲଜ୍ଜାଜନକ ଭାବେ ୧୦ ୱିକେଟରେ ପରାସ୍ତ ହୋଇଥିଲା। ଏହି ବିଜୟ ସହ ପାଟ କମିନ୍ସଙ୍କ ଅଷ୍ଟ୍ରେଲିଆ ବର୍ଡର-ଗାଭାସ୍କର ଟ୍ରଫିକୁ ୧-୧ ସ୍ଥିତିକୁ ମଧ୍ୟ ନେଇ ଆସିଛି। ପର୍ଥ ଟେଷ୍ଟରେ ଭାରତ ବୃହତ୍ତ ବିଜୟ କରିବା ପରେ ଆଡିଲେଡରେ ୧୦ ୱିକେଟରେ ପରାସ୍ତ ହେବା କ୍ରିକେଟ ଫ୍ୟାନ୍ସଙ୍କୁ ନିରାଶ କରିଛି। ଫ୍ୟାନ୍ସ ଏହାକୁ ନେଇ ମର୍ମାହତ ରହିଥିବା ବେଳେ ପୁଣିଥରେ ସେହି ଅଷ୍ଟ୍ରେଲିଆରୁ ଆସିଛି ନିରାଶ କରିବା ଭଳି ଖବର। ପୁରୁଷ ଟିମଙ୍କ ଭଳି ଭାରତୀୟ ମହିଳା ଦଳ ମଧ୍ୟ ଅଷ୍ଟ୍ରେଲିଆ ଠାରୁ ଦ୍ୱିତୀୟ ଦିନିକିଆରେ ପରାସ୍ତ ହୋଇଛନ୍ତି। ପ୍ରଥମ ଦିନିକିଆକୁ ଅଷ୍ଟ୍ରେଲିଆର ମହିଳା ଦଳ ଦମଦାର ଢଙ୍ଗରେ ଜିତିଥିଲା। ଆଜି ମଧ୍ୟ ଘରୋଇ ଟିମ ଭାରତୀୟ ମହିଳା ଦଳକୁ ଦ୍ୱିତୀୟ ଦିନିକିଆରେ ବୃହତ୍ତ ୧୨୨ ରନରେ ହରାଇ ଦେଇଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜକୁ ୨-୦ରେ ଆଗୁଆ କବଜା କରି ନେଇଛି। ବ୍ରିସବେନରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ତାହିଲା ମ୍ୟାଗ୍ରାଙ୍କ ଅଷ୍ଟ୍ରେଲିଆ ଜର୍ଜିଆ ଭୋଲ୍ଲଙ୍କ ୧୦୧ ଓ ଅଭିଜ୍ଞ ଏଲିସ ପେରୀଙ୍କ ୭୫ ବଲରେ ୧୦୫ ରନର ଇନିଂସ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ବିଶାଳ ୩୭୧ ରନ କରିଥିଲା। ଦଳ ପକ୍ଷରୁ ଲିଚଫିଲ୍ଡ ୬୦ ଓ ବେଥ ମୁନୀ ମଧ୍ୟ ୫୬ ରନର ଇନିଂସ ଖେଳିଥିଲେ। ଭାରତ ପକ୍ଷରୁ ସାଇମା ଠାକୁର ସର୍ବାଧିକ ୩ଟି ନେଇଥିବା ବେଳେ ମିନୁ ମଣିଙ୍କ ଖାତାକୁ ୨ଟି ୱିକେଟ ଯାଇଛି। ସେହିପରି ରେଣୁକା ସିଂହ, ଦୀପ୍ତି ଶର୍ମା ଓ ପ୍ରିୟା ମିଶ୍ରା ଗୋଟିଏ ଲେଖାଏ ୱିକେଟ ନେଇଛନ୍ତି। ୩୭୨ ରନର ଟାର୍ଗେଟ ପାଇ ଥିବା ଭାରତୀୟ ମହିଳା ଦଳ ଆରମ୍ଭରୁ ସ୍ମୃତି ମନ୍ଧାନା(୯) ଓ ହର୍ଲିନ ଦେଓଲ(୧୨)ଙ୍କୁ ହରାଇଥିଲା। ପ୍ରଥମ ଦିନିକିଆରେ ମନ୍ଧାନାଙ୍କ ସହ ଇନିଂସ ଆରମ୍ଭ କରିଥିବା ପ୍ରିୟା ପୁନିଆ ଆଜି ମ୍ୟାଚ୍ ଖେଳୁଥିଲେ। କିନ୍ତୁ ଫିଲ୍ଡିଂ ବେଳେ ସେ ଆହତ ହୋଇଥିବାରୁ ବ୍ୟାଟିଂ ପାଇଁ ମଧ୍ୟ ଆସିଥିଲେ। ଏଥିପାଇଁ ସ୍ମୃତି ମନ୍ଧାନାଙ୍କ ସହ ଆଜି ରିଚା ଘୋଷ ଇନିଂସ ଆରମ୍ଭ କରିଥିଲେ।


ମନ୍ଧାନା ନିରାଶ କରିଥିଲେ ହେଁ ଅନ୍ୟତମ ଓପନର ରିଚା ଘୋଷ ଓ ଅଧିନାୟକ ହରମନପ୍ରୀତ କୌର ବେଶ କିଛି ସମୟ ଲଢ଼ିଥିଲେ। ରିଚାଙ୍କ ବ୍ୟାଟରୁ ଅର୍ଦ୍ଧଶତକ ମଧ୍ୟ ଦେଖିବାକୁ ମିଳିଥିଲା। ହେଲେ ରିଚା ୫୪ ରନ କରି ଆଲାନ କିଙ୍ଗଙ୍କ ବଲରେ ଆଉଟ ହେବା ପରେ ଭାରତର ରନ ସଂଗ୍ରହ ହାର କମି ଯାଇଥିଲା। ଦଳୀୟ ସ୍କୋର ୧୪୮ ଥିବା ବେଳେ କୌର ମଧ୍ୟ ୩୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ଦୀପ୍ତି ଶର୍ମା କେବଳ ୧୦ ରନ କରିବାକୁ ସକ୍ଷମ ହୋଇଛନ୍ତି। ଜେମିମା ରୋଡ୍ରିଗସ ୪୩ ରନର ଇନିଂସ ଖେଳିଥିଲେ ହେଁ ଦଳୀୟ ସ୍କୋରକୁ ୨୦୦ ପାର କରାଇ ପାରି ନଥିଲେ। ଦଳୀୟ ସ୍କୋର ୧୮୪ ଥିବା ବେଳେ ତାଙ୍କୁ ବାମହାତୀ ସ୍ପିନର ସୋଫି ମୋଲିନକ୍ସ ଆଉଟ କରି ଦେଇଥିଲେ। ମନୁ ମଣି ଶେଷ ଯାଏ ୪୬ ରନ କରି ଅପରାଜିତ ରହିଥିବା ବେଳେ ତାଙ୍କୁ ଅନ୍ୟ କୌଣସି ବ୍ୟାଟର ସାଥ ଦେଇ ନଥିଲେ। ସାଇମା ଠାକୁର ୭, ରେଣୁକା ସିଂହ ୧ ଓ ପ୍ରିୟା ମିଶ୍ରା ଶେଷ ବ୍ୟାଟର ଭାବେ ୫ ରନ କରି ଆଉଟ ହୋଇଥିଲେ। ଭାରତ ୪୪.୫ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୨୪୯ ରନ କରିପାରିଛି। ଫଳରେ ଅଷ୍ଟ୍ରେଲିଆ ୧୨୨ ରନରେ ମ୍ୟାଚ ସହ ସିରିଜ କବଜା କରିଛି।

# ଶାମି ପୁରା ଫିଟ୍ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ଖେଳିବେ!



**ନୂଆଦିଲ୍ଲୀ, ୮।୧୨:** ଭାରତୀୟ ଟିମର ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ଶାମି ବର୍ତ୍ତମାନ ଅଷ୍ଟ୍ରେଲିଆ ବିପକ୍ଷରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫି ଖେଳିବେ। ଟେଷ୍ଟ ସିରିଜର ଶେଷ ଦୁଇ ମ୍ୟାଚ୍ ସେ ନଜର ଆସି ପାରନ୍ତି। ତାଙ୍କ ଖେଳ କିଟ୍‌କୁ ଏବେ ଠାରୁ ହିଁ ଅଷ୍ଟ୍ରେଲିଆ ପଠାଯାଇ ସାରିଲାଣି। ଆହତ ସମସ୍ୟା କାରଣରୁ ଶାମି ଗୋଟିଏ ବର୍ଷରୁ ଅଧିକ ଦିନ ହେଲା ଅନ୍ତର୍ଜାତୀୟ କ୍ରିକେଟରୁ ଦୂରେଇ ରହିଥିଲେ। ପ୍ରଥମେ ସେ ରଣଜୀ ଟ୍ରଫି ଓ ଏବେ ସୟଦ ମୁସ୍ତାକ ଅଲୀ ଟ୍ରଫି ଖେଳୁଛନ୍ତି। ସେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାକୁ ପୂରା ଫିଟ ହୋଇ ସାରିଛନ୍ତି। ଏବେ କେବଳ ନ୍ୟାଶନାଲ କ୍ରିକେଟ ଏକାଡେମୀ ବା ଏନସିଏ ମେଡିକାଲ ଟିମ ପକ୍ଷରୁ ତାଙ୍କୁ ଫିଟନେସ ପ୍ରମାଣପତ୍ର ମିଳିବାର ବାକି ରହିଛି। ଏହା କେବଳ ଗୋଟିଏ ଔପଚାରିକ। ଏହି ଔପଚାରିକ ପରେ ଶାମି ଅଷ୍ଟ୍ରେଲିଆ ଗସ୍ତ କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ବ୍ରିସବେନରେ ଭାରତ ଓ ଅଷ୍ଟ୍ରେଲିଆ ଡିସେମ୍ବର ୧୪ରୁ ମ୍ୟାଚ୍ ଖେଳିବେ। ସମ୍ଭବତଃ ଏହି ମ୍ୟାଚ୍‌ରେ ଶାମି ସାମିଲ ହୋଇ ନ ପାରନ୍ତି। କିନ୍ତୁ ଡିସେମ୍ବର ୨୬ରୁ ମେଲବର୍ଣ୍ଣରେ ଆରମ୍ଭ ହେବାକୁ ଥିବା ବକ୍ସିଂ ଡେ ଟେଷ୍ଟ ବେଳକୁ ସେ ଟିମ ଇଣ୍ଡିଆରେ ଯୋଗ ଦେଇ ସାରିଥିଲେ। ତାଙ୍କୁ ଏନସିଏ ପକ୍ଷରୁ ଖୁବଶୀଘ୍ର ଫିଟନେସ ପ୍ରମାଣପତ୍ର ମିଳିବାକୁ ଯାଉଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏହି ସୂତ୍ରରେ କୁହାଯାଇଛି ଯେ ଶାମିଙ୍କ ଭାରତୀୟ କିଟ ଏବେ ଠାରୁ ହିଁ ଅଷ୍ଟ୍ରେଲିଆକୁ ପଠାଯାଇ ସାରିଲାଣି। ସେ ସୟଦ ମୁସ୍ତାକ ଅଲୀ ଟ୍ରଫି ଖେଳିବା ଶେଷ କରିବେ ଓ ଅଷ୍ଟ୍ରେଲିଆ ଗସ୍ତ କରିବେ। ୩୪ ବର୍ଷୀୟ ଶାମି ଭାରତ ପାଇଁ ଶେଷଥର ୨୦୨୩ ଦିନିକିଆ ବିଶ୍ୱକପରେ ନଜର ଆସିଥିଲେ। ଏହାପରେ ଗୋଇଠି ସର୍ଜରୀ ପାଇଁ ସେ ଟିମ ଇଣ୍ଡିଆରୁ ବାହାରେ ରହିଥିଲେ। ନିକଟରେ ଶେଷ ହୋଇଥିବା ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ସିରିଜରେ ଶାମି କମବ୍ୟାକ କରିବାର ଥିଲା। କିନ୍ତୁ ଆଣ୍ଠୁରେ ପୁଣି ଫୁଲା ଦେଖାଯିବାରୁ ତାଙ୍କ ଫେରିବା ବିଳମ୍ବ ହୋଇଥିଲା। ବେଙ୍ଗାଲୁରୁରେ ସୟଦ ମୁସ୍ତାକ ଅଲୀ ଟ୍ରଫିର ନକଆଉଟ ମ୍ୟାଚ ଚାଲିଛି। ଏହି ସମୟରେ ଏନସିଏ ମେଡିକାଲ ଟିମ ମୁଖ୍ୟ ଡାକ୍ତର ନୀତୀନ ପଟେଲ ଓ ଷ୍ଟ୍ରେଙ୍ଗ୍ଥ ଏବଂ କଣ୍ଡିସନିଂ ଟ୍ରେନର ନିଶାନ୍ତ ବୋରଡୋଲୋଇ ବେଙ୍ଗଲର ମ୍ୟାଚ୍ ପରେ ଶାମିଙ୍କ ଫିଟନେସର ଆକଳନ କରିବେ। ଏହାପରେ ତାଙ୍କୁ ଫିଟ ରହିଥିବାର ପ୍ରମାଣପତ୍ର ମିଳିବ।

ଶାମି ବେଙ୍ଗଲ ପାଇଁ ଚଣ୍ଡିଗଡ଼ ବିପକ୍ଷରେ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାର ଅଛି। ଆସନ୍ତାକାଲି ସେ ବେଙ୍ଗାଲୁରୁ ଠାରେ ଦଳରେ ଯୋଗଦେବେ। ଯଦି ବେଙ୍ଗଲ କ୍ୱାର୍ଟର ଫାଇନାଲ ଓ ସେମି ଫାଇନାଲକୁ ଯାଉଛି, ତା'ହେଲେ ମଧ୍ୟ ଶାମି ଖେଳିବେ। ଶାମି ଅଷ୍ଟ୍ରେଲିଆ ବିପକ୍ଷ ଶେଷ ଦୁଇ ଟେଷ୍ଟ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଥିବା ବେଙ୍ଗଲର ମୁଖ୍ୟ କୋଚ ଲକ୍ଷ୍ମୀ ରତନ ଶୁକ୍ଳା କହିଛନ୍ତି।



# ଦୁର୍ଦ୍ଦଶାରେ କାମ୍ବ୍ଳି

**ଦିନେ ୧.୫ ମିଲିୟନ ଡଲାର ସମ୍ପତ୍ତିର ମାଲିକ ଥିଲେ**

**ନୂଆଦିଲ୍ଲୀ, ୮।୧୨:** ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ କ୍ରିକେଟର ବିନୋଦ କାମ୍ବ୍ଳି ଏବେ ପୁଣି ଚର୍ଚ୍ଚାରେ ଅଛନ୍ତି। ନିକଟରେ ସେ ଏକ ଇଭେଣ୍ଟରେ ତାଙ୍କର ଭଲ ବନ୍ଧୁ ତଥା ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ଭେଟିଥିଲେ, ଯାହା ପରେ ତାଙ୍କୁ ଦେଖି ଲୋକମାନେ ସୋସିଆଲ ମିଡିଆରେ ଅନେକ ଚର୍ଚ୍ଚା କରିବା ଆରମ୍ଭ କରିଥିଲେ। ଭାଇରାଲ ହେଉଥିବା ଭିଡିଓରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅତ୍ୟନ୍ତ ଖରାପ ଥିବା ଦେଖାଯାଉଥିଲା। କିନ୍ତୁ ଦିନେ ଏଭଳି ଏକ ସମୟ ଥିଲା ଯେତେବେଳେ ତାଙ୍କୁ ସଚିନ ତେନ୍ଦୁଲକରଙ୍କ ସହ ତୁଳନା କରାଯାଇଥିଲା ଏବଂ ସେ ସଚିନଙ୍କ ପରେ ପରବର୍ତ୍ତୀ ଷ୍ଟାର କ୍ରିକେଟର ହେବେ ବୋଲି କୁହାଯାଉଥିଲା। ବିନୋଦ କାମ୍ବ୍ଳି ନିଜର ଖରାପ ଅଭ୍ୟାସ ଏବଂ ଖେଳ ପ୍ରତି ଅସାବଧାନତା ହେତୁ ଏବେ ହିରୋରୁ ଜିରୋ ପାଲଟି ଯାଇଛନ୍ତି। ଆଜି ତାଙ୍କର ଅବସ୍ଥା ଏପରି ହୋଇଛି ଯେ, ସେ ୫୨ ବର୍ଷ ବୟସରେ ୭୫ବର୍ଷ ବୟସ୍କଙ୍କ ଭଳି ଦେଖାଯାଉଛନ୍ତି। ୧୯୯୧ରେ ଭାରତୀୟ କ୍ରିକେଟ୍ ଦଳରେ ଡେବ୍ୟୁ କରିବା ସମୟରେ ନିଜ ଖେଳ ସହିତ ଲୋକଙ୍କ ହୃଦୟ ଜିତିଥିବା ବିନୋଦ କାମ୍ବ୍ଳି ସେହି ଦିନମାନଙ୍କରେ କୋଟି କୋଟି ଟଙ୍କା ରୋଜଗାର କରିଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଯେତେବେଳେ ବିନୋଦ କାମ୍ବ୍ଳି ତାଙ୍କ କ୍ରିକେଟ୍ କ୍ୟାରିୟରର ଶିଖରରେ ଥିଲେ, ସେତେବେଳେ ତାଙ୍କର ସମ୍ପତ୍ତି ୧ରୁ ୧.୫ ମିଲିୟନ୍ ଡଲାର ଥିଲା। କିନ୍ତୁ ୨୦୨୨ମସିହା ବେଳକୁ ସେ ୪ଲକ୍ଷରେ ପହଞ୍ଚିଥିଲେ। ବିନୋଦ କାମ୍ବ୍ଳିଙ୍କ ଅବସ୍ଥା ଏବେ ଆହୁରି ଖରାପ ହୋଇଯାଇଛି। ତାଙ୍କ ଜୀବନ କେବଳ ବିସିସିଆଇ ଦେଉଥିବା ପେନ୍‌ସନ୍‌ରେ ଅତିବାହିତ ହେଉଛି। ବିନୋଦ କାମ୍ବ୍ଳି ନିଜେ ଏକ ପୁରୁଣା ସାକ୍ଷାତକାରରେ କହିଥିଲେ ଯେ ତାଙ୍କୁ ବିସିସିଆଇ ତରଫରୁ ମାସିକ ୩୦ହଜାର ଟଙ୍କା ପେନସନ ଦିଆଯାଉଛି, ଯାହା ସାହାଯ୍ୟରେ ସେ ତାଙ୍କ ଘର ଚଳାଉଛନ୍ତି।



## ଆରମ୍ଭ ହେଲା ଜାତୀୟ କନିଷ୍ଠ ଦୌଡ଼କୁଦ

# ଓଡ଼ିଶା ଖେଳାଳିଙ୍କ ପାଇଁ ଆର୍ଥିକ ପୁରସ୍କାର ଘୋଷଣା କଲେ ଅମିୟ

**ଭୁବନେଶ୍ୱର, ୮।୧୨:** କଳିଙ୍ଗ ଷ୍ଟାଡିୟମ୍‌ରେ ଶନିବାରଠୁ ଆରମ୍ଭ ହୋଇଛି ୩୯ତମ ଜାତୀୟ କନିଷ୍ଠ ଦୌଡ଼କୁଦ ଚାମ୍ପିଅନ୍‌ସିପ୍। ୧୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚାମ୍ପିଅନ୍‌ସିପ୍‌ରେ ୩୧ ରାଜ୍ୟରୁ ୧୯୯୧ କ୍ରୀଡ଼ାବିତ୍ ଅଂଶଗ୍ରହଣ କରୁଛନ୍ତି। ୧୪ ବର୍ଷରୁ କମ୍, ୧୬ ବର୍ଷରୁ କମ୍, ୧୮ ବର୍ଷରୁ କମ୍ ଓ ୨୦ ବର୍ଷରୁ କମ୍ ବର୍ଗରେ ବିଭିନ୍ନ ଇଭେଣ୍ଟଗୁଡ଼ିକ ଚାଲିବ। ଜାତୀୟ କନିଷ୍ଠ ଦୌଡ଼କୁଦରେ ଓଡ଼ିଆ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବାକୁ ଆଗେଇ ଆସିଛନ୍ତି ଆନ୍ତର୍ଜାତିକ ଧାବକ ଅମିୟ କୁମାର ମଲ୍ଲିକ। ଏହି ଚାମ୍ପିଅନ୍‌ସିପ୍‌ରେ ଅଂଶଗ୍ରହଣ କରିଥିବା ରିଲଏନ୍ସ ଓଡ଼ିଶା ଏଚ୍‌ପିସିର କ୍ରୀଡ଼ାବିତ୍‌ଙ୍କୁ ଛାଡ଼ିଦେଲେ ଅନ୍ୟ ଓଡ଼ିଆ କ୍ରୀଡ଼ାବିତ୍‌ଙ୍କ ପାଇଁ ଅର୍ଥ ପୁରସ୍କାର ଘୋଷଣା କରିଛନ୍ତି ସେ। ସ୍ୱର୍ଣ୍ଣ ପଦକ ବିଜେତାଙ୍କ ପାଇଁ ୧୦ ହଜାର ଟଙ୍କା ଓ ଜାତୀୟ କୀର୍ତ୍ତିମାନ କରିଥିବା କ୍ରୀଡ଼ାବିତ୍‌ଙ୍କୁ ୧୫ ହଜାର ଟଙ୍କା ଆର୍ଥିକ ପୁରସ୍କାର ଦେବେ ବୋଲି ଏକ ସାକ୍ଷତକାର ବେଳେ ସେ ଘୋଷଣା କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲୋକଙ୍କଂ...

ଗ୍ୟାରେଣ୍ଟି ପୂରି ହୋନେ କି ଗ୍ୟାରେଣ୍ଟି''। ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲା ହେଉ କିମ୍ବା ଶ୍ରୀମନ୍ଦିର ଉନ୍ନତୀକରଣ ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ହେଉ; ସୁଭଦ୍ରା ଯୋଜନା କି ଚାଷୀଭାଇମାନଙ୍କୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ହେଉ- ଆମ ସରକାର ଆପଣମାନଙ୍କୁ ଦେଇଥିବା ଚାରିଟିଯାକ ପ୍ରତିଶ୍ରୁତି ପୂରଣ କରିଛି। ଆଜି ଦିନଟି ସାରା ଓଡ଼ିଶା ପାଇଁ ଏକ ଐତିହାସିକ ଦିନ। କୃଷି ଓ କୃଷକମାନଙ୍କ ପାଇଁ ଆଜିର ଦିନଟି ନିଶ୍ଚିତ ଭାବରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ସୋହେଲା ଠାରୁ ଆରମ୍ଭ କରିବାର ମୁଖ୍ୟତଃ ଦୁଇଟି ଉଦ୍ଦେଶ୍ୟ ରହିଛି। ପ୍ରଥମଟି ହେଉଛି, ଏଠାରେ ଆମର ଅନ୍ନଦାତା ଚାଷୀଙ୍କୁ ୨୦୧୬ ମସିହାରେ ପ୍ରତାରଣାର ପ୍ରତିଶ୍ରୁତି ଦିଆ ଯାଇଥିଲା। କ୍ୱିଣ୍ଟାଲ ପିଛା ଏକ ଶହ ଟଙ୍କା ଦେବା ପାଇଁ ମିଛ ପ୍ରତିଶ୍ରୁତି ଦିଆଯାଇଥିଲା। ମିଛ ପ୍ରତିଶ୍ରୁତି ଓ ପ୍ରତାରଣାର ଉଚିତ ଜବାବ ସ୍ୱରୂପ ଆପଣମାନଙ୍କ ପାଖକୁ ଆସି ୮୦୦ ଟଙ୍କା ଇନ୍‌ପୁଟ ସବସିଡିର ଶୁଭାରମ୍ଭ କରିଛି। ଦ୍ୱିତୀୟଟି, ବରଗଡ଼ ଜିଲ୍ଲା ହେଉଛି ଓଡ଼ିଶାର ଭାତହାଣ୍ଡି। ରାଜ୍ୟର ଖାଦ୍ୟ ସୁରକ୍ଷା ପାଇଁ ବରଗଡ଼ ଜିଲ୍ଲାର ଅବଦାନ ମହତ୍ତ୍ୱପୂର୍ଣ୍ଣ। ଚାଷୀଙ୍କ ପ୍ରଗତି ନ ହେଲେ, ଦେଶର ପ୍ରଗତି ଅସମ୍ଭବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୧, ୫୦୦ ଚାଷୀ ଇନପୁଟ ସହାୟତା ପାଇଲେ। ଯେଭଳି କୌଣସି ଯୋଗ୍ୟ ଚାଷୀ ସେମାନଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ ନ ହୁଅନ୍ତି ଏଥି ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ମଣ୍ଡିରୁ ଧାନ ନେଇ ଯାଉଥିବା ଗାଡ଼ି ଉପରେ ମଧ୍ୟ ଏନ୍‌ଫୋର୍ସମେଣ୍ଟ ଟିମ୍ କଡ଼ା ନଜର ରଖିଛନ୍ତି। ବିଭିନ୍ନ ଅଭିଯୋଗର ତ୍ୱରିତ ଶୁଣାଣି ପାଇଁ ପ୍ରତ୍ୟେକ ଜିଲ୍ଲାରେ ନୋଡାଲ ଅଧିକାରୀମାନେ ନିଯୁକ୍ତ ଅଛନ୍ତି। ଧାନକିଣା ବ୍ୟବସ୍ଥାକୁ ଫୁଲ ପ୍ରୁଫ୍ କରାଯାଇଛି। ଧାନ କିଣାରେ କୌଣସି ସମସ୍ୟା ଥିଲେ ଟୋଲ ଫ୍ରି ନଂ ୧୯୬୭ ମାଧ୍ୟମରେ ଯୋଗାଯୋଗ କରି ନିଜର ସମସ୍ୟା ଜଣାଇପାରିବେ ବୋଲି ସେ ସୂଚନା ଦେଇଥିଲେ। ଇନ୍‌ପୁଟ ସହାୟତା ପାଇଁ କୃଷି ବିଭାଗ ବଜେଟରେ ୫ ହଜାର କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ଏହା ହେଉଛି ଡବଲ ଇଞ୍ଜିନ ସରକାରର ଚାଷୀଙ୍କ ପାଇଁ ଆନ୍ତରିକତା।ଓଡ଼ିଶାର କୃଷକ ସମାଜର ମଙ୍ଗଳ ପାଇଁ ଚଳିତ ବର୍ଷ ରେକର୍ଡ ୩୩ ହଜାର ୯ ଶହ ୧୯ କୋଟି ଟଙ୍କା ପ୍ରାବଧାନ କରାଯାଇଛି। ଚାଷୀକୁଳର ବିକାଶ ପାଇଁ ଆମ ସରକାର 'ସମୃଦ୍ଧ କୃଷକ ଯୋଜନା' କାର୍ଯ୍ୟକାରୀ କରୁଛନ୍ତି। ପୂର୍ବ ସରକାର ମାନଙ୍କର ନୀତି ତ୍ରୁଟିପୂର୍ଣ୍ଣ ଥିଲା। ଏବେ କୃଷକମାନଙ୍କ ସୁବିଧା ପାଇଁ ମୃତ୍ତିକା ସ୍ୱାସ୍ଥ୍ୟ ପତ୍ର, ଜମିର ମାଟି ପରୀକ୍ଷା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଭଳି ଐତିହାସିକ ପଦକ୍ଷେପ କେବଳ ମୋଦିଙ୍କ ଶାସନ କାଳରେ ହିଁ ନିଆଯାଇଛି। ଇନ୍‌ପୁଟ ସବ୍‌ସିଡି, ପିଏମ୍ ଓ ସିଏମ୍ କିଷାନ ଯୋଜନା, ପଶୁପାଳନ ଯୋଜନା ଆଦି ସବୁ କୃଷି କଲ୍ୟାଣ ଯୋଜନା ଉପଯୋଗ କରନ୍ତୁ, ଯାହାଦ୍ୱାରା ଆପଣମାନେ ସମୃଦ୍ଧ ହେବେ ଓ ଦେଶ ସମୃଦ୍ଧ ହେବ। ଆପଣମାନେ ହେଉଛନ୍ତି ସମୃଦ୍ଧ ଓଡ଼ିଶାର ମୂଳଦୁଆ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଓଡ଼ିଶା ସମୃଦ୍ଧି ପଥରେ ଦ୍ରୁତ ଅଗ୍ରସର ହେଉଛି ବୋଲି ମତ ଦେଇ ସେ କହିଥିଲେ ଆଜି ଆମେ ଯେଉଁ ସ୍ଥାନରେ ଛିଡ଼ା ହୋଇଛୁ ଏହି ଜିଲ୍ଲା ଐତିହାସିକ ଓ ଭୌଗୋଳିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ଏଠାରେ କୃଷି ହେଉଛି ରୋଜଗାରର ପ୍ରଧାନ ମାଧ୍ୟମ। ଏଠାକାର ବୁଣାକାରମାନେ ପ୍ରସ୍ତୁତ କରୁଥିବା ଶାଢ଼ିର ଚାହିଦା ବିଶ୍ୱପ୍ରସିଦ୍ଧ। ସେହିଭଳି ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ପୀଠରୁ ଆରମ୍ଭ କୃଷିଭିତ୍ତିକ ନୂଆଖାଇ ପର୍ବ ଏହି ମାଟିର ଭାଇଚାରା, ପାରିବାରିକ ସଦ୍‌ଭାବର ନୂତନ ସନ୍ଦେଶ ପ୍ରଦାନ କରେ, ଯାହା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇଛି। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଏକ କାଳଜୟୀ ପଂକ୍ତି କୁ ଉଦ୍ଧାର କରି ସେ କହିଥିଲେ, ଯା ମନ ଯେପରି, ତା'ପାଇଁ ସେପରି, ଫଳ ରଖିଥାଏ ବିଶ୍ୱ। ଉଚ୍ଚ ମନା ଉଚ୍ଚେ ଅମୃତ ଲଭଇ, ନୀଚ ମନା ଲଭେ ବିଷ। ସମସ୍ତେ ସଂକୀର୍ଣ୍ଣତାକୁ ଦୂରେଇ ଏକପ୍ରାଣ ହୋଇ ଆଗକୁ ବଢ଼ିବାର ସଂକଳ୍ପ ନେବା। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର , ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଭଟଲି ବିଧାୟକ ଇରାଶିସ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ଅଭିଭାଷଣ ରଖିଥିଲେ। ପଦ୍ମଶ୍ରୀ ହଳଧର ନାଗ ଓ ପଦ୍ମଶ୍ରୀ ଭାଗବତ ପ୍ରଧାନ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ଦିଆଯାଉଛି...

କରିଛି। ତଥାପି କିଭଳି ଉତ୍କଳ କରାଟେ ସ୍କୁଲ ସୁକୋକାଇ କରାଟେ ଡୁ ୟୁନିୟନର ନାଁ ବ୍ୟବହାର କରି ସାର୍ଟିଫିକେଟ ପ୍ରଦାନ କରୁଛି ବୋଲି ପ୍ରଦ୍ୟୁମ୍ନ ପ୍ରଶ୍ନ କରିଛନ୍ତି। ସୁକୋକାଇ କରାଟେ ଡୁ ୟୁନିୟନ ଇଣ୍ଡିଆ ଆଇଓଏ ଓ କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ନହୋଇ ମଧ୍ୟ କେଉଁ ଆଇନ ବଳରେ ନିଜ ସଂସ୍ଥାରେ ଇଣ୍ଡିଆ ଶବ୍ଦ ବ୍ୟବହାର କରିଛନ୍ତି ବୋଲି ପ୍ରଦ୍ୟୁମ୍ନ ପ୍ରଶ୍ନ କରିଛନ୍ତି। କାରଣ ୨୦୧୮ରେ କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ଏକ ନିର୍ଦ୍ଦେଶନାମା ଅନୁଯାୟୀ ଜାତୀୟ ସଂସ୍ଥା ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇନଥିବା କୌଣସି କ୍ରିଡା ସଂଘ ବା ଫେଡେରେସନ ନିଜ ଫେଡେରେସନ ନାଁରେ ଇଣ୍ଡିଆ କିମ୍ବା ଇଣ୍ଡିଆନ ଶବ୍ଦ ବ୍ୟବହାର କରିପାରିବେ ନାହିଁ। ତଥାପି ହରିହର ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ଏହି ନିର୍ଦ୍ଦେଶନାମାର ଉଲଂଘନ କରିଥିବା ସେ ଅଭିଯୋଗ କରିଛନ୍ତି। କରାଟେ ପ୍ରଶିକ୍ଷଣ ନାଁରେ ରାଜ୍ୟ ଓ କେନ୍ଦ୍ରର କିଛି ଅଧିକାରୀଙ୍କ ପ୍ରତ୍ସାହନରେ ଏଭଳି ସାର୍ଟିଫିକେଟ ଜାଲିଆତି ହେଉଥିବା ଅଭିଯୋଗ ହୋଇଛି। କାରଣ ଓ ଅଣସ୍ୱୀକୃତିପ୍ରାପ୍ତ ସଂସ୍ଥା କେନ୍ଦ୍ରୀୟ ପ୍ରତିଯୋଗରେ ବି ସାମିଲ ହେଉଛି। ଏପରିକି ଏହି ପ୍ରତିଯୋଗୀମାନେ ମେଡାଲ ପାଇ ରାଜ୍ୟକୁ ଫେରି ସରକାରୀ ଚାକିରି ମଧ୍ୟ ପାଉଛନ୍ତି। ଏଭଳି ଜାଲିଆତିର ବିଧିବଦ୍ଧ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ପ୍ରଦ୍ୟୁମ୍ନ ଦାବି କରିଛନ୍ତି। ଏହିସବୁ ଅଭିଯୋଗ ଉପରେ ହରିହର ପଟ୍ଟନାୟକ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ସୁକୋକାଇ କରାଟେ ଡୁ ୟୁନିୟନ ଇଣ୍ଡିଆ ଏକ ପଂଜିକୃତ ସଂସ୍ଥା ଏବଂ ସେ ନିଜେ ବିଶ୍ୱ କରାଟେ ଚାମ୍ପିଆନସିପରେ ଅଷ୍ଟମ ବ୍ଲାକବେଲ୍ଟ ପାଇଛନ୍ତି। ତେଣୁ ସେ ନିଜେ ମଧ୍ୟ ସାର୍ଟିଫିକେଟ ଦେବାକୁ ଯୋଗ୍ୟ। ସେହିଭଳି ସୁକୋକାଇ ମାର୍ଶାଲ ଆର୍ଟର ଏକ ଷ୍ଟାଇଲ। ଆମଠାରୁ ମିଳୁଥିବା ସାର୍ଟିଫିକେଟ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଲେଭୁଲ ଅତିକ୍ରମ କରୁଥିବାର ପ୍ରମାଣପତ୍ର। ଏହାଦ୍ୱାରା କୌଣସି ସରକାରୀ ଚାକିରି ମିଳିବ ନାହିଁ। ଛାତ୍ରଛାତ୍ରୀମାନେ ରାଜ୍ୟ କିମ୍ବା ଜାତୀୟ ପ୍ରତିଯୋଗୀତାରୁ ପାଉଥିବା ସାର୍ଟିଫିକେଟ ହିଁ ସେମାନଙ୍କ ଚାକିରି ପାଇଁ ସହାୟକ ହେବ। ଏଥିସହିତ ସେ କୌଣସି ଜାଲ ସାର୍ଟିଫିକେଟ ଦେଉନାହାଁନ୍ତି ବୋଲି କହିଛନ୍ତି।

### ସନ୍ଦେହରେ ...

ବେଳେ ଏହା ୧୩୬ ରହିଛି। ତେବେ କେଉଁଠି ରହିଲା ସମସ୍ୟା? ଅଡିଟ ରିପୋର୍ଟରେ ସାମ୍ନାକୁ ଆସିଛି ସାଙ୍ଘାତିକ ସତ। ରିପୋର୍ଟର ତଥ୍ୟ ଅନୁଯାୟୀ ଗର୍ଭବତୀ ଅତି କମରେ ୪ ଚେକଅପ ସୁବିଧା ପାଇବା କଥା। ଯାହା ଦ୍ୱାରା ଯଦି କୈଣସି ସମସ୍ୟା ଥାଏ ପୁର୍ବରୁ ଜାଣି ସର୍ତକ ହେବେ। କିନ୍ତୁ ୨୦୧୭ ରୁ ୨୦୨୧ ମଧ୍ୟରେ ୧୮ ପ୍ରତିଶତ ମହିଳା ସର୍ବନିମ୍ନ ପ୍ରସବ ଯତ୍ନରୁ ବଞ୍ଚିତ। ୧୪ ପ୍ରତିଶତ ମହିଳା ୧୮୦ ଆଇଏଫଏ ବଟିକା ଓ ୪୪ ପ୍ରତିଶତ ମହିଳା ୩୬୦ କ୍ୟାଲସିୟମ ବଟିକା ପାଇ ନ ଥିଲେ। ଜନ୍ମର ୪୮ ଘଣ୍ଟା ଉଭୟ ମା' ଓ ଶିଶୁ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଅଧିକ ନିରୀକ୍ଷଣ ଆବଶ୍ୟକ ହୋଇଥାଏ। କିନ୍ତୁ ୩୬ ପ୍ରତିଶତ ମା'ଙ୍କୁ ପ୍ରସବ କରିବାର ୪୮ ଘଣ୍ଟା ମଧ୍ୟରେ ଡିସଚାର୍ଜ କରାଯାଇଛି। ଅନ୍ୟପଟେ ରାଜ୍ୟରେ ଶିଶୁ ରୋଗ ବିଶେଷଜ୍ଞ ମଧ୍ୟ ନାହାନ୍ତି। ରାଜ୍ୟର ଡିଏଚଏଚ ଗୁଡ଼ିକରେ ୫୧ ପ୍ରତିଶତ ଶିଶୁରୋଗ ବିଶେଷଜ୍ଞଙ୍କ ଅଭାବ ରହିଛି। ୯ଟି ଜିଲ୍ଲାରେ ସିଏଚସି ଗୁଡ଼ିକରେ ଜଣେ ହେଲେ ବିଶେଷଜ୍ଞ ନାହାନ୍ତି। ଯାହା ନବଜାତ ଶିଶୁମୃତ୍ୟୁ ପାଇଁ କାରଣ ବୋଲି କୁହାଯାଉଛି। ପୂର୍ବରୁ ମା' ଓ ଶିଶୁମୃତ୍ୟୁହାର ହ୍ରାସ ଲକ୍ଷ୍ୟ ସଫଳ ହୋଇ ନ ଥିଲା।

### ଡେପୁଟେସନରେ ...

ଓଏସ୍‌ଡି ଅଛନ୍ତି କୁଟେ। ଏହି ପଦବୀରେ ତାଙ୍କୁ ୨୯ ଫେବୃଆରୀ ୨୦୨୮ ପର୍ଯ୍ୟନ୍ତ ନିଯୁକ୍ତ କରାଯାଇଛି। ଯଥାଶୀଘ୍ର ତାଙ୍କୁ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇ ନୂଆ କାର୍ଯ୍ୟରେ ଯୋଗଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।ଦୁଇଦିନ ତଳେ ଅନ୍ୟତମ ଚର୍ଚ୍ଚିତ ଆଇପିଏସ୍ ଆଶିଷ ସିଂହ ମଧ୍ୟ କେନ୍ଦ୍ରୀୟ ଡେପୁଟେସନରେ ଯାଇଛନ୍ତି।

### ତିନିଦିନିଆ...

ଟଙ୍କା ସହ ଏକ ଦାମୀ କାରରେ ଡିଲ ହେଉଥିବା ବେଳେ ଧରିଥିଲା। ବ୍ରିଜ୍ ଆଣ୍ଡ ରୁଫ କମ୍ପାନୀ ଲିମିଟେଡ୍ କମ୍ପାନୀ କୋଟି କୋଟି ଟଙ୍କାର ହେରଫେର ସହ ଟେଣ୍ଡର ଫିକ୍ସିଂ କରିଥିବା ନେଇ ଦିଲ୍ଲୀ ସିବିଆଇ ପାଖରେ ଏକ ମାମଲା ରୁଜୁ ହୋଇଥିଲା। କୋଲକତାରେ ଏହି କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ ରହିଛି।

### ୧୬ରୁ ...

ଆରମ୍ଭ କରିବୁ। ଆମେ ୧୬ ତାରିଖରୁ କାମ ଆରମ୍ଭ କରିବୁ। କିନ୍ତୁ କେତେଦିନ ଲାଗିବ ବର୍ତ୍ତମାନ କହିହେବନି। ଶ୍ରୀ ଗଡ଼ନାୟକ କହିଛନ୍ତି ଯେ ରତ୍ନଭଣ୍ଡାର ମରାମତି ପାଇଁ ଏଏସ୍‌ଆଇକୁ ପ୍ରତିଦିନ ସର୍ବନିମ୍ନ ୫ରୁ୬ ଘଣ୍ଟା ଆବଶ୍ୟକ। ପ୍ରତିଦିନ ୫ରୁ ୬ ଘଣ୍ଟା ମିଳିଲେ ଆମେ ଯେତେ ଶୀଘ୍ର ଏହାକୁ ଶେଷ କରିବାକୁ ଚେଷ୍ଟା କରିବୁ। ପ୍ରଥମେ ଭିତର ରତ୍ନଭଣ୍ଡାରର ମରାମତି କରାଯିବ। ପରେ ବାହାର ରତ୍ନଭଣ୍ଡାରର ମରାମତି କରାଯିବ। ଆବଶ୍ୟକ ସ୍ଥଳେ ପଥରଗୁଡ଼ିକୁ ବଦଳାଯିବ। ଡିପ୍ଲାଷ୍ଟର କଲା ପରେ କେତେ କାମ ଆବଶ୍ୟକ ଓ କ'ଣ କ'ଣ ଆବଶ୍ୟକ ହେବ, ତାହା ସ୍ପଷ୍ଟ ହେବ।

### ଶିଶୁ...

ଏହି ଅଧିକାରିଣୀଙ୍କର ସମ୍ପତ୍ତି ଯାଞ୍ଚ ପାଇଁ ବିଭିନ୍ନ ସ୍ତରରୁ ଦାବି ହେବାରେ ଲାଗିଛି । ତେବେ ଏକକାଳୀନ ଭାବେ ମୁଖ୍ୟମନ୍ତ୍ରୀଙ୍କ ସହିତ ମହିଳା ଓ ଶିଶୁବିକାଶ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ପଡିଥିବାବେଳେ ଏହା ଉପରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ହେଉଛି ଜିଲ୍ଲାରେ ଏବେ ଅନେକ ତାହାକୁ ଚାହିଁ ରହିଛନ୍ତି।

# ବିଦ୍ୟୁତ୍ ବିଲ୍ ପୈଠ ପାଇଁ ଜିଲ୍ଲାପାଳ ଓ ଜିଲ୍ଲାପରିଷଦ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ

**କେନ୍ଦ୍ରାପଡ଼ା, ୮।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଫାଇଭ୍-ଟି ବିଦ୍ୟାଳୟ ରୂପାନ୍ତରଣ ଯୋଜନାରେ ୩୮ ଗୋଟି ପୂର୍ଣ୍ଣ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲ ଓ ପାଖାପାଖି ୧୦୦ଟି ନୂତନ ଅନୁଦାନ ପ୍ରାପ୍ତ ହାଇସ୍କୁଲ ଅଛନ୍ତି ।ରାଜ୍ୟ ସରକାରଙ୍କ ନୀତି ଅନୁଯାୟୀ କେବଳ ସରକାରୀ ଫାଇଭ -ଟି ହାଇସ୍କୁଲ ଗୁଡ଼ିକୁ ରାଜ୍ୟ ସରକାର ମାସିକ ବିଦ୍ୟୁତ୍ ବିଲ୍ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ବିଦ୍ୟୁତ୍ ବିଭାଗକୁ ଦେଉଛନ୍ତି । ତେଣୁ ସେଠାରେ ଛାତ୍ର ଛାତ୍ରୀ କମ୍ପ୍ୟୁଟର ଶିକ୍ଷା ,ସ୍ମାର୍ଟ କ୍ଲାସ୍ ପାଠପଢ଼ା ସୁଯୋଗ ପାଇପାରୁଛନ୍ତି। କିନ୍ତୁ ଉପୋରୋକ୍ତ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ତଥା ନୂତନ ଅନୁଦାନ ପ୍ରାପ୍ତ ଫାଇଭ -ଟି ହାଇସ୍କୁଲଗୁଡ଼ିକଙ୍କ ପାଇଁ ସରକାରୀ ବିଦ୍ୟୁତ୍ ବିଲ୍ ପୈଠ ନିୟମ ନଥିବାରୁ ଏହି ସ୍କୁଲ ଗୁଡିକରେ ଫାଇଭ୍ -ଟି ସୁବିଧା ମିଳୁଥିଲେ ମଧ୍ୟ କମ୍ପ୍ୟୁଟର ଚାଲିବା ,ସ୍ମାର୍ଟ କ୍ଲାସ୍ ମାଧ୍ୟମରେ ପାଠପଢ଼ା ଯୋଗୁଁ ବିଦ୍ୟାଳୟର ମାସିକ ବିଦ୍ୟୁତ୍ ବିଲ୍ କୁ ବିଦ୍ୟାଳୟ ଗୁଡ଼ିକ ନିଜର ଆର୍ଥିକ ସମ୍ବଳ ଅଭାବରୁ ଦେଇପାରୁନାହାନ୍ତି। ଫଳରେ ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ କାଟି ଦେଇଥିବାରୁ ଛାତ୍ର ଛାତ୍ରୀଙ୍କ ପାଠ ଏବେ ଘୋର ସଙ୍କଟରେ । ବିଦ୍ୟାଳୟ ଗୁଡ଼ିକ ରାତିରେ ଅନ୍ଧକାର ରହୁଥିବାରୁ ଫାଇଭ୍-ଟି ଯୋଜନାରେ ମିଳିଥିବା ମୂଲ୍ୟବାନ ଜିନିଷ ଗୁଡ଼ିକ ଚୋରିଚୁରା ହେବାର ଆଶଙ୍କା ଦେଖା ଦେଇଛି। ଏହା ସରକାରଙ୍କ ପକ୍ଷାପାତପୂର୍ଣ୍ଣ, ତ୍ରୁଟି ଯୁକ୍ତ ତଥା ଅଗଣତାନ୍ତ୍ରିକ ନିଷ୍ପତି। ଏପରି ପରିସ୍ଥିତିରେ ଛାତ୍ର ଛାତ୍ରୀଙ୍କ ହିତ ଦୃଷ୍ଟିରୁ କେନ୍ଦ୍ରାପଡ଼ା ଜିଲ୍ଲାର ଜିଲ୍ଲାପାଳ ଏବଂ ଜିଲ୍ଲାପରିଷଦ ଅଧ୍ୟକ୍ଷଙ୍କୁ ନିବେଦନ କରି ଜିଲ୍ଲା ପାଣ୍ଠିରୁ ଏହି ବର୍ଗର ବିଦ୍ୟାଳୟ ମାନଙ୍କ ମାସିକ ବିଦ୍ୟୁତ୍ ବିଲ୍ ପୈଠ କରିବା ନିଷ୍ପତି ଗ୍ରହଣ କରିବାକୁ ଦାବି ହୋଇଛି । ଏହା ଦ୍ୱାରା କୋମଳମତି ଛାତ୍ର ଛାତ୍ରୀଙ୍କ ମୁହଁରେ ହସ ଫୁଟିଉଠିବା ସହିତ ଜିଲ୍ଲା ମାଧ୍ୟମିକ ଶିକ୍ଷାରେ ସନ୍ତୁଳନ ଦେଖାଦେବ ବୋଲି ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ପକ୍ଷରୁ ଦାବି କରାଯାଇଛି।

# ପୁଅର ଶୁଦ୍ଧିକ୍ରିୟା ପାଇଁ ମା'ର ଭିକ୍ଷାବୃତ୍ତି

**କାକଟପୁର/ଅସ୍ତରଙ୍ଗ, ୮।୧୨ (ସଂଚାର ବ୍ୟୁରୋ):** ସ୍ନେହମୟୀ ମା ସାମ୍ନାରେ ଚାଲିଗଲା ଘରର ରୋଜଗାରିଆ ପୁଅ। ଏକମାତ୍ର ପୁଅର ଶୁଦ୍ଧିକ୍ରିୟା ପାଇଁ ଜନ୍ମଧାତ୍ରୀ ମା ଗାଁ ଗାଁ ବୁଲି କାନିପତାଇ ଭିକ୍ଷା ମାଗୁଛି।




ଦାଉ ସାଧିଲା ଦଇବ, ହସିଲା ସଂସାର ଭାଙ୍ଗି ଚୁରମାର

ସୂଚନା ମୁତାବକ ଦାଉ ସାଧିଲା ଦଇବ, ହସିଲା ସଂସାର ଭାଙ୍ଗି ଚୁରମାର ହୋଇଗଲା। ପରିବାର ମୁହଁରେ ଟିକେ ଖୁସି ଦେବା ପାଇଁ ପୁରୀ ଜିଲ୍ଲା କାକଟପୁର ବ୍ଲକ ଲତାହରଣ ଗ୍ରାମର ପ୍ରଫୁଲ୍ଲ ମଲ୍ଲିକ ୨୦୧୦ମସିହାରେ ପରିବାର ଚଳାଇବା ପାଇଁ ହାଇଦ୍ରାବାଦର ଏକ କମ୍ପାନୀରେ କାମ କରୁଥିଲେ। ସେଥିରୁ ଯାହା ରୋଜଗାର ହୁଏ ଘରେ ବୃଦ୍ଧ ମା, ବାପା ଓ ସ୍ତ୍ରୀ ପୁଅ ଖୁସିରେ ଚଳୁଥିଲେ। କିନ୍ତୁ ଦଇବ ଦାଉ ସାଧିଲା ଭଳି ହାଇଦ୍ରାବାଦରେ ଦୁର୍ଘଟଣା ପରେ ଶରୀର ୭୫ଭାଗ ଅଚଳ ହୋଇଗଲା। ଏଭଳି ଦୁର୍ଦ୍ଦିନ ସମୟରେ ସ୍ତ୍ରୀ ପୁଅକୁ ନେଇ ଦିବ୍ୟାଙ୍ଗ ପ୍ରଫୁଲ୍ଲକୁ ଛାଡି ବାପଘରକୁ ଚାଲିଗଲେ। ଘରର ରୋଜଗାରିଆ ପୁଅକୁ ସୁସ୍ଥ କରିବାକୁ ବୃଦ୍ଧ ବାପା ମା ଗାଁ ଗାଁ ବୁଲି ଭିକ୍ଷା ବୃତ୍ତି କରି ଔଷଧ ପାଇଁ ଟଙ୍କା ଯୋଗାଡ଼ କରୁଥିଲେ। କିନ୍ତୁ ବୃଦ୍ଧ ବାପା ମଧ୍ୟ ବୟସର ଅପରାହ୍ନରେ ଦେହାନ୍ତ ଗ୍ରହଣ କଲେ। ପୁଅର ଚିକିତ୍ସା ପାଇଁ ସାହା କେବଳ ମା ଓ ପୁଅର ଭତ୍ତା ଟଙ୍କା ଆଉ ଜୀବନ ବଂଚିବାକୁ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ଭରସା। ଯାହା ଭତ୍ତା ଟଙ୍କା ମିଳେ ଜନ୍ମକଲା ମା ପୁଅକୁ ଭଲ କରିବାକୁ କଷ୍ଟମଷ୍ଟେ ମେଡ଼ିସିନ ଆଣିଥାନ୍ତି। କିନ୍ତୁ ଗତ କିଛି ଦିନ ତଳେ ପୁଅର ଯନ୍ତ୍ରଣା ଅଧିକ ହେବାରୁ ଘରନିକଟ ପଡୋଶୀଙ୍କ ସହାୟତା ମେଡିକାଲ କୁ ଚିକିତ୍ସା ପାଇଁ ନେଲେ। କିନ୍ତୁ ପ୍ରଫୁଲ୍ଲଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଡକ୍ଟରଙ୍କ ନିର୍ଦ୍ଦେଶ ପରେ ଗୋଟିଏ ପରେ ଗୋଟିଏ ମେଡିକାଲ ଗଲେ। କିନ୍ତୁ ପ୍ରଫୁଲ୍ଲ ମଲ୍ଲିକଙ୍କ ଗତ ମଙ୍ଗଳବାର ୩୭ବର୍ଷ ବୟସରେ ମୃତ୍ୟୁ ହେଲା।

ସ୍ନେହମୟୀ ବୃଦ୍ଧ ମା' ସାମ୍ନାରେ ଚାଲିଗଲା ପୁଅ ପ୍ରଫୁଲ୍ଲ। ରବିବାରକୁ ୬ଦିନ ହୋଇଥିବା ବେଳେ ନିଜଦୁଃଖକୁ ନିଜ ଅନ୍ତରରେ ଚାପି ଜନ୍ମକଲା ପୁଅର ଅନ୍ତେଷ୍ଟିକ୍ରିୟା ଅବା ଶୁଦ୍ଧିକାର୍ଯ୍ୟ କରିବାକୁ ଜନ୍ମଧାତ୍ରୀ ମା' ଗାଁ ଗାଁ ବୁଲି ଭିକ୍ଷା ମାଗୁଛି। ବାବୁ ଭିକ୍ଷା ଗଣ୍ଡେ ଦିଅ, ମୋ ପୁଅ ଚାଲିଗଲା ଶୁଦ୍ଧି କାର୍ଯ୍ୟ କରିବା ପାଇଁ। ନିଜ ପାଦରେ ଚାଲିବାକୁ ବଳନଥିଲେ ମଧ୍ୟ ମୃତ ପ୍ରଫୁଲ୍ଲ ମଲ୍ଲିକଙ୍କ ମା ପଞ୍ଚେଇ ମଲ୍ଲିକ(୭୫) କଷ୍ଟ ମଷ୍ଟେ ଭିକ୍ଷାବୃତ୍ତି କରୁଛନ୍ତି ପୁଅର ଶୁଦ୍ଧିକାର୍ଯ୍ୟ କରିବା ପାଇଁ।

ବାରମ୍ବାର ପ୍ରଶାସନକୁ ଆକୁଳ ନିବେଦନ ପୂର୍ବରୁ କରିଥିଲେ ମଧ୍ୟ ପୁଅର ଚିକିତ୍ସା ପାଇଁ ପ୍ରଶାସନ ସହାୟତା ମିଳିଲା ନାହିଁ ଶେଷରେ ଯନ୍ତ୍ରଣା ଅନୁଭବ କରି ଆଖି ବୁଜିଦେଲା ପ୍ରଫୁଲ୍ଲ ମଲ୍ଲିକ। ଅନ୍ୟ ପଟେ ମୁଣ୍ଡ ଗୁଞ୍ଜିବା ପାଇଁ ସାହାରା କେବଳ ଭଙ୍ଗା ଚାଳଘର। ଦିନରେ ସୂର୍ଯ୍ୟ ରାତିରେ ତାରା ଦେଖାଯାଉଛି। ଚାଳ ଘର ଉପରେ ଜରି ପାଲ ପକାଇ ଦିବ୍ୟାଙ୍ଗ ପ୍ରଫୁଲ୍ଲ ଓ ବୃଦ୍ଧ ମା ଚଳନ୍ତି। ପୁଅ ତ ଚାଲିଗଲା ଏକୁଟିଆ ଜୀବନ ଡଙ୍ଗାରେ ବୃଦ୍ଧ ବୟସରେ ପଞ୍ଚେଇ ମଲ୍ଲିକ। ସ୍ଥାନୀୟ ବାସିନ୍ଦା କହିଛନ୍ତି ପ୍ରଶାସନ ସହାୟତା ହାତ ନବଢ଼ାଇବାରୁ ପୁଅ ଆଖି ବୁଜିଲା, ଯଦି ସରକାର କିମ୍ବା କୌଣସି ସହୃଦୟ ବ୍ୟକ୍ତି ସହାୟତା ହାତ ବଢ଼ାନ୍ତେ ତାହା ହେଲେ ବୃଦ୍ଧ ମା ନିଜ ପୁଅର ଅନ୍ତେଷ୍ଟିକ୍ରିୟା ଅବା ଶୁଦ୍ଧି କ୍ରିୟା କରିପାରନ୍ତେ।

# ଜାତିଆଣ ଆକ୍ଷେପ ମାମଲା ସାଜିଛି ପିଲାଖେଳ

**ନିର୍ଦ୍ଦୋଷଙ୍କୁ ଦୋଷୀ ସଜାଇ ପରେ ମାମଲା ପ୍ରତ୍ୟାହାର କରୁଛନ୍ତି**

**ଜିଲ୍ଲାରେ ସକ୍ରିୟ ରାକେଟ**

**କେନ୍ଦ୍ରାପଡ଼ା/ମହାକାଳପଡା, ୮।୧୨ (ସଂଚାର ବ୍ୟୁରୋ):** ଦିନକୁ ଦିନ ବଢ଼ି ଚାଲିଛି ଜାତିଆଣ ଆକ୍ଷେପ ଜନିତ ଅଭିଯୋଗ। ନିଜର ଜାତିକୁ ନିଚକରି କହିବା ସହ ମାନହାନି ଘଟିଥିବା ଭଳି ମକଦ୍ଦମା ଏବେ ଯେମିତି ଏକ ସାଧାରଣ ଘଟଣା ଭଳି ସାଜିଛି । ମୁଷ୍ଟିମେୟ ଲୋକଙ୍କ ଗୁଳି ସାଜି ଫଲ୍ସ ଫାୟାରିଙ୍ଗ କରିବାରେ ଲାଗିପଡିଛନ୍ତି କିଛି ଦଳିତ ବ୍ୟକ୍ତି। ଯାହା ଦ୍ୱାରା ନିର୍ଦ୍ଦୋଷ ବ୍ୟକ୍ତିମାନଙ୍କ ସ୍ୱାଭିମାନ ନଷ୍ଟ ତ ହେଉଛି ତାହା ନୁହେଁ ବରଂ ସମାଜରେ ସେମାନଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି। କିଛି ନିର୍ଦ୍ଦିଷ୍ଟ ଦଳିତ ବର୍ଗର ବ୍ୟକ୍ତିମାନେ କଥା କଥାକେ ଦଳିତର ପରିଚୟ ଏବଂ ଧମକ ଦେଇ ଥାନା, କୋର୍ଟର ଦ୍ୱାରସ୍ଥ ହେବା ପାଇଁ ଭୟ ଦେଖାଉଛନ୍ତି । ଏଭଳି ଘଟଣା ଥାନାରେ ଏତଲା ଦେବା ପରେ ତଦନ୍ତର ଭାର ନେଉଥିବା ଅଧିକାରୀ ଘଟଣାର ତଦନ୍ତ କରି କିଛି ମାମଲା ମିଥ୍ୟା ବୋଲି ଜଣା ପଡୁଥିବା ବେଳେ ଆଉ କିଛି ନିର୍ଦ୍ଦୋଷୀ ମଧ୍ୟ ଦୋଷୀ ଭଳି ଦଣ୍ଡ ଭୋଗୁଛନ୍ତି । ଏହାର ଫାଇଦା କିଛି ଦଳିତ ବ୍ୟକ୍ତି ଉଠାଉଛନ୍ତି ଯାହାକୁ ନେଇ ଏକ ସ୍ୱତନ୍ତ୍ର ରାକେଟ ଚାଲୁଥିବା ସୂଚନା ମିଳୁଛି। ଯାହାର ଉଦାହରଣ ଏବେ ସଦ୍ୟତମ ମହାକାଳପଡ଼ାରୁ ଦେଖିବାକୁ ମିଳିଥିଲା।

ବ୍ୟକ୍ତିଗତ କାରଣକୁ କେନ୍ଦ୍ର କରି ରାମନଗରର ଚନ୍ଦ୍ରକାନ୍ତ ସ୍ୱାଇଁ ଓ ବରଜ ଗ୍ରାମର ବିଶ୍ୱ ପ୍ରକାଶ ସେଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଓ କଥା କଟାକଟି ହୋଇଥିଲା। ସେମାନେ ଉଭୟ ବାଲିପାଟ ଗ୍ରାମର ଏକ ଏକୋଇଶିଆ ଭୋଜିରେ ଯୋଗଦେବାକୁ ଯାଇଥିଲେ। ଚନ୍ଦ୍ରକାନ୍ତ ପ୍ରକାଶଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଅଶାଳୀନ ଆଚରଣ ଓ ମାଡ଼ ମାରିଥିବା ଜମ୍ବୁ ସାମୁଦ୍ରିକ ଥାନାରେ ୫ ଡିସେମ୍ବର ୨୦୨୪ ସନ୍ଧ୍ୟା ରେ ଏତଲା ଦିଆଯାଇଥିଲା। ହେଲେ ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହାଯେ, ଠିକ୍ ତାର ପରଦିନ ମହାକାଳପଡ଼ା ଥାନାରେ ଏହାର ସମାଧାନ କରାଯାଇଥିଲା। ଯେଉଁ ବ୍ୟକ୍ତି ଚନ୍ଦ୍ରକାନ୍ତଙ୍କ ବିରୋଧରେ ଅଭିଯୋଗ ଆଣିଥିଲା ସେହି ବ୍ୟକ୍ତି ସେଦିନ ଘଟିଥିବା ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ଦର୍ଶାଇ ଏତଲା ପ୍ରତ୍ୟାହାର କରିନେଇଥିଲେ। ହେଲେ ଏତଲାକାରୀଙ୍କ ଆଧାରରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇସାରିଥିଲା। ଯାହା ଚନ୍ଦ୍ରକାନ୍ତଙ୍କୁ କଷ୍ଟ ଦେଇଥିଲା।

ପରେ ପରେ ସିନା ଏତଲାକାରୀ ଏତଲା ପ୍ରତ୍ୟାହାର କଲେ ହେଲେ ଚନ୍ଦ୍ରକାନ୍ତଙ୍କୁ ହୋଇଥିବା ଅପମାନ ପାଇଁ ଦାୟୀ କିଏ ରହିବ? ପ୍ରଶ୍ନ ଉଠୁଛି ଯଦି ଘଟଣା ମିଥ୍ୟା ଥିଲା ତେବେ କାହିଁକି ଓ କାହା ନିର୍ଦ୍ଦେଶନାରେ ଚନ୍ଦ୍ରକାନ୍ତଙ୍କୁ ଦୋଷୀ ସଜାଇଥିଲେ ଏତଲାକାରୀ। ଚନ୍ଦ୍ରକାନ୍ତଙ୍କୁ ଦୋଷୀ ସଜାଇ କାହାର ରୁଟି ସେକିବାକୁ ଚେଷ୍ଟା କରାଯାଇଥିଲା। ଏମିତି ଘଟଣା ଏବେ ସମଗ୍ର ରାଜ୍ୟରେ ଦେଖିବାକୁ ମିଳୁଛି। ଦଳିତର ପରିଚୟ ଦେଇ ନିର୍ଦ୍ଦୋଷୀ ମାନଙ୍କୁ ବିଭିନ୍ନ ସମୟରେ ଅସୁବିଧାରେ ପକାଯାଉଛି।

ଏହି ଘଟଣାରେ କେନ୍ଦ୍ରାପଡ଼ା ଜିଲ୍ଲା ଦଳିତ ସଭାପତି ନଗେନ୍ଦ୍ର ଜେନା କୁହନ୍ତି ଏମିତି ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଦଳିତ ବର୍ଗର ସୁଯୋଗ ନେଇ ନିର୍ଦ୍ଦୋଷୀ ବ୍ୟକ୍ତିମାନଙ୍କୁ ଜାତିଆଣ ଆକ୍ଷେପ ଅଭିଯୋଗ କରି ଫସାଯାଉଛି। ଯାହାକୁ ସେ ନାପସନ୍ଦ କରିବା ସହିତ ଏମିତି କାର୍ଯ୍ୟ କରୁଥିବା ଏତଲାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାର ଆଇନ ଆଣିବାକୁ ସେ ଦାବି କରିଛନ୍ତି।

# ନୂତନ କାର୍ଯ୍ୟର ଶିଳାନ୍ୟାସ କଲେ ବିଧାୟକ ଅରବିନ୍ଦ

**କେନ୍ଦ୍ରାପଡ଼ା, ୮।୧୨ (ସଂଚାର ବ୍ୟୁରୋ):** ପାଟକୁରା ନିର୍ବାଚନ ମଣ୍ଡଳୀରେ ଥିବା ତେଣ୍ଡାକୁଡ଼ା ପଞ୍ଚାୟତ ରେ ବିଭିନ୍ନ କାର୍ଯ୍ୟର ଶୁଭ ଶିଳାନ୍ୟାସ କରିଛନ୍ତି ବିଧାୟକ ଅରବିନ୍ଦ ମହାପାତ୍ର। ପ୍ରଥମେ ବିଲହାଟ ବଜାର ଛକରୁ ବିଶାଳ ମଟର ସାଇକେଲ ରାଲି ମାଧ୍ୟମରେ ସମର୍ଥକ ଦ୍ୱାରା ଏକ ଶୋଭାଯାତ୍ରା ଆୟୋଜନ କରି ତେଣ୍ଡାକୁଡ଼ା ରେ ପହଞ୍ଚିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପୁଟଲିଙ୍ଗ ଠାରୁ ଡ଼ାଇଁଲୋ ରାସ୍ତାର ପଣ୍ଡୁଆ ନାଳ ଉପରେ ସୁଇଚ ସେତୁ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର , ପିଡ଼ବ୍ଲୁ ଦ୍ୱାରା ଏକ ନୂତନ ରାସ୍ତା ଆଦି ଶୁଭ ଶିଳାନ୍ୟାସ କରିଥିଲେ। ଖୁବ ଶୀଘ୍ର ଏହା ଦ୍ୱାରା ପଞ୍ଚାୟତ ବାସୀ ଉପକୃତ ହେବା ସହ ଆଗାମୀ ଦିନରେ ଯାହା ସବୁ ସମସ୍ୟା ଅଛି ତାହା ସଂପୂର୍ଣ୍ଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ବିଜେଡି ନେତା କ୍ଷୀତିଶି



ଚନ୍ଦ୍ର ଦାସ ପୂର୍ବତନ ବ୍ଲକ ସଭାପତି ଶୈଳେନ୍ଦ୍ର ମହାନ୍ତି, ସନ୍ତୋଷ ମାହାଳି, କ୍ଷୀରୋଦ ମହାନ୍ତି, ଅବନୀ ମହାପାତ୍ର, ସମିତି ସଭ୍ୟ ବାସୁଦେବ ବେହେରା,ଜିଲ୍ଲାପରିଷଦ ସଦସ୍ୟ ସତ୍ୟାନନ୍ଦ ରାଉତ,ଅଶୋକ ଜେନା, ସରପଞ୍ଚ ଅମିୟ ନାୟକ ରାଜେନ୍ଦ୍ର ମଲ୍ଲିକ, ଅରୁଣ ପଟ୍ଟନାୟକ, ସୁକାନ୍ତ ନାୟକ,ଅନୁଜ ମହାନ୍ତି, ତ୍ରିଲୋଚନ, ଜେନା, ବ୍ରଜ କିଶୋର ସାହୁ, ଅରୁଣ ପଣ୍ଡା, ସତ୍ୟଜିତ ସାହୁ, ପ୍ରକାଶ ସାହୁ, ପ୍ରକାଶ ଚନ୍ଦ୍ର ଦାସ, ମହମ୍ମଦ ଗୋଲମ୍ ଜିଲାନି, ଅମ୍ବିକା ମହାନ୍ତି, ମାନସ ମହାନ୍ତି, ପ୍ରହଲ୍ଲାଦ ସାହୁଙ୍କ ସମେତ ହଜାର ହଜାର ସମର୍ଥକ ଉପସ୍ଥିତ ଥିଲେ ।

# ନିଶାଡ଼ିଙ୍କ ମାଡ଼ରେ ୱାର୍ଡସଭ୍ୟ ଗୁରୁତର

**ବାଲିଅନ୍ତା, ୮।୧୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ଅଧୀନ ଅନ୍ଧୋଟି ଗ୍ରାମର ୱାର୍ଡ଼ସଭ୍ୟ ଶ୍ରୀନିବାସ ଜେନା (କାଳନ୍ଦୀ) ଦୁଇଜଣ ଯୁବକଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି । ଟୋଲକ ପଡା ନିକଟରେ ଜଣେ ସାଇକେଲ ଆରୋହୀଙ୍କୁ ନିଶାଡ଼ି ୨ ଯୁବକ ସାଇଡ ମାରିଥିଲେ। ବୃଦ୍ଧ ପ୍ରତିବାଦ କରିବାରୁ ଓଲଟି ଅଶ୍ଳୀଳ ଭାଷାରେ ତାଙ୍କୁ ଗାଳିଗୁଲଜ କରିଥିଲେ। ସେହିବାଟେ କାରରେ ଯାଉଥିବା ଶ୍ରୀନିବାସ ଗାଡ଼ିରୁ ଓହ୍ଲାଇ ବୁଝାଇବାକୁ ଉଦ୍ୟମ କରିଥିଲେ । ହେଲେ ନିଶଗ୍ରସ୍ତ ଅବସ୍ଥାରେ ଥିବା ୨ ଯୁବକ ତାଙ୍କୁ ମାଡ଼ ମାରିଥିଲେ । ସ୍ଥାନୀୟ ଲୋକେ ପୁଲିସକୁ ଫୋନ କାରି ଜଣାଇଥିଲେ । ପୁଲିସ ପହଞ୍ଚିବା ପରେ ଜିମା ଦେଇଥିଲେ । ଶ୍ରୀନିବାସ ଥାନାରେ ଏସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି ।

# ଭିତରକନିକା ବୁଲିଲେ ୧୦୬୬ ପର୍ଯ୍ୟଟକ

**ରାଜନଗର, ୮।୧୨ (ସଂଚାର ବ୍ୟୁରୋ):** ଏବେ ପର୍ଯ୍ୟଟନ ଋତୁ। ଆଜି ଛୁଟିଦିନ ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରକୃତିକୁ ଉପଭୋଗ କରିବା ପାଇଁ ପର୍ଯ୍ୟଟକମାନଙ୍କର ଭିଡ ଦେଖିବାକୁ ମିଳିଥିଲା। ଆଜି ଗୋଟିଏ ଦିନରେ ୧୦୬୬ଜଣ ପର୍ଯ୍ୟଟକ ଭିତରକନିକା ବୁଲିବାକୁ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ୯୧୬ ଜଣ ପର୍ଯ୍ୟଟକ ୮୬ଟି ବୋଟରେ ଭିତରକନିକା ନଦୀରେ ବୁଲିବା ସହିତ ପ୍ରକୃତିକୁ ମନଭରି ଉପଭୋଗ କରିଥିଲେ।



ଜଳପଥରେଆସିଥିବାପର୍ଯ୍ୟଟକମାନେ ଭିତରକନିକାର ପ୍ରାକୃତିକ ପରିବେଶରେ ନଈପଠାରେ ଖରା ପୋଉଁଥିବା ବିରାଟ ବିରାଟ କୁମ୍ଭୀରଙ୍କୁ ଦେଖିବା ସହ ଜଳ ଭିତରେ କୁମ୍ଭୀରଙ୍କ ଜଳକ୍ରୀଡା ଦେଖି ବିମୋହିତ ହୋଇଥିଲେ। ଡାଙ୍ଗମାଳରେ ପହଁଚି ଆବଦ୍ଧ ପୋଖରୀରେ ଥିବା ଗୋରୀ ଓ ମଲ୍ଲୀକୁ ଦେଖିଥିଲେ। କୁମ୍ଭୀର ପ୍ରଜନନ କେନ୍ଦ୍ର ବୁଲିବା ସହ ପ୍ରଜନନ କେନ୍ଦ୍ରରେ ଥିବା ଧଳା କୁମ୍ଭୀର ଶ୍ୱେତା, ଡାଙ୍ଗମାଳ ଠାରେ ଲୁଣାଜଙ୍ଗଲ ନର୍ସରୀ, ମ୍ୟୁଜିୟମ, ସହିଦ୍ ସ୍ତମ୍ଭ ସମେତ ବୋଟ ଲାଇବ୍ରେରୀ ଦେଖି ବିମୋହିତ ହୋଇଥିଲେ। ଖୋଲା ଏଂଟ୍ରି ପଏଂଟ ଦେଇ ୫୫ଟି ବୋଟରେ ୬୩୮ଜଣ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଥିବା ବେଳେ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ୬ଟି ବୋଟରେ ୯୧ଜଣ, ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟ ଦେଇ ୯ଟି ବୋଟରେ ୮୯ଜଣ, ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟ ଦେଇ ୨୪୦ଜଣ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟ ଦେଇ ଆସିଥିବା ୨୪୦ ଜଣଙ୍କ ମଧ୍ୟରୁ ୧୪ଟି ବୋଟରେ ୯୦ଜଣ ପର୍ଯ୍ୟଟକ ଡାଙ୍ଗମାଳରୁ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ପର୍ଯ୍ୟଟକମାନେ ଜାତୀୟ ଉଦ୍ୟାନରେ ଥିବା ମ୍ୟୁଜିୟମ, କୃତ୍ରିମ ପ୍ରଜନନ କେନ୍ଦ୍ର, ବୋଟ ଲାଇବ୍ରେରୀ, ମ୍ୟାନଗ୍ରୁଭ ମେଟା ନର୍ସରୀ, ନୂତନ ଭାବେ ନିର୍ମାଣ ହୋଇଥିବା ସ୍କାଏ ୱାକ ବ୍ରିଜରେ ବୁଲିବା ସହିତ ମଜା ଉଠାଇଛନ୍ତି।

# ଚାଷୀଙ୍କୁ ୮୦୦ ଟଙ୍କାର ଅତିରିକ୍ତ ସହାୟତା ପ୍ରଦାନ

**କେନ୍ଦ୍ରାପଡା, ୮।୧୨ (ସଂଚାର ବ୍ୟୁରୋ):** ରବିବାର ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଅତିରିକ୍ତ ସହାୟତା ଅର୍ଥ ମୋଟ ୩୧୦୦/- ଟଙ୍କା ପ୍ରଦାନ ନିମନ୍ତେ ବରଗଡ ଜିଲ୍ଲାର ସୋହେଲା ଠାରେ ଅନୁଷ୍ଠିତ ହୋଇଯାଇଅଛି । ଯାହାର ସିଧାପ୍ରସାରଣ କାର୍ଯ୍ୟକ୍ରମ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲାର ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ଆୟୋଜିତ ସଭାରେ ଶିଳ୍ପ ଓ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଳିତା ଦାସ, ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ



ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା

ମହାପାତ୍ର, ଓ.ପ୍ର.ସେ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କର ଅଭିଭାଷଣ ପ୍ରଦାନ କରିଥିଲେ ।

ଏହି ଅତିରିକ୍ତ ସହାୟକ ଅର୍ଥ ଜିଲ୍ଲାର ୪୦,୦୦୦ରୁ ଉର୍ଦ୍ଧ୍ୱ ଚାଷୀ ପରିବାର ଏହି ସୁବିଧା ପାଇବାରେ ସକ୍ଷମ ହେବେ । ଏହା ଦ୍ୱାରା ଓଡିଶାର ଚାଷୀ ସେମାନଙ୍କର ଆର୍ଥିକ, ସ୍ୱାବଲମ୍ବି ହେବା ସହିତ ସମାଜରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାରେ ସକ୍ଷମ ହୋଇପାରିବେ । କ୍ୱିଂଟାଲ ପିଛା ୮୦୦ ଟଙ୍କା ଅତିରିକ୍ତ ସହାୟତା ରାଶି ଓଡିଶାରେ ପ୍ରତ୍ୟେକ ଚାଷୀ ପରିବାରରେ ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ ପରି ମୌଳିକ ସୁବିଧା ପ୍ରାପ୍ତ ହେବା ସହ ସେମାନଙ୍କ ପରିବାରରେ ହସ ଫୁଟାଇବାରେ ସହାୟକ ହୋଇପାରିବ ବୋଲି ଉପସ୍ଥିତ ଅତିଥିମାନେ ସେମାନଙ୍କ ଅଭିଭାଷଣରେ ମତପ୍ରକାଶ କରିଥିଲେ । ଏହି ସଭାରେ କେନ୍ଦ୍ରାପଡା ଜିଲ୍ଲାର ୯ ଗୋଟି ବ୍ଲକର ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କର ସମାଗମ ହୋଇଥିଲା । ପରିଶେଷରେ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ଚାଷୀ ମାନଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହୋଦୟଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲେ । ଏହି ସଭାରେ ଉପ-ଜିଲ୍ଲାପାଳ ଶ୍ରୀ ରବିନ୍ଦ୍ର ପ୍ରଧାନ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀ ଶ୍ରୀନିବାସ ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ, ବରିଷ୍ଠ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, କେନ୍ଦ୍ରାପଡା ଶ୍ରୀ ସନ୍ତୋଷ କୁମାର ଦାସ ଯୋଗ ଦେଇଥିଲେ । ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଦୟାସିନ୍ଧୁ ପରିଡା ମଂଚ ପରିଚାଳନା କରିଥିଲେ । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ଜଳନ ପରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ସର୍ବଶେଷରେ ଉପ-ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଚାଷୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗର ପଦାଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରି ସଭା କାର୍ଯ୍ୟ ସାଙ୍ଗ କରିଥିଲେ ।

## ଦୃଷ୍ଟିବାଧିତ ମଙ୍ଗୁଳିଙ୍କୁ ସମ୍ମାନିତ କଲା

# ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ



**ମହାକାଳପଡ଼ା, ୮।୧୨ (ସଂଚାର ବ୍ୟୁରୋ) :** ସମୟ ସ୍ରୋତରେ ମଙ୍ଗୁଳି ବସନ୍ତିଆ ଦୃଷ୍ଟିହୀନ। ମନ ତାଙ୍କର ଦାନ ବୀର। ସେ ମହାକାଳପଡ଼ା ଅଞ୍ଚଳର ବିଜୟନଗର ନିକଟସ୍ଥ ବଢ଼ିହି ଗ୍ରାମରେ ଏକ ଛୋଟିଆ କୁଡିଆ ଘରେ ବସବାସ କରନ୍ତି। ଚାଳ ଛପର ଘର ଉପରେ ପାଲ ପଡ଼ିଛି। ମଙ୍ଗୁଳିଙ୍କର ନିତିଦିନିଆ କର୍ମ ହେଉଛି ବିଭିନ୍ନ ସ୍ଥାନରେ ଥିବା ମଠ ଓ ମନ୍ଦିରକୁ ଯାଇ ଭଜନ ଗାଇ ଭିକ୍ଷା କରିବା। ଏଥିରୁ ଯାହା ରୋଜଗାର ହୁଏ ସେ ଚଳିବା ପାଇଁ ରଖି ଅବଶିଷ୍ଟ ଅର୍ଥ ମନ୍ଦିରରେ ଦାନ କରିଦେଇଥାନ୍ତି। ତାଙ୍କର କିଛି ଗଚ୍ଛିତ ଅର୍ଥରେ ସେ ହରପାର୍ବତୀ ମନ୍ଦିରରେ ପ୍ରସାଦ ଦାନ ଦେଇଥିଲେ। ମନ୍ଦିର ପୂଜକଙ୍କ କଥା ଅନୁସାରେ ଏହି କର୍ମରେ ମଙ୍ଗୁଳି ୩୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହିପରି ଜାଗୁଳାଇ ମନ୍ଦିରର କାର୍ଯ୍ୟ ପାଇଁ ମଧ୍ୟ ୧୦ ହଜାର ଦାନ କରିଛନ୍ତି। ସେ ଜଗନ୍ନାଥଙ୍କ ଭଜନ ଜଣାଣ ଗାଇଥାନ୍ତି। ମଙ୍ଗୁଳି ବସନ୍ତିଆଙ୍କ ଏହିପରି ଦାନଧର୍ମ କାର୍ଯ୍ୟ ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଟ୍ରଷ୍ଟ ପକ୍ଷରୁ ତାଙ୍କ ପରିବାର ପାଇଁ ପୋଷାକ ସହ ଶୀତ ବସ୍ତ୍ର ପ୍ରଦାନ କରାଯାଇଛି। ସେ ଜଗନ୍ନାଥ ପ୍ରେମୀ ହୋଇଥିବାରୁ ତାଙ୍କୁ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ମଧ୍ୟ ପ୍ରଦାନ କରାଯାଇଛି।

ମଙ୍ଗୁଳି ଙ୍କ ଭାଷାରେ ଲୋକମାନେ ଦେଇଥିବା ଦାନର ଅର୍ଥ ପ୍ରଭୁଙ୍କ ହୁଣ୍ଡିକୁ ଗଲେ ଦାତାଙ୍କର ପୁଣ୍ୟ ବହୁଗୁଣିତ ହୋଇଥାଏ। ଆଜିର ଏହି କାର୍ଯ୍ୟକ୍ରମ ରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି, ଟ୍ରଷ୍ଟ ର ଉପଦେଷ୍ଟା ବିଷ୍ଣୁ ଚରଣ ମହାପାତ୍ର, ଟ୍ରଷ୍ଟ ର କର୍ମକର୍ତ୍ତା ଅନୁଗୋଳ କଣିହାଁ ର ଇଂ ପ୍ରଶାନ୍ତ କୁମାର ଦାଶ, କାଳନ୍ଦୀ ମଲ୍ଲିକ ଓ ତୋଫାନ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଓରମାସ୍ କାର୍ଯ୍ୟାଳୟ ସମ୍ମୁଖ ପାଲଟିଛି ପାର୍କିଂସ୍ଥଳ

**ନୟାଗଡ଼, ୮।୧୨ (ସଂଚାର ବ୍ୟୁରୋ):** କର୍ମଚାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ କାର୍ଯ୍ୟାଳୟ ସମ୍ମୁଖଟି ଛୋଟ ପାର୍କିଂ ସ୍ଥଳରେ ପହଞ୍ଚିଛି । କାର୍ଯ୍ୟାଳୟରେ ପାର୍କିଂ ସ୍ଥଳ ଅଛି କିନ୍ତୁ ବାବୁ ମାନେ ସେଠାରେ ଗାଡ଼ି ପାର୍କିଂ ନକରି କାର୍ଯ୍ୟାଳୟ ସମ୍ମୁଖରେ ଦିନ ତମାମ ଗାଡ଼ି ରଖୁଥିବା ଦେଖିବାକୁ ମିଳିଛି । ଏଭଳି ଛୋଟିଆ ପାର୍କିଂ ସ୍ଥଳ ଦେଖିବାକୁ ମିଳିଛି ଜିଲ୍ଲା ପରିଷଦ କାର୍ଯ୍ୟାଳୟ ତଥା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ଥିବା ଓରମାସ କାର୍ଯ୍ୟାଳୟ ସମ୍ମୁଖରେ । ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ସରସ ସୁନ୍ଦର କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଗାଡ଼ି ମଟର ରଖିବା ପାଇଁ ପାର୍କିଂସ୍ଥଳ ନିର୍ମାଣ କରାଯାଇଛି । ଜିଲ୍ଲା ପରିଷଦର ସମସ୍ତ କର୍ମଚାରୀଙ୍କୁ ମଧ୍ୟ ପାର୍କିଂସ୍ଥଳରେ ଗାଡ଼ି ରଖିବା ପାଇଁ ମଧ୍ୟ କୁହାଯାଇଛି । କିନ୍ତୁ ଓରମାସ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କର୍ମଚାରୀ ଏହାକୁ




ମାନିବାକୁ ନାରାଜ । ଗାଡ଼ି ଆଣି କାର୍ଯ୍ୟାଳୟ ଗେଟ ସମ୍ମୁଖରେ ପାର୍କିଂ କରୁଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିବା ସହ କାର୍ଯ୍ୟାଳୟ ସମ୍ମୁଖରେ ଗାଡ଼ି ନରଖି ପାର୍କିଂ ସ୍ଥଳରେ ଗାଡ଼ି ପାର୍କିଂ କରିବାକୁ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି ।

**ଅଲ ଓଡିଶା ବାରବାଟୀ କପ୍ ତଥା ୪ର୍ଥ ଟୁବୁଲି ମେମୋରିଆଲ କ୍ରିକେଟ**

# ନିମପୁର ସ୍ପୋର୍ଟିଂ କଟକ ଚମ୍ପିଆନ

**ନିମାପଡା, ୮।୧୨ (ସଂଚାର ବ୍ୟୁରୋ):** ନିମାପଡା ବାରବାଟୀ ପଡିଆରେ ଚାଲିଥିବା ଅଲ୍ ଓଡିଶା ବାରବାଟୀ କପ୍ ତଥା ୪ର୍ଥ ଟୁବୁଲି ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଏମ୍.ସି.ସି ଭୁବନେଶ୍ୱରକୁ ହରାଇ ନିମପୁର ସ୍ପୋର୍ଟିଂ କଟକ ଚମ୍ପିଆନ ହୋଇଛି । ଆଜିର ଉଦ୍‌ଯାପନୀ ମ୍ୟାଚ ଏମ୍.ସି.ସି ଭୁବନେଶ୍ୱର ଭେଟିଥିଲା ନିମପୁର ସ୍ପୋର୍ଟିଂ କଟକକୁ । ଆଜିର ୩୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ଏମସିସି ଦଳ ପ୍ରଥମେ ବ୍ୟାଟିଂ କରି ୨୪ ଓଭରରେ ସମସ୍ତ କ୍ରିକେଟ ହରାଇ ମାତ୍ର ୧୧୯ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରମଣୀ ଜେନା ୩୩ଟି ବଲ ଖେଳି ୪୦ ରନ୍ ଏବଂ ଅନୁରାଗ ଷଡଙ୍ଗୀ ୨୭ଟି ବଲ ଖେଳି ୩୨ ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ବୋଲର ଏମ୍ ଡାନିସ ୪ ଓଭର ବୋଲିଂ କରି ମାତ୍ର ୧୭ ରନ ଦେଇ ମୂଲ୍ୟବାନ ୩ଟି ୱିକେଟ ଏବଂ ବାସୁକିନାଥ ତିୱାରୀ ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ନିମପୁର ଦଳର ଖେଳାଳି ଚମତ୍କାର ବ୍ୟାଟିଂ କରି ମାତ୍ର ୧୮ ଓଭର ଗୋଟିଏ ବଲ ଖେଳି ୬ଟି ୱିକେଟ ହରାଇ ୧୨୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ସମ୍ବିତ ପଟ୍ଟନାୟକ ଓ ରଂଜିତ ମହାରଣା ଆଜିର ମ୍ୟାଚ ଆମ୍ପାୟାର ଥିବା ବେଳେ ଅନିଶ ପ୍ରଧାନ ଓ ତନ୍ମୟ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ବିଜୟୀ ଦଳର ଏମ୍ ଡି ଡାନିସ ମ୍ୟାନ ଅଫ ଦି ମ୍ୟାଚ ଏବଂ ଏମସିସିର ଖେଳାଳି ଆଶୁତୋଶ ରାୟ ମ୍ୟାନ ଅଫ୍ ଦି ସିରିଜ ଭାବେ ବିବେଚିତ ହୋଇଥିଲେ । ସଂଧ୍ୟାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ନିମାପଡା ଏସ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ,ସମ୍ମାନୀତ ଅତିଥିଭାବେ ବିଶିଷ୍ଟ ବ୍ୟବସାୟୀ ବିଜୟ ପ୍ରସାଦ ମିଶ୍ର, ଶିକ୍ଷାବିତ୍ ବସନ୍ତ ମହାନ୍ତି,କ୍ଷୀରୋଦ ରାୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ନିମପୁର ଦଳକୁ ଚମ୍ପିଆନ ଟ୍ରଫି ସହିତ ୫୦ହଜାର ୧ ଟଙ୍କା ଏବଂ ରନର୍ସଅପ ଦଳକୁ ଟ୍ରଫି ସହିତ ୩୦ହଜାର ୧ଟଙ୍କା ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବେଷ୍ଟ ଫିଲଡର,ବେଷ୍ଟ ବୋଲର ଏବଂ କ୍ରୀଡାବିତ୍, ପରିବେଶବିତ୍ ମାନଙ୍କୁ ସମ୍ମାନୀତ କରାଯାଇଥିଲା ।

# ରାଜକନିକାରେ ବାଲ୍ୟ ବିବାହ ପ୍ରତିଜ୍ଞା ଅଭିଯାନ

**ରାଜକନିକା, ୮।୧୨ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟଠାରେ ଶନିବାର ଦିନ ବାଲ୍ୟ ବିବାହ ପ୍ରତିଜ୍ଞା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନର ମୂଳ ଲକ୍ଷ୍ୟ ବାଲ୍ୟ ବିବାହ ନିରାକରଣ ଓ କୈଶୋର




ସଶକ୍ତିକରଣ ନିମନ୍ତେ ପ୍ରତିଜ୍ଞା କରିବାର ଅଭିଯାନ। କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ସଚେତନଧର୍ମୀ ଅଭିଯାନ ରେ ସୁପରଭାଇଜର ବାସନ୍ତୀ ପରିଡା, ଚିତ୍ରକଳା ଜେନା, ପ୍ରଶାନ୍ତ ମହାରଣା, ଡୁଲି ହେମ୍ବ୍ରମ, ବିଦ୍ୟୁତପ୍ରଭା ଅଧିକାରୀ, ପ୍ରଭୁପାଦ, ବୈଦେହୀ ବେହେରା, ସ୍ନେହଲତା ସେଠୀ, ସବିତା ସାମଲ, ମାନସ ଦାସ, ଶିଶିର ବାଳା ବଳ, କାଜଲ ଦାସ, ମୋନାଲିଶା ପ୍ରମୁଖ ଯୋଗଦେଇ ବାଲ୍ୟ ବିବାହ, ଲିଙ୍ଗଗତ ଭେଦଭାବ, ଜାତିଗତ ଭେଦଭାବ ପ୍ରମୁଖ ପ୍ରସଙ୍ଗ ଉପରେ ଏକ ସଚେତନଧର୍ମୀ ଅଭିଯାନ ଆରମ୍ଭ କରିଥିଲେ। ଏହି ଅଭିଯାନ ଗତ ୬ ତାରିଖରୁ ଆରମ୍ଭ ହୋଇ ୨୬ ତାରିଖ ଯାଏ ଚାଲିବ ବୋଲି ଜଣା ପଡିଛି । ଅନ୍ୟମାନଙ୍କ ମଧ୍ୟରେ ଏଥିରେ କିଶୋରୀ ବାଳିକା, ଅଙ୍ଗନବାଡି କର୍ମୀ, ମିଶନ ଶକ୍ତି ଓ ଜୀବିକା ମିଶନର ବହୁ କର୍ମୀ ସାମିଲ ରହିଥିଲେ।

# ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲ ବିଜ୍ଞାନମେଳା

**ପଟ୍ଟାମୁଣ୍ଡାଇ, ୮।୧୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲରେ ବାର୍ଷିକ ବିଜ୍ଞାନ ମେଳା ଗତ ୭ ଓ ୮ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏହି ବିଜ୍ଞାନମେଳାକୁ ସ୍କୁଲ ପରିଚାଳନା କମିଟି ମୁଖ୍ୟ ଡ଼ ଗୋଲକ ବିହାରୀ ସ୍ୱାଇଁ ଉଦଘାଟନ




କରିଥିଲେ । ଏହି ଉପଲକ୍ଷେ ସ୍କୁଲ ଉପାଧ୍ୟକ୍ଷ ମନୋଜିତ ନାୟକଙ୍କପୌରହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ କଷଣଅଷ୍ଟା ହାଇସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷକ କବି ସଚିତ୍ର ବେହୁରା ମୁଖ୍ୟଅତିଥି,ପ୍ରାକ୍ତନ ପ୍ରଶାସକ ବ୍ରଜବନ୍ଧୁ ଧଳ ମୁଖ୍ୟବକ୍ତା, ଶିକ୍ଷାବିତ ସୁରେଶ ଜେନା ସମ୍ମାନିତଅତିଥି ଭାବେ ଯୋଗ ଦେଇ ସ୍କୁଲର ଛାତ୍ରଛାତ୍ରୀମାନେ ନିଷ୍ଠାର ବିଜ୍ଞାନ ଶିକ୍ଷା କଲେ ଜୀବନରେ ସଫଳତା ହାସଲ କରିପାରିବେ ବୋଲି ମତପ୍ରକାଶ କରିଥିଲେ । ନିର୍ଦ୍ଦେଶକ ଇଂ ଦେବବ୍ରତ ସ୍ୱାଇଁ ସ୍କୁଲର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଶିକ୍ଷୟତ୍ରୀ ଭାଗ୍ୟଶ୍ରୀ ବିହାନି ଓ ରଶ୍ମିପ୍ରଭା ତ୍ରିପାଠୀ ଅତିଥିପରିଚୟ ପ୍ରଦାନ କରିଥିଲେ । କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । ଶେଷରେ ଯଶୋଦାରାଣୀ ଲେଙ୍କା ଧନ୍ୟବାଦ ଦେଇଥିଲେ। ଏହି ବିଜ୍ଞାନମେଳାରେ ୧୯୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା ।

ସଂଚାର THE SANCHAR




## ଆକର୍ଷଣରେ ପଦୁ ପଣ୍ଡାଙ୍କ ଧୋତି



ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓରଫ ପଦୁ ପଣ୍ଡା ବିଧାନସଭାରେ ତାଙ୍କ ନିଆଁଲଗା ଭାଷଣ ପାଇଁ ଚର୍ଚ୍ଚାରେ ଥିବାବେଳେ ଏବେ ଧୋତି ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ଗୃହର ଏକମାତ୍ର ସଦସ୍ୟଭାବେ ପଦୁ ବାବୁ ଧୋତି ପିନ୍ଧି ଆସିଥିବାର ଦେଖି ଶନିବାର ଦିନ ତାଙ୍କୁ ବହୁ ସଦସ୍ୟ ଘେରି ଯାଇଥିଲେ। କେତେକ ତାଙ୍କୁ ତାରିଫ କରୁଥିବାବେଳେ ଆଉ କେତେ ଧୋତି ଓ ପଞ୍ଜାବିର ମାନ ପରଖୁଥିଲେ। ପଦୁ ବାବୁ ବି ଖୁସିରେ ଗଦ ଗଦ ହୋଇଯାଉଥିଲେ। ଧଳା ଧୋତି ସାଙ୍ଗକୁ ଧଳା ପଞ୍ଜାବି ଓ କାନ୍ଧରେ ଉତ୍ତରୀୟ ପକାଇଥିଲେ। ତାଙ୍କ ଚାରିପାଖରେ ପ୍ୟାଣ୍ଟପିନ୍ଧା ବିଧାୟକମାନେ ଭିଡ ଲଗାଇଥିବାବେଳେ ଗୃହକୁ ପ୍ରବେଶ କରିଥିଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ରାଜା ବି ପଦୁ ବାବୁଙ୍କ ଧୋତିକୁ ଦେଖି ପ୍ରଶଂସା ନକରି ରହିପାରିଲେନି। ପଦୁ ବାବୁ ଚଟାପଟ୍ କହିଲେ ମୁଁ ରାଜା ସାହେବଙ୍କ ଠାରୁ ଶିଖି ଗୃହକୁ ଧୋତି ପିନ୍ଧି ଆସୁଛି। କାରଣ କନକ ବର୍ଦ୍ଧନ ବି ବେଳେ ବେଳେ ରାଜକୀୟ ଠାଣିରେ ଧୋତି ପିନ୍ଧି ଆସିଥାନ୍ତି। ହେଲେ ପଦୁ ବାବୁଙ୍କ ଧୋତିଟି ରାଜାଙ୍କ ଧୋତିଠାରୁ ଟିକେ ଭିନ୍ନ ପରିଲକ୍ଷିତ ହେଉଥିଲା।

## ବଦ୍ରିଙ୍କ ପାଣି ତତ୍ତ୍ୱ



ବିଜେଡିର ବରିଷ୍ଠ ନେତା କିଛି ଦିନ ହେଲା ଦଳୀୟ ନେତୃତ୍ୱଙ୍କୁ ତେରେଛା ବାଣ ମାରି ଘାଇଲା କରୁଥିବାବେଳେ ଏବେ ବିଧାନସଭାରେ ପାଣି ତତ୍ତ୍ୱ ଉପସ୍ଥାପନ କରିଛନ୍ତି। ପିଇବା ପାଣି ପ୍ରକଳ୍ପ କାର୍ଯ୍ୟ ଠିକଣା ସମୟରେ ନସରିବାରୁ ବିଜେଡିର ଅନେକ ବିଧାୟକ ପ୍ରାର୍ଥୀ ହାରିଗଲେ ବୋଲି ବଦ୍ରି ଖୋଲାଖୋଲି ଭାବେ କହିଛନ୍ତି। ବଦ୍ରିଙ୍କର ଏକଥାଟିକୁ ବି ଅନେକ ବିଜେଡି ନେତା ମୁକ୍ତ କଣ୍ଠରେ ସ୍ୱୀକାର କରୁଛନ୍ତି। ହେଲେ କାହାପାଇଁ ଏହି ପ୍ରକଳ୍ପ ବିଳମ୍ବ ହେଲା ସେ କଥାଟି କିନ୍ତୁ ବଦ୍ରି ଖୋଲାଖୋଲି କହିନଥିଲେ ବି ତାଙ୍କ ଇସାରା କୁଆଡେ ବିଜେଡିର କ୍ରୀତଦାସ ଓ ସନ୍ୟାସୀଙ୍କ ଆଡକୁ ଥିଲା ବୋଲି ଦଳୀୟ କର୍ମୀମାନେ ଟୁପୁରୁ ଟାପୁରୁ ହେଉଛନ୍ତି। ଏ ଦୁଇଜଣ କୁଆଡେ ପାଣି ପ୍ରକଳ୍ପ ପାଇଁ ଠିକାଦାର ଖୋଜିବାର ମୁଖ୍ୟ କାର୍ପଟଦାର ଥିଲେ। ସେମାନଙ୍କ ମାମଲତି ପାଇଁ ନେତାଙ୍କ ପାଣି ବାହାରିଗଲା। ଅନେକ ଲୋକଙ୍କ ରୋଷର ଶିକାରହୋଇ ନିର୍ବାଚନରେ ହାରିଗଲେ। ସୌଭାଗ୍ୟ କ୍ରମେ ଆଉ କିଛି ଜିଣିଗଲେ। ଏକଥାଟି ସମସ୍ତେ ଉଣା ଅଧିକେ ଜାଣିଥିଲେ ବି ପାଣି ଖୋଲୁନଥିଲେ। ହେଲେ ବଦ୍ରି ପାଣି ତତ୍ତ୍ୱ ବୁଝାଇବା ପରେ ଅନେକ ତାଙ୍କୁ ଭିତିରିଆ ସାବାସୀ ଦେଉଥିବା ସୂଚନା ମିଳୁଛି।

## ମୁଁ ବି ଇଞ୍ଜିନିୟର ଥିଲି





ମୁଁ ଇଞ୍ଜିନିୟର ଥିଲି। ପାଣି ଯୋଗାଣ ଯୋଜନା କିଭଳି କାର୍ଯ୍ୟକାରୀ ହୁଏ ତାହା ମୋତେ ଭଲ ଭାବେ ଜଣା। କମ୍ପାନୀମାନେ କିଭଳି କାର୍ଯ୍ୟ କରନ୍ତି ସେକଥା ମୋତେ ବୁଝାଇବାକୁ ପଡିବନାହିଁ। ଜଳ ଯୋଗାଣ ସଂକ୍ରାନ୍ତରେ ବିଧାୟକମାନଙ୍କ ଉତ୍ତର ଦେବାବେଳେ ବିଧାନସଭାରେ ଏହା କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ। ଶ୍ରୀ ନାୟକଙ୍କ ମୁହଁରୁ ଏଭଳି କଥା ଶୁଣିବାପରେ ଅନେକ ବିଧାୟକ ଅବଶ୍ୟ ଆଶ୍ୱସ୍ତ ହୋଇଛନ୍ତି। କିଛି ନହେଲେ ନାହିଁ ଠକୁଥିବା ଠିକା ସଂସ୍ଥାର ମଞ୍ଜକୁ ଧରିବାକୁ ରବି ବାବୁ ସକ୍ଷମ ହେବେ। ବିଧାୟକଙ୍କ ଉତ୍ସାହ ଦେଖି ମନ୍ତ୍ରୀ କହିଥିଲେ ଏଲଆଣ୍ଡଟି ଭଳି ଠିକା ସଂସ୍ଥାକୁ ଠକାମୀ ପାଇଁ ଗୋଟିଏ ସ୍ଥାନରେ ୮ କୋଟି ଜୋରିମାନା କରିସାରିଲିଣି। ଯିଏ ଅଗଲ ବଗଲ କରିବ ସିଏ କଳା ତାଲିକାଭୁକ୍ତ ହେବ। ମନ୍ତ୍ରୀଙ୍କର ଏଭଳି ରୁଦ୍ର ମୂର୍ତ୍ତି ଦେଖିବାପରେ ଅବଶ୍ୟକ ଜଳଯୋଗାଣ ସଂସ୍ଥାମାନେ ଛାନିଆ ହୋଇଥିବେ। ତେବେ ମନ୍ତ୍ରୀ କହିଥିଲେ ଠିକା ସଂସ୍ଥାମାନେ ମଲେଇ ଖାଇ ପଳେଇଛନ୍ତି। ଏମାନଙ୍କ ମଲେଇଖିଆ ଯୋଗୁଁ ଲୋକେ ପାଣି ପାଉଇପାରୁ ନାହାନ୍ତି। ତେବେ ଏହି ମଲେଇଖିଆ ବିଲେଇଙ୍କୁ ଯନ୍ତ୍ରୀରୁ ମନ୍ତ୍ରୀ ହୋଇଥିବା ରବି ବାବୁ କିଭଳି ଧରୁଛନ୍ତି ତାହାକୁ ଏବେ ବିଧାୟକମାନେ ଚାହିଁ ବସିଛନ୍ତି।

## ବାପ ପୁଅଙ୍କ ଅଦାଲତି କୋଠା




ନିକଟରେ ଭାରତର ରାଷ୍ଟ୍ରପତି ରାଜ୍ୟ ରାଜଧାନୀ ଭୁବନେଶ୍ୱର ଠାରେ ନୂତନ ଅଦାଲତ ସୌଧକୁ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯିବାର ଥିଲେ ବି ବିଧାନସଭାର ଜରୁରୀ କାର୍ଯ୍ୟପାଇଁ ସେ ଅନୁପସ୍ଥିତ ଥିଲେ। ହେଲେ ସୌଧର ଉଦ୍‌ଘାଟନ ସହିତ ତାଙ୍କ ନାମଟି ଯୋଡିହୋଇ ଯାଇଛି। ତେବେ ଏହା ସହିତ ଆଉ ଏକ ବିରଳ ସଂଯୋଗ ବି ଘଟିଛି। ସଂଯୋଗଟି ହେଲା ଭୁବନେଶ୍ୱର ପୁରୁଣା ଅଦାଲତର ସୌଧଟିକୁ ତାଙ୍କ ପିତା ବିଶ୍ୱଭୂଷଣ ହରିଚନ୍ଦନ ଆଇନ୍ ମନ୍ତ୍ରୀଥିବାବେଳେ ଶୁଭ ଦେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଅବଶ୍ୟ ସେହି କୋଠାଟି ଉଦ୍‌ଘାଟନ ହେଲା ବେଳକୁ ବିଶ୍ୱଭୂଷଣ ବାବୁ ଆଇନ୍‌ମନ୍ତ୍ରୀ ନଥିଲେ। ଏବେ ବି ଭୁବନେଶ୍ୱରର ପୁରୁଣା ଓକିଲମାନେ ଅଦାଲତି ସୌଧଟି ବିଶ୍ୱଭୂଷଣଙ୍କ ଅବଦାନ ବୋଲି କହିଥାନ୍ତି। ଠିକ୍ ସେହିଭଳି ଆଗାମୀ ପିଢ଼ି ମଧ୍ୟ ପିତାଙ୍କ ଭଳି ପୁଅ ପୃଥ୍ୱୀରାଜଙ୍କୁ ମନେ ରଖିବ। ତାଙ୍କରି ଆଇନ ମନ୍ତ୍ରୀତ୍ୱ ସମୟରେ ସୌଧ ଉଦ୍‌ଘାଟନ ହୋଇଥିଲା ବୋଲି କୁହାଯିବ। ଏହା ଓଡ଼ିଶା ରାଜନୀତିରେ ଏକ ବିରଳ ସଂଯୋଗ ବୋଲି କୁହାଯାଉଛି। ପିତା ପୁତ୍ର ଉଭୟ ଆଇନ୍ ବିଭାଗ ଦାୟିତ୍ୱରେ ରହିଥିବାବଳେ ଭୁବନେଶ୍ୱରର ଅଦାଲତି ସୌଧ ସହିତ ଯୋଡିହୋଇ ଯାଇଛନ୍ତି।

## ବେପାର ବୁଡାଇଦେଲା ଲୁହା ବାଡ



ରାଜଧାନୀର ରାସ୍ତାକଡରେ ଏବେ ପୋତା ଚାଲିଛି ଲୁହାବାଡ। ପୂରା ସ୍ଥାୟୀଭାବେ ପୋତାଯିବା ସହିତ ରଙ୍ଗ ମରାଯାଉଛି। ହେଲେ କିଛି ଯନ୍ତ୍ରୀ ଠିକାଦାର ଏହି ଲୁହାବାଡକୁ ଗାଳି ଦେବାରେ ଲାଗିଛନ୍ତି। ଲୁହାକୁ ଗାଳି ଦେଉଥିବା ଜଣେ ଠିକାଦାରଙ୍କୁ ପଚାରିବାରୁ ସେ କହିଲେ, ବୁଝିଲେ ଆଜ୍ଞା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଆସିଲାବେଳେ ଆମେ ବହ୍ଲା ଓ ବାଉଁଶ ପୋତି ଭଲ ଦି ପଇସା ପାଉଥିଲୁ। ଯନ୍ତ୍ରୀମାନେ ବି ସେଥିରୁ ଭାଗ ନେଉଥିଲେ। ଏବେ ଯେମିତି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଘନ ଘନ ଗସ୍ତ କରୁଛନ୍ତି ସେଥିରୁ ଭଲ ମାଲ୍ ମିଳିବ ବୋଲି ଆଶା ଥିଲା। ହେଲେ ସେ ବେପାର ଏବେ ବୁଡିଗଲା। କର୍ତ୍ତୃପକ୍ଷ ଏବେ ସ୍ଥାୟୀ ବାଡ ଲଗାଇଦେଲେ। ଯାହା ଜଣାଗଲାଣି ଏ ସକରାର ଥିବା ପର୍ଯ୍ୟନ୍ତ ଏ ଲୁହାବାଡ ଆଉ ଖରାପ ହେବନାହିଁ। ତେବେ ଏ ଲୁହାବାଡ କାହିଁକି ଲାଗିଲା ବୋଲି ଆମେ ପଚାରିବାକୁ ଠିକାଦାର ବାବୁ ଜଣଙ୍କ ମୁହଁ ଆମ୍ବିଳା କରି କହିଲେ, କେହି ଜଣେ ପରିବେଶବିତ୍ କାଠ ବାଉଁଶ କଟା ଯୋଗୁଁ ବ୍ୟାପକ ପରିବେଶ ନଷ୍ଟ ହେଉଥିବା ଦର୍ଶାଇ ପ୍ରଧାନମନ୍ତ୍ରୀଙ୍କ ଦପ୍ତରକୁ ଚିଠି ଲେଖିବାରୁ ଏଭଳି ଅବସ୍ଥା। ଆମ ବେପାର ବୁଡାଇଥିବା ସେ ଲୋକଟିକୁ ଆମେ କିଛିଦିନ ହେଲା ଖୋଜୁଥିଲେ ବି ପାଉନୁ।

## କାହାକୁ ପାଇଲେନି ପୁସ୍ତକ ପ୍ରେମୀ




ଅତ୍ୟନ୍ତ ଉତ୍ସାହର ସହିତ ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକମେଳାର ଉଦଘାଟ ପର୍ବକୁ ଯାଇଥିବା ପୁସ୍ତକ ପ୍ରେମୀମାନେ ଅତିଥିମାନଙ୍କୁ ନପାଇ ହତାଶ ହୋଇଛନ୍ତି। ନୂଆ ସରକାରର ପ୍ରଥମ ପୁସ୍ତକମେଳା ପାଇଁ ସଂସ୍କୃତି ବିଭାଗ ଅତିଥି ତାଲିକାରେ ଯେଉଁମାନଙ୍କ ନାମ ରଖି ବିଜ୍ଞାପନ ଦେଇଥିଲା ସେମାନଙ୍କ ମଧ୍ୟରୁ ଜଣେ ବିଧାୟକଙ୍କୁ ଛାଡିଦେଲେ ଆଉ କେହି ଆସିଲେନି। ମୁଖ୍ୟ ଅତିଥି ତାଲିକାରେ ଥିଲେ ବାଚସ୍ପତି, ଗରିମାମୟ ଉପସ୍ଥିତି ତାଲିକାରେ ଥିଲେ ଆଇନ୍ ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀ। ହେଲେ ଏହି ଚାରିଜଣଙ୍କ ଭିତରୁ କାହାର ହେଲେ ପାଦ ପଡିଲାନି। ଏକା ଆସିଲେ ବିଧାୟକ ବାବୁ ସିଂହ। ସଭା କିଭଳି ହେବ ସେହି ଚିନ୍ତା ସମସ୍ତଙ୍କୁ ଘାରିଥିବାବେଳେ ବାବୁ ସିଂ କିନ୍ତୁ ଆଉ ତିନି ଚାରିଜଣ ଅନିମନ୍ତ୍ରିତ ବିଧାୟକ ବନ୍ଧଙ୍କୁ ଡାକି କୌଣସି ପ୍ରକାରେ କାମ ଚଳାଇନେଲେ। ତିନି ଘଣ୍ଟା ବିଳମ୍ବରେ ହେଉ ପଛେ ପୁସ୍ତକମେଳା ଉଦଘାଟନ ହୋଇଗଲା। ପୁସ୍ତକପ୍ରେମୀମାନେ ପଚାରୁଛନ୍ତି ସଂସ୍କୃତି ବିଭାଗ ଅତିଥିମାନଙ୍କ ଠାରୁ ସମ୍ମତି ଆଣିଥିଲା ନା ଉତ୍ସାହିତ ହୋଇ ନାଁ ଗୁଡିକ ଛାପି ଦେଇଥିଲା ?

# ଡ୍ରେନ୍ କାମବେଳେ କାନ୍ଥ ପଡ଼ି ଜଣେ ମୃତ

**କଟକ, ୮।୧୨ (ସଂଚାରବ୍ୟୁରୋ):** କଟକରେ ଡ୍ରେନ୍ କାମବେଳେ ଅଘଟଣ। ଜଣେ ଶ୍ରମିକ ମୃତ, ଜଣେ ଗୁରୁତର। ବିଡ଼ାନାସୀ ଗୋପାଳସାହି ଛକରେ ସିଏମସିର ଡ୍ରେନ୍ କାମବେଳେ ଘଟିଛି ଏହି ଅଘଟଣ। ଡ୍ରେନ୍ କାମ ଚାଲିଥିବା ସମୟରେ ନିକଟରେ ଥିବା କାନ୍ଥ ଭୁଶୁଡ଼ି ଯିବାରୁ ଚାପି ହୋଇଯାଇଥିଲେ ଏହି ଦୁଇ ଶ୍ରମିକ। ମୃତଦେହ ଉଦ୍ଧାର କରାଯାଇଛି ଏବଂ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ସେଠାରେ ୫ ଜଣ ଶ୍ରମିକ କାମ କରୁଥିଲେ। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ମଧ୍ୟ ରହିଛନ୍ତି। ତେବେ ଦୀର୍ଘସମୟ ଧରି ସେଠାରେ କୌଣସି ଠିକାଦାର ବା କୌଣସି ସିଏମସି ଅଧିକାରୀଙ୍କର ଦେଖା ନ ଥିଲା। ଡ୍ରେନ ନିକଟରେ ଥିବା କାନ୍ଥ ବିପଦଶଙ୍କୁଳ ଅବସ୍ଥାରେ ଥିବାରୁ ସେମାନଙ୍କୁ ବାରମ୍ବାର ସ୍ଥାନୀୟ ଲୋକେ ସତର୍କ କରାଇଥିଲେ।

### ଆଉ ପଛୁଆ ହୋଇ ରହିବନି ଦକ୍ଷିଣ ଓଡ଼ିଶା

# ନବରଙ୍ଗପୁର ବିକାଶ ପାଇଁ ୪୬୦ କୋଟିର ପ୍ରକଳ୍ପ



**ଭୁବନେଶ୍ୱର, ୮।୧୨ (ସଂଚାର ବ୍ୟୁରୋ):** ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର ନବରଙ୍ଗପୁର ଜିଲ୍ଲାର ଡଙ୍ଗର ପାହାଡ ଓ ଜଙ୍ଗଲର ଶାନ୍ତ ସବୁଜ ପରିବେଶକୁ ଦେଖିଲେ ସ୍ୱର୍ଗୀୟ ସୁଖ ଅନୁଭବ ହୋଇଥାଏ। ଜନଜାତି ବହୁଳ ନବରଙ୍ଗପୁର ଜିଲ୍ଲାର ନିଜସ୍ୱ ସଂସ୍କୃତି ଓ ଜନଜାତି ଜୀବନଧାରା ଓଡ଼ିଶାର ସାଂସ୍କୃତିକ ଚିତ୍ରପଟକୁ ଗରିମାମୟ କରିଛି। ଜନଜାତି ସଂପ୍ରଦାୟଙ୍କ କଳା, ସଂସ୍କୃତି ଓ ପରମ୍ପରା ଭିତରେ ଲୁଚି ରହିଥିବା ବାସ୍ତବତାକୁ ଲୋକଲୋଚନକୁ ଆଣୁଛି ଏହି ମହୋତ୍ସବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁର ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ଭାଇଚାରାର ଭବ୍ୟ ମହୋତ୍ସବ 'ମଣ୍ଡେଇ ୨୦୨୪' ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲାର ବିକାଶ ପାଇଁ ୪୬୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୨୬୧ଟି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ନବରଙ୍ଗପୁର ହିର୍ଲି ମଣ୍ଡେଇ ପଡିଆରେ ତିନି ଦିନ ଧରି ଆୟୋଜିତ ହେଉଥିବା 'ମଣ୍ଡେଇ ୨୦୨୪' ଉଦ୍‌ଯାପନୀ ସମାରୋହରେ ଆଜି ମୁଖ୍ୟମନ୍ତ୍ରୀ ଯୋଗଦେଇ ଆହୁରି ମଧ୍ୟ କହିଥିଲେ ଯେ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ନବରଙ୍ଗପୁର ମାଟି ହେଉଛି ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କର ବଳିଦାନର ପୀଠ। ନବରଙ୍ଗପୁରର ଐତିହ୍ୟ, ପର୍ଯ୍ୟଟନ ସ୍ଥଳୀ, ପ୍ରାକୃତିକ ଶୋଭାରାଜି, ଲୋକ ସଂସ୍କୃତି, ଲୋକକଳା, ହସ୍ତଶିଳ୍ପ ଓ ଜିଲ୍ଲାର ବିକାଶର ଚିତ୍ରକୁ ପ୍ରତିଫଳିତ କରିବା ପାଇଁ ଏହି ମହୋତ୍ସବ ଏକ ପ୍ରକୃଷ୍ଟ ମଞ୍ଚ। ମଣ୍ଡେଇ ମହୋତ୍ସବ ପାଇଁ ନବରଙ୍ଗପୁର ଜିଲ୍ଲା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଜିଲ୍ଲା ପାଇଁ ଏହା ହେଉଛି ସାମାଜିକ ବନ୍ଧୁ ମିଳନ, ଭାବର ଆଦାନ ପ୍ରଦାନ ଓ ମାନବୀୟ ସଂସ୍କୃତିର ଏକ ବର୍ଣ୍ଣାଢ୍ୟ ଲୋକ ମହୋତ୍ସବ। ଜିଲ୍ଲାର ଐତିହାସିକ ଦର୍ଶନୀୟ ସ୍ଥାନ ଗୁଡିକ ଜିଲ୍ଲାକୁ ପର୍ଯ୍ୟଟନ କ୍ଷେତ୍ରରେ ସମୃଦ୍ଧ କରିଛି। ପର୍ଯ୍ୟଟନ ସ୍ଥଳୀ ଗୁଡିକର ବିକାଶ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ଆମ ସରକାର ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଛନ୍ତି।

ଜନଜାତି କଲ୍ୟାଣ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜନଜାତି ସଂପ୍ରଦାୟଙ୍କ ଉନ୍ନତିକୁ ଆମ ଡବଲ ଇଞ୍ଜିନ ସରକାର ପ୍ରାଧାନ୍ୟ ଦେଉଛନ୍ତି। ନିକଟରେ ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମ ଦିବସ ଅବସରରେ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ 'ଧର୍ତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ' ଯୋଜନା ଅଧିନରେ ଅନେକ ଗୁଡିଏ କଲ୍ୟାଣକାରୀ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହ ଯୋଜନାର ମୂଳ ଲକ୍ଷ୍ୟ ହେଉଛି ଜନଜାତି ସଂପ୍ରଦାୟଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନଜୀବିକା ଓ ଭିତ୍ତିଭୂମି କ୍ଷେତ୍ରରେ ରହିଥିବା ତାରତମ୍ୟକୁ ଦୂର କରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା। ଓଡ଼ିଶାର ୨୭ଟି ଜିଲ୍ଲାର ୭୬୬୭ ଗ୍ରାମକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି।

## ବିସ୍ଫୋରଣରେ ଆହତ ହାତୀଛୁଆର ମୃତ୍ୟୁ

**ନବରଙ୍ଗପୁର, ୮।୧୨(ସଂଚାର ବ୍ୟୁରୋ):** ପଡ଼ୋଶୀ ଛତିଶଗଡ଼ରୁ ପଘାରପାଣି ଜଙ୍ଗଲକୁ ପଶି ଆସିଥିବା ଆହତ ହାତୀ ଶାବକର ମୃତ୍ୟୁ ଘଟିଛି। ଶିକାରୀଙ୍କ ଦ୍ୱାରା ଜଙ୍ଗଲରେ ଲଗାଯାଇଥିବା ବିସ୍ଫୋରକ ଫାଟି ହାତୀ ଶାବକର ପାଟିରେ ଆଘାତ ଲାଗିଥିଲା। ଛତିଶଗଡ଼ ଏବଂ ଓଡ଼ିଶା ବନ ବିଭାଗ ପକ୍ଷରୁ ହାତୀ ଶାବକର ଚିକିତ୍ସା ଜାରି ରହିଥିବା ସତ୍ତ୍ୱେ ରବିବାର ତା'ର ମୃତ୍ୟୁ ଘଟିଛି। ଛତିଶଗଡ଼ ବନବିଭାଗ ହାତୀର ମରଶରୀରକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ରାଇଘର ବ୍ଲକ ସୀମାନ୍ତରେ ଥିବା ପଘାରପାଣି ଜଙ୍ଗଲରେ ଶିକାରୀମାନେ ଗଛରେ ବିସ୍ଫୋରଣ ସାମଗ୍ରୀ ବାନ୍ଧି ରଖିଥିଲେ। ୧୨ ଦିନ ତଳେ ଏକ ୬ ବର୍ଷର ହାତୀ ଶାବକ ଗଛରୁ ତାଳପତ୍ର ଖାଇବା ସମୟରେ ବିସ୍ଫୋରଣ ହେବାରୁ ତା'ର ପାଟିରେ ଆଘାତ ଲାଗି ଖଣ୍ଡିଆ ହୋଇଥିଲା। ଫଳରେ ହାତୀ ଛୁଆଟି ଖାଦ୍ୟ ଖାଇପାରୁ ନ ଥିବା ବେଳେ ପାଣି ସନ୍ଧାନରେ ଏଣେ ତେଣେ ଜଙ୍ଗଲ ଭିତରେ ବୁଲୁଥିବାରୁ ହାତୀପଲଠାରୁ ଦୂରେଇ ଯାଇଥିଲା। ଖାଦ୍ୟ ଖାଇ ନ ପାରି ଦୁର୍ବଳ ହୋଇପଡିଥିଲା। ଛତିଶଗଡ଼ ବନ ବିଭାଗ କର୍ମଚାରୀ ଡ୍ରୋନ ସାହାଯ୍ୟରେ ହାତୀ ଛୁଆର ସନ୍ଧାନ ପାଇ ପଘାରପାଣି ଜଙ୍ଗଲରେ ପହଞ୍ଚି ଟ୍ରାଙ୍କୁଲାଇଜ୍ କରି ତାକୁ ଧରିଥିଲେ। ସେହିଦିନଠାରୁ ପ୍ରାୟ ୪ ଥର ଚିକିତ୍ସା କରାଯାଇଥିବା ସତ୍ତ୍ୱେ ଗରିଆବନ୍ଧ ଜିଲ୍ଲା ରାଜାପୋଡାଓ ଜଙ୍ଗଲରେ ହାତୀ ହାତୀ ଛୁଆ ଆଖିବୁଜିଛି।

## ୫ ମାଓବାଦୀଙ୍କ ଆତ୍ମସମର୍ପଣ

**ରାୟଗଡ଼ା,୮।୧୨(ସଂଚାର ବ୍ୟୁରୋ):** ଛତିଶଗଡ ମାଓବାଦୀ ସଂଗଠନରେ ସକ୍ରିୟ ଥିବା ୫ ମାଓବାଦୀ ରବିବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମାଡ଼ବି ରାଜୁ, ଦେବା ମାଡ଼ବି, ସୁନ୍ନମ ଭେଙ୍କଟସ୍, କଓ୍ୱାସୀ ହିଡ଼ମା ଓ ସୋଡି ଗଙ୍ଗା। ୫ ମାଓବାଦୀ ବିନା ଅସ୍ତ୍ରଶସ୍ତ୍ରରେ ଗ୍ରାମବାସୀଙ୍କ ବେଶଭୂଷାରେ ସୁକ୍‌ମା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି।

## ଏଆଇ କ୍ୟାମେରା ପାଇଁ ବଞ୍ଚିଲା ୩ ହାତୀଙ୍କ ଜୀବନ


**ରାଉରକେଲା,୮।୧୨(ସଂଚାର ବ୍ୟୁରୋ):** ଏଆଇ କ୍ୟାମେରା ଯୋଗୁଁ ବଞ୍ଚିଗଲା ତିନି ହାତୀଙ୍କ ଜୀବନ। ରାଉରକେଲା ବନଖଣ୍ଡରେ ଲାଗିଥିବା ଏଆଇ ସେନ୍ସର କ୍ୟାମେରା ପାଇଁ ବଡ଼ ଅଘଟଣ ରୋକାଯାଇପାରିଛି। ରାଉରକେଲା ବନ ବିଭାଗ ଡିଭିଜନରୁ ଏଭଳି ଏକ ଭିଡିଓ ସାମ୍ନାକୁ ଆସିଛି । ରାଉରକେଲା ଡିଭିଜନରେ ହାତୀ ମୃତ୍ୟୁ ମାମଲା ବଢ଼ିବା ପରେ ବନ ବିଭାଗ ପକ୍ଷରୁ ନୂଆ ପଦକ୍ଷେପ ଗ୍ରହଣ ସ୍ୱରୂପ ଏଆଇ କ୍ୟାମେରା ଲଗାଯାଇ ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ରେଳ ଟ୍ରାକ ନିକଟରେ ହାତୀ ପଲ ଯାଉଥିବା ବେଳେ ହାଓ୍ୱଡ଼ା-ମୁମ୍ବାଇ ରେଳ ଲାଇନରେ ଟ୍ରେନ ଆସୁଥିଲା। ଏହି ସମୟରେ ସେନ୍ସର ଏହାକୁ କ୍ୟାପଚର କରି କଣ୍ଟ୍ରୋଲ ରୁମକୁ ପଠାଇଥିଲା। ଏହାପରେ ଟ୍ରେନକୁ ଅଟକାଯାଇଥିଲା ଏବଂ ହାତୀ ପଲରେ ଥିବା ଦୁଇଟି ହାତୀ ସହ ଏକ ହାତୀ ଶାବକର ଜୀବନ ବଞ୍ଚିଯାଇଛି। ରାଉରକେଲା ଡିଭିଜନରେ ଚାରୋଟି ଟାଓ୍ୱାରରେ ଏଆଇ ସେନ୍ସର କ୍ୟାମେରା ଲାଗିଛି। ଡୋଳା କଟୁଆ, ଚମ୍ପଝରଣ, ସୋନଖାନ ଓ ମହିପାନି ପାଖରେ ଏହି ଏଆଇ କ୍ୟାମେରା ଖଞ୍ଜାଯାଇଛି।

● ଆଳୁ ବିଲରେ ଆକ୍ରମଣ

## ବାପା ମୃତ, ପୁଅ ଆହତ


**ଆଠଗଡ଼,୮।୧୨(ସଂଚାର ବ୍ୟୁରୋ):** ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ। ବାପା ମୃତ ପୁଅ ଗୁରୁତର। ଢେଙ୍କାନାଳ ସଦର ଥାନା କୃଷ୍ଣପ୍ରସାଦ ଗାଁରେ ରବିବାର ଘଟିଛି ଏହି ଅଘଟଣ। ବିଲରେ ଆଳୁ ଲଗାଉଥିବା ବେଳେ ଚତୁର୍ଭୁଜ ଜେନା ଓ ତାଙ୍କ ପୁଅ ଓମ୍ପ୍ରକାଶ ଜେନାଙ୍କୁ ୧୦ରୁ ଅଧିକ ଦୁର୍ବୃତ୍ତ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ଉଭୟ ବାପା ପୁଅଙ୍କୁ ଆଠଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବାପା ଚତୁର୍ଭୁଜଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇବା ସହିତ ତଦନ୍ତ ଜାରି ରଖିଛି। ଓମ୍ପ୍ରକାଶଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ମାମଲାରେ କାହାରିକୁ ଗିରଫ କରାଯାଇନାହିଁ।

## ଥାନାରେ ପୁଲିସ-ପବ୍ଲିକ୍ ମୁହାଁମୁହିଁ




**ବଲାଙ୍ଗିର, ୮।୧୨ (ସଂଚାର ବ୍ୟୁରୋ):** ପୁଲିସର ନିଷ୍କ୍ରିୟତା ପ୍ରତିବାଦରେ ବଲାଙ୍ଗିର ଜିଲ୍ଲା ତୁଷୁରା ଥାନାରେ ମୁହାଁମୁହିଁ ହୋଇଛନ୍ତି ପୁଲିସ ଓ ପବ୍ଲିକ। ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଅଧିକ ପୁଲିସ ଫୋର୍ସ ମୁତୟନ ସହିତ ପରିସ୍ଥିତି ଉପରେ ନଜର ରଖାଯାଇଛି। ସୂଚନା ଅନୁଯାୟୀ, ଗୋଦାମପଡ଼ା ଓ ପତିତପାବନପଡ଼ା ମଧ୍ୟରେ ପୂର୍ବରୁ ସଂଘର୍ଷ ହୋଇଥିଲା। ଘଟଣାରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା ବୋଲି ଗୋଦାମପଡ଼ାବାସୀ ଅଭିଯୋଗ କରିଥିଲେ। କାର୍ଯ୍ୟାନୁଷ୍ଠାନ ଦାବିରେ ଗୋଦାମପଡ଼ାବାସୀ ରବିବାର ଥାନା ଆଗରେ ପ୍ରତିବାଦ କରୁଥିବା ବେଳେ ଅତର୍କିତ ଭାବେ କିଛି ଲୋକେ ଥାନା ଭିତରକୁ ଧସେଇ ପଶିଥିଲେ। ସେମାନେ ଥାନ ପରିସରରେ ପୁଲିସ ଗାଡ଼ିକୁ ଆକ୍ରମଣ କରି ଭାଙ୍ଗିବା ପାଇଁ ଉଦ୍ୟମ କରିଥିଲେ। ପୁଲିସ ସେମାନଙ୍କୁ ଘଉଡାଇବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲା। ଉତ୍ତ୍ୟକ୍ତ ଜନତା ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲା। ଫଳରେ ସେମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ବର୍ତ୍ତମାନ ବି ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ସ୍ଥିତିକୁ ଦେଖି ନିକଟସ୍ଥ ଦେଓଗାଁରୁ ବି ତୁଷରାକୁ ପୁଲିସ ପଠାଯାଇଛି।

## ୨କୋଟିର ବ୍ରାଉନ ସୁଗର ଜବତ,ଜଣେ ଗିରଫ



**ବାଲେଶ୍ୱର, ୮।୧୨ (ସଂଚାର ବ୍ୟୁରୋ):** ସ୍ଥାନୀୟ ଅରଡ଼ ବଜାରରୁ ୨ କେଜି ବ୍ରାଉନ୍ ସୁଗର ଜବତ କରିଛି ଅବକାରୀ ବିଭାଗ। ବ୍ରାଉନ ସୁଗର କାରବାର କରୁଥିବା ଅଭିଯୁକ୍ତ ଅମଜାଦ ଖାନକୁ ଗିରଫ କରାଯାଇଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର୍ ହୋଇଯାଇଛି। ଏମାନେ ମଧ୍ୟପ୍ରଦେଶରୁ ବ୍ରାଉନ୍ ସୁଗାର ଆଣି ଅରଡ଼ ବଜାରସ୍ଥିତ ନିଜ ଘରେ ଗଚ୍ଛିତ ରଖିଥିଲେ। ଅରଡ଼ ବଜାରରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ଏହି ବ୍ରାଉନ୍ ସୁଗାର ଚାଲାଣ କରାଯାଉଥିଲା ବୋଲି ଜଣାପଡ଼ିଛି। ତେବେ ଏନେଇ ଗୁଇନ୍ଦା ସୂଚନା ଆଧାରରେ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ଆଜି ସକାଳେ ଚଢ଼ାଉ ସମୟରେ ଅରଡ଼ ବଜାର ନିକଟରେ ଗୋଟିଏ ଘରୁ ଦୁଇ କେଜି ବ୍ରାଉନ୍ ସୁଗର ସହ ୫ ହଜାର ୫୭୦ ଟଙ୍କା, ଗୋଟିଏ ମୋବାଇଲ୍ ଫୋନ୍ ଓ ଜଣେ ଅଭିଯୁକ୍ତ ଅମଜାଦ ଖାନକୁ ଧରିବାରେ ସଫଳ ହୋଇଛି ବାଲେଶ୍ୱର ଅବକାରୀ ବିଭାଗ। ଜବତ ଦୁଇ କେଜି ବ୍ରାଉନ୍ ସୁଗାରର ଆନୁମାନିକ ମୂଲ୍ୟ ଦୁଇ କୋଟି ଟଙ୍କା ବୋଲି କୁହାଯାଉଛି। ଅବକାରୀ ଅଧୀକ୍ଷକ ସୁଶାନ୍ତ ପାଢ଼ୀ କହିଛନ୍ତି, ଅରଡ଼ ବଜାରରୁ ବ୍ରାଉନ୍ ସୁଗର ଚାଲାଣ ହୋଉଥିବା ଖବର ପାଇ ଧରିବା ପାଇଁ ୧୫ ଜଣିଆ ଟିମ ଗଠନ କରାଯାଇଥିଲା। ସ୍ଥାନୀୟ ପୁଲିସର ସହାୟତାରେ ଅମଜାଦ ଖାନ ଓ ଶବିର ଖାନଙ୍କ ଘର ରେଡ୍ କରାଯାଇଥିଲା। ସେଠାରୁ ୨ କେଜି ବ୍ରାଉନ୍ ସୁଗର ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା। ଘଟଣାରେ ଆଉ କାହାର ଲିଙ୍କ୍ ଅଛି ସେନେଇ ତଦନ୍ତ କରାଯାଉଥିବା ଅବକାରୀ ଅଧୀକ୍ଷକ କହିଛନ୍ତି।

## ସ୍ୱାମୀ ଆଗରେ ସ୍ତ୍ରୀକୁ ହତ୍ୟା କଲେ ମାଓବାଦୀ

**ମାଲକାନଗିରି,୮।୧୨(ସଂଚାର ବ୍ୟୁରୋ):** ସୀମାନ୍ତ ଛତିଶଗଡ଼ରେ ନକ୍ସଲମାନେ ପୁଣି ଜଣେ ମହିଳାଙ୍କୁ ତେଲେଙ୍ଗାନା ପୁଲିସର ଇନଫର୍ମର ସଂଦେହରେ ପ୍ରଜାକୋର୍ଟରେ ହତ୍ୟା କରି ନିଜ କାପୁରୁଷତାକୁ ଦର୍ଶାଇଛନ୍ତି। ସ୍ୱାମୀଙ୍କ ଆଗରେ ମହିଳାଙ୍କୁ ହତ୍ୟା କରାଯାଇଛି। ବିଜାପୁର ଲେଦେଡ଼ ଗାଁର ଏକ ଦମ୍ପତିଙ୍କୁ ମାଓବାଦୀ ଅପହରଣ କରିନେଇଥିଲେ। ଅପହରଣ କରିବା ପରେ ପ୍ରଜାକୋର୍ଟରେ ସେମାନଙ୍କର ଦଣ୍ଡ ବିଧାନ ହୋଇଥିଲା। ସ୍ୱାମୀକୁ ମାଡ଼ ମାରି ଛାଡ଼ି ଦେଇଥିଲେ ମାଓବାଦୀ । କିନ୍ତୁ ଏହା ପରେ ଆରମ୍ଭ ହୋଇଥିଲା ମାଓବାଦୀଙ୍କ ବର୍ବରତା। ସର୍ବ ସମ୍ମୁଖରେ ସ୍ତ୍ରୀର ଗଳାକାଟି ହତ୍ୟା କରିଥିଲେ ମାଓବାଦୀ। ଯାହାକୁ ଦେଖି ସାଧାରଣରେ ହୃଦ୍‌କମ୍ପ ସୃଷ୍ଟି ହୋଇଥିଲା। କୁହାଯାଉଛି, ଲୋକଙ୍କୁ ଆତଙ୍କରେ ରଖିବା ପାଇଁ ମାଓବାଦୀମାନେ ଏହି ବର୍ବର ପନ୍ଥା ଆପଣାଇଛନ୍ତି । ପୋଲିସ ଇନଫର୍ମର୍ ନହେବା ପାଇଁ ଏହି ଘଟଣା ଜରିଆରେ ଲୋକଙ୍କୁ ଚେତାଇଛନ୍ତି ମାଓବାଦୀ। ପୂର୍ବରୁ ମଧ୍ୟ ମାଓବାଦୀମାନେ ଜଣେ ଛାତ୍ର ଓ ଜଣେ ମହିଳାଙ୍କୁ ହତ୍ୟା କରିଥିଲେ।

## କୃଷକଙ୍କ କଲ୍ୟାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ



**ଖୋର୍ଦ୍ଧା,୮।୧୨ (ସଂଚାର ବ୍ୟୁରୋ):** ଚାଷୀଙ୍କ ଖାତାକୁ ଇନ୍‌ପୁଟ ସହାୟତା ପ୍ରଦାନ କରାଯାଇଛି। ବରଗଡ଼ ଜିଲା ସୋହେଲାରୁ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେହିପରି ଖୋର୍ଦ୍ଧା ଜିଲାସ୍ତରୀୟ ଶୁଭାରମ୍ଭ ସମାବେଶ ହାବେଳି ପଡ଼ିଆରେ ଆୟୋଜିତ ହୋଇଯାଇଛି। ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କୃଷକଙ୍କ କଲ୍ୟାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଚାଷୀ ସମାଜ ପାଇଁ ଆଜିର ଦିନ ଏକ ଐତିହାସିକ ଦିନ। ଚାଷୀଙ୍କ ଆର୍ଥିକ ବିକାଶ ଲାଗି ଦେଇଥିବା ପ୍ରତିଶ୍ରୁତି ଆଜି ସଫଳ ହୋଇଛି। ସର୍ବ ନିମ୍ନ ସହାୟକ ମୂଲ୍ୟ ୨୩ଶହ ଟଙ୍କା ଉପରେ ଚାଷୀଙ୍କୁ ୮ଶହ ଟଙ୍କାର ଇନ୍‌ପୁଟ ସହାୟତା ରାଶି ପ୍ରଦାନ କରି ୩୧ଶହ ଟଙ୍କାରେ ଧାନ କ୍ରୟ କରିବା ପ୍ରକ୍ରିୟା ରାଜ୍ୟ ସରକାର ଆରମ୍ଭ କରିଛନ୍ତି। ସମଗ୍ର ଜିଲାରେ ସମସ୍ତ ଚାଷୀ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଇନ୍‌ପୁଟ ସହାୟତା ପାଇବେ। ନିର୍ବାଚନ ସମୟରେ ଯାହା ପ୍ରତିଶ୍ରୁତି ଦେଇଛୁ ସବୁ କାର୍ଯ୍ୟକାରୀ କରାଯିବ। ସରକାର ଆସିବା ପରେ ପ୍ରଥମ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନେଇଥିଲୁ। ଆଜି ତାହା ଶୁଭାରମ୍ଭ ହୋଇଛି। ଏହି ସହାୟତା ଚାଷୀଙ୍କ ଆର୍ଥିକ ବିକାଶ ସହ ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦେବ ଉପସ୍ଥିତ ଥିଲେ। ଜିଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଡିଶୀ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। ଜିଲାର ସମସ୍ତ ବ୍ଲକର ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇଥିଲେ। ନ କରାଯାଇ ନ ଥିବା ଅଭିଯୋଗ ହୋଇଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ରାଜସ୍ୱ ଆଦାୟରେ ରେଲୱେର ନୂଆ ମାଇଲଖୁଣ୍ଟ



**ନୂଆଦିଲ୍ଲୀ,୮।୧୨ :** ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ(ଆଇସିସି)ର ବହୁ ପ୍ରତୀକ୍ଷିତ ତଥା ୨ୟ ରେଳ ଇଣ୍ଡିଆ ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ନୂଆଦିଲ୍ଲୀଠାରେ ଆୟୋଜିତ ଏହି ଜାତୀୟ ସମ୍ମିଳନୀରେ 'ରେଲୱେ ଇନ୍ ମୋସନ୍: ଭିଜନ ୨୦୩୦ ରୁ ବିକଶିତ ଭାରତ ୨୦୪୭' ଶୀର୍ଷକ ଦ୍ୱିତୀୟ ରେଳ ଇଣ୍ଡିଆ ଫୋରମ୍ ଆୟୋଜିତ ହୋଇଯାଇଛି। ଏହି ଅବସରରେ ରେଳ ମନ୍ତ୍ରଣାଳୟ ଅଧୀନରେ ଥିବା ଗତିଶକ୍ତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ମନୋଜ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡ. ସୁରେନ୍ଦ୍ର କୁମାର ଅହିରୱାର, ଆଇସିସି ଅଧ୍ୟକ୍ଷ ତଥା ଜିନ୍ଦଲ ଷ୍ଟେନ୍‌ଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ, ଆଇସିସି ଜାତୀୟ ରେଳ କମିଟିର ଅଧ୍ୟକ୍ଷ ତଥା ଜୁପିଟର ୱାଗନ୍ସର ନିର୍ଦ୍ଦେଶକ ବିକାଶ ଲୋହିଆଙ୍କ ସମେତ ବିଶିଷ୍ଟ ନୀତି ନିର୍ଦ୍ଧାରକ, ଶିଳ୍ପପତି ତଥା ବୈଷୟିକ ବିଶେଷଜ୍ଞ ଏବଂ ଅନ୍ୟ ଅଂଶୀଦାରମାନେ ମଧ୍ୟ ଏକତ୍ରିତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଏକ ଆଧୁନିକ, ସ୍ଥାୟୀ ଏବଂ ସୁଦୃଢ଼ ରେଳ ଇକୋସିଷ୍ଟମ ନିର୍ମାଣ ଉପରେ ବିସ୍ତୃତ ଆଲୋଚନା ସହ ଅତିଥିମାନେ ନିଜର ବିଚାର ଉପସ୍ଥାପନ କରିଥିଲେ। ଏ ସମ୍ପର୍କରେ ଆଇସିସି ଅଧ୍ୟକ୍ଷ ତଥା ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଥିଲେ, ରାଜସ୍ୱ ଆଦାୟରେ ରେଲୱେ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଗତ ଆର୍ଥିକ ବର୍ଷ ସୁଦ୍ଧା ରେଲଓ୍ବେ ୨.୫୬ ଲକ୍ଷ କୋଟି ଟଙ୍କାର ରାଜସ୍ୱ ଆଦାୟ କରିଥିଲାବେଳେ ୧,୩୨,୦୦୦ କି.ମି.ରୁ ଅଧିକ ରେଳ ଲାଇନ୍ ବିଛାଇଛି। ଏହାସହ ଭାରତ ହେଉଛି, ବିଶ୍ୱର ଚତୁର୍ଥ ବୃହତମ ରେଳ ନେଟ୍‌ୱର୍କ ଏବଂ ଏଥିରେ ୧.୨ ମିଲିୟନ ଲୋକଙ୍କୁ ନିଯୁକ୍ତି ମିଳିଛି। ଫଳରେ ଭାରତୀୟ ରେଳବାଇ ଦେଶର ଦ୍ୱିତୀୟ ବୃହତମ ନିଯୁକ୍ତିଦାତାରେ ମଧ୍ୟ ପରିଣତ ହୋଇଛି। ସେହିଭଳି ୨୦୪୭ ସୁଦ୍ଧା ଭାରତ ୪୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବା ଦିଗରେ ଅଗ୍ରସର ହେଉଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଉତ୍ପାଦନ ଶିଳ୍ପ, ବାଣିଜ୍ୟ ଓ ପରିବହନ ଦ୍ରୁତଗତିରେ ବୃଦ୍ଧି ସହ ଅଧିକ ଶିଳ୍ପାଞ୍ଚଳ ପ୍ରତିଷ୍ଠା ଏବଂ ନୂତନ ଉତ୍ପାଦନ ସ୍ଥାନଗୁଡ଼ିକୁ ସଂଯୋଗ କରିବାକୁ ପଡ଼ିବ। ଏହାବ୍ୟତୀତ ମାଲ ପରିବହନରେ ରେଳବାଇର କ୍ଷମତା ବଢ଼ାଇବା ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ଏହି ପ୍ରୟାସକୁ ପ୍ରୋତ୍ସାହିତ କରିବ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ଏହି ଫୋରମରେ ଅତିଥିମାନେ ସୁରକ୍ଷା ଏବଂ ସଷ୍ଟେନେବିଲିଟିକୁ ପ୍ରାଥମିକତା ଦେଇ ରେଳଯାତ୍ରୀଙ୍କ ଅନୁଭୂତିକୁ ଉନ୍ନତ କରିବା ବିଷୟରେ ମଧ୍ୟ ଆଲୋଚନା କରିଥିଲେ।

# ଆଜି ସ୍ଥିର ରହିଛି ସୁନା ଦର



**ନୂଆଦିଲ୍ଲୀ,୮।୧୨ :** ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୧ ହଜାର ୧୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୭ ହଜାର ୬୨୦ ଟଙ୍କା ରହିଛି । ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୧,୧୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୭ ,୬୨୦ ଟଙ୍କା ହୋଇଛି । ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୧,୧୫୦ ଟଙ୍କା ଓ ୭୭ ,୬୨୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୧,୩୦୦ ଟଙ୍କା ଓ ୭୭ ,୭୭୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୧, ୧୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୭,୬୨୦ ଟଙ୍କା ଥିବା ରେକର୍ଡ ହୋଇଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୧,୧୫୦ ଟଙ୍କା ଓ ୭୭,୭୭୦ ଟଙ୍କା ରହିଛି । ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୨,୦୦୦ ହଜାର ଟଙ୍କା ହୋଇଛି ।

# UIICରେ ଭର୍ତ୍ତି ସୁଯୋଗ, ତୁରନ୍ତ କରନ୍ତୁ ଆବେଦନ

UNITED INDIA INSURANCE COMPANY LIMITED


**ନୂଆଦିଲ୍ଲୀ,୮।୧୨ :** ଇନସୁରାନ୍ସ କମ୍ପାନୀରେ ଚାକିରି ଖୋଜୁଥିଲେ ଆପଣଙ୍କ ପାଇଁ ଖୁସି ଖବର । ୟୁନାଇଟେଡ ଇଣ୍ଡିଆ ଇନସୁରାନ୍ସ କମ୍ପାନୀ ଲିମିଟେଡରେ ଖାଲିପଡିଛି ଅନେକ ପଦବୀ। ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀ ୧୯ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଆବେଦନ କରିପାରିବେ। **ଜରୁରୀ ତାରିଖ :** ଇଚ୍ଛୁକ ପ୍ରାର୍ଥୀ ୧୯ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଆବେଦନ କରିପାରିବେ । **ଶିକ୍ଷାଗତ ଯୋଗ୍ୟତା :** ଏହି ପଦବୀ ପାଇଁ ଆବେଦନ କରୁଥିବା ପ୍ରାର୍ଥୀ ଆକ୍ୟୁରିଜ ଆକ୍ଟ ୨୦୦୬ ଅଧିନରେ ସଦସ୍ୟ ହୋଇଥିବା ଜରୁରୀ । ଇନଷ୍ଟିଚ୍ୟୁଟ ଅଫ ଆକ୍ୟୁରିଜ ଅଫ ଇଣ୍ଡିଆ ସଦସ୍ୟ ହେବା ଅତ୍ୟନ୍ତ ଜରୁରୀ । ପ୍ରାର୍ଥୀଙ୍କ ପାଖରେ ଜେନେରାଲ ଇନସ୍ୟୁରାନ୍ସ, ଏଣ୍ଟରପ୍ରାଇଜ ରିସ୍କ ଏବଂ ଇନଭେଷ୍ଟମେଣ୍ଟ ରିଜରଭେସନ ହେବା ଜରୁରୀ। **ବୟସ ସୀମା :** ପ୍ରାର୍ଥୀଙ୍କ ବୟସ ସର୍ବାଧିକ ୬୦ ବର୍ଷ ହୋଇଥିବା ଜରୁରୀ ।**ଆବେଦନ ପତ୍ର ପଠାଇବାର ଠିକଣା :** ଇଚ୍ଛୁକ ପ୍ରାର୍ଥୀ HRM ଡିପାର୍ଟମେଣ୍ଟ, ୮ମ ମହଲା, UIIC 24, ହ୍ୱାଇଟ୍ସ ରୋଡ, ଚେନ୍ନାଇ ୬୦୦୦୧୪ । ଲଫାଫା ଉପରେ Application for Actuary in addition to Appointed Actuary" ଲେଖା ହୋଇଥିବା ଆବଶ୍ୟକ । **ଚୟନ ପ୍ରକ୍ରିୟା :** ପ୍ରାର୍ଥୀଙ୍କ ଚୟନ ଇଣ୍ଟରଭ୍ୟୁ ଆଧାରରେ ହେବ । UIIC ପ୍ରାର୍ଥୀ ଆବେଦନ କରିବା ବେଳେ ସମସ୍ତ ଦସ୍ତାବିଜ ସଂଲଗ୍ନ କରିଥିବା ଜରୁରୀ । ଅଧିକ ଜାଣିବା ପାଇଁ ଅଫିସିଆଲ ୱେବସାଇଟ ଚେକ୍ କରନ୍ତୁ ।

# ୪% ମହଙ୍ଗା ହେବ ମାରୁତି କାର୍

**ନୂଆଦିଲ୍ଲୀ,୦୭।୧୨:** ହ୍ୟୁଣ୍ଡାଇ ମାଟର ଇଣ୍ଡିଆ ପରେ ଏବେ ଦେଶର ପ୍ରମୁଖ କାର୍ କମ୍ପାନି ମାରୁତି ସୁଜୁକି ଆସନ୍ତା ମାସରୁ କାର୍ ମୂଲ୍ୟ ବଢ଼ାଇବା ଲାଗି ଘୋଷଣା କରିଛି । କମ୍ପାନି ପ୍ରସ୍ତୁତ କରୁଥିବା ଏହାର ସମ୍ପୂର୍ଣ୍ଣ ଲାଇନ୍‌ଅପ୍‌ରେ ମଡେଲ ଗୁଡିକ ଉପରେ ୪% ଯାଏ ବଢ଼ିବ ଦର । ବର୍ଦ୍ଧିତ ଦର ଜାନୁଆରି ପହିଲାରୁ ଲାଗୁ ହେବ । ଷ୍ଟକ ବଜାର ଫାଇଲିଂରେ କମ୍ପାନି ଏ ନେଇ ସୂଚନା ଦେଇଛି । ଗୁରୁବାର ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ନୂଆ ବର୍ଷରୁ ଏହାର ସବୁ ମଡେଲ ଦର ୨୫ ହଜାର ଟଙ୍କା ଯାଏ ବଢ଼ାଇବାକୁ ଘୋଷଣା କରିଥିଲା । ଏହାବାଦ ମର୍ସିଡିଜ ବେଞ୍ଜ, ବିଏମ୍‌ଡବ୍ଲ୍ୟୁ, ଅଡି ଭଳି କାର୍ ଗୁଡିକ ନୂଆ ବର୍ଷରୁ ମହଙ୍ଗା ହେବ ବୋଲି ଜଣାପଡିଛି।



# ଜାଗୁଆର ଆଣିଲା ପ୍ରଥମ କନ୍‌ସେପ୍ଟ କାର୍



**ନୂଆଦିଲ୍ଲୀ,୮।୧୨ :** ଟାଟା ମୋଟର୍ସ ମାଲିକାନାରେ ଥିବା ପ୍ରସିଦ୍ଧ ବ୍ରିଟିଶ କାର ନିର୍ମାତା ଜାଗୁଆର ନିକଟରେ ଏକ ଅଲ-ଇଲେକ୍ଟ୍ରିକ୍ କନସେପ୍ଟ କାର୍ Type 00 (Type Zero Zero) ଉପସ୍ଥାପନ କରିଛି । ଏହା ସହିତ କମ୍ପାନୀ ପ୍ରକାଶ କରିଛି ଯେ ଜାଗୁଆରର ଆଗାମୀ ଗାଡ଼ି ଡିଜାଇନ୍ ଏକ ନୂତନ ଦିଗ ଆଡକୁ ଗତି କରୁଛି । ଏହି କନସେପ୍ଟ କାରର ଡିଜାଇନ୍ ବହୁତ ଆକର୍ଷଣୀୟ ଏବଂ ସ୍ୱତନ୍ତ୍ର ।

ଏହା ସ୍ଲିକ୍ ଲାଇଟ୍ ଏବଂ ବଡ ହ୍ୱିଲ୍ ସହିତ ବକ୍ସି ଦେଖାଯାଉଛି ଯାହା ବ୍ରାଣ୍ଡର ଅନ୍ୟ ସ୍ପୋର୍ଟ୍ସ କାର ଏବଂ ଏସୟୁଭି ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଦେଖାଯାଉଛି । ରିପୋର୍ଟ ଅନୁଯାୟୀ, ଜାଗୁଆର ଆସନ୍ତା ବର୍ଷ ଅନେକ ନୂଆ ଇଲେକ୍ଟ୍ରିକ୍ ଗାଡ଼ି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଯେଉଁଥିରେ ୪-ଡୋର୍ ବିଶିଷ୍ଟ ଜିଟି କାର ଆସନ୍ତା ବର୍ଷ ଆରମ୍ଭ ହେବ ଯାହା କନସେପ୍ଟ କାର ସହିତ ସମାନ ହେବ ।

୩ ଡିସେମ୍ବରରେ ହୋଇଥିବା ଗ୍ଲୋବାଲ ରିଲିଜରେ ଏହାକୁ ଜାଗୁଆର Type 00 କୁହାଯାଇଥିଲା, ଯାହା ୧୯୩୦ ଦଶକର କାର ଦ୍ୱାରା ଅନୁପ୍ରାଣିତ ଏକ ବୋଟ୍-ଟେଲ୍ ଡିଜାଇନ୍ ସହିତ ସମାନ । ଏହି କାର ଏକ ଦମଦାର ଲୁକ୍ ଏବଂ ଭିନ୍ନ ଡିଜାଇନରେ ନଜର ଆସିଛି । ଏକ ଲମ୍ବା ଇଞ୍ଜିନ୍ ହୁଡ୍, ଏକ ବଡ଼ ହ୍ୱିଲ୍ ବେସ୍ ଏବଂ ଆକର୍ଷଣୀୟ ଡିଜାଇନ୍ ସହିତ Type 00 ଦେଖାଯାଏ ଯେପରି ଏହା ସ୍ଥିର ଅବସ୍ଥାରେ ମଧ୍ୟ ଗତି କରେ ।

ଜାଗୁଆରରୁ ଏହି କନସେପ୍ଟ କାରରେ ଏକ ପପ୍-ଆଉଟ୍ କ୍ୟାମେରା ଏବଂ ଏକ ପାରମ୍ପାରିକ ମିରର୍ ଅପ୍ସନ ଭାବରେ ଏକ ଲୁକ୍କାୟିତ ଚାର୍ଜିଂ ପୋର୍ଟ ସାମିଲ ଅଛି । ତଥାପି, ଏହା ବର୍ତ୍ତମାନ କୁହାଯାଇପାରିବ ନାହିଁ କି ଏହି ଫିଚର୍ସ ଗୁଡିକ ପ୍ରଡକ୍ସନ ଏଡିସନରେ ପରେ ରହିବ କି ନାହିଁ । ଜାଗୁଆର ଏହାର ପ୍ରଡକ୍ସନ ମଡେଲ ପାଇଁ ସମ୍ପୂର୍ଣ୍ଣ ଚାର୍ଜରେ ୪୩୦ ମାଇଲ (୬୯୨ କିଲୋମିଟର) ପର୍ଯ୍ୟନ୍ତ ରେଞ୍ଜ ଧାର୍ଯ୍ୟ କରିଛି ।

ଖବର ଅନୁଯାୟୀ, ଏକ ଡିଜାଇନ୍ ପ୍ରତି ଗ୍ରାହକଙ୍କ ଆଗ୍ରହ ଜାଣିବା ପାଇଁ କିମ୍ବା ଏକ ଗାଡ଼ି କିମ୍ବା ବ୍ରାଣ୍ଡର ଭବିଷ୍ୟତ ପାଇଁ ଅଟୋମୋବାଇଲ୍ କମ୍ପାନୀଗୁଡିକ ନିୟମିତ ଭାବରେ କନସେପ୍ଟ ଗାଡ଼ି ବ୍ୟବହାର କରନ୍ତି । ଏହି ଗାଡ଼ିଗୁଡିକ ଗ୍ରାହକଙ୍କୁ ବିକ୍ରି କରିବା ପାଇଁ ଡିଜାଇନ୍ କରାଯାଏ ନାହିଁ ।

ଜାଗୁଆର୍ ଏହାର ନୂଆ ପ୍ରଡ଼କ୍ଟ ଇଭି ସହିତ ଗୋଟିଏ ଚାର୍ଜରେ ୪୩୦ ମାଇଲ୍ ରେଞ୍ଜ୍ ପ୍ରଦାନ କରୁଛି । ଯେଉଁଥିରେ ରାପିଡ୍ ଚାର୍ଜିଂରେ ୧୫ ମିନିଟ୍ ମଧ୍ୟରେ ୨୦୦ ମାଇଲ୍ ରେଞ୍ଜ୍ ମିଳିପାରିବ । କମ୍ପାନୀ ନିକଟରେ ଏହାର ନୂଆ ବ୍ରାଣ୍ଡ ଲୋଗୋ ମଧ୍ୟ ଉପସ୍ଥାପନ କରିଥିଲା ।

# ଜାଣନ୍ତୁ ଆପଣଙ୍କ ସହରରେ ପେଟ୍ରୋଲ ଦର ବଢ଼ିଛି ନା କମିଛି ?

**ନୂଆଦିଲ୍ଲୀ,୮।୧୨ :** ଗାଡ଼ିରେ ତେଲ ପକାଇବା ପୂର୍ବରୁ ଜାଣିନିଅନ୍ତୁ ଆଜି କେତେ ରହିଛି ତେଲ ଦର । ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି । ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି ।

ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ୯୭ ପଇସା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୦୧ ଟଙ୍କା ୯୫ ପଇସା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି ।

ପେଟ୍ରୋଲ ଏବଂ ଡିଜେଲ ଦାମ୍ ଆପଣ SMS ମାଧ୍ୟମରେ ମଧ୍ୟ ଜାଣିପାରିବେ । ଇଣ୍ଡିଆନ ଅଏଲ ୱେବସାଇଟ ଅନୁଯାୟୀ ଆପଣଙ୍କୁ ଏବଂ ନିଜ ସହରର କୋଡ୍ ଲେଖି ୯୨୨୪୯୯୨୨୪୯ ନମ୍ବରକୁ ପଠାଇବାକୁ ହେବ । ପ୍ରତି ସହରର କୋଡ୍ ଅଲଗା ଅଲଗା ରହିଥାଏ । ଯାହା ଆପଣଙ୍କୁ ଆଇସିଓଏଲ ୱେବସାଇଟରୁ ମିଳିଯିବ ।

ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ । ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ



ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ । ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ ।

### X ୟୁଜର୍ସଙ୍କୁ ସରପ୍ରାଇଜ୍ ଦେଲେ ଏଲନ୍ ମସ୍କ

# ସମ୍ପୂର୍ଣ୍ଣ ଫ୍ରି ହେଲା Grok AI

**ନୂଆଦିଲ୍ଲୀ,୮।୧୨ :**ଏଲନ୍ ମସ୍କ ସୋସିଆଲ୍ ମିଡିଆ ପ୍ଲାଟଫର୍ମ X କିଣିବା ଦିନରୁ ଏଥିରେ ଅନେକ ପରିବର୍ତ୍ତନ କରିଛନ୍ତି । ବର୍ତ୍ତମାନ ସେ ଏଥିରେ ଏକ ନୂଆ ଅପଡେଟ ଆଣୁଛନ୍ତି । ଯଦି ଆପଣ X ବ୍ୟବହାର କରନ୍ତି ତେବେ ଆପଣଙ୍କ ପାଇଁ ଗୁଡ୍ ନ୍ୟୁଜ । କିଛି ସମୟ ପୂର୍ବରୁ X ରେ Grok AI ଚାଟବଟ୍ ସପୋର୍ଟ ଦିଆଯାଇଥିଲା । ବର୍ତ୍ତମାନ ମସ୍କ ଏହି ଚାଟବଟ୍ କୁ ସମସ୍ତ X ୟୁଜର୍ସଙ୍କ ପାଇଁ ଫ୍ରି କରିଦେଇଛନ୍ତି । ସୂଚନାଯୋଗ୍ୟ, ୨୦୨୩ ମସିହାରେ Grok AI ଲଞ୍ଚ କରାଯାଇଥିଲା । ପରେ ଏହା X ସହିତ




ଇଣ୍ଟିଗ୍ରେଟ ହେଲା । Grok AI ବ୍ୟବହାର କରିବାକୁ, ୟୁଜର୍ସଙ୍କୁ ପ୍ରଥମେ ଚାଟବଟ୍ ପାଇଁ ଏକ ସବସ୍କ୍ରିପ୍ସନ ପ୍ଲାନ କିଣିବାକୁ ପଡୁଥିଲା । କିନ୍ତୁ ବର୍ତ୍ତମାନ ଆପଣ କିଛି ବି ଟଙ୍କା ଖର୍ଚ୍ଚ ନକରି ଏହାକୁ ସମ୍ପୂର୍ଣ୍ଣ ଫ୍ରିରେ ବ୍ୟବହାର କରିପାରିବେ । Grok AI ଫ୍ରି ହେବାରୁ ଓପନଏଆଇର ChatGPT, ଗୁଗୁଲର Gemini AI ଏବଂ Claude AI କଡ଼ା ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ଯାଉଛନ୍ତି । ଏନେଇ ବର୍ତ୍ତମାନ ସୁଦ୍ଧା, X ଦ୍ୱାରା କୌଣସି ସରକାରୀ ସୂଚନା ସେୟାର ହୋଇନାହିଁ । କିନ୍ତୁ ଅନେକ ୟୁଜର୍ସ କହିଛନ୍ତି ଯେ ସେମାନେ X ର ପ୍ରିମିୟମ୍ ସବସ୍କ୍ରିପସନ୍ ସହିତ ଫ୍ରିରେ Grok AI ବ୍ୟବହାର କରିପାରିବେ ।

ଯଦି ଆପଣ Grok AI ବ୍ୟବହାର କରୁଛନ୍ତି, ତେବେ ଆପଣ ଫ୍ରି ଭର୍ସନରେ କିଛି ଲିମିଟ୍ସର ସମ୍ମୁଖୀନ ହୋଇପାରନ୍ତି । ସୂଚନା ଅନୁଯାୟୀ, ଆପଣ ପ୍ରତି ଦୁଇ ଘଣ୍ଟାରେ କେବଳ ୧୦ ଟି ମେସେଜ ପଠାଇପାରିବେ । ଏହା ବ୍ୟତୀତ, ଆପଣ ପ୍ରତିଦିନ କେବଳ ୩ ଟି ଫଟୋ ଏନାଲିସିସ୍ କରିପାରିବେ । ବର୍ତ୍ତମାନ Grok କେବଳ X ରେ ଇନବିଲ୍ଟ କିନ୍ତୁ ଖୁବ୍ ଶୀଘ୍ର ଏହା ChatGPT ଏବଂ Gemini AI ପରି ଏକ ସ୍ୱତନ୍ତ୍ର ଆପ୍ ଭାବରେ ଲଞ୍ଚ ହୋଇପାରିବ ।

ନିକଟରେ ମସ୍କଙ୍କ ଦ୍ୱାରା ସୂଚିତ କରାଯାଇଥିଲା ଯେ ଖୁବ୍ ଶୀଘ୍ର ଏଭଳି କ୍ଷମତା Grok ରେ ଯୋଡାଯିବ ଯେଉଁଥିରେ ପିଡିଏଫ୍ ଏବଂ ୱାର୍ଡ ଫର୍ମାଟ୍ ଭଳି ଡକ୍ୟୁମେଣ୍ଟ୍ ପ୍ରୋସେସ କରାଯାଇପାରିବ । Grok ର ଏହି ଫିଚର୍ ୟୁଜର୍ସମାନଙ୍କର ଅନେକ କାର୍ଯ୍ୟକୁ ଅତି ସହଜ କରିବ । ଏଲନ୍ ମସ୍କ X କୁ ଏକ ପରଫେକ୍ଟ ଆପ୍ କରିବାକୁ ଚେଷ୍ଟା କରୁଛନ୍ତି ଯାହା ମାଧ୍ୟମରେ ୟୁଜର୍ସମାନେ ସେମାନଙ୍କର ଅନେକ କାର୍ଯ୍ୟ ଗୋଟିଏ ସ୍ଥାନରେ କରିବାକୁ ସମର୍ଥ ହେବେ ।


ନିକଟରେ X ୟୁଜର୍ସଙ୍କ ପାଇଁ ଏକ ନୂଆ ରାଡାର୍ ଟୁଲ୍ ଫିଚର୍ ଉପଲବ୍ଧ କରାଯାଇଥିଲା । ଏହି ଫିଚର୍ ସାହାଯ୍ୟରେ, ୟୁଜର୍ସମାନେ ଟ୍ରେଣ୍ଡିଙ୍ଗ ଟପିକ୍ସ, ବ୍ରେକିଂ ନ୍ୟୁଜ୍ ଏବଂ ଅନ୍ୟାନ୍ୟ ଇଭେଣ୍ଟକୁ ଅତି ସହଜରେ ଖୋଜି ପାରିବେ । ଏହି ନୂଆ ଫିଚର୍ ୟୁଜର୍ସଙ୍କୁ ଲାଟେଷ୍ଟ ଟ୍ରେଣ୍ଡିଂ କଣ୍ଟେଣ୍ଟ ସହିତ ଅପଡେଟ୍ ରଖିବାରେ ସାହାଯ୍ୟ କରିବ । X ର ନୂଆ ରାଡାର୍ ଟୁଲ୍ ବର୍ତ୍ତମାନ କେବଳ ପ୍ରିମିୟମ୍ ମେମ୍ବର୍ସଙ୍କ ପାଇଁ ଉପଲବ୍ଧ ।

# ତୃତୀୟ ଦିନରେ 'ପୁଷ୍ପା-୨' ଭାଙ୍ଗିଲା ସବୁ ରେକର୍ଡ !



**ମୁମ୍ବାଇ,୮।୧୨:** କମାଲ କରୁଛି ଅଲ୍ଲୁ ଅର୍ଜୁନ ଏବଂ ରଶ୍ମିକା ମନ୍ଦାନାଙ୍କ ଅଭୀନିତ ଫିଲ୍ମ 'ପୁଷ୍ପା ୨: ଦ ରୁଲ୍'। ପ୍ରଶଂସକମାନେ ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ 'ପୁଷ୍ପା-୨' ରିଲିଜକୁ ଅପେକ୍ଷା କରିଥିଲେ। ଶେଷରେ ଡିସେମ୍ବର ୫ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା। ଏହି ତିନି ଦିନର ରୋଜଗାରରୁ ଫିଲ୍ମ ବିଷୟରେ ପ୍ରଶଂସକଙ୍କ ମଧ୍ୟରେ କେତେ କ୍ରେଜ୍ ଅଛି ତାହା ସ୍ପଷ୍ଟ ଦେଖାଯାଉଛି। ଫିଲ୍ମଟି ଖୁବଶୀଘ୍ର ୪୦୦ କୋଟି ପାର କରିବାକୁ ଯାଉଛି। ପ୍ରଶଂସକମାନେ ଫିଲ୍ମକୁ ଏତେ ପସନ୍ଦ କରନ୍ତି ଯେ, ଟିକେଟ ମଧ୍ୟ ପାଇପାରୁ ନାହାଁନ୍ତି। ଏଭଳି ପରିସ୍ଥିତିରେ, ଆସନ୍ତୁ ଜାଣିବା ତୃତୀୟ ଦିନରେ 'ପୁଷ୍ପା ୨' କେତେ କୋଟି ରୋଜଗାର କରିଛି। ରିପୋର୍ଟ ଅନୁଯାୟୀ, ଅଲ୍ଲୁ ଅର୍ଜୁନଙ୍କ 'ପୁଷ୍ପା-୨: ଦ ରୁଲ୍' ପ୍ରଥମ ଦିନରେ ୧୬୪.୨୫ କୋଟି ଟଙ୍କା ରୋଜଗାର କରିଥିଲା। ଦ୍ୱିତୀୟ ଦିନରେ ଏହି ଫିଲ୍ମ ୯୩.୮ କୋଟି ଟଙ୍କା ସଂଗ୍ରହ କରିଥିଲା। ତୃତୀୟ ଦିନରେ, ଫିଲ୍ମର ରୋଜଗାର ରବିବାର ଅର୍ଥାତ୍ ସପ୍ତାହକରୁ ବହୁତ ଲାଭ ପାଇଲା ଏବଂ ୧୧୫ କୋଟି ଟଙ୍କା ରୋଜଗାର କଲା। ଏହି ଆକଳନ ଅନୁଯାୟୀ, 'ପୁଷ୍ପା-୨' ଚଳଚ୍ଚିତ୍ର ମାତ୍ର ତିନି ଦିନ ମଧ୍ୟରେ ୩୮୩.୭ କୋଟି ଟଙ୍କା ଆୟ କଲାଣି। ଅଲ୍ଲୁ ଅର୍ଜୁନଙ୍କ ଅଭୀନିତ 'ପୁଷ୍ପା-୨' ରେକର୍ଡ ଭାଙ୍ଗିଛି। ତୃତୀୟ ଦିନର ବକ୍ସ ଅଫିସ୍ ରୋଜଗାର ସାମ୍ନାକୁ ଆସିଛି, ଯେଉଁଥିରେ ଅଲ୍ଲୁ ଅର୍ଜୁନଙ୍କ ଏହି ଫିଲ୍ମ ଭାରତର ପ୍ରାୟ ସମସ୍ତ ବଡ଼ବଡ଼ ବଜେଟ ଫିଲ୍ମକୁ ପଛରେ ପକେଇଦେଇଛି। ଯଦି 'ପୁଷ୍ପା-୨' ଚଳଚ୍ଚିତ୍ର ପ୍ରଥମ ସପ୍ତାହରେ ଏହିପରି ରୋଜଗାର ଜାରି ରଖେ, ତେବେ ଫିଲ୍ମ ଖୁବଶୀଘ୍ର ୫୦୦ କୋଟିରେ ପହଞ୍ଚିବ ବୋଲି କହିବା ଭୁଲ ହେବ ନାହିଁ। ଫିଲ୍ମଟି ଏଥିପାଇଁ ମାତ୍ର କିଛି ପାଦ ଦୂରରେ ରହିଛି।

# ଚୋର ଘରେ ପଶିବା ମାତ୍ରେ ଜଳିବ ଲାଇଟ୍



**ନୂଆଦିଲ୍ଲୀ,୮।୧୨:** ଘରେ କେହି ନଥିଲା ବେଳେ ଚୋରମାନେ କିପରି ଚୋରି କରନ୍ତି ଆପଣମାନେ ଅନେକ ମାମଲା ନିଶ୍ଚୟ ଶୁଣିଥିବେ। କିନ୍ତୁ ଆଜି ଆମେ ଆପଣଙ୍କୁ ଚୋରଠୁ ସୁରକ୍ଷା ପାଇବା ପାଇଁ ଏକ ସ୍ୱତନ୍ତ୍ର ଗ୍ୟାଜେଟ୍ ବିଷୟରେ କହିବାକୁ ଯାଉଛୁ । ଆମେ ଆପଣଙ୍କୁ ଏଠାରେ ସେନ୍ସର ବଲ୍ବ ବିଷୟରେ କହିବାକୁ ଯାଉଛୁ, ଯାହା ଅଟୋମେଟିକ୍ ଅନ୍ ଏବଂ ଅଫ୍ ହୋଇଥାଏ । ଆପଣ ଏହି ବଲ୍ବକୁ ବଜାରରୁ ସହଜରେ କିଣିବାକୁ ସକ୍ଷମ ହେବେ ।

ବଜାରରେ ମୋସନ୍ ସେନ୍ସର ନାମକ ବଲ୍ବ କିମ୍ବା ଲାଇଟ୍ ଉପଲବ୍ଧ ହେଉଛି । ଏହି ବଲ୍ବକୁ ଆପଣ ଅନଲାଇନ୍ କିମ୍ବା ଅଫଲାଇନରେ ସହଜରେ କିଣିପାରିବେ । ମୋସନ୍ ସେନ୍ସର ବଲ୍ବଗୁଡ଼ିକ ଅଟୋମେଟିକ୍ ଅନ୍ ଏବଂ ଅଫ୍ ହୋଇଥାଏ। ମୋସନ୍ ସେନ୍ସର ବଲ୍ବ ଲାଗିଥିବା ପରିସରରେ ଯଦି କୌଣସି କାର୍ଯ୍ୟକଳାପ ହୁଏ ତେବେ ବଲ୍ବଟି ଟ୍ରାକ୍ କରିନିଏ, ତାପରେ ଅଟୋମେଟିକ୍ ଅନ୍ ହୋଇଯାଏ । ଏହି ବଲ୍ବକୁ ଘରର କେଉଁ କୋଣରେ ବ୍ୟବହାର କରାଯାଇପାରିବ। ଆପଣ ଏହାକୁ ନିଜ ଘରର ବାଥରୁମ୍, ବାଲକୋନୀ କିମ୍ବା ଷ୍ଟୋର ରୁମରେ ଲଗାଇ ପାରିବେ। କୌଣସି ଚୋର ଘରେ ପଶିବା ମାତ୍ରେ ଏହି ମୋସନ୍ ସେନ୍ସର ବଲ୍ବ ଅଟୋମେଟିକ୍ ଅନ୍ ହୋଇଯିବ । ମୋସନ୍ ସେନ୍ସର ସହିତ ଆସୁଥିବା ଏହି ବଲ୍ବଗୁଡ଼ିକ ମାତ୍ର ୧୭୯ ଟଙ୍କାରୁ ଆରମ୍ଭ ହୋଇଥାଏ। ଇ-କମର୍ସରୁ ଏହି ସୂଚନା ଜାରି କରାଯାଇଛି। ଆପଣ ନିକଟ ବଜାରରୁ କିମ୍ବା ଇ-କମର୍ସରୁ ଏହି ବଲ୍ବ କିଣିପାରିବେ। ଅନେକଥର ଆପଣ ଲାଇଟ୍ ବନ୍ଦ କରିବା ପାଇଁ ଭୁଲିଯାଇଥାନ୍ତି କିନ୍ତୁ ଏହି ବଲ୍ବରେ ଅଟୋମେଟିକ୍ ଅନ୍ ଏବଂ ଅଫର ଫିଚର ରହିଥିବାରୁ ଘରର ଲାଇଟ୍ ଅନବାଶ୍ୟକ ଜଳିବ ନାହିଁ ।

# ବଜାରକୁ ଆସିଲା ରେଡ୍‌ମି ନୋଟ୍ ୧୪

**ନୂଆଦିଲ୍ଲୀ,୮।୧୨:** ଆସନ୍ତା ସପ୍ତାହରେ ଅର୍ଥାତ୍ ଡିସେମ୍ବର ୯ ରେ Redmi Note 14 ସିରିଜ୍ ଭାରତରେ ଲଞ୍ଚ ହେବ । ଷ୍ଟାଣ୍ଡାର୍ଡ Redmi Note 14 ସହିତ Note 14 Pro ଏବଂ Note 14 Pro+ 5G ମଧ୍ୟ ଲଞ୍ଚ ହେବ। ଏହି ସିରିଜ୍ କୁ ଲଞ୍ଚ ହେବା ପୂର୍ବରୁ ପୂର୍ବ ମଡେଲ୍ Redmi Note 13 Pro+ 5G ର ପ୍ରାଇସ୍ ହ୍ରାସ୍ ପାଇଛି। ଏହି ଫୋନ ଲଞ୍ଚ ମୂଲ୍ୟଠାରୁ ହଜାର ଟଙ୍କା ଶସ୍ତାରେ ମିଳୁଛି । Redmi ର ଏହି ମିଡ୍ ବଜେଟ୍ ଫୋନ୍ ୨୦୦



MP କ୍ୟାମେରା ସହିତ ଜବରଦସ୍ତ ଫିଚର୍ସ ସହିତ ଆସିଥାଏ । Redmi ର ଏହି ଫୋନରେ ତିନୋଟି ଷ୍ଟୋରେଜ୍ ଭ୍ୟାରିଆଣ୍ଟ ରହିଛି ଯାହା ହେଉଛି- ୮ GB RAM + ୨୫୬ GB, ୧୨GB RAM + ୨୫୬GB ଏବଂ ୧୨GB RAM + ୫୧୨GB ରେ କିଣାଯାଇପାରିବ । ଇ-କମର୍ସ ୱେବସାଇଟ୍ Amazon ରେ ଏହି ଫୋନ୍ ୧୮% ଡିସକାଉଣ୍ଟ ସହିତ ୨୭,୯୯୮ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଲିଷ୍ଟ କରାଯାଇଛି। ଏହା ବ୍ୟତୀତ ଫୋନକୁ କିଣିବା ଉପରେ ୪,୦୦୦ ଟଙ୍କା ପ୍ରାଇସର ଫ୍ଲାଟ୍ ବ୍ୟାଙ୍କ ଡିସକାଉଣ୍ଟ ପ୍ରଦାନ କରାଯାଇଛି। ଏହିପରି ଏହି ରେଡମି ଫୋନ୍ ପ୍ରାରମ୍ଭିକ ମୂଲ୍ୟରେ ୨୪,୯୯୮ ଟଙ୍କାରେ କିଣାଯାଇପାରିବ ।

# ବିନା ତହସିଲଦାରରେ ଚାଲିଛି କଣାସ ବ୍ଲକ୍

## ଜନସାଧାରଣଙ୍କ କାର୍ଯ୍ୟ ଠପ୍, ବଢୁଛି ଅସନ୍ତୋଷ

କଣାସ, ୮।୧୨ (ସଂଚାର ବ୍ୟୁରୋ) : ରାଜ୍ୟସରକାର ଜନସାଧାରଣଙ୍କ ରେଭିନ୍ୟୁ କାର୍ଯ୍ୟ ସହଜରେ କରିବା ପାଇଁ ପ୍ରତ୍ୟେକ ବ୍ଲକରେ ତହସିଲ କାର୍ଯ୍ୟାଳୟ ଖୋଲିଥିବା ବେଳେ ମଧ୍ୟ ପୁରୀ ଜିଲ୍ଲା କଣାସ ବ୍ଲକରେ ଦୀର୍ଘ ଦିନ ହେଲା ତହସିଲଦାର ନଥିବାରୁ ଜନସାଧାରଣଙ୍କର କାର୍ଯ୍ୟ ଠିକ୍ ଭାବେ ହୋଇପାରୁ ନଥିବାରୁ ଅସନ୍ତୋଷ ଦେଖାଦେଇଛି।

ପୂର୍ବରୁ ଥିବା କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ସତ୍ୟବାଦୀ ତହସିଲଦାର ରୂପେ ବଦଳି କରାଯାଇଥିବାରୁ ତହସିଲଦାର ଶ୍ରୀପାଣିଗ୍ରାହୀ ଏକ ମାସରୁ ଊର୍ଦ୍ଧ୍ୱ ହେବ କଣାସରୁ ବଦଳି ହୋଇ ସତ୍ୟବାଦୀରେ କାର୍ଯ୍ୟ କରୁଛନ୍ତି। କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ, ୧୦୮ଟି ପଞ୍ଚାୟତରୁ ଜନସାଧାରଣ ତହସିଲଦାର ନଥିବାରୁ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି।

ଖବର ନେବାରୁ ଜଣାପଡ଼ିଛି ସାଧାରଣଲୋକମାନେ ନିଜର ଜମିଜମା ରେକର୍ଡପତ୍ର ସଂଶୋଧନ, ମିୟୁଟେସନ୍, ପଟ୍ଟା, ପାଉତି, ବିଭିନ୍ନ ଛାତ୍ରଛାତ୍ରୀଙ୍କ ପ୍ରମାଣପତ୍ର ନିର୍ଦ୍ଦିଷ୍ଟ ସମୟରେ ମିଳୁନଥିବାରୁ ଜନସାଧାରଣରେ ଅସନ୍ତୋଷ ଦେଖାଦେଇଛି। ତତ୍ ସହିତ କଣାସ ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟରେ ସପ୍ତାହକୁ ଦୁଇଦିନ ମଙ୍ଗଳବାର ଓ ଶୁକ୍ରବାର ଜମିଜମାବିକ୍ରୟ କାର୍ଯ୍ୟ, ରେଜେଷ୍ଟ୍ରି କାର୍ଯ୍ୟ ତହସିଲଦାର ବୁଝୁଥିବାରୁ ସଠିକ୍ ଭାବେ ହୋଇପାରୁନଥିବା ଜଣାପଡ଼ିଛି। ଜଣେ ମାତ୍ର ଅତିରିକ୍ତ ତହସିଲଦାର ଥିବା ବେଳେ ଅନ୍ୟ ଜଣେ ଅତିରିକ୍ତ ତହସିଲଦାର ପଦବୀ ଦୀର୍ଘଦିନ ଖାଲିପଡ଼ିଛି। ବିଭାଗୀୟ ଉଚ୍ଚ କାର୍ତ୍ତୃପକ୍ଷ ତୁରନ୍ତ କଣାସ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ପଦବୀ ପୂରଣ କରିବା ପାଇଁ ଜନସାଧାରଣରେ ଦାବି ହେଉଛି।

### ଯୌତୁକ ପାଇଁ ମରଣାନ୍ତକ ଆକ୍ରମଣ

# ସ୍ୱାମୀ ବିରୁଦ୍ଧରେ ଥାନାର ଦ୍ୱାରସ୍ଥ ହେଲେ ସ୍ତ୍ରୀ

ଯାଜପୁର, ୮।୧୨ (ସଂଚାର ବ୍ୟୁରୋ): ଯେଉଁ ମଣିଷଟିର ହାତ ଧରି ଦିନେ ସାତଜନ୍ମ ପାଇଁ ସମ୍ପର୍କ ଗଢ଼ିଥିଲା ଆଜି ସେ ତା ଜିବନ ନେବାକୁ ପଛାଉନାହିଁ। ସ୍ୱାମୀଙ୍କ ବିରୁଦ୍ଧରେ ଏଭଳି ସଂଗୀନ ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି ଜଣେ ବିବାହିତ ମହିଳା । ଅଭିଯୋଗ ଅନୁସାରେ ଦଶରଥପୁର ଥାନା ହସନପୁର ଗ୍ରାମର ମୀନାରାଣୀ ରଣା (୨୨) ସେହି ଗ୍ରାମର ପୁକୁନି ରଥଙ୍କ ପୁଅ ପ୍ରକାଶ ରଥଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ି ଉଠିଥିଲା । ଏଭଳି ଦୀର୍ଘ ୪ ବର୍ଷ ଭଲ ପାଇବା ମଧ୍ୟରେ ଦିନେ ହଠାତ୍ ମୀନାରାଣୀ ଘରୁ ପଳାଇ କୋଟପାଡ଼ୀ ସତ୍ୟପାଠ ଓ ମନ୍ଦିରରେ ହିନ୍ଦୁ ରିତି ନିତି ଅନୁଯାୟୀ ପ୍ରକାଶଙ୍କୁ ବିବାହ କରି ହସନପୁର ସ୍ଥିତ ପ୍ରକାଶଙ୍କ ଘରେ ଆସି ରହିଥିଲେ । କିଛି ଦିନର ଦାମ୍ପତ୍ୟ ଜୀବନ ହସଖୁସିରେ ବିତିବା ପରେ ଆରମ୍ଭ ହୋଇଥିଲା ସମସ୍ୟା। ସ୍ୱାମୀ ପ୍ରକାଶ ମୀନାରାଣୀଙ୍କୁ ବାପ ଘରୁ ୫ ଲକ୍ଷ ଟଙ୍କା ଆଣିବାକୁ କହିଥିଲେ । ବାପାଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ମୀନାରାଣୀ ସ୍ୱାମୀ ପ୍ରକାଶଙ୍କ ପ୍ରସ୍ତାବରେ ଅରାଜି ହେବା ପରେ ମୀନାରାଣୀଙ୍କ ଉପରେ ଆରମ୍ଭ ହୋଇଥିଲା ନିର୍ଯ୍ୟାତନା। ରବିବାର ମୀନାରାଣୀ ଦଶରଥପୁର ଥାନାରେ ସ୍ୱାମୀ ପ୍ରକାଶ ରଥ, ଶ୍ୱଶୁର ପୁକୁନୀ ରଥ, ପିଉସି ଶାଶୁ ଗାଡ଼ି ରଥ ଓ ଦେଢ଼ଶ୍ୱଶୁର ପ୍ରଦୀପ ରଥଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି । ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି ।

# ହାତୀ ପାଇଁ ଚାଷୀ ହତାଶ



## ନଷ୍ଟ କରୁଛନ୍ତି ଫସଲ, ଘଉଡାଇବାରେ ବନ ବିଭାଗ ବିଫଳ

ନୀଳଗିରି, ୮।୧୨ (ସଂଚାର ବ୍ୟୁରୋ) : ହାତୀ ପାଇଁ ହତାଶ ଚାଷୀ, ହାତୀଙ୍କୁ ଘଉଡାଇବାରେ ବିଫଳ ବନ ବିଭାଗ। ବର୍ତ୍ତମାନ ଧାନ ଅମଳର ସମୟ ହୋଇଥିବା ବେଳେ ହାତୀପଲଙ୍କ ଉପଦ୍ରବ ଯୋଗୁଁ ଚାଷୀ ସର୍ବସ୍ୱ ହରାଇବାକୁ ବସିଛନ୍ତି । ବର୍ଷ ତମାମ୍ ପରିଶ୍ରମ କରି, ଦାନା ପାଣି ଯୋଗାଡ କରିବାକୁ ବହୁ ଆଶା କରିଥିଲେ ଚାଷୀ। ହେଲେ ଅମଳ ସମୟରେ ହାତୀ ମୁହଁରେ ବର୍ଷକର ପରିଶ୍ରମ ନଷ୍ଟ ହୋଇଯାଉଥିବାରୁ ଏବେ ଭାଙ୍ଗି ପଡିଛନ୍ତି ଚାଷୀ। ଅବଶ୍ୟ ବନବିଭାଗ କ୍ଷତି ପୂରଣ ଦେବାକୁ କହୁଛି କିନ୍ତୁ ହାତୀପଲ ଯାହା କ୍ଷତି କରୁଛନ୍ତି ସେହି ପରିମାଣର କ୍ଷତିପୂରଣ ରାଶି ମିଳୁ ନାହିଁ, ଯାହା ମିଳୁଛି ବହୁ ବିଳମ୍ବରେ ସମୃଦ୍ଧକୁ ଶଙ୍ଖେ ସଦୃଶ।

ସୂଚନାନୁସାରେ ନୀଳଗିରିକୁ ଗତ ଶନିବାର ଭୋର ସମୟରେ ୫୫ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ଓ ଏହି ହାତୀ ପଲ ମଧ୍ୟରେ ୨୬ଟି ମାଈ, ୧୩ରୁ ଦନ୍ତା ହାତୀ ଥିବା ବେଳେ ୧୬ ଛୁଆ ହାତୀ ଓଡ଼ିଶା ସୀମା ପାରି ହୋଇ ମୟୂରଭଞ୍ଜ ଦେଇ ନୀଳଗିରି ରେଞ୍ଜ ଅଧୀନ ଦୁର୍ଗାଦେବୀ, ପୁଟିନା, କାଠପାଳ, ପାଟଣା ଅଯୋଧ୍ୟା ରାସ୍ତା ପାର କରି ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିଲେ। ହାତୀ ଆସୁଥିବା ରାସ୍ତାରେ ବ୍ୟାପକ ଧାନ ଫସଲ ନଷ୍ଟ କରିଥିଲେ। ଅପରାହ୍ନ ସମୟରେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ବାହାରି ହାତୀପଲ ତିନିକୋଶିଆକୁ ସଂରକ୍ଷିତ ଜଙ୍ଗଲମୁହାଁ ହେବା ସହ ଫସଲ କ୍ଷେତରେ ପଶି ଦର ପାଚିଲା ଧାନକୁ ଯେତିକି ଖାଉଛନ୍ତି, ତା'ଠୁ ଅଧିକ ଦଳି ମକଚି ନଷ୍ଟ କରୁଛନ୍ତି। ଏଥିରେ ଅଧିକ କ୍ଷତି ସାତରାଣ୍ଡ ଓ ହାତିମୁଣ୍ଡାରେ ଦେଖିବାକୁ ମିଳିଛି। ହେଲେ ଅମଳ ହେବାକୁ ଆଉ କିଛି ଦିନ ବାକି ଥିବାବେଳେ ରବିବାର ଫସଲ କ୍ଷେତରେ ଫଳିଥିବା ଦର ପାଚିଲା ଧାନକୁ ବିକଳରେ ଲେବର ଓ ମେସିନ୍ ଲଗାଇ ଉଠାଇ ଆଣୁଥିବା ଦେଖିବାକୁ ମିଳିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହାତୀପଲ ଆସୁଥିବାରୁ ଗୋପାଳପୁର ଓ ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ଚତୁଃପାର୍ଶ୍ୱକୁ ଲାଗି ରହିଥିବା ଗ୍ରାମବାସୀ ମାନେ ଆତଙ୍କରେ ଅବସ୍ଥାନ କରିଛନ୍ତି। କାରଣ ବନବିଭାଗ ସଂରକ୍ଷିତ ଜଙ୍ଗଲ ଚାରି ପାଖରେ ଖୋଳା ଯାଇଥିବା ଟ୍ରେଞ୍ଚ, ସୌରବାଡ଼ ଗୁଡ଼ିକ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିବା ବେଳେ ଅନ୍ଧାର ରାତ୍ରିରେ ଧାନ ଅକ୍ତିଆର କରିବାରେ ଚେକପୋଷ୍ଟ ଯେ ହାତୀ ଜନବସତି ମୁହାଁ ହୋଇ ଧନ ଜିବନ କ୍ଷତି କରିବ ତାହା କହି ହେବ ନାହିଁ । ତେଣୁ ଗତ ରାତ୍ରିରେ ଜଙ୍ଗଲ ସଂଲଗ୍ନ ଗ୍ରାମବାସୀ ମାନେ ଉଜାଗର ରହି ନାହିଁ ଧୁନି କରି ଗାଁ ମୁଣ୍ଡରେ ଜଗିରହିଥିଲେ। ଝାଡ଼ଖଣ୍ଡ ଦଳମା ଜଙ୍ଗଲରୁ ଗତ ୨୦୧୦ ମସିହାରୁ ଚିରାଚରିତ ଭାବେ ନୀଳଗିରିକୁ ଏହି ହାତୀ ପଲ ଆସୁଛନ୍ତି। ହାତୀପଲ ଯେପରି ଜନବସତି ମୁହାଁ ହେବେ ନାହିଁ ସେଥିପାଇଁ ନୀଳଗିରି ରେଞ୍ଜର ଓ କୁଲଡିହି ରେଞ୍ଜରଙ୍କ ସହ ୫୦ ରୁ ଉର୍ଦ୍ଧ ବନ କର୍ମଚାରୀ ବିଭିନ୍ନ ଭାଗରେ ବିଭକ୍ତ ହୋଇ ହାତୀଙ୍କ ଗତିବିଧିକୁ ଲକ୍ଷ୍ୟ ରଖିଛନ୍ତି।

# ଦୀର୍ଘ ଦିନ ହେଲା ଟ୍ରାଫିକ ସିଗନାଲ ଅଚଳ, ପ୍ରଶାସନ ନୀରବଦ୍ରଷ୍ଟା



ସୁବର୍ଣ୍ଣପୁର, ୮।୧୨ (ସଂଚାର ବ୍ୟୁରୋ) : ଲୋକେ ସୁବିଧାରେ ଯାତାୟାତ କରିବେ ବୋଲି ଟ୍ରାଫିକ ଲାଇଟ୍ ଲାଗିଛି ହେଲେ ଲାଇଟ୍ ଦୀର୍ଘ ଦିନ ହେଲା ଅଚଳ ହୋଇ ପଡ଼ିଛି। ସୋନପୁର ସହରର ବ୍ୟସ୍ତ ବହୁଳ ବ୍ଲକ ଛକ ଗ୍ରାଫିକ ଲାଇଟ ଦୀର୍ଘ ଦିନ ହେଲା ଅଚଳ ହୋଇ ପଡ଼ିରହିଛି। ଫଳରେ ଟ୍ରାଫିକ ସିଗନାଲ ଲାଇଟ ଅଚଳ ହୋଇ ଯାଇଥବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଯୋଗୁଁ କେତେବେଳେ ଦୁର୍ଘଟଣା ଘଟିବ କହିହେବ ନାହିଁ। ପୂର୍ବରୁ ଏହି ଛକରେ ବଡ ବଡ ଦୁର୍ଘଟଣା ଘଟି ସାରିଛି।

ବ୍ଲକ ଛକରେ ସକାଳ ୮ଟାରୁ ଦିନ ୧୨ଟା ଯାଏଁ ଏବଂ ସନ୍ଧ୍ୟା ୫ଟାରୁ ରାତି ୮ଟା ଯାଏଁ ଟ୍ରାଫିକ ପୋଲିସ ଡ୍ୟୁଟି କରନ୍ତି। ୧୨ଟା ପରେ ଏହି ଛକ ଅତିକ୍ରମ କରିବା କଷ୍ଟକର ହୋଇଯାଉଛି। ଦିନସାରା ଭଗବାନ ଭରସାରେ ଲୋକେ ଯାତାୟତ କରୁଛନ୍ତି। ଲାଇଟ ଅଚଳ ଯୋଗୁଁ ଡ୍ୟୁଟିରେ ଥିବା ଟ୍ରାଫିକ ପୋଲିସଙ୍କୁ ମଧ୍ୟ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବହୁ କଷ୍ଟ କରିବାକୁ ପଡୁଛି । ସନ୍ଧ୍ୟା ସମୟରେ ଟ୍ରାଫିକ ପୋଲିସମାନେ ହାତରେ ଲାଲ ଏବଂ ସାଗୁଆ ଲାଇଟ ଧରି ଟ୍ରାଫିକ ନିୟନ୍ତ୍ରଣ କରୁଛନ୍ତି। ସରକାରଙ୍କ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କୌଣସି ଜିନିଷ ଲଗାଇ ଦେଇ ରକ୍ଷଣା ବେକ୍ଷଣ ନକଲେ ଲାଭ କଣ ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ବଡ ଦୁର୍ଘଟଣା ହେବା ପୂର୍ବରୁ ବ୍ଲକ ଛକର ଟ୍ରାଫିକ ସିଗନାଲ ଲାଇଟ ଶୀଘ୍ର ସଜାଡିବା ପାଇଁ ସାଧାରଣରେ ଦାବି ହେଉଛି।

# ରେଳବାଇ ଅଣ୍ଡର ପାସ୍‌କୁ ନେଇ ବଢୁଛି ଅସନ୍ତୋଷ



ବୈଶିଙ୍ଗା, ୮।୧୨ (ସଂଚାର ବ୍ୟୁରୋ): ବୈଶିଙ୍ଗା ଉପକଣ୍ଠ ଯୁଗପୁରା ରେଳ ଷ୍ଟେସନର ମାତ୍ର ୫୦୦ ମିଟର ଦୂରରେ ଥିବା ଈଶାଣପୁର ଓ ଯୁଗପୁରା ଅଞ୍ଚଳର ବାସିନ୍ଦାଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ଦକ୍ଷିଣ ପୂର୍ବ ରେଳବାଇ ର ଡିଆରଏମ୍ ଗତ ବର୍ଷ ଫେବୃଆରୀ ମାସରେ ଗସ୍ତ କରି ଦୀର୍ଘ ଦିନର ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ ଯେ ଈଶାଣପୁର ଗ୍ରାମକୁ ସଂଯୋଗ କରୁଥିବା ୭ନଂ ଗେଟ୍ ରାସ୍ତାଟିକୁ ରେଳବାଇ ପକ୍ଷରୁ ବନ୍ଦ କରି ଦିଆଯାଇଛି। ଅନ୍ୟ ପକ୍ଷରେ ଗ୍ରାମବାସୀଙ୍କ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନଥିବା କାରଣରୁ ଏଠାକାର ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

ଗ୍ରାମବାସୀଙ୍କ ନିଜସ୍ୱ ଅର୍ଥରେ ୩୦୦ ମିଟର ଦୂରରେ ଥିବା ଛତର ରେଳ ଫାଟକ ପର୍ଯ୍ୟନ୍ତ ରେଳ ଲାଇନ ପାର୍ଶ୍ୱରେ ମାଟି ରାସ୍ତା ତିଆରି କରି ଚଳପ୍ରଚଳ କରୁଥିଲେ। ମାତ୍ର ଏହାକୁ ବେଆଇନ ଦର୍ଶାଇ ରେଳ ଅଧିକାରୀମାନେ ବିରୋଧ କରି ଆସୁଛନ୍ତି ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଚମକ ମଧ୍ୟ ଦେଉଛନ୍ତି। ଫଳରେ ଗ୍ରାମ ଭିତରକୁ କୌଣସି ଗାଡ଼ି ମଟର ଚଳାଚଳ ବ୍ୟାହତ ହୋଇଛି। ଏମିତିକି ଜରୁରୀକାଳୀନ ସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ମଧ୍ୟ ଯାଇ ପାରୁନାହିଁ। ଏ ସମ୍ପର୍କରେ ବହୁବାର ରେଳବାଇ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଶେଷରେ ରେଳରୋକ କରାଯିବା ନେଇ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ଫଳରେ ମୟୂରଭଞ୍ଜ ଲୋକସଭା ସାଂସଦ ତଥା ତତ୍କାଳୀନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ବିଶେଶ୍ୱର ଟୁଡୁ ଏବଂ ବାଲେଶ୍ୱର ଲୋକସଭା ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ହସ୍ତକ୍ଷେପ ପରେ ରେଳ ବିଭାଗ ଡିଆରଏମ୍ ସମ୍ପୃକ୍ତ ଗ୍ରାମ ପରିଦର୍ଶନ କରି ତୁରନ୍ତ ଏଠାରେ ଏକ ଅଣ୍ଡର୍ ପାସ୍ ରାସ୍ତା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ ସମୟରେ ରେଳ ଅଧିକାରୀ ଙ୍କ ସହ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଯୁଗପୁରା ଷ୍ଟେସନ ସୁରକ୍ଷା କମିଟିର ଅଶ୍ୱିନୀ କୁମାର ମହାରଣା, ଗିରିଶ ଚନ୍ଦ୍ର ରାଉତ, ରତିକାନ୍ତ ମହାନ୍ତଙ୍କ ସମେତ ବହୁସଂଖ୍ୟକ ମହିଳା ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଏହା ଭିତରେ ଦେଢ ବର୍ଷ ବିତି ଯାଇଥିଲେ ମଧ୍ୟ ଏଥିପାଇଁ ଅର୍ଥ ମଞ୍ଜୁରୀ ମିଳିନାହିଁ କିମ୍ବା କାର୍ଯ୍ୟ ଆରମ୍ଭ ହୋଇନାହିଁ। ପ୍ରତ୍ୟେକ ମୂହୁର୍ତ୍ତରେ ସମସ୍ୟାର ସାମନା କରୁଛନ୍ତି ଅଞ୍ଚଳବାସୀ। ଶନିବାର ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜର ତିନୋଟି ରେଳ ପ୍ରକଳ୍ପକୁ ବାଙ୍ଗିରିପୋଷି ଠାରେ ଶୁଭ ଦେବା ଅବସରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସିଥିବା ସମୟରେ ଜୁଗୁପୁରା ଷ୍ଟେସନ ସୁରକ୍ଷା କମିଟି ତରଫରୁ ଶ୍ରୀଯୁକ୍ତ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ କରାଯଇଥିଲା । ଏହି ୭ନଂ ଗେଟ ନିକଟରେ ଖୁବ୍ ଶୀଘ୍ର ଅଣ୍ଡର ପାସ ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା ।

### ସଂଚାର ପ୍ରଭାବ



# ଖବର ପ୍ରକାଶ ପରେ ଆକ୍ସନ ମୁଡ୍‌ରେ ଟ୍ରାଫିକ ପୋଲିସ ବାବୁ

ହିଞ୍ଜିଳିକାଟୁ, ୮।୧୨ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ଅଞ୍ଚଳରେ ଗତ କିଛିଦିନ ଧରି ବିଜୁ ପଟ୍ଟନାୟକ ଛକର ଟ୍ରାଫିକ ସମସ୍ୟା ସମ୍ପର୍କିତ ଖବର ଶୁକ୍ରବାର ସଂଚାର ଖବରକାଗଜରେ ପ୍ରକାଶିତ ହୋଇଥିଲା। ବର୍ଦ୍ଧିତ ଜନସଂଖ୍ୟା ଦୃଷ୍ଟିରୁ ଟ୍ରାଫିକ ନିୟନ୍ତ୍ରଣ ସହରରେ ମନ ଇଚ୍ଛା ପାର୍କିଙ୍ଗ କରିବା ଚିନ୍ତାର କାରଣ ପାଲଟିଛି। ଖବର ପ୍ରକାଶିତ ପରେ ଉଚ୍ଚ କର୍ତ୍ତୃପକ୍ଷ ଘଟଣାକୁ ଗୁରୁତ୍ୱ ସହକାରେ ନେଇ ବିଜୁ ପଟ୍ଟନାୟକ ଛକରେ ଜଣେ ଟ୍ରାଫିକ ପୋଲିସ ଓ ଦୁଇ ପୋଲିସ କର୍ମଚାରୀଙ୍କୁ ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱ ପ୍ରଦାନ କରାଯାଇଛି। ହିଞ୍ଜିଳି ଅଂଚଳବାସୀ ସଂଚାର ଖବରକାଗଜକୁ ସାଧୁବାଦ ଜ୍ଞାପନ କରିଛନ୍ତି।

# ପଞ୍ଜାବରୁ ଅସ୍ତରଙ୍ଗକୁ ଆସିଲା ଆଳୁ ବିହନ

କାକଟପୁର/ଅସ୍ତରଙ୍ଗ, ୮।୧୨ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଉଦ୍ୟାନ ବିଭାଗ ଅଧୀନ ବିଭିନ୍ନ ପଂଚାୟତ ରେ ୧୫ହେକ୍ଟର ଜମିରେ ଆଳୁ ଚାଷ ହେବାକୁ ଉଦ୍ୟାନ କୃଷି ବିଭାଗ ଲକ୍ଷ୍ୟ ରଖିଛି। ରବିବାର ସନ୍ଧ୍ୟା ସମୟରେ ୫୬. ୫ କୁଇଣ୍ଟାଲ ର ବିହନ ଆଳୁ ପଞ୍ଜାବରୁ ଆସି ଅସ୍ତରଙ୍ଗ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ରେ ପହଁଚିଛି। ଏହା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଚାଷୀଙ୍କୁ ପ୍ରଦାନ କରାଯିବ। ପୂର୍ବରୁ ଚାଷୀ ମାନେ ଆଳୁ ଚାଷ ପ୍ରତି ସେତେଟା ଗୁରୁତ୍ୱ ଦେଉନଥିବାରୁ ବିହନ ସେତେ ମାତ୍ରାରେ ଯୋଗାଇ ଦିଆଯାଉନଥିଲା। ଖୋଲା ବଜାର



ରେ ଆଳୁ ବିହନ ଦର ଆକାଶଛୁଆଁ ଥିବାରୁ ଚାଷୀ ମାନେ ସୁଲଭ ଦରରେ ବିହନ ପାଇ ପାରୁନଥିଲେ। କିନ୍ତୁ ଚଳିତ ବର୍ଷ ଅସ୍ତରଙ୍ଗ ବ୍ଲକ ଅଧୀନ ରେ ୧୫ହେକ୍ଟର ଜମିରେ ଆଳୁ ଚାଷ କରାଯିବା ପାଇଁ ଉଦ୍ୟାନ ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି।ଏଥିପାଇଁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଉର୍ନ୍ନତ ମାନର ବିହନ ବସ୍ତା ପ୍ରତି ୧ହଜାର ଟଙ୍କା ରହିଥିବା ବେଳେ ପ୍ରତି ଚାଷୀ ଙ୍କୁ ୩ ରୁ ୫ ବସ୍ତା ପ୍ରଦାନ କରାଯିବ ଏହା ସହ ରିହାତି ସର୍ବନିମ୍ନ ୧୫ଶହ ଟଙ୍କା ରୁ ସର୍ବାଧିକ ୨୫ଶହ ଟଙ୍କା ମିଳିବ ବୋଲି ସୂଚନା ଦେଇଛନ୍ତି ଅସ୍ତରଙ୍ଗ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଯୁଗଲ କିଶୋର ବାର୍ଲା।

# ରାୟଗଡାରେ ଯକ୍ଷ୍ମା ନିର୍ମୂଳ ଅଭିଯାନର ଶୁଭାରମ୍ଭ

ରାୟଗଡା, ୮।୧୨ (ସଂଚାର ବ୍ୟୁରୋ): ରାୟଗଡା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ୭ ଡିସେମ୍ବର ୨୦୨୪ ରୁ ୧୦୦ ଦିନ ବ୍ୟାପି ସଘନ ଯକ୍ଷ୍ମା ନିର୍ମୂଳ ଅଭିଯାନର ଶୁଭାରମ୍ଭ କରାଯାଇଛି, ଯାହା ୧୭ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି ନିକ୍ଷୟ ରଥର ପତାକା ଦେଖାଇ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ଜନସାଧାରଣଙ୍କ ମଧ୍ୟରୁ ଯକ୍ଷ୍ମା ରୋଗ ଚିହ୍ନଟ, ଚିକିତ୍ସା ଏବଂ ସଚେତନତା ବଢ଼ାଇବା ଉଦ୍ଦେଶ୍ୟ ରଖାଯାଇଛି । ଏହି ଅଭିଯାନର ଅଂଶ ଭାବେ ଯେପରିକି ଧୁମ୍ରପାନ କରୁଥିବା ବ୍ୟକ୍ତି, ମଧୁମେହ ରୋଗୀ, ଏଚଆଇଭି ସଂକ୍ରମିତ, ଅପପୃଷ୍ଟି ଯାହାଦ୍ୱାରା ଶାରୀରିକ ଶକ୍ତି କମିଛି ମାନଙ୍କର ଯକ୍ଷ୍ମା ସଂକ୍ରମଣର



ଆଶଙ୍କା ଅଧିକ ରହେ, ସେମାନଙ୍କର ସଂପୂର୍ଣ୍ଣ ଚିହ୍ନଟ ଏବଂ ଚିକିତ୍ସା କରାଯିବ । ସଘନ ତଦନ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟତଃ ଏନ୍ଏଏଟି ଏବଂ ଏକ୍ସ-ରେ ଦ୍ୱାରା ଯକ୍ଷ୍ମା ସଂକ୍ରମଣ ଚିହ୍ନଟ କରାଯିବ । ଯେଉଁମାନଙ୍କର ଯକ୍ଷ୍ମା ଚିହ୍ନଟ ହେବ, ସେମାନଙ୍କୁ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଅନୁଯାୟୀ ଚିକିତ୍ସା ଦିଆଯିବ। ଅଭିଯାନ ସମୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବଢ଼ାଇବା ପାଇଁ ନିକ୍ଷୟ ରଥ ଚାଳନା କରାଯିବ । ଏହା ଛାଡ଼ା, ସମସ୍ତ ବ୍ଲକରେ ବିଭିନ୍ନ ବୈଠକ ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ।ଏହି ଅଭିଯାନ ସହ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି। ଏହାର ଲକ୍ଷ୍ୟ ହେଉଛି ମହିଳା ଓ ଝିଅମାନଙ୍କ ପ୍ରତି ସମ୍ମାନ ବଢ଼ାଇବା ଓ ହିଂସା ବିରୋଧରେ ସଚେତନତା ସୃଷ୍ଟି କରିବା । ଏହି ସମସ୍ତ କାର୍ଯ୍ୟକ୍ରମ ଦ୍ୱାରା ଆଗାମୀ ୧୦୦ ଦିନରେ ଯକ୍ଷ୍ମା ଏବଂ ହିଂସା ଉପରେ ଅଗ୍ରଗତି ହାସଲ କରିବାର ଆଶା କରାଯାଉଛି ।

# ସଜେଇ ହେଉଛି ଇଟାଭାଟି, ଘାରିଲାଣି ପ୍ରଦୂଷଣ ଚିନ୍ତା



ବାଲିଆପାଳ, ୮।୧୨ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକର ବିଭିନ୍ନ ଅଞ୍ଚଳରେ ଏବେ ବେଆଇନ୍ ଇଟାଭାଟି ମାତ୍ରାଧିକ ସଂଖ୍ୟାରେ ବୃଦ୍ଧି ପାଇଚାଲିଛି। ଫଳରେ ଏହି ଅଞ୍ଚଳର ପରିବେଶ ପ୍ରଦୂଷଣ ହେବାରେ ଲାଗିଛି। ଏହାର ମୁଖ୍ୟ କାରଣ ହେଉଛି ବାଲିଆପାଳ ଅଞ୍ଚଳ ନଦୀ ବହୁଳ। ନଦୀକୂଳବର୍ତ୍ତୀ ମାଟି ଇଟା ନିର୍ମାଣ ପାଇଁ ବେଶ୍ ଉପଯୋଗୀ। ତେଣୁ ଏହାର ସୁଯୋଗ ନେଇ ଇଟା ବ୍ୟବସାୟୀମାନେ ଜାମକୁଣ୍ଡା ଠାରୁ ଆରମ୍ଭ କରି ଇକଡାପାଳ, ବିଷ୍ଣୁପୁର, ନୟାବାଲି, ବାଲିଆପାଳ କୁଦମାନସିଂ, ବଢାପାଳ, ଗଡ଼ାପୋଲ, ନିଖିରା ଆଦି ପ୍ରମୁଖ ସ୍ଥାନମାନଙ୍କରେ ମନଇଚ୍ଛା ଇଟାଭାଟି କରି ନିଜର ବେପାର ଚଳାଇ ଆସୁଛନ୍ତି।

ବିଶେଷ କରି ନଭେମ୍ବର ମାସରୁ ଏପ୍ରିଲ୍ ମାସ ପର୍ଯ୍ୟନ୍ତ ଏହି ଇଟା ବେପାରୀମାନଙ୍କ ରାଜ ଚାଲିଥାଏ। ବିଭିନ୍ନ ସରକାରୀ ସ୍ଥାନ, ଗୋଚର, ରକ୍ଷିତ ଅନାବାଦୀ ପଡ଼ିଆ ଜମି, ସ୍କୁଲ ପାଖ ଜମି, ଡାକ୍ତରଖାନା ପାଖ ଜମି, ନଦୀ ପଠା କୌଣସି ଜାଗା ଖାଲି ରଖୁ ନାହାନ୍ତି ଏସମସ୍ତ ଲାଭଖୋରବ୍ୟବସାୟୀ। ପ୍ରଶାସନର ପରୋକ୍ଷ ସମର୍ଥନରେ ଏଭଳି ବେଆଇନ୍ କାର୍ଯ୍ୟ ଚାଲୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଥିଲେ ବି ବାସ୍ତବରେ ପ୍ରାଶାସନିକ ନିରବତା ସମସ୍ତଙ୍କୁ ତାଜୁବ କରିଛି।

ସରକାରୀ ନିୟମ ଆଧାରରେ ରାଜସ୍ୱ ନିରୀକ୍ଷ ନିରୀକ୍ଷକମାନଙ୍କ ମୂଳଚାଲ କରି ଅଳ୍ପ କିଛି ଘରୋଇ ଇଟା ପୋଡ଼ିବା ବାହାନାରେ ସେମାନେ ନିଜର ବ୍ୟବସାୟ ଚଳାଇଛନ୍ତି। ଏସମସ୍ତ ବେଆଇନ ଇଟାଭାଟି ଏବେ ପ୍ରଦୂଷଣ ଓ ମୃତ୍ତିକା କ୍ଷୟର କାରଣ ପାଲଟିଥିବାବେଳେ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଭବିଷ୍ୟତକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।

### ଇନପୁଟ୍ ସହାୟତା ପ୍ରଦାନର ଶୁଭାରମ୍ଭ

# ମୁଖ୍ୟମନ୍ତ୍ରୀଙ୍କ ଭାଷଣ ବେଳକୁ ଚାଷୀ ନାହାନ୍ତି

ନୟାଗଡ଼, ୮।୧୨ (ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ସ୍ତରୀୟ ଚାଷୀଙ୍କୁ ଇନପୁଟ ସହାୟତା ପ୍ରଦାନ ଶୁଭାରମ୍ଭ କାର୍ଯ୍ୟକ୍ରମ ପ୍ରହସନରେ ପରିଣତ ହୋଇଛି । ପ୍ରଶାସନର ବହୁ ଆଡମ୍ବର ଲଘୁକ୍ରିୟା ଘଟିଛି । ଜିଲ୍ଲା ଯୋଗାଣ ବିଭାଗ, ସମବାୟ ବିଭାଗ ଓ କୃଷି ବିଭାଗକୁ ନେଇ ବାରମ୍ବାର ପ୍ରସ୍ତୁତି ବୈଠକ କରାଯାଇଥିବା ବେଳେ ଆଜି ଫଳଶୂନ ବୋଲି ଦେଖାଯାଇଛି । ବରଗଡ଼ ଜିଲ୍ଲାର ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ଶୁଣିବାକୁ ନୟାଗଡ଼ ଷ୍ଟାଡିୟମଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖିବା ବେଳକୁ ସଭାରେ ହାତଗଣତି ନେତାଙ୍କ ବ୍ୟତୀତ ଜଣେ ହେଲେ ଚାଷୀଙ୍କୁ ଦେଖିବାକୁ ମିଳିନଥିଲା । କାର୍ଯ୍ୟକ୍ରମରେ ହଜାରେ ଚାଷୀଙ୍କ ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ବିଭିନ୍ନ ବ୍ଲକରୁ ବସ ମାଧ୍ୟମରେ ଅଣାଯାଇ ମାତ୍ର ୩ ଶହରୁ ୩ ଶହ ୫୦ ଜଣ ଚାଷୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସାଂସଦ ଓ ବିଧାୟକମାନେ ଉପସ୍ଥିତ ରହିବେ ବୋଲି ପୂର୍ବରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସୂଚନା ଦେଇଥିଲେ ମଧ୍ୟ ଖଣ୍ଡପଡ଼ା ବିଧାୟକଙ୍କ ବ୍ୟତିତ ଅନ୍ୟ କାହାରିକୁ ଦେଖିବାକୁ ମିଳିନଥିଲା । ଦେଢ଼ ଘଣ୍ଟା ବିଳମ୍ବରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ ମଧ୍ୟ ଚାଷୀ ଓ ଅତିଥି ଚୌକି ଖାଲି ପଡ଼ିଥିଲା । ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲ୍ଲାପାଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ସହ ଧାନବିକ୍ରିରେ ଚାଷୀ ଇନପୁଟ ସହାୟତା ପାଇବା ପରେ ଚାଷୀମାନେ ବହୁତ୍ ଲାଭବାନ ହେବେ ବୋଲି କହିଥିଲେ। ଜିଲ୍ଲାରେ ୨୭ ଡିସେମ୍ବରରୁ ଧାନକିଣା ଶୁଭାରମ୍ଭ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଖଣ୍ଡପଡ଼ା ବିଧାୟକ ସରକାର ପ୍ରତିଶ୍ରୁତି ରକ୍ଷା କରି ଇନପୁଟ ସହାୟତା ରାଶି ପ୍ରଦାନ କରିଛନ୍ତି ବୋଲି କହିଥିଲେ। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା। ବରଗଡ଼ରେ କାର୍ଯ୍ୟକ୍ରମ ବିଳମ୍ବରେ ଅନୁଷ୍ଠିତ ହୋଇଥିବାରୁ ଉପସ୍ଥିତ ଚାଷୀମାନେ ଅପେକ୍ଷା କରି ଶେଷରେ ଖାଇବା ପାଇଁ ଉଠି ଚାଲି ଯାଇଥିଲେ । ଫଳରେ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ବେଳକୁ ଚାଷୀ ଅନୁପସ୍ଥିତ ରହିଥିବା ଦେଖାଯାଇଥିଲା ।

### କେସିଙ୍ଗାରେ ନବନିର୍ମିତ ଆରଓବିର ପଥ ବଦଳାଇବା ମାମଲା

# ତାତିଲେ ବୁଦ୍ଧିଜୀବୀ, ଡାକିଲେ ବୈଠକ



କଳାହାଣ୍ଡି, ୮।୧୨ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ନିର୍ମାଣ ହେଉଥିବା ଆରଓବି (ରେଳ ଓଭର ବ୍ରିଜ)କୁ ଅଞ୍ଚଳବାସୀ ଅନେକ ଦିନରୁ ବିରୋଧ କରି ଆସୁଥିଲେ ମଧ୍ୟ ଶୁଣୁ ନାହାନ୍ତି କେନ୍ଦ୍ର ସରକାର ଓ ରାଜ୍ୟ ସରକାର। ଆରଓବିକୁ ନୁହେଁ ବିରୋଧ ଆରଓବି ରାସ୍ତାର ଅବସ୍ଥିତିକୁ ନେଇ। ଅଞ୍ଚଳବାସୀ ଓ ବୁଦ୍ଧିଜିବୀଙ୍କ ଯୁକ୍ତି ହେଲା ବଲାଙ୍ଗୀର ପଟୁ ଭବାନୀପାଟଣା ଆଡେ ଯିବା ବେଳେ ଆରଓବି ରାସ୍ତା ସହରର ମଧ୍ୟ ଭାଗରେ ଶେଷ ହେଉଛି। ପାଖରେ ଅଛି ଇଣ୍ଡିଆନ ପେଟ୍ରୋଲ ପମ୍ପ ସହିତ ଆବାସିକ ବିଦ୍ୟାଳୟ, ଅନେକ ରାଷ୍ଟ୍ରିୟତ ବ୍ୟାଙ୍କ, ଦୋକାନ ବଜାର। ବୁଦ୍ଧିଜିବୀଙ୍କ କହିବା ହେଲା ଆରଓବିକୁ ଦୁଇ ଚାରି କିଲୋମିଟର ଦୂର ଯୋଲକୋ ଛକ କିମ୍ବା ତା ଆଗକୁ ବାହାର କଲେ ଭବିଷ୍ୟତରେ କେସିଙ୍ଗା ସହରର ଉନ୍ନତି ହେବା ସହିତ ଦୁର୍ଘଟଣାଜନିତ କ୍ଷୟକ୍ଷତିକୁ ମଧ୍ୟ ରୋକାଯାଇ ପାରିବ। ଉକ୍ତ ବିଷୟ ଉପରେ ବିଭିନ୍ନ ଖବର କାଗଜ ସମେତ ଇଲେକ୍ଟ୍ରୋନିକ ମିଡିଆ ମାଧ୍ୟମରେ ଖବର ପ୍ରସାରିତ ହେବା ପରେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାର ଭୁଲି ଯାଉଛନ୍ତି ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ। ଏଥିପାଇଁ ରବିବାର ସ୍ଥାନୀୟ ଆମ୍ବେଦକର ଛକ ସ୍ଥିତ ପଣ୍ଡରା ଭବନ ଠାରେ ଅଞ୍ଚଳର ବୁଦ୍ଧିଜିବୀ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇ ଆଗାମୀ ରଣ ନୀତି ପ୍ରସ୍ତୁତ କରାଯାଇ ଥିଲା। ସୁରେଶ ରାଓଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଓକିଲ ସଂଘ ସଭାପତି ଚିତ୍ତ ରଞ୍ଜନ ଭୋଇ, ବରିଷ୍ଠ ରାଜନୀତିଜ୍ଞ ମହେନ୍ଦ୍ର ନାଏକ, ସିରୋ ମଣି ମାଝୀ ,ପ୍ରଶାନ୍ତ ବାନାର୍ଜୀ, ଦେବେନ୍ଦ୍ର ଭୁଜବଳ,ରଞ୍ଜନ ପଣ୍ଡା, ଚନ୍ଦ୍ର ଶେଖର ଆଚାରି, ପ୍ରତାପ ନାଏକ, ରମାକାନ୍ତ ଜେନା, ଦୟା ସୁନାନୀ, ରମେଶ ଜେନା, ଛୋଟୁ ଖାନ,କାମପାଲ ସାହା ,ଆଦିତ୍ୟ ପ୍ରଧାନ,ସୁରେନ୍ଦ୍ର ଭୋଇ, ପ୍ରମୁଖ ଉପସ୍ଥିତ ଥିଲେ।

# ଗଙ୍ଗାଧର ସ୍ମାରକୀ ଆଞ୍ଚଳିକ ମେଧା ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ

ବୋରିଗୁମ୍ମା, ୮।୧୨ (ସଂଚାର ବ୍ୟୁରୋ): ବୋରିଗୁମ୍ମା ବ୍ଲକ କୁମୁଲି ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ଗଙ୍ଗାଧର ସ୍ମାରକୀ ଆଞ୍ଚଳିକ ମେଧା ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । କୁମୁଲି ଅଂଚଳର ଛାତ୍ର ଛାତ୍ରୀ ମାନଙ୍କର ଶିକ୍ଷାର ବିକାଶ ଏବଂ ସାଧାରଣ ଜ୍ଞାନର ଅଭିବୃଦ୍ଧି ପାଇଁ ଏହି ପରୀକ୍ଷା ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଏହି ପରୀକ୍ଷା ୨୫ ବର୍ଷ ରୌପ୍ୟ ଜୟନ୍ତୀ ପାଳନ କରିଛି।




କୁମୁଲି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ସିନିୟର୍ ବିଭାଗରେ ୧୦୮ ଜଣ ଓ ଜୁନିୟର ବିଭାଗ ପରୀକ୍ଷାରେ ୬୩ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ । ପରୀକ୍ଷା ପରେ ପରିଚାଳନା କରୁଥିବା ଅଞ୍ଚଳର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ପରୀକ୍ଷା ଖାତାର ମୂଲ୍ୟାଙ୍କନ ହୋଇଥିଲା। ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା । ପୁରସ୍କାର ବିତରଣ ଉତ୍ସବ ଆଞ୍ଚଳିକ ମେଧା ଅନ୍ୱେଷଣ ପରୀକ୍ଷାର ସଭାପତି ବରିଷ୍ଠ ଅବସର ପ୍ରାପ୍ତ ଶିକ୍ଷକ ଲମ୍ବୋଦର ପଣ୍ଡା ସଂପାଦକୀୟ ପାଠ କରିଥିଲେ। କାର୍ଯକ୍ରମ ସଭାପତି ଭାବରେ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ଶିକ୍ଷା ବିଭାଗୀୟ ମୁଖ୍ୟ ଡ .ମନୋରଞ୍ଜନ ପ୍ରଧାନ ଯୋଗ ଦେଇ କୁମୁଲି ଅଞ୍ଚଳରେ ବିକଶିତ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ ଏବଂ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ କରୁଥିବା ବ୍ୟକ୍ତି ବିଶେଷ ମାନଙ୍କୁ ଭୂରୀୟସି ପ୍ରଶଂସା କରିଥିଲେ ।

କାର୍ଯ୍ୟକ୍ରମର ଅନ୍ୟତମ ମୁଖ୍ୟ ଆକର୍ଷଣ ଭାବରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଡ. ଭରତ ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀ, ଅଭିଭବକ ଏବଂ ଉପସ୍ଥିତ ଗ୍ରାମବାସୀଙ୍କୁ ଦୃଢ଼ ଓ ସୁସ୍ଥ ସମାଜ, ପାରିବାରିକ ଶିକ୍ଷା ଓ ଜୀବନ ରେ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବରେ ବୋରିଗୁମ୍ମା ଭୈରବ ଡିଗ୍ରୀ କଲେଜର ଅର୍ଥନୀତି ଅଧ୍ୟାପକ ସଦାଶିବ ତ୍ରିପାଠୀ, ସମ୍ମାନିତ ଅତିଥି ଭାବରେ ରଣ୍ଡାପାଲି ଭେଷଜ ମହାବିଦ୍ୟାଳୟର ସରକାରୀ ଅଧ୍ୟାପିକା ମାନସୀ ଖାଡଙ୍ଗା, ଅନ୍ୟତମ ସମ୍ମାନିତ ଅତିଥି ଭାବରେ କୋରାପୁଟ ଡି.ଏ.ଭି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ସରକାରୀ ଅଧ୍ୟାପକ ମନୋଜ କୁମାର ବେହେରା ଓ କୋରାପୁଟ ଶିକ୍ଷା ବିଜ୍ଞାନ ସଂଯୋଜିକ ଚନ୍ଦ୍ରକଳା ବଗର୍ତ୍ତି ଯୋଗ ଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।